# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୧୧/୨୦୨୩ (୧୬ ପୃଷ୍ଠା) | Bhubaneswar, Monday, September 11/2023 | Page 16 | ₹ 7.00

୪୯ଶ ଭାଗ ୨୮୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 287 | ମୂଲ୍ୟ ₹୭/-



DSPL-228

Startup Odisha | O-Hub | 5T TRANSPARENCY TECHNOLOGY TEAMWORK TIME TRANSFORMATION

ODISHA STARTUP YATRA 2023
INNOVATION | DISRUPTION | TRANSFORMATION

ODISHA STARTUP XPRESS
INSPIRE. IGNITE. INNOVATE

୧୧ ସେପ୍ଟେମ୍ବର ୨୦୨୩



ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ

୩୦ ଜିଲ୍ଲା

୨୦୦+ ମହାବିଦ୍ୟାଳୟ

୬୦+ ବିଦ୍ୟାଳୟ

୨୫୦+ ଭ୍ୟାନ୍ କ୍ୟାମ୍ପସ୍

୧୨୦+ ବୁଟ୍ କ୍ୟାମ୍ପସ୍

୨୫୦୦୦ ଛାତ୍ର ଛାତ୍ରୀ

୩ ଲକ୍ଷ ଟଙ୍କା ଯାତ୍ରା ୧୦ ବିଜେତାମାନଙ୍କ ପାଇଁ ସିଡ୍ ଗ୍ରାଣ୍ଟ

୧୦୦୦୦ ଟଙ୍କା ଏକ୍ସପ୍ରେସ୍ ୧୦ ବିଜେତାମାନଙ୍କ ପାଇଁ ପୁରସ୍କାର

ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ,
ଓଡ଼ିଶା ସରକାର

OIPR-43007/13/0024/2324

www.startupodisha.gov.in | startup.odisha@gov.in | 1800-345-7100

Startup Odisha | startup_odisha

## ସଂକ୍ଷେପରେ

### ଅକ୍ଷରଧାମ ମନ୍ଦିରରେ ବ୍ରିଟିଶ ପ୍ରଧାନମନ୍ତ୍ରୀ


ଅକ୍ଷତା ମୂର୍ତ୍ତିଙ୍କ ସହ ଋଷି ସୁନକ୍ ପୂଜାର୍ଚ୍ଚନା କରୁଛନ୍ତି।

**ନୂଆଦିଲ୍ଲୀ,୧୦।୯:** ବ୍ରିଟିଶ ପ୍ରଧାନମନ୍ତ୍ରୀ ଋଷି ସୁନକ୍ ଓ ତାଙ୍କ ସ୍ତ୍ରୀ ଅକ୍ଷତା ମୂର୍ତ୍ତି ରବିବାର ଦିଲ୍ଲୀର ଅକ୍ଷରଧାମ ମନ୍ଦିରକୁ ଯାଇ ସେଠାରେ ପୂଜାର୍ଚ୍ଚନା କରିବା ସହ ଏହାର ସ୍ଥାପତ୍ୟ ଏବଂ ଇତିହାସ ସମ୍ପର୍କରେ ଅବଗତ ହୋଇଥିଲେ। ଏହା କେବଳ ଏକ ଉପାସନା ସ୍ଥଳ ନୁହେଁ, ବରଂ ଭାରତୀୟ ମୂଲ୍ୟବୋଧକୁ ଚିତ୍ରଣ କରୁଥିବା ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ବୋଲି ସୁନକ୍ କହିଛନ୍ତି। ସେମାନେ ସକାଳ ୬ଟା ୪୫ରେ ସ୍ୱାମୀନାରାୟଣଙ୍କ ଏହି ମନ୍ଦିରରେ ପହଞ୍ଚି ସେଠାରେ ୪୫ ମିନିଟ୍ ଅତିବାହିତ କରିଥିଲେ।

### ୩୦ରେ ମାଳଦ୍ୱୀପ ରାଷ୍ଟ୍ରପତି ନିର୍ବାଚନ

**କଲମ୍ବୋ,୧୦।୯:** ମାଳଦ୍ୱୀପରେ ଆସନ୍ତା ୩୦ରେ ପୁଣି ରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହେବ। ରାଷ୍ଟ୍ରପତି ଦୌଡ଼ରେ ଥିବା ୨ ପ୍ରତିଦ୍ୱନ୍ଦ୍ୱୀ ଏହି ନିର୍ବାଚନ ଲଢ଼ିବ। ପ୍ରଥମଥର ଭୋଟରେ କୌଣସି ପ୍ରାର୍ଥୀ ୫୦% ରୁ ଅଧିକ ଭୋଟ ପାଇ ନ ଥିବା ନିର୍ବାଚନ କମିଶନ ରବିବାର କହିଛନ୍ତି। ମୁଖ୍ୟ ବିରୋଧୀ ପ୍ରାର୍ଥୀ ମହମ୍ମଦ ମୁଇଜ ୪୬%ରୁ ଅଧିକ ଭୋଟ ପାଇଥିବାବେଳେ ବର୍ତ୍ତମାନର ରାଷ୍ଟ୍ରପତି ଇବ୍ରାହିମ୍ ମହମ୍ମଦ ସୋଲିହ ମାତ୍ର ୩୯% ଭୋଟ ପାଇଥିଲେ। ମାଳଦ୍ୱୀପ ୨୦୦୮ରେ ବହୁଦଳୀୟ ଗଣତନ୍ତ୍ର ରାଷ୍ଟ୍ର ଭାବେ ଘୋଷିତ ହୋଇଥିଲା। ତେଣୁ ଏହି ଭୋଟ ଦେଶର ପଞ୍ଚମ ରାଷ୍ଟ୍ରପତିଙ୍କୁ ଚୟନ କରିବ। ମୁଇଜ୍‌ଙ୍କ ଲାଗି ଏହି ନିର୍ବାଚନ ଫଳାଫଳ ଅଧିକ ସ୍ମରଣୀୟ ହେବ। କାରଣ ତାଙ୍କ ଦଳର ପୂର୍ବତନ ଅଧ୍ୟକ୍ଷ ଅବଦୁଲ୍ଲା ୟାମିନ୍‌ଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ହେବାପରେ ସୁପ୍ରିମକୋର୍ଟ ତାଙ୍କ ପ୍ରାର୍ଥିତ୍ୱକୁ ନାକଚ କରିଥିଲେ। ମନି ଲଣ୍ଡରିଂ ମାମଲାରେ ସେ ଏବେ ଜେଲ୍‌ରେ ଅଛନ୍ତି।

#### ସ୍କୁଲରେ ନିର୍ଯାତନା

### ବାଲକୋନିରୁ ଡେଇଁ ଛାତ୍ରଙ୍କ ମୃତ୍ୟୁ

**ଗୁରଗାଓଁ,୧୦।୯:** ରେୱାରୀ ଅଞ୍ଚଳରେ ଥିବା ଏକ ଆବାସିକ ସ୍କୁଲର ଜଣେ ଛାତ୍ର ସ୍କୁଲ ହଷ୍ଟେଲର ତୃତୀୟ ମହଲାରୁ ଡେଇଁ ପଡ଼ିବାରୁ ତାଙ୍କ ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁ ପାଇଁ ସେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଦାୟୀ କରିବା ସହ ଏକ ହାତଲେଖା ଚିଠି ଛାଡିଯାଇଛନ୍ତି। ଏଥିରେ ସ୍କୁଲ କର୍ତ୍ତୃପକ୍ଷ ତାଙ୍କୁ ନିର୍ଯାତନା ଦେଉଥିଲେ, ଶିକ୍ଷକ ପାଠ ପଢ଼ାଉ ନ ଥିଲେ ଏବଂ ପ୍ରତ୍ୟେକ ଛାତ୍ର ଏଠାରେ ବେଆଇନ ଅର୍ଥ ଉପାର୍ଜନରେ ବ୍ୟସ୍ତ ଥିଲେ ବୋଲି ଲେଖିଛନ୍ତି। ସ୍କୁଲ କର୍ତ୍ତୃପକ୍ଷଙ୍କ ବିରୋଧରେ ପୋଲିସ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରୁଛି।


ରାଜଘାଟଠାରେ ମହାତ୍ମା ଗାନ୍ଧୀଙ୍କ ସମାଧି ପୀଠରେ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ ମାକରଁ, ଇଣ୍ଡୋନେସିଆ ରାଷ୍ଟ୍ରପତି ଜୋକୋ ୱିଡୋଡୋ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ବ୍ରାଜିଲ ରାଷ୍ଟ୍ରପତି ଲୁଲା ଡା ସିଲ୍‌ଭା ଏବଂ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।

## ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ରାଷ୍ଟ୍ରନେତା

ନୂଆଦିଲ୍ଲୀ,୧୦।୯(ପି.ଟି.)

#### ଅତିଥିଙ୍କୁ ଅଙ୍ଗବସ୍ତ୍ର ଦେଇ ସ୍ୱାଗତ କଲେ ମୋଦି

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ବ୍ରିଟିଶ ପ୍ରଧାନମନ୍ତ୍ରୀ ଋଷି ସୁନକ୍, ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍‌ଙ୍କ ସମେତ ଜି୨୦ର ନେତାମାନେ ରବିବାର ସକାଳେ ରାଜଘାଟ ଯାଇ ମହାତ୍ମା ଗାନ୍ଧୀଙ୍କ ସମାଧି ସ୍ଥଳରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସେଠାରେ ପ୍ରଧାନମନ୍ତ୍ରୀ ଉପସ୍ଥିତ ରହି ବିଶ୍ୱ ନେତାମାନଙ୍କୁ ପାଛୋଟି ନେଇଥିଲେ। ଗାନ୍ଧିଜୀଙ୍କ ସାବରମତୀ ଆଶ୍ରମର ପ୍ରତିକୃତି ସମ୍ମୁଖରେ ପ୍ରଧାନମନ୍ତ୍ରୀ ଜି୨୦ ନେତାମାନଙ୍କୁ ଅଙ୍ଗବସ୍ତ୍ର ଦେଇ ସ୍ୱାଗତ କରିବା ସହ ଉକ୍ତ ଆଶ୍ରମର ବିଶେଷତ୍ୱ ସମ୍ପର୍କରେ ବୁଝାଇଥିଲେ। ରାଜଘାଟରେ ମୋଦି ଓ ସୁନକ୍ ଖାଲିପାଦରେ ଯାଉଥିବାବେଳେ ଅନ୍ୟମାନେ ଧଳା ଜୋତା ପିନ୍ଧିଥିଲେ। ରାଜଘାଟରେ ଶାନ୍ତି, ସେବା, କରୁଣା ଓ ଅହିଂସାର ଆଲୋକବର୍ତ୍ତିକା ଗାନ୍ଧିଜୀଙ୍କୁ ଜି୨୦ ପରିବାର ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ବୋଲି ମୋଦି 'ଏକ୍ସ'ରେ ପୋଷ୍ଟ କରିଛନ୍ତି।

# ୟୁଏନ୍‌ଏସ୍‌ସିର ସମ୍ପ୍ରସାରଣ ଦାବି ଉଠିଲା

#### ଜି୨୦ ସମିଟ୍ ଶେଷ
- ଭାରତର ଅଧ୍ୟକ୍ଷତାକୁ ବିଶ୍ୱନେତାଙ୍କ ପ୍ରଶଂସା
- ବ୍ରାଜିଲ ରାଷ୍ଟ୍ରପତିଙ୍କୁ ଗାଭେଲ୍ ହସ୍ତାନ୍ତର କଲେ ମୋଦି

ନୂଆଦିଲ୍ଲୀ,୧୦।୯(ପି.ଟି.)




ଜି୨୦ ସମ୍ମିଳନୀର ଶେଷ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ର ସମ୍ପ୍ରସାରଣ ଦାବିକୁ ଦୋହରାଇବା ସହ ବିଶ୍ୱର ନୂଆ ବାସ୍ତବତାର ପ୍ରତିଫଳନ ଲାଗି ବୈଶ୍ୱିକ ଅନୁଷ୍ଠାନଗୁଡ଼ିକରେ ସଂସ୍କାର ପାଇଁ ପ୍ରସ୍ତାବ ଦେଇଥିଲେ। ଅନେକ ସ୍ପଷ୍ଟ ଓ ବାସ୍ତବ ପ୍ରଭାବ ସୁନିଶ୍ଚିତ କରିଥିବା ଭାରତର ଜି୨୦ ଅଧ୍ୟକ୍ଷତାକୁ ବିଶ୍ୱ ନେତାମାନେ ଉଚ୍ଚ ପ୍ରଶଂସା କରିଛନ୍ତି। ବିକାଶଶୀଳ ଅର୍ଥନୀତିଗୁଡ଼ିକର ସ୍ୱାର୍ଥକୁ ନେଇ ଭାରତ ସ୍ୱର ଉଠାଇଥିବାରୁ ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭା ଏହାର ପ୍ରଶଂସା କରିଥିଲେ। ଜାତିସଂଘ ସୁରକ୍ଷା ପରିଷଦରେ ନୂଆ ବିକାଶଶୀଳ ଦେଶଗୁଡ଼ିକୁ ସ୍ଥାୟୀ ଓ ଅସ୍ଥାୟୀ ସଦସ୍ୟତା ମିଳିବା ରାଜନୈତିକ ସାମର୍ଥ୍ୟ ବଢ଼ାଇବା ସହ ବିଶ୍ୱ ବ୍ୟାଙ୍କ ଏବଂ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠିରେ ସେମାନଙ୍କ ପ୍ରତିନିଧିତ୍ୱ ବଢ଼ାଇବ ବୋଲି ଲୁଲା କହିଥିଲେ।

ଦିଲ୍ଲୀରେ ଅନୁଷ୍ଠିତ ଦୁଇଦିନିଆ ଜି୨୦ ସମିଟ୍ ରବିବାର ଶେଷ ହୋଇଛି। ସମ୍ମିଳନୀର ଉଦ୍‌ଯାପନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଂସ୍କୃତ ଶ୍ଳୋକ ଆବୃତ୍ତି କରି ସାରା ବିଶ୍ୱ ପାଇଁ ଶାନ୍ତି କାମନା କରିଥିଲେ। ଅଧିବେଶନ ଶେଷରେ ମୋଦି ବ୍ରାଜିଲ ରାଷ୍ଟ୍ରପତି ଲୁଲା ଡା ସିଲ୍‌ଭାଙ୍କୁ ଗାଭେଲ ହସ୍ତାନ୍ତର କରିଛନ୍ତି। ଭୂରାଜନୈତିକ ପ୍ରସଙ୍ଗ ଜି୨୦ ଆଲୋଚନାକୁ ପଥଚ୍ୟୁତ ନ କରୁ ବୋଲି ଆସନ୍ତା ବର୍ଷ ପାଇଁ ବ୍ରାଜିଲ ଜି୨୦ର ଅଧ୍ୟକ୍ଷତା ଗ୍ରହଣ କରିବା ଅବସରରେ ଲୁଲା କହିଥିଲେ। ଦ୍ୱନ୍ଦ୍ୱ ବଦଳରେ ଆମେ ଶାନ୍ତି ଓ ସହଯୋଗ ଚାହୁଁ ବୋଲି ବ୍ରାଜିଲ ରାଷ୍ଟ୍ରପତି ମତ ଦେଇଥିଲେ। ରବିବାର ଉଦ୍‌ଯାପନୀ ଅଧିବେଶନରେ ପ୍ରଧାନମନ୍ତ୍ରୀ ମୋଦି ସମିଟ୍‌ରେ ନିଆଯାଇଥିବା ନିଷ୍ପତ୍ତି କାର୍ଯ୍ୟକାରିତାର ଅଗ୍ରଗତି ସମୀକ୍ଷା କରିବା ଲାଗି ନଭେମ୍ବର ଶେଷ ଭାଗରେ ଜି୨୦ର ଭର୍ଚୁଆଲ୍ ସମିଟ୍ ଆୟୋଜନ ଲାଗି ପ୍ରସ୍ତାବ ଦେଇଥିଲେ। ନୂଆ ବୈଶ୍ୱିକ ଢାଞ୍ଚାରେ ବିଶ୍ୱର ନୂଆ ବାସ୍ତବତାର ପ୍ରତିଫଳନ ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେବା ସହ ଜାତିସଂଘ ଭଳି ବୈଶ୍ୱିକ ଅନୁଷ୍ଠାନଗୁଡ଼ିକରେ ସଂସ୍କାର ଲାଗି ପ୍ରସ୍ତାବ ରଖିଥିଲେ। ତେବେ ଭାରତର ଜି୨୦ ଅଧ୍ୟକ୍ଷତା ଆନୁଷ୍ଠାନିକ ଭାବେ ନଭେମ୍ବର ୩୦ ପର୍ଯ୍ୟନ୍ତ ରହିବ।

### ଭାରତ ମଣ୍ଡପମ୍‌ରେ ଚାରା ରୋପଣ

ଜି୨୦ ସମ୍ମିଳନୀ ଆୟୋଜନ ସ୍ଥଳ ଭାରତ ମଣ୍ଡପମ୍‌ର ସମ୍ମିଳନୀ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଜି୨୦ ନେତାମାନେ ପ୍ରତୀକାତ୍ମକ ବୃକ୍ଷରୋପଣ ଉତ୍ସବରେ ସାମିଲ ହୋଇଥିଲେ। 'ଏକ ଭବିଷ୍ୟତ' ଶୀର୍ଷକ ଉପରେ ସମିଟ୍‌ର ତୃତୀୟ ଅଧିବେଶନ ଆରମ୍ଭ ସମୟରେ ଇଣ୍ଡୋନେସିଆ ରାଷ୍ଟ୍ରପତି ଜୋକୋ ୱିଡୋଡୋ ଏବଂ ତାଙ୍କ ବ୍ରାଜିଲ ପ୍ରତିପକ୍ଷ ଲୁଲା ଡା ସିଲ୍‌ଭା ମୋଦିଙ୍କୁ ସେମାନଙ୍କ ଦେଶର ଗଛ ଚାରା ପ୍ରଦାନ କରିଥିଲେ। ଜି୨୦ ପ୍ରତିନିଧି ମୁଖ୍ୟମାନେ ପ୍ରତୀକାତ୍ମକ ଚାରାରୋପଣ ଉତ୍ସବରେ ସାମିଲ ହେବା ପରିବେଶୀୟ ସଚେତନତାକୁ ଉଜ୍ଜୀବିତ କରିବାର ଏକ ସାମୂହିକ ଉଦ୍ୟମ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ୍ ବାଗ୍‌ଚୀ କହିଛନ୍ତି।

### ୨ ବିଲିୟନ ଡଲାର ଯୋଗାଇବ ବ୍ରିଟେନ୍

ସ୍ୱଚ୍ଛ ଜଳବାୟୁ ପାଣ୍ଠିକୁ ବ୍ରିଟେନ୍ ସର୍ବାଧିକ ୨ ବିଲିୟନ ଡଲାର ଯୋଗାଇଦେବ ବୋଲି ରବିବାର ପ୍ରତିଶ୍ରୁତି ଦେଇଛି। ଜଳବାୟୁ ପରିବର୍ତ୍ତନର ମୁକାବିଲାରେ ଏହା ସହାୟକ ହେବ। ଜଳବାୟୁ ପରିବର୍ତ୍ତନର ପ୍ରଭାବ ହ୍ରାସ ଏବଂ ବିଶ୍ୱର ସବୁଠୁ ଅସୁରକ୍ଷିତ ଲୋକମାନଙ୍କ ସହାୟତା ଲାଗି ପ୍ରଧାନମନ୍ତ୍ରୀ ଋଷି ସୁନକ୍ ଏହି ସହାୟତା ଘୋଷଣା କରିଥିବା ବ୍ରିଟିଶ ହାଇ କମିଶନ କହିଛନ୍ତି।

### ବିଆର୍‌ଆଇରୁ ଓହରିଲା ଇଟାଲୀ

ଚାଇନାର ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍ (ବିଆର୍‌ଆଇ)ରୁ ଇଟାଲୀ ଓହରିଯିବାକୁ ନିଷ୍ପତ୍ତି ନେଇଥିବା ଏହାର ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନି ଚାଇନା ପ୍ରଧାନମନ୍ତ୍ରୀ ଲି କିଆଙ୍ଗ୍‌ଙ୍କୁ ଜଣାଇଦେଇଛନ୍ତି। ଜି୨୦ ସମିଟ୍ ଅବସରରେ ଇଟାଲୀର ଏହି ନିଷ୍ପତ୍ତି ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କୁ ଶକ୍ତ ଧକ୍କା ହୋଇଛି। ବେଜିଂ ତୃତୀୟ ବେଲ୍ଟ ଆଣ୍ଡ୍ ରୋଡ୍ ଫୋରମ୍ ପାଇଁ ବିଶ୍ୱ ନେତାମାନଙ୍କ ସମ୍ମିଳନୀର ଆୟୋଜନ କରିବାକୁ ଯାଉଥିବାବେଳେ ବିଆର୍‌ଆଇରୁ ଓହରିଯିବାକୁ ଇଟାଲୀ ନିଷ୍ପତ୍ତି ନେଇଛି।

## କେନ୍ଦ୍ରର ଫମ୍ପା ବିକାଶ ପଦାରେ ପଡ଼ିଲା: କଂଗ୍ରେସ

#### ଭାରତ ମଣ୍ଡପମ୍‌ରେ ପାଣି ଜମିଛି

ନୂଆଦିଲ୍ଲୀ,୧୦।୯(ପି.ଟି.)



ଜି-୨୦ ସମିଟ୍ ଆୟୋଜନ ସ୍ଥଳ ନବନିର୍ମିତ ଭାରତ ମଣ୍ଡପମ୍‌ରେ ପାଣି ଜମିଥିବାର ଭିଡିଓ ଶେୟାର କରି କେନ୍ଦ୍ର ସରକାରଙ୍କ ଫମ୍ପା ବିକାଶ ପଦାରେ ପଡ଼ିଲା ବୋଲି ରବିବାର କଂଗ୍ରେସ କହିଛି। ଉକ୍ତ ଭିଡିଓରେ ପାଣି ଜମିଥିବା କରିଡରରେ ଲୋକେ ଚାଲୁଥିବା ଦେଖିବାକୁ ମିଳିଛି। ୨,୭୦୦ କୋଟି ଟଙ୍କା ବ୍ୟୟରେ ଜି୨୦ ପାଇଁ ନିର୍ମିତ ହୋଇଥିବା ଭାରତ ମଣ୍ଡପମ୍ ଗୋଟିଏ ବର୍ଷାରେ ପାଣିରେ ପଡ଼ିଲା ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ସେଠାରୁ ପମ୍ପ୍ ଲଗାଇ ପାଣି ଶୁଖାଇବାକୁ ଉଦ୍ୟମ ଚାଲିଛି। ଏହା ଅନ୍ତର୍ଜାତୀୟ ଜାତୀୟତାବାଦୀ ଷଡ଼ଯନ୍ତ୍ର ବୋଲି କଂଗ୍ରେସ ମୁଖପାତ୍ର ସୁପ୍ରିୟା ଶ୍ରୀନାଟେ କହିଛନ୍ତି। କେଉଁ ଦୁର୍ନୀତିଗ୍ରସ୍ତ ଲୋକମାନେ ଏଭଳି ନିକୃଷ୍ଟ କାମ କରି ଏତେ ପରିମାଣର ଟଙ୍କା ହଡ଼ପ କଲେ ବୋଲି ସୁପ୍ରିୟା ପ୍ରଶ୍ନ କରିଛନ୍ତି। ବିଧାନସଭା ନିର୍ବାଚନ ହେବାକୁ ଥିବା ରାଜସ୍ଥାନର ଟୋଙ୍କ ଜିଲାରେ ଏକ ରାଲିକୁ ସମ୍ବୋଧନ କରିବା ଅବସରରେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଭାରତ ମଣ୍ଡପମ୍‌ର ନିମ୍ନମାନର କାମକୁ ନେଇ ମୋଦି ସରକାରଙ୍କୁ ସମାଲୋଚନା କରିଛନ୍ତି।

### ମୋଦି ସରକାରଙ୍କ ନୀତି ଧନୀଙ୍କୁ ସୁହାଉଛି: ପ୍ରିୟଙ୍କା

ଜୟପୁର,୧୦।୯

କେନ୍ଦ୍ର ସରକାରଙ୍କ ସମସ୍ତ ନୀତି ଗରିବ ଅପେକ୍ଷା ଧନୀଙ୍କୁ ଲାଭ ପ୍ରଦାନ କରୁଛି ବୋଲି କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଅଭିଯୋଗ କରିଛନ୍ତି। ରାଜସ୍ଥାନର ଟୋଙ୍କ ଜିଲାରେ ଦଳୀୟ ରାଲିକୁ ସମ୍ବୋଧିତ କରି କଂଗ୍ରେସ ସାଧାରଣ ସମ୍ପାଦିକା କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଶିଳ୍ପପତି ବନ୍ଧୁମାନଙ୍କ ଲାଗି ବିଦେଶ ଭ୍ରମଣରେ ଯାଇଥାନ୍ତି। ତାଙ୍କ ବିଦେଶ ଯିବା ପଛରେ ଶିଳ୍ପପତିମାନଙ୍କ ସ୍ୱାର୍ଥ ରହିଥାଏ। ମୋଦି ବିଦେଶ ଯାଇ ଫେରିବା ପରେ ଆମ ଦେଶର ସମ୍ମାନ ବିଦେଶରେ ବଢୁଛି ବୋଲି କହିଥାନ୍ତି। ମୋଦି ତାଙ୍କ ଶିଳ୍ପପତି ବନ୍ଧୁମାନେ କିପରି ବିଦେଶରେ ଭଲ ବ୍ୟବସାୟ କରିପାରିବେ ସେନେଇ ଚୁକ୍ତି କରିବାକୁ ସେ ଯାଇଥାନ୍ତି। ଭାଜପାର ଲକ୍ଷ୍ୟ କେବଳ କ୍ଷମତା ହାସଲ କରିବା ବୋଲି ପ୍ରିୟଙ୍କା କହିଛନ୍ତି।

### ମାକରଁ, ସ୍କୋଲ୍‌ଜ, ଟ୍ରୁଡୋଙ୍କ ସହ ମୋଦିଙ୍କ ଆଲୋଚନା

ଜି୨୦ ସମ୍ମିଳନୀର ଶେଷ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁ, ଜର୍ମାନ ଚାନ୍‌ସେଲର ଓଲାଫ୍ ସ୍କୋଲ୍‌ଜ ଏବଂ କାନାଡ଼ା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋଙ୍କ ସହ ଦ୍ୱିପାକ୍ଷିକ ବୈଠକରେ ସାମିଲ ହୋଇଥିଲେ। ଏହି ବୈଠକରେ ପାରସ୍ପରିକ ସ୍ୱାର୍ଥ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଜି୨୦ ସମିଟ୍ ଅବସରରେ ପ୍ରଧାନମନ୍ତ୍ରୀ ଦକ୍ଷିଣ କୋରିଆ ରାଷ୍ଟ୍ରପତି ୟୁନ୍ ସୁକ୍ ୟେଓଲ, ତୁର୍କୀ ରାଷ୍ଟ୍ରପତି ରେସେପ୍ ତାୟିପ୍ ଏର୍ଦୋଗାନ ଏବଂ ଫ୍ରାନ୍ସ ୟୁନିୟନ ଅଧ୍ୟକ୍ଷ ଆଜାଲି ଆସୌମନିଙ୍କୁ ଭେଟିଥିଲେ। ସ୍ୱଚ୍ଛ ଇନ୍ଧନ, ଇନୋଭେଶନ ଏବଂ ଉନ୍ନତ ବିଶ୍ୱ ପାଇଁ ଜର୍ମାନ ସହ ଭାରତ ଏକାଠି କାମ କରିବାକୁ ସ୍କୋଲ୍‌ଜଙ୍କ ସହ ବୈଠକରେ ଆଲୋଚନା ହୋଇଥିଲା। ସେହିପରି ଫ୍ରାନ୍ସ ରାଷ୍ଟ୍ରପତିଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ଫଳପ୍ରଦ ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଭାରତ-ଫ୍ରାନ୍ସ ସମ୍ପର୍କକୁ ପ୍ରଗତିର ନୂଆ ସୋପାନକୁ ନେଇଯିବା ଲାଗି ଉଭୟ ନେତା ଆଲୋଚନା କରିଥିଲେ। ଜି୨୦ ପରିବାରରେ ଆଫ୍ରିକୀୟ ୟୁନିୟନ ସାମିଲ ହୋଇଥିବାରୁ ଏହାର ଅଧ୍ୟକ୍ଷ ଆସୌମନିଙ୍କୁ ପ୍ରଧାନମନ୍ତ୍ରୀ ଅଭିନନ୍ଦନ ଜଣାଇଥିଲେ। ବିଭିନ୍ନ କ୍ଷେତ୍ରରେ ଭାରତ-କାନାଡ଼ା ସମ୍ପର୍କକୁ ଆଗେଇ ନେବା ଲାଗି ଟ୍ରୁଡୋଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା ହୋଇଥିଲା।


କାନାଡ଼ା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋଙ୍କ ସହ ଭାରତ ପ୍ରତିପକ୍ଷ ନରେନ୍ଦ୍ର ମୋଦି।

## ମରକ୍କୋ ଭୂକମ୍ପ ମୃତ୍ୟୁସଂଖ୍ୟା ୨,୦୦୦ ଟପିଲା

#### ପୁନଃନିର୍ମାଣ ଲାଗି ବହୁବର୍ଷ ଲାଗିଯିବ

ମାରାକେଶ୍,୧୦।୯


ଭୂକମ୍ପର କେନ୍ଦ୍ରସ୍ଥଳ ନିକଟ ମାଇଣ୍ଟେନ୍ ଭିଲେଜ ଧ୍ୱଂସସ୍ତୂପରେ ପରିଣତ ହୋଇଛି।

ମରକ୍କୋରେ ଘଟିଥିବା ଭୟାବହ ଭୂକମ୍ପରେ ମୃତ୍ୟୁସଂଖ୍ୟା ୨,୧୨୨ରେ ପହଞ୍ଚିଛି। ଭଗ୍ନାବଶେଷ ତଳେ ଆହୁରି ଅନେକ ଲୋକ ରହିଯାଇଥିବା ଆଶଙ୍କା କରାଯାଉଥିବାରୁ ସୈନ୍ୟବାହିନୀ ଓ ଜରୁରୀ ସେବାସଂସ୍ଥା ପକ୍ଷରୁ ପାର୍ବତ୍ୟାଞ୍ଚଳ ଗ୍ରାମରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଭୂକମ୍ପ ମୃତକମାନଙ୍କ ଲାଗି ମରକ୍କୋ ସରକାର ତିନିଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା କରିଛନ୍ତି। ଭୂକମ୍ପ କ୍ଷତିଗ୍ରସ୍ତ ଅଞ୍ଚଳର ପୁନଃନିର୍ମାଣ ଲାଗି ବହୁବର୍ଷ ଲାଗିଯାଇପାରେ ବୋଲି ରେଡ୍‌କ୍ରସ୍ ପକ୍ଷରୁ କୁହାଯାଇଛି। ମରକ୍କୋର ପର୍ଯ୍ୟଟନ ସହର ମାରାକେଶ୍‌ଠାରୁ ୭୨ କିଲୋମିଟର ଦୂର ପାର୍ବତ୍ୟାଞ୍ଚଳରେ ଶୁକ୍ରବାର ରାତିରେ ୬.୮ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା।

## ଡ୍ରାଇଭର ଢୁଳାଉଥିଲେ ସତର୍କ କରାଇବ

ନୂଆଦିଲ୍ଲୀ,୧୦।୯(ପି.ଟି.)

#### ଉତ୍ତରପୂର୍ବ ଫ୍ରଣ୍ଟିୟର ରେଲୱେ ବିକଶିତ କରୁଛି ଡିଭାଇସ୍



ଟ୍ରେନ୍ ଚଳାଉଥିବାବେଳେ ଡ୍ରାଇଭରଙ୍କ ଆଖିପତା ଲାଗିଗଲେ, ଏକ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଭିତ୍ତିକ ଡିଭାଇସ୍ ଏହାକୁ ଚିହ୍ନଟ କରି ତାଙ୍କୁ ଟ୍ରେନ୍ ଅଟକାଇବା ପାଇଁ ସତର୍କ କରାଇଦେବ। ଉତ୍ତରପୂର୍ବ ଫ୍ରଣ୍ଟିୟର ରେଲୱେ (ଏନ୍‌ଏଫ୍‌ଆର୍) ଏଭଳି ଏକ ଡିଭାଇସ୍ ବିକଶିତ କରୁଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଡ୍ରାଇଭରଙ୍କ ଆଖିପତା ଲାଗୁଥିଲେ ସେମାନଙ୍କୁ ସତର୍କ କରାଇବା ନିମନ୍ତେ ଏକ ଉପକରଣ ବିକଶିତ କରିବାକୁ ରେଲ୍‌ୱେ ବୋର୍ଡ ଗତ ଜୁନ୍‌ରେ ଏନ୍‌ଏଫ୍‌ଆର୍‌କୁ କହିଥିଲା। ରେଲୱେ ଡ୍ରାଇଭର ଆସିଷ୍ଟାଣ୍ଟ ସିଷ୍ଟମ୍ (ଆର୍‌ଡିଏଏସ୍) ନାମକ ଏହି ଉପକରଣ କେବଳ ସତର୍କ କରାଇବ ତାହା ନୁହେଁ, ଯଦି ଡ୍ରାଇଭର ସତର୍କତା ହରାଇଥାନ୍ତି, ତେବେ ଏହା ଜରୁରୀ ବ୍ରେକ୍‌ର ଉପଯୋଗ କରିପାରିବ। ଜରୁରୀ ବ୍ରେକ୍ ଚାପିବା ପାଇଁ ଆର୍‌ଡିଏଏସ୍‌କୁ ଏକ ଭିଜିଲାନ୍ସ କଣ୍ଟ୍ରୋଲ ଡିଭାଇସ୍ ସହ ସଂଯୋଗ କରାଯିବ। ଉକ୍ତ ଡିଭାଇସ୍ ଏବେ ବିକାଶ ପର୍ଯ୍ୟାୟରେ ରହିଥିବାବେଳେ ଏହା ଯେପରି ଉପଯୁକ୍ତ ଭାବେ କାର୍ଯ୍ୟ କରିବ, ତାହା ସୁନିଶ୍ଚିତ କରିବା ଲାଗି ପରୀକ୍ଷା ନିରୀକ୍ଷା ଜାରି ରହିଛି। ଆଉ କିଛି ସପ୍ତାହ ମଧ୍ୟରେ ଏହା ବ୍ୟବହାର ଲାଗି ପ୍ରସ୍ତୁତ ହୋଇଯିବ ବୋଲି ଏନ୍‌ଏଫ୍‌ଆରର ବୈଷୟିକ ଟିମ୍ କହିଛି। ଆର୍‌ଡିଏଏସ୍ ପ୍ରସ୍ତୁତ ହୋଇଗଲେ, ଏହାକୁ ପାଇଲଟ୍ ପ୍ରୋଜେକ୍ଟ ଭାବେ ପ୍ରଥମେ ୨୦ଟି ମାଲ୍‌ଗାଡ଼ି ଇଞ୍ଜିନ୍ ଏବଂ ଯାତ୍ରୀବାହୀ ଟ୍ରେନ୍ ଇଞ୍ଜିନ୍‌ରେ ଲଗାଯିବ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୧୧/୨୦୨୩ | Bhubaneswar, Monday, September 11/2023




**ତୃତୀୟ ଥର ମା' ହେବେ ଜେନେଲିଆ**
ଅଭିନେତ୍ରୀ ଜେନେଲିଆ ଡି'ସୁଜାଙ୍କ ଏକ ଫଟୋ ଭାଇରାଲ ହେବା ପରେ ସେ ଗର୍ଭବତୀ ଥିବା ଚର୍ଚ୍ଚା ହେଉଛି।
୧୧

୧୪
**କିଶୋର ଜେନାଙ୍କୁ ସ୍ୱର୍ଣ୍ଣ ପଦକ**
ଓଡ଼ିଶା ଜାଭେଲିନ ତାରକା କିଶୋର କୁମାର ଜେନା ଚଣ୍ଡିଗଡ଼ରେ ଚାଲିଥିବା ଇଣ୍ଡିଆନ ଗ୍ରାଁ ପ୍ରି-୫ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।



# ବିଶ୍ୱବାସୀଙ୍କ ଏକ ଭବିଷ୍ୟତ

**ଜି୨୦ ସମ୍ମିଳନୀ**

## ନୂଆଦିଲ୍ଲୀ ଘୋଷଣାନାମା

ନୂଆଦିଲ୍ଲୀ,୧୦।୯

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ବହୁପ୍ରତୀକ୍ଷିତ ଜି୨୦ ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଛି। ଭାରତ ଅଧ୍ୟକ୍ଷତାରେ ଅନୁଷ୍ଠିତ ୨ ଦିନିଆ ସମିଟ୍ ଅବସରରେ ପ୍ରସ୍ତୁତ 'ନୂଆଦିଲ୍ଲୀ ଘୋଷଣାନାମା'ରେ ଅନେକ ଐତିହାସିକ ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଜାରି କରିଥିବା ଏହି ମିଳିତ ଘୋଷଣାନାମା ଉପରେ ଜି୨୦ର ସମସ୍ତ ସଦସ୍ୟ ରାଷ୍ଟ୍ର ସହମତି ପ୍ରକାଶ କରିଛନ୍ତି। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଘନଘଟା ମଧ୍ୟରେ ଅନୁଷ୍ଠିତ ଏହି ସମ୍ମିଳନୀର ପ୍ରସ୍ତାବନା ରହିଥିଲା, 'ଏକ ପୃଥିବୀ, ଏକ ପରିବାର ଏବଂ ଗୋଟିଏ ଭବିଷ୍ୟତ ଆଡ଼କୁ ଆମେ ଅଗ୍ରସର ହେଉଛୁ'।

ସେପ୍ଟେମ୍ବର ୯-୧୦ରେ ଆୟୋଜିତ ଜି୨୦ ସମ୍ମିଳନୀରେ ଥିମ୍ ରହିଥିଲା, 'ବସୁଧୈବ କୁଟୁମ୍ବକମ୍'। ଇତିହାସର ଏକ ନିର୍ଣ୍ଣାୟକ ମୋଡରେ ଏକତ୍ରିତ ହୋଇଥିବା ବିଶ୍ୱନେତାମାନେ ପୃଥିବୀ ଓ ବିଶ୍ୱବାସୀଙ୍କ ଭବିଷ୍ୟତ ନିର୍ଦ୍ଧାରଣକାରୀ ଅନେକ ନିଷ୍ପତ୍ତି ନେଇଛନ୍ତି। ବିଶ୍ୱ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ଏପରି ଏକ ପରିବେଶ ସୃଷ୍ଟି କରାଯିବ, ଯାହାର ଦର୍ଶନ ହେଉଛି ଲୋକଙ୍କ ମଧ୍ୟରେ ସାମାଜିକ ସହାବସ୍ଥାନ।

### ସମାବେଶୀ ବିକାଶ

ବିଶ୍ୱ କେଉଁ ଆଡ଼କୁ ମୁହାଁଇବ ତାହା ନିର୍ଦ୍ଧାରଣ କରିବା ପାଇଁ ଜି୨୦ ମଧ୍ୟରେ ସହଯୋଗ ଜରୁରୀ। ବୈଶ୍ୱିକ ଆର୍ଥିକ ଅଭିବୃଦ୍ଧି ଓ ସ୍ଥିରତା ପାଇଁ ଏହା ଅପରିହାର୍ଯ୍ୟ। ଅନେକ ବର୍ଷର ଚ୍ୟାଲେଞ୍ଜ ☞ପୃଷ୍ଠା-୨


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ୨୦୨୪ରେ ଜି୨୦ର ଅଧ୍ୟକ୍ଷତା କରିବାକୁ ଥିବା ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭାଙ୍କୁ ପ୍ରେସିଡେନ୍ସି ହସ୍ତାନ୍ତର କରୁଛନ୍ତି।

## ରୁଷିଆକୁ ନିନ୍ଦା କରାଯାଇ ନାହିଁ

ୱାଶିଂଟନ୍/ଲଣ୍ଡନ୍,୧୦।୯

ଜି୨୦ 'ନୂଆଦିଲ୍ଲୀ ଘୋଷଣାନାମା'ରେ ରୁଷିଆର ୟୁକ୍ରେନ୍ ଆକ୍ରମଣକୁ ଆଦୌ ନିନ୍ଦା କରା ନ ଯିବା ବିଦେଶୀ ଅତିଥିମାନଙ୍କୁ ବିସ୍ମିତ କରିଛି। ଏହି ଡିକ୍ଲାରେଶନ୍‌ରେ ୟୁକ୍ରେନ୍ ଯୁଦ୍ଧ ପ୍ରସଙ୍ଗରେ ନରମ ମନୋଭାବ ଦେଖାଇ ଯେପରି ସାଲିସପୂର୍ଣ୍ଣ ଭାଷା ବ୍ୟବହାର କରାଗଲା, ତାକୁ ଆମେରିକା, ଏହାର ପାଶ୍ଚାତ୍ୟ ସହଯୋଗୀ ଏବଂ ବିଦେଶୀ ଗଣମାଧ୍ୟମ ଗ୍ରହଣ କରିପାରି ନାହାନ୍ତି।

ସେପ୍ଟେମ୍ବର ୯ରେ ଜି୨୦ର ଆୟୋଜକ ଭାରତ ବିଭିନ୍ନ ପ୍ରସଙ୍ଗରେ ଅନ୍ୟ ସଦସ୍ୟ ରାଷ୍ଟ୍ରଗୁଡ଼ିକର ଅପ୍ରତ୍ୟାଶିତ ସହମତି ନେଇ ନୂଆଦିଲ୍ଲୀ ଘୋଷଣାନାମା ଜାରି କରିଛି। ଏହି ଚୂଡ଼ାନ୍ତ ମିଳିତ ବିବୃତିର ଚିଠା ପ୍ରସ୍ତୁତିରେ କୂଟନୀତିଜ୍ଞମାନେ ଲାଗିପଡ଼ିଥିଲେ। କିନ୍ତୁ ୫୬୪ ଦିନ ଧରି ୟୁକ୍ରେନ୍ ଉପରେ ରୁଷିଆ ଚଳାଇଆସିଥିବା ଯୁଦ୍ଧକୁ ଏଥିରେ ନିନ୍ଦା କରାଯାଇ ନାହିଁ। ଏନେଇ ନ୍ୟୁୟର୍କ ଟାଇମ୍ସ ଲେଖିଛି, ବହୁ ପରିଶ୍ରମ ପରେ ଶନିବାର ସନ୍ଧ୍ୟାରେ ନୂଆଦିଲ୍ଲୀର ଜି୨୦ ସମିଟ୍‌ରେ ଯେଉଁ ଘୋଷଣାନାମା ଜାରି କରାଗଲା, ସେଥିରେ ରୁଷିଆର ୟୁକ୍ରେନ୍ ଆକ୍ରମଣ କିମ୍ବା ଯୁଦ୍ଧରେ ବର୍ବରତାକୁ ନିନ୍ଦା କରିବା ପରିବର୍ତ୍ତେ ୟୁକ୍ରେନୀୟଙ୍କ ଦୁର୍ଦ୍ଦଶା ଉପରେ ସହାନୁଭୂତି ଦେଖାଯାଇଛି। ୟୁକ୍ରେନ୍‌କୁ ନେଇ ଚଳିତବର୍ଷ ଏହି ବିଭାଜିତ ଗୋଷ୍ଠୀ କୌଣସି ସହମତିରେ ପହଞ୍ଚିପାରିବ ନାହିଁ ବୋଲି ପୂର୍ବରୁ ଆପାତତଃ ଜଣାଥିଲା ବୋଲି ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସେହିପରି ସିଏନ୍‌ଏନ୍ କହିଛି, ଭାରତ ପାଇଁ ଘୋଷଣାନାମା ଏକ ଫଳପ୍ରଦ ପନ୍ଥା ଥିଲା, ଯାହାକୁ ଆୟୋଜକ ☞ପୃଷ୍ଠା-୨

**କଟକରେ ମହିଳାଙ୍କୁ ଛୁରାମାଡ଼**
୩

**ଆଜିର ସମ୍ପାଦକୀୟ**
ପ୍ରଭାବହୀନ ଜି୨୦

**ଆଜିର ମନ୍ତବ୍ୟ**
"ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଅର୍ଥନୈତିକ କରିଡର୍ ଏକ ରଣନୀତିକ ଗୁରୁତ୍ୱ ବହନ କରୁଛି। ପୂର୍ବ ଓ ପଶ୍ଚିମକୁ ଯୋଡ଼ିବାରେ ଏହା ସହାୟକ ହେବ।
-ପୀୟୂଷ ଗୋଏଲ୍, କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ




## ଚତୁର୍ଥ କକ୍ଷପଥରେ ଆଦିତ୍ୟ-ଏଲ୍୧

ବେଙ୍ଗାଲୁରୁ,୧୦।୯

ଭାରତର ପ୍ରଥମ ସୌର ଅଭିଯାନରେ ଥିବା ଆଦିତ୍ୟ-ଏଲ୍୧ର ତୃତୀୟ ପୃଥିବୀ କୈନ୍ଦ୍ରିକ କକ୍ଷ ଉତ୍ଥାନ ସଫଳତାର ସହ ସମ୍ପନ୍ନ ହୋଇଛି। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ଟେଲିମେଟ୍ରି, ଟ୍ରାକିଂ ଆଣ୍ଡ କମାଣ୍ଡ ନେଟ୍‌ୱର୍କ (ଇଷ୍ଟ୍ରାକ୍) ଶନିବାର ରାତି ୨ଟା ୩୦ରେ ଏହି ମହାକାଶ ଯାନର କକ୍ଷ ପରିବର୍ତ୍ତନ କରିଥିଲା। ଫଳରେ ଏହା ଚତୁର୍ଥ କକ୍ଷରେ ପ୍ରବେଶ କରିଛି। ଏବେ ପୃଥିବୀଠାରୁ ଆଦିତ୍ୟ-ଏଲ୍୧ର ସର୍ବନିମ୍ନ ଦୂରତା ୨୯୬ କିଲୋମିଟର ଏବଂ ସର୍ବାଧିକ ଦୂରତା ୭୧,୭୬୭ କିଲୋମିଟରକୁ ବୃଦ୍ଧି ପାଇଛି। ଆସନ୍ତା ୧୫ ତାରିଖ ରାତି ୨ଟାରେ ଚତୁର୍ଥ ମାନୋଭର କରାଯିବ। ଷଷ୍ଠ ମାନୋଭର ପରେ ଆଦିତ୍ୟ ଆବଶ୍ୟକ ବେଗ ହାସଲ କରି ସୂର୍ଯ୍ୟ ଅଭିମୁଖେ ଅଗ୍ରସର ହେବ। ୧୧୦ ଦିନର ଅଭିଯାନ ପରେ ଏହା ପୃଥିବୀଠାରୁ ୧୫ ଲକ୍ଷ କି.ମି. ଦୂରରେ ଥିବା ସୂର୍ଯ୍ୟ-ପୃଥିବୀ ସିଷ୍ଟମ୍‌ର ଲାଗ୍ରାଞ୍ଜ ପଏଣ୍ଟ-୧ରେ ପହଞ୍ଚି ସୂର୍ଯ୍ୟ ସମ୍ପର୍କରେ ଅନୁଧ୍ୟାନ କରିବ।

## କୀଟନାଶକ ପିଇ ଝିଅପୁଅ ମୃତ, ମା' ଗୁରୁତର

**୪ଦିନ ତଳେ ବାପାଙ୍କ ଦେହାନ୍ତ ହୋଇଥିଲା**

**ରୋଗରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁର ୪ ଦିନ ପରେ ତାଙ୍କ ସ୍ତ୍ରୀ, ଝିଅ ଓ ପୁଅ କୀଟନାଶକ ପିଇ ଦେଇଛନ୍ତି। ଏଥିରେ ଝିଅ ଓ ପୁଅଙ୍କ ମୃତ୍ୟୁ ଘଟିଥିବାବେଳେ ମା' ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ରୋଜଗାରର ପ୍ରମୁଖ ଉତ୍ସ ସାଜିଥିବା ଘର ମୁରବିଙ୍କ ମୃତ୍ୟୁରେ ମ୍ରିୟମାଣ ହୋଇ ତାଙ୍କ ପରିବାର ୩ ସଦସ୍ୟ ଜୀବନ ହାରିବାକୁ ଚରମ ନିଷ୍ପତ୍ତି ନେଇଥିଲେ। ୨ ଦିନ ତଳେ ସେମାନେ ସାମୂହିକ ଆତ୍ମହତ୍ୟା ଉଦ୍ୟମ କରି ବିଫଳ ହୋଇଥିଲେ।**

ସୋହେଲା,୧୦।୯
(ଅଶ୍ୱିନୀ ପାତ୍ର)

ବରଗଡ଼ ଜିଲା ସୋହେଲା ଥାନା ଅନ୍ତର୍ଗତ ମାଷ୍ଟରପଡ଼ାର ଅର୍ଜୁନ ସାହୁଙ୍କ ପରିବାରର ୩ଜଣ କୀଟନାଶକ ପିଇବା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ସେମାନେ ହେଲେ କୁମୁଦିନୀ ସାହୁ(୫୦), ତାଙ୍କ ପୁଅ ବଂଶୀଧର(୨୫) ଏବଂ ଝିଅ ସୁବର୍ଣ୍ଣ ମହାଜନ( ୨୩)। ବୁର୍ଲା ଭୀମସାରରେ ଚିକିତ୍ସାଧୀନ ଅବସ୍ଥାରେ ବଂଶୀଧର ଏବଂ ସୁବର୍ଣ୍ଣଙ୍କ ମୃତ୍ୟୁ ଘଟିଥିବାବେଳେ କୁମୁଦିନୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି। ସୋହେଲା ଥାନା ପୋଲିସ ମୃତକଙ୍କ ଘରୁ ମାର୍ଶଲ ନାମକ ୨ ଖାଲି କୀଟନାଶକ ବୋତଲ ଜବତ କରିଛି। ଦୁଃଖଦ ଘଟଣାକ୍ରମରେ ଗତ ୬ତାରିଖରେ ପରିବାର ମୁଖ୍ୟ ତଥା କୁମୁଦିନୀଙ୍କ ସ୍ୱାମୀ ଅର୍ଜୁନ ସାହୁଙ୍କ ମଧୁମେହ ଓ ରକ୍ତଚାପ ଯୋଗୁ ମୃତ୍ୟୁ ଘଟିଥିଲା।

ରବିବାର ସକାଳେ ସୁବର୍ଣ୍ଣଙ୍କ ୨ବର୍ଷର ଝିଅ ଘର ବାହାରେ କାନ୍ଦୁଥିବା ପଡୋଶୀ ଲୋକେ ଦେଖିବାକୁ ପାଇଥିଲେ। ଘର କବାଟ ବନ୍ଦ ଥିବା ଦେଖି ସେମାନେ ଡାକିଥିଲେ ବି କେହି ଶୁଣି ନ ଥିଲେ। ସନ୍ଦେହ କରି ସେମାନେ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚିବା ପରେ କବାଟ ଭଙ୍ଗା ଯାଇଥିଲା। ଘର ଭିତରେ କୁମୁଦିନୀ, ବଂଶୀଧର ଏବଂ ସୁବର୍ଣ୍ଣ ଅଚେତ ହୋଇ ପଡିରହିଥିଲେ। ପୋଲିସ ସେମାନଙ୍କୁ ଉଦ୍ଧାର କରି ସୋହେଲା ଡାକ୍ତରଖାନା ପଠାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ସଙ୍କଟାପନ୍ନ ହେବାରୁ ସମସ୍ତଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ବଂଶୀଧର ଅବିବାହିତ ଥିଲେ। ସୁବର୍ଣ୍ଣ ଛତିଶଗଡରେ ବିବାହ କରିଥିଲେ। ହେଲେ କୌଣସି କାରଣରୁ ବିବାହ ପରଠାରୁ ବାପଘରେ ରହୁଥିଲେ। ବାସନକୁସନ ବିକ୍ରି କରିବା ଏହି ପରିବାରର ଜୀବିକା ଥିଲା। ସୋହେଲାରେ ତାଙ୍କ ଏକ ବାସନକୁସନ ଦୋକାନ ରହିଛି। ଅର୍ଜୁନ ଦୋକାନରେ ବସୁଥିବା ବେଳେ ବଂଶୀଧର ବାସନକୁସନ ଧରି ବିଭିନ୍ନ ଗ୍ରାମକୁ ବିକ୍ରି କରିବାକୁ ଯାଉଥିଲେ। ପଡୋଶୀଙ୍କ କହିବା ମୁତାବକ ଅର୍ଜୁନଙ୍କ ମୃତ୍ୟୁ ପରେ ଏହି ପରିବାର ମାନସିକ ଚାପରେ ରହୁଥିଲେ। ଏପରିକି ଏହି ପରିବାର ଦୁଇଦିନ ତଳେ ☞ପୃଷ୍ଠା-୨




| ମୋଟ ପ୍ରାପ୍ୟ ପ୍ରିମିଅମ | ଲେଟ୍ ଫୀ ରିହାତି | ସର୍ବାଧିକ ରିହାତି ସୀମା |
|---|---|---|
| ₹1,00,000 ପର୍ଯ୍ୟନ୍ତ | 30% | ₹3,000 |
| ₹1,00,001 ରୁ ₹3,00,000 ପର୍ଯ୍ୟନ୍ତ | 30% | ₹3,500 |
| ₹3,00,001 ଓ ଅଧିକ | 30% | ₹4,000 |



## ମଙ୍ଗଳରେ ଅମ୍ଳଜାନ ପ୍ରସ୍ତୁତି ମିଶନ ସଫଳ

ୱାଶିଂଟନ,୧୦।୯

ମଙ୍ଗଳ ଗ୍ରହ ବିଷୟରେ ଅଧିକରୁ ଅଧିକ ତଥ୍ୟ ହାସଲ କରିବା ବୈଜ୍ଞାନିକମାନଙ୍କ ଚେଷ୍ଟା ଜାରି ରହିଛି। ସୌରମଣ୍ଡଳରେ ଏହା ପୃଥିବୀର ନିକଟତମ ଗ୍ରହ ବୋଲି କୁହାଯାଉଛି। କିଛି ନିୟୁତ ବର୍ଷ ପୂର୍ବେ ଏଠାରେ ଜୀବଜଗତ ରହିଥିବା କୁହାଯାଉଥିଲା। କିନ୍ତୁ ବର୍ତ୍ତମାନ ଏହା ଗୋଟିଏ ଅନୁର୍ବର ଭୂମି ହୋଇ ରହିଛି। ଯଦିଓ ମଙ୍ଗଳରେ ଅମ୍ଳଜାନ ଅଛି ହେଲେ, ମନୁଷ୍ୟ ବଞ୍ଚି ରହିବା ଲାଗି ତାହା ପର୍ଯ୍ୟାପ୍ତ ନୁହେଁ। ଅପରପକ୍ଷେ ପୃଥିବୀ ପୃଷ୍ଠରୁ ଅମ୍ଳଜାନ ସେଠାକୁ ନେବା ଅଧିକ ଖର୍ଚ୍ଚାନ୍ତ। ତେଣୁ ବିକଳ୍ପ ଉପାୟରେ ସେଠାରେ କିପରି ଅମ୍ଳଜାନ ପ୍ରସ୍ତୁତ କରାଯାଇପାରିବ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି। ଏହି କ୍ରମରେ ନ୍ୟାଶନାଲ ଏରୋନଟିକ୍ସ ଆଣ୍ଡ ସ୍ପେଶ୍ ଆଡମିନିଷ୍ଟ୍ରେଶନ(ନାସା)ର ପେରସଭେରନ୍ସ ରୋଭର ୨୦୨୧ରୁ ମଙ୍ଗଳ ପୃଷ୍ଠରେ ଘୂରି ବୁଲୁଛି। ବର୍ତ୍ତମାନ ଏହା ଅମ୍ଳଜାନ ପ୍ରସ୍ତୁତ କରୁଥିବା ମୋକ୍ସି ମିଶନକୁ ସଫଳତାର ସହ ସମାପ୍ତ କରିଛି। ଏହା ଏକ ଯନ୍ତ୍ର, ଯାହାକୁ ପେରସଭେରନ୍ସ ସହ ସଂଲଗ୍ନ କରାଯାଇଛି। ମାରସ୍ ଅକ୍ସିଜେନ୍ ଇନ୍-ସିଟୁ ରିସୋର୍ସ ୟୁଟିଲାଇଜେସନ ଏକ୍ସପେରିମେଣ୍ଟ(ମୋକ୍ସି)ବର୍ତ୍ତମାନ ଅମ୍ଳଜାନ ପ୍ରସ୍ତୁତ କରିବାରେ ସଫଳ ହୋଇଛି। ଏହି ଯନ୍ତ୍ରକୁ ମାସାଚୁସେଟ୍‌ସ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ଏମ୍ଆଇଟି) ବିକଶିତ କରିଛି। ମୋକ୍ସିର ସଫଳ ପ୍ରଦର୍ଶନ ଏକଥା ଦର୍ଶାଉଛି, ଏହା ମଙ୍ଗଳର ବାୟୁମଣ୍ଡଳରୁ ଅମ୍ଳଜାନ ପ୍ରସ୍ତୁତ କରିପାରିବ। ଫଳରେ ଏହା ଭବିଷ୍ୟତରେ ମହାକାଶଚାରୀଙ୍କ ଶ୍ୱାସକ୍ରିୟା ଲାଗି ଉପାଦେୟ ହେବ ବୋଲି ନାସାର ପ୍ରଶାସକ ପାମ୍ ମେଲ୍‌ରୋୟ କହିଛନ୍ତି। ସେହିପରି ଉନ୍ନତ କାରିଗରୀ କୌଶଳ ବ୍ୟବହାର କରି ଚନ୍ଦ୍ର ଓ ମଙ୍ଗଳରେ ଦୀର୍ଘ ସମୟ ଲାଗି ଶକ୍ତି ଉତ୍ପନ୍ନ କରିବା ଉପରେ ପ୍ରାଧାନ୍ୟ ଦିଆଯାଉଛି ବୋଲି ସେ କହିଛନ୍ତି। ୨୦୨୧ରେ ମୋକ୍ସି ଯେତେବେଳେ ମଙ୍ଗଳରେ ଅବତରଣ କରିଥିଲା, ସେତେବେଳେ ମାତ୍ର ୧୨୨ ଗ୍ରାମ୍‌ର ଅମ୍ଳଜାନ ପ୍ରସ୍ତୁତ କରିପାରିଥିଲା। ଏତିକି ପରିମାଣର ଅମ୍ଳଜାନରେ ଏକ କୁକୁର ଛୁଆ ୧୦ ଘଣ୍ଟା ବଞ୍ଚିପାରିବ। ତେଣୁ ମୋକ୍ସି ସହାୟତାରେ ସେଠାରେ ଯେପରି ଅଧିକ ପରିମାଣର ଅମ୍ଳଜାନ ଉତ୍ପନ୍ନ କରାଯାଇପାରିବ ତାହା ନାସାର ମୂଳ ଲକ୍ଷ୍ୟ ଥିଲା। ☞ପୃଷ୍ଠା-୨



**୪୦ ମହଲାରୁ ଲିଫ୍ଟ ଖସିଲା, ୬ ଶ୍ରମିକ ମୃତ**

ଠାଣେ,୧୦।୯: ମହାରାଷ୍ଟ୍ରର ଠାଣେସ୍ଥିତ ଭଲକୁମ୍ ଅଞ୍ଚଳରେ ରବିବାର ସନ୍ଧ୍ୟାରେ ଏକ ନିର୍ମାଣାଧୀନ କୋଠାର ୪୦ ମହଲା ଉପରୁ ଲିଫ୍ଟ ଖସି ପଡ଼ିଛି। ଏଥିରେ ଅନ୍ୟୂନ ୬ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ଆଞ୍ଚଳିକ ବିପର୍ଯ୍ୟୟ ପରିଚାଳନା ସେଲ୍ ଏବଂ ଅଗ୍ନିଶମ ବାହିନୀ କର୍ମଚାରୀମାନେ ଦୁର୍ଘଟଣାସ୍ଥଳରେ ପହଞ୍ଚି ଶ୍ରମିକମାନଙ୍କ ମୃତଦେହ ବାହାର କରିଥିଲେ। ଲିଫ୍ଟ କେବୁଲ୍ ହଠାତ୍ କେମିତି ଛିଣ୍ଡିପଡ଼ିଲା ତାହା ସ୍ପଷ୍ଟ ହୋଇନାହିଁ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଳକୁ ବାଡ଼କୁ ଅନେଇ ବକେ
ନାନା କୁ-ବଚନ ମୁଖରେ ଭକେ।**

ଯେଉଁମାନେ କଳିହା ପ୍ରକୃତିର ହୋଇଥାନ୍ତି ସେମାନେ ବିନା କାରଣରେ କଳିଝଗଡା ଲଗାଇଥାନ୍ତି। କଣ୍ଟା ବାଡ଼ରେ ଲୁଗା ପକାଇ କଳି କରିବା ସେମାନଙ୍କ ବଦପ୍ରକୃତି ହୋଇଥାଏ। ମୁହଁ ଉପରେ ସିଧା ନ କହି ଦେଖେଇ ଶୁଣେଇ କୁତ୍ସାରଟନା କରିବା ତାଙ୍କ ମନ୍ଦ ଅଭ୍ୟାସ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଚଟୁ ଆଇଁଷ
ବେଣ୍ଟ ନିରାମିଷ।**

ଆମିଷ ରାନ୍ଧିବା ବେଳେ ବା ପରଷିବା ବେଳେ ଚଟୁ ଆଇଁଷ ଓ ହାତରେ ଥିବା ବେଣ୍ଟ ନିରାମିଷ ହେବା କାନକୁ ବିଶ୍ୱାସ ହୋଇ ନ ଥାଏ। ପରସ୍ପର ବିରୋଧାଭାସ। ବସ୍ତୁର ଏକ ଅଂଶ ଦୋଷମୁକ୍ତି ସ୍ଥଳେ ଅନ୍ୟ ଅଂଶ ଦୋଷଯୁକ୍ତ ହେବା ଅସମ୍ଭବ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ୧୨ରେ ଘୂର୍ଣ୍ଣିବଳୟ

## ଆଜି ୧୯ ଜିଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା

ଭୁବନେଶ୍ୱର,୧୦।୯
(ଅନୁରାଧା ମହାରଣା)

ଆସନ୍ତା ୧୨ ତାରିଖ ବେଳକୁ ଉତ୍ତର ପଶ୍ଚିମ ପାର୍ଶ୍ୱବର୍ତ୍ତୀ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ୧୩ରେ ଏହା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ସୋମବାରଠାରୁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଭାଗ ୱାର୍ନିଂ ଜାରି କରିଛି। ରାଜ୍ୟରେ ମୌସୁମୀ ପ୍ରବାହ ସକ୍ରିୟ ରହିଛି। ଫଳରେ ଗତ କିଛିଦିନ ହେବ ରାଜ୍ୟରେ ପ୍ରବଳ ବର୍ଷା ହେଉଥିଲା। କିନ୍ତୁ ୩ ଦିନ ହେବ ରାଜ୍ୟରେ ପାଗ ଶୁଖିଲା ରହିଛି। ରବିବାର ମାତ୍ର କିଛି ଜିଲାକୁ ବାଦ୍‌ଦେଲେ ଅନ୍ୟ ଜିଲାଗୁଡ଼ିକରେ ପାଗ ଶୁଖିଲା ରହିଥିଲା। ତେବେ ଲଘୁଚାପ ପ୍ରଭାବରେ ୧୩ରୁ ୧୫ ମଧ୍ୟରେ ଉପକୂଳ, ଉତ୍ତର ଓ ପଶ୍ଚିମ ଓଡ଼ିଶାରେ ମଧ୍ୟମରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେପ୍ଟେମ୍ବର ୧୬ ବେଳକୁ ବର୍ଷା ସାମାନ୍ୟ ହ୍ରାସ ପାଉଥିଲେ ମଧ୍ୟ ପଶ୍ଚିମ ଓଡ଼ିଶାର କିଛି ସ୍ଥାନରେ ମଧ୍ୟମରୁ ପ୍ରବଳ ବର୍ଷା ହୋଇପାରେ। ତେବେ ୧୮ ପରେ ରାଜ୍ୟରେ ପାଣିପାଗରେ ଉନ୍ନତି ଘଟିବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ସୋମବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼ ସୁନ୍ଦରଗଡ଼, ସମ୍ବଲପୁର ଓ ବୌଦ୍ଧ ଜିଲାରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ମଙ୍ଗଳବାରଠାରୁ ରାଜ୍ୟରେ ବର୍ଷାର ବିସ୍ତୃତି ବଢ଼ିବା ସହ ୮ ଜିଲାକୁ ପ୍ରବଳ ବର୍ଷା ଓ ୧୯ ଜିଲାକୁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୟେଲୋ ୱାର୍ନିଂ ଦିଆଯାଇଛି। ଏହି ୯ ଜିଲା ହେଲା ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ, ନୟାଗଡ଼, କଟକ, କନ୍ଧମାଳ, ଖୋର୍ଦ୍ଧା ଓ ଗଞ୍ଜାମ। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ ଜିଲାକୁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ନେଇ ୟେଲୋ ୱାର୍ନିଂ ରହିଛି।

### ୧୨% ନିଅଣ୍ଟିଆ ବର୍ଷା

ମୌସୁମୀ ନିମ୍ନଚାପ ରେଖା ରବିବାର ସାଧାରଣ ଅବସ୍ଥାନଠାରୁ ଦକ୍ଷିଣରେ ରହିବା ସହ ରାଜସ୍ଥାନର ଜୈସଲମେରରୁ ବାହାରି କୋଟା, ସିଦ୍ଧି, ଜାମସେଦପୁର, ଦୀଘା ହୋଇ ପୂର୍ବ ଓ ଦକ୍ଷିଣ-ପୂର୍ବ ଦିଗରେ ଉତ୍ତର-ପୂର୍ବ ବଙ୍ଗୋପସାଗର ଯାଏ ଲମ୍ବିଛି। ଫଳରେ ୨୪ ଘଣ୍ଟାରେ ରାଜ୍ୟରେ ୧.୬ ମିମି ବର୍ଷା ରେକର୍ଡ ହୋଇଛି। ଏହା ସ୍ୱାଭାବିକ ବର୍ଷା ତୁଳନାରେ ୮୧ ପ୍ରତିଶତ କମ୍। ଏପରିସ୍ଥିତିରେ ରାଜ୍ୟରେ ଦୁର୍ବଳ ଥିବା ମୌସୁମୀ ପୁନଃ ସକ୍ରିୟ ହୋଇଛି। ପହିଲାରୁ ବର୍ଷା ପରିମାଣ ବଢ଼ିଥିଲେ ସୁଦ୍ଧା ଏବେବି ନିଅଣ୍ଟିଆ ରହିଛି। ମୌସୁମୀଜନିତ ବର୍ଷା ୮୯୦ ମିମି ରେକର୍ଡ ହୋଇଛି । ସ୍ୱାଭାବିକ ବର୍ଷା ୧୦୦୯.୭ ମିମି ଠାରୁ ୧୨% କମ୍ ବର୍ଷା ହୋଇଛି ଅର୍ଥାତ୍ ରାଜ୍ୟରେ ୮୯୦ ମିମି ରେକର୍ଡ କରାଯାଇଛି। ୨୧ ଜିଲାରେ ସ୍ଥିତି ସ୍ୱାଭାବିକ ରହିଥିବାବେଳେ ୯ ଜିଲାରେ ଅଭାବୀ ବର୍ଷା ରେକର୍ଡ କରାଯାଇଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

# ଚାଲି ଚାଲି ଅଯୋଧ୍ୟାରୁ ମାଥିଲି

- ଶ୍ରୀରାମ ରହିଥିବା ସ୍ଥାନ ଦେଖିବା ଲକ୍ଷ୍ୟ
- ୪ ହଜାର କି.ମି.ଚାଲି ସାରିଲେଣି ସମରେନ୍ଦ୍ର

ମାଥିଲି, ୧୦।୯(ସୁବାସ ଚନ୍ଦ୍ର ଖୁଡୁପିଆ)

ଅଯୋଧ୍ୟା ବାଲିଆରୁ ସମରେନ୍ଦ୍ର ସିଂ ରାଠୋର ଶ୍ରୀରାମ ବନବାସ କାଟିଥିବା ବିଭିନ୍ନ ସ୍ଥାନ ଚାଲିଚାଲି ପରିଦର୍ଶନ କରୁଛନ୍ତି। ରାମଙ୍କ ପାଦ ପଡିଥିବା ସ୍ଥାନ ସୁରକ୍ଷିତ ରହିଛି ନା ନାହିଁ ତାହାର ଠିକ୍ ତଥ୍ୟ ଲୋକଙ୍କୁ ଦେବାକୁ ସ୍ୱପ୍ନ ଦେଖୁଛନ୍ତି ସମରେନ୍ଦ୍ର। ତେବେ ୪ ହଜାର କିଲୋମିଟର ଚାଲି ଚାଲି ରବିବାର ସେ ମାଲକାନଗିରି ଜିଲା ମାଥିଲିରେ ଆସି ପହଞ୍ଚିଥିଲେ। ମାଲକାନଗିରି ମାଥିଲି ଶ୍ରୀରାମ ମନ୍ଦିର ପରିସରରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ବଣ୍ଡାପାହାଡରେ ଶ୍ରୀରାମଙ୍କ ପାଦ ପଡିଥିବା ସ୍ଥାନ କିପରି ରହିଛି ତାହାକୁ ସେ ତଦାରଖ କରିଥିଲେ। ଏବେ ବି ତାଙ୍କର ୧୫ ହଜାର କିଲୋମିଟର ଯାତ୍ରା ରହିଥିବା ସମରେନ୍ଦ୍ର କହିଛନ୍ତି।



ମାଲକାନଗିରି ଜିଲା ମାଥିଲି ଶ୍ରୀରାମ ମନ୍ଦିରରେ ସମରେନ୍ଦ୍ର ଓ ଅନ୍ୟମାନେ।

# ବିଜେଡି କର୍ମୀ ହତ୍ୟା ଘଟଣା: ୨ ଗିରଫ, ଦୁଇ ଫେରାର

ଶେରଗଡ, ୧୦।୯
(ସୂର୍ଯ୍ୟନାରାୟଣ ଦାଶ)

ଗଞ୍ଜାମ ଜିଲା ଶେରଗଡ ବ୍ଲକ ଅନ୍ତର୍ଗତ କୁମାରପାଣି ଗ୍ରାମର ଯୁବ ବିଜେଡି କର୍ମୀ ମଧୁସୂଦନ ବିଷୋଇଙ୍କୁ ବାରସିଙ୍ଗି ନିକଟସ୍ଥ ନନ୍ଦିନୀ ନଦୀ ପୋଲ ଉପରେ ଶନିବାର ଅପରାହ୍ନରେ ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ରବିବାର ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବାରିସିଙ୍ଗି ଗ୍ରାମର ସମୀର କୁମାର ପ୍ରଧାନ ଓ ସାଗର ଦାସ। ଅନ୍ୟ ୨ ଅଭିଯୁକ୍ତ ଶିବରାମ ପ୍ରଧାନ ଓ ବାବୁଲା ଗୌଡ଼ ଫେରାର ଥିବା ପୋଲିସ କହିଛି। ହତ୍ୟା ପଛରେ ରାଜନୈତିକ ତିକ୍ତତା ହିଁ ମୁଖ୍ୟ କାରଣ ବୋଲି ପୋଲିସ କହିଛି।

ସୂଚନାଯୋଗ୍ୟ, ଶନିବାର ଅପରାହ୍ନରେ ମଧୁସୂଦନ ଶେରଗଡ଼ରୁ ବାଇକ୍‌ରେ ତାଙ୍କର ସହଯୋଗୀ କୃଷ୍ଣ ନାୟକଙ୍କୁ ବସାଇ ଗ୍ରାମକୁ ଫେରୁଥିଲେ। ବାରସିଙ୍ଗି ନିକଟସ୍ଥ ନନ୍ଦିନୀ ନଦୀ ପୋଲ ଉପରେ ୪ଜଣ ଯୁବକ ତାଙ୍କୁ ଅଟକାଇ ମାଡ଼ ମାରିବା ସହ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ପରେ ତାଙ୍କୁ ନନ୍ଦିନୀ ନଦୀକୁ ଫିଙ୍ଗି ଦେଇଥିଲେ। ଖବର ପାଇ ଶେରଗଡ଼ ଥାନା ଏସ୍‌ଆଇ ସତ୍ୟଜିତ ବେଣିଆଙ୍କ ନେତୃତ୍ୱରେ ଏକ ଟିମ ନନ୍ଦିନୀ ନଦୀରୁ ମଧୁସୂଦନଙ୍କୁ ଉଦ୍ଧାର କରି ଶେରଗଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ତାଙ୍କର ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ମଧୁସୂଦନଙ୍କ ସ୍ତ୍ରୀ ଏ ସମ୍ପର୍କରେ ଶନିବାର ବିଳମ୍ବିତ ରାତିରେ ୪ଜଣଙ୍କ ବିରୋଧରେ ଶେରଗଡ଼ ଥାନାରେ ଏତଲା ଦେଇଥିଲେ। ପୋଲିସ କେସ୍ ନଂ ୪୬୪/୨୩ରେ ମାମଲା ରୁଜୁ କରିଥିଲା। ଆସିକା ଏସ୍‌ଡିପିଓ ଉମାଶଙ୍କର ସିଂ, ପାଟପୁର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ଓ ଶେରଗଡ଼ ପୋଲିସ ତଦନ୍ତ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

# ଇଣ୍ଡିଆ ବୁକ୍ ରେକର୍ଡରେ ସତ୍ୟଙ୍କ କ୍ଷୁଦ୍ରତମ ଭାରତ ମାନଚିତ୍ର



ବ୍ରହ୍ମପୁର,୧୦।୯
(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁରର ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା ପେନ୍‌ସିଲ ମୁନରେ କରିଥିବା କ୍ଷୁଦ୍ରତମ ଭାରତ ମାନଚିତ୍ର ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନ ପାଇଛି। ସତ୍ୟ ଗତ ସ୍ୱାଧୀନତା ଦିବସ ଅବସରରେ ୨ ମିଲିମିଟର ଉଚ୍ଚତା ଓ ୨ ମିଲିମିଟର ଓସାର ବିଶିଷ୍ଟ ଏହି କଳାକୃତିକୁ ୪ ମିନିଟ ୫୭ ସେକେଣ୍ଡ ମଧ୍ୟରେ କରିଥିଲେ। ଏହା ବିଶ୍ୱର ସବୁଠାରୁ କ୍ଷୁଦ୍ରତମ ମାନଚିତ୍ର ବୋଲି ଦୃଢୋକ୍ତି ପ୍ରକାଶ କରି ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନ ଦେବା ନିମନ୍ତେ ଆବେଦନ କରିଥିଲେ। ତେବେ ଏହା ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନ ପାଇଥିବା ନେଇ ସତ୍ୟଙ୍କୁ ଇ-ମେଲ ମାଧ୍ୟମରେ ସୂଚନା ମିଳିଥିବା ସେ ଜଣାଇଛନ୍ତି। ସୂଚନାଯୋଗ୍ୟ, ସତ୍ୟ ପୂର୍ବରୁ ୧ ମିଲିମିଟରରୁ କମ ଉଚ୍ଚତା ବିଶିଷ୍ଟ ତ୍ରିରଙ୍ଗା ଓ ଚକ୍ରରେ ୭୫ଟି କ୍ଷୁଦ୍ରତମ ପର୍ଯ୍ୟଟନସ୍ଥଳ ନିର୍ମାଣ କରି ବିଭିନ୍ନ ରେକର୍ଡ ହାସଲ କରିଛନ୍ତି। ସତ୍ୟ କ୍ଷୁଦ୍ରତମ କଳାକୃତି ନିର୍ମାଣ କରି ବର୍ତ୍ତମାନ ସୁଦ୍ଧା ୬୦ରୁ ଉର୍ଦ୍ଧ୍ୱ ରେକର୍ଡ ହାସଲ କଲେଣି।

# ବି.ଏଡ୍ ଶିକ୍ଷକ ମହାସଂଘର ଆନ୍ଦୋଳନ ଚେତାବନୀ

ଭୁବନେଶ୍ୱର, ୧୦।୯

(ଅସମାପିକା ସାହୁ)- ମିଳିତ ପ୍ରାଥମିକ ମୂଳ ନିଯୁକ୍ତ ବି.ଏଡ୍ ଶିକ୍ଷକ ମହାସଂଘର ଏକ ଜରୁରୀକାଳୀନ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ରବିବାର ବୁଦ୍ଧମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ବିଧାନସଭା ପୂର୍ବରୁ ଯଦି ସରକାର ଦାବି ସମ୍ପର୍କରେ କୌଣସି ପଦକ୍ଷେପ ନ ନିଅନ୍ତି, ତେବେ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସଭାପତିମଣ୍ଡଳୀ ସଭ୍ୟ ଅଜୟ ଧଳ, ସନ୍ତୋଷ କୁମାର ପ୍ରଧାନ କ୍ଷୋଭ ପ୍ରକାଶ କରି କହିଛନ୍ତି, ସରକାର ତୁରନ୍ତ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟରୁ ଠିକା ପ୍ରଥା ଉଚ୍ଛେଦ କରନ୍ତୁ। ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରିବା ସହିତ ୬ଟି ନୋସନାଲ୍ ଇନ୍‌କ୍ରିମେଣ୍ଟ ଓ ପେ ବ୍ୟାଣ୍ଡ-୨ ବେସିକ୍ ୯,୩୦୦/- ଓ ଜି.ପି. ୪,୨୦୦/- ପ୍ରଦାନ କରନ୍ତୁ। ଏଥିସହିତ ନୂତନ ପେନ୍‌ସନ୍ ଯୋଜନାକୁ ଉଚ୍ଛେଦ କରି ପୁରୁଣା ପେନ୍‌ସନ୍ ଯୋଜନାକୁ କାର୍ଯ୍ୟକାରୀ କରାଯାଉ। ସଂଘର ମହାସଚିବ ଉମେଶ ଚନ୍ଦ୍ର ନାୟକ ସରକାରଙ୍କୁ ଚେତାବନୀ ଦେଇ କହିଛନ୍ତି, ଯଦି ଆସନ୍ତା ବିଧାନସଭା ଅଧିବେଶନ ପୂର୍ବରୁ ଆମର ସମସ୍ତ ନ୍ୟାୟୋଚିତ ଦାବି ପୂରଣ ନ କରନ୍ତି, ତା'ହେଲେ ବାଧ୍ୟ ହୋଇ ବିଧାନସଭା ସମ୍ମୁଖରେ ଦୁର୍ବାର ଆନ୍ଦୋଳନ କରିବୁ ବୋଲି ସେ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### କୀଟନାଶକ ପିଇ ...

କୀଟନାଶକ ପିଇ ଆତ୍ମହତ୍ୟା କରିବାକୁ ସାମୂହିକ ଉଦ୍ୟମ କରିଥିଲେ। ପୋଲିସ ସେମାନଙ୍କଠାରୁ ୨ବୋତଲ କୀଟନାଶକ ଜବତ କରିଥିଲା। ଥାନାକୁ ଡାକି ବୁଝାଶୁଝା କରିବା ପରେ ସମସ୍ତଙ୍କୁ ଘରକୁ ପଠାଇ ଦିଆଯାଇଥିଲା ବୋଲି ସୋହେଲା ଥାନା ଏଏସ୍‌ଆଇ ଜୀବନଲାଲ ସାହୁ କହିଛନ୍ତି। ବିଷପାନର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ବାପାଙ୍କ ଶୁଦ୍ଧିକ୍ରିୟା ନ ସରୁଣୁ ଝିଅପୁଅଙ୍କ ମୃତ୍ୟୁ ସମସ୍ତଙ୍କୁ ସ୍ତବ୍ଧ କରିଛି। ସୁବର୍ଣ୍ଣଙ୍କ ସମ୍ପର୍କୀୟମାନେ ଛତିଶଗଡ଼ରୁ ଆସି ସୋହେଲାରେ ପହଞ୍ଚି ଶିଶୁକନ୍ୟାକୁ ରଖିଛନ୍ତି।

### ମଙ୍ଗଳରେ ଅମ୍ଳଜାନ ...

ତେବେ ବର୍ତ୍ତମାନ ଯେଉଁ ଅମ୍ଳଜାନ ଉତ୍ପନ୍ନ ହୋଇଛି ତାହା ୯୦% ଶୁଦ୍ଧ। ଅଗଷ୍ଟ ୭ରେ ମୋକ୍ସି ପୂର୍ବ ଅପେକ୍ଷା ଅଧିକ ପରିମାଣର ଅମ୍ଳଜାନ ପ୍ରସ୍ତୁତ କରିଥିଲା। ମୋକ୍ସି ସହାୟତାରେ ଆମେ ଅଧିକ ପରିମାଣର ଅମ୍ଳଜାନ ପ୍ରସ୍ତୁତ କରିପାରିଥିବାରୁ ଗର୍ବିତ। ଏହା ଭବିଷ୍ୟତର ମିଶନ ଲାଗି ଅଧିକ ସହାୟକ ହେବ ବୋଲି ସ୍ପେଶ୍ ଟେକ୍ନୋଲୋଜି ମିଶନ ଡାଇରେକ୍ଟୋରେଟ(ଏସ୍‌ଟିଏମ୍‌ଡି)ର ନିର୍ଦ୍ଦେଶକ ଟ୍ରୁଡି କୋରଟେସ୍ କହିଛନ୍ତି।

### ରୁଷିଆକୁ ନିନ୍ଦା ...

ରାଷ୍ଟ୍ର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚତୁରତାର ସହ ପ୍ରସ୍ତୁତ କରିଛନ୍ତି। ଆମେରିକା ଓ ଏହାର ପାଶ୍ଚାତ୍ୟ ସହଯୋଗୀମାନେ ବ୍ୟକ୍ତିଗତ ଭାବେ ଦେଖାଇଥିବା ଆଭିମୁଖ୍ୟଠାରୁ ନୂଆଦିଲ୍ଲୀ ଘୋଷଣାନାମାରେ ରୁଷିଆ ପ୍ରତି ଆହୁରି ନରମ ମନୋଭାବ ଦେଖିବାକୁ ମିଳିଛି। ରୁଷିଆର ଜି୨୦ ଶେରପା ସେଟଲାନା ଲୁକାଶଙ୍କ ମତରେ ଏହି ସମ୍ମିଳନୀ ରାଷ୍ଟ୍ର ସମୂହର ୧୫ ବର୍ଷ ଇତିହାସରେ ସବୁଠୁ ଜଟିଳ ଥିଲା। ନୂଆଦିଲ୍ଲୀ ଘୋଷଣାନାମା ଉପରେ ସହମତି ପ୍ରକାଶ ପାଇବା ପାଇଁ ୨୫ ଦିନ ଲାଗିଛି ବୋଲି ରୁଷିଆର ସରକାରୀ ନ୍ୟୁଜ୍ ଏଜେନ୍ସି ଟାସ୍‌ରେ ଏକ ରିପୋର୍ଟ ପ୍ରକାଶ ପାଇଛି।

### ବିଶ୍ୱବାସୀଙ୍କ ଏକ...

ଓ ସଙ୍କଟ ୨୦୩୦ କାର୍ଯ୍ୟସୂଚୀ ଏବଂ ଏହାର ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି)କୁ ପଛକୁ ଟାଣି ନେଇଛି। ବୈଶ୍ୱିକ ସବୁଜଗୃହ ବାଷ୍ପ (ଜିଏଚ୍‌ଜି) ଉତ୍ସର୍ଜନ ବଢ଼ିଚାଲିଛି। ଜଳବାୟୁ ପରିବର୍ତ୍ତନ, ଜୈବବିବିଧତା ହ୍ରାସ, ଜନସଂଖ୍ୟା, ମରୁଡ଼ି ଆଦି ଲୋକଙ୍କ ଜୀବନ ଜୀବିକା ପାଇଁ ବିପଦ ସାଜିଛି। ସେହିପରି ଖାଦ୍ୟ ଓ ଶକ୍ତି ସମେତ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ ବୃଦ୍ଧି ଏବଂ ଜୀବନ ଧାରଣର ମୂଲ୍ୟଚାପ ମଧ୍ୟ ବିଷମ ସ୍ଥିତି ଉପୁଜାଇଛି। ଦାରିଦ୍ର୍ୟ, ଅସମାନତା, ଜଳବାୟୁ ପରିବର୍ତ୍ତନ, ମହାମାରୀ ଏବଂ ସଂଘର୍ଷ ଯୋଗୁ ମହିଳା ଓ ଶିଶୁମାନେ ବହୁଳ ପ୍ରଭାବିତ ହୋଇଛନ୍ତି। ତେଣୁ ଏସବୁର ମୁକାବିଲା କରି ଏକ ଉନ୍ନତ ଭବିଷ୍ୟତ ନିର୍ମାଣ ଦିଗରେ ଜି୨୦ ଏକ ସୁଯୋଗ ଆଣିଛି। ଉର୍ଜା କ୍ଷେତ୍ରରେ ପରିବର୍ତ୍ତନ ନିଯୁକ୍ତି ଓ ଜୀବିକାରେ ଉନ୍ନତି ଆଣିବା ସହ ପ୍ରତିକୂଳ ପରିସ୍ଥିତିରେ ଅର୍ଥନୀତିକୁ ସୁଦୃଢ଼ କରିବ। ପୃଥିବୀର କୌଣସି ଦେଶ ଯେପରି ଦାରିଦ୍ର୍ୟ ଓ ସଂଘର୍ଷ ମଧ୍ୟଦେଇ ଗତି ନ କରିବେ ତାହା ସୁନିଶ୍ଚିତ କରିବା ପାଇଁ ବିଶ୍ୱନେତାମାନେ ସହମତି ପ୍ରକାଶ କରିଛନ୍ତି। ବିଶ୍ୱସ୍ତରରେ କାହାରିକୁ ବାଦ୍ ନ ଦେଇ ବିକାଶର ଏପରି ମଡେଲ ପ୍ରସ୍ତୁତ କରାଯିବ, ଯାହାକୁ କାର୍ଯ୍ୟକାରୀ କରି ନିରନ୍ତର ଓ ସମାବେଶୀ ବିକାଶ ସମ୍ଭବ ହୋଇପାରିବ।

**ଜଳବାୟୁ ପରିବର୍ତ୍ତନ**

ଅନ୍ତର୍ଜାତୀୟ ଅର୍ଥନୀତି ସହଯୋଗର ଅଗ୍ରଣୀ ମଞ୍ଚ ଜି୨୦ରେ ସହଭାଗିତାକୁ ଗୁରୁତ୍ୱ ଦିଆଯାଇଛି। ଦୃଢ଼, ନିରନ୍ତର, ସନ୍ତୁଳିତ ଓ ସମାବେଶୀ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଏହି ଐତିହାସିକ ଦସ୍ତାବିଜରେ ଗୁରୁତ୍ୱାରୋପ କରାଯାଇଛି। ୨୦୩୦ ସୁଦ୍ଧା ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟସୂଚୀକୁ ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟକାରୀ କରିବା ଲାଗି ନେତାମାନେ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। କେବଳ ଏତିକି ନୁହେଁ, କମ୍ ଅଙ୍ଗାରକାମ୍ଳ ଉତ୍ସର୍ଜନ, ଜଳବାୟୁ ସହନଶୀଳ ଓ ପରିବେଶଗତ ନିରନ୍ତର ବିକାଶର ପଥ ଉନ୍ମୁକ୍ତ କରିବା ସକାଶେ ସମାବେଶୀ ଉପାୟଗୁଡ଼ିକୁ ଆପଣାଇବା ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ବିକାଶଶୀଳ ଦେଶଗୁଡ଼ିକରେ ସ୍ୱାସ୍ଥ୍ୟଗତ ଜରୁରୀ ସମୟରେ ଡାକ୍ତରୀ ସୁବିଧା, ଚିକିତ୍ସା ଉପକରଣ ଯୋଗାଣ ଓ ଉତ୍ପାଦନ ଦକ୍ଷତା ବୃଦ୍ଧି ଉପରେ ମଧ୍ୟ ଜୋର୍ ଦିଆଯାଇଛି। ଋଣଜାଲରେ ଛନ୍ଦି ହୋଇଯାଇଥିବା ଦେଶଗୁଡ଼ିକର ସୁବିଧା ପାଇଁ ସହନଶୀଳ ଅଭିବୃଦ୍ଧିକୁ ପ୍ରୋତ୍ସାହନ ଦେବା, ସମସ୍ତ ଉତ୍ସରୁ ଆର୍ଥିକ ସହଯୋଗ ବୃଦ୍ଧି ଏବଂ ପ୍ୟାରିସ୍ ଚୁକ୍ତିର ଲକ୍ଷ୍ୟ ହାସଲ ଲାଗି ସମ୍ବଳଗୁଡ଼ିକର ଉପଯୋଗକୁ ତ୍ୱରାନ୍ୱିତ କରାଯିବ।

**ଅର୍ଥନୀତିରେ ମହିଳାଙ୍କ ସହଭାଗିତା ବୃଦ୍ଧି**

ମଲ୍ଟିଲିଟରାଲ ଡେଭେଲପ୍‌ମେଣ୍ଟ ବ୍ୟାଙ୍କ (ଏମ୍‌ଡିବି)ଗୁଡ଼ିକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ଉନ୍ନତ ଓ ବୃହତ୍ ସଂସ୍କାର ଆଣି ବିକାଶର ଗତିକୁ ବଳ ଦିଆଯିବ। ଡିଜିଟାଲ ସେବା ଓ ଡିଜିଟାଲ ସାଧାରଣ ଭିତ୍ତିଭୂମିକୁ ଲୋକଙ୍କ ନିକଟରେ ପହଞ୍ଚାଇ ନିରନ୍ତର ତଥା ସମାବେଶୀ ବିକାଶରେ ଲୋକଙ୍କୁ ସହଭାଗୀ କରାଯିବ। ଏଥିସହ ସ୍ଥାୟୀ, ଗୁଣବତ୍ତା ସମ୍ପନ୍ନ, ସୁସ୍ଥ, ସୁରକ୍ଷିତ ଓ ଲାଭଦାୟକ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ। ଅର୍ଥନୀତିରେ ମହିଳାମାନଙ୍କ ସହଭାଗିତା ବୃଦ୍ଧି ଉଦ୍ଦେଶ୍ୟରେ ଲିଙ୍ଗଗତ ବ୍ୟବଧାନକୁ ଦୂରକରି ସମାନ, ପ୍ରଭାବଶାଳୀ ଓ ତାତ୍ପର୍ଯ୍ୟପୂର୍ଣ୍ଣ ନିଷ୍ପତ୍ତି ନିଆଯିବ।

**ଯୁଦ୍ଧ ଓ ସଂଘର୍ଷ**

ବିଶ୍ୱର ବିଭିନ୍ନ ଭାଗରେ ଜାରି ରହିଥିବା ଯୁଦ୍ଧ ଓ ସଂଘର୍ଷ ଯୋଗୁ ମାନବୀୟ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ପ୍ଲାନେଟ୍ (ପୃଥିବୀ), ପିପୁଲ (ଲୋକ), ପିସ୍ (ଶାନ୍ତି) ଓ ପ୍ରସ୍‌ପରିଟି (ସମୃଦ୍ଧି) ଆଗରେ ଏହା ବଡ଼ ଚ୍ୟାଲେଞ୍ଜ ରୂପେ ଉଭା ହୋଇଛି। ୟୁକ୍ରେନ୍ ଯୁଦ୍ଧକୁ ନେଇ ଇଣ୍ଡୋନେସିଆର ବାଲିରେ ହୋଇଥିବା ଆଲୋଚନାକୁ ସ୍ମରଣ କରି ଜାତୀୟ ଆଭିମୁଖ୍ୟ ଏବଂ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି) ତଥା ଜାତିସଂଘ ସାଧାରଣ ସଭାରେ ଗୃହୀତ ସଂକଳ୍ପନାମାକୁ ଉକ୍ତ ଘୋଷଣାନାମାରେ ଦୋହରାଯାଇଛି। ଜାତିସଂଘ ଚାର୍ଟରର ଲକ୍ଷ୍ୟ ଓ ସିଦ୍ଧାନ୍ତଗୁଡ଼ିକୁ ନେଇ ସବୁ ରାଷ୍ଟ୍ର କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହିକ୍ରମରେ ଅନ୍ୟ କୌଣସି ରାଷ୍ଟ୍ରର ଭୂଖଣ୍ଡ ଉପରେ ମାଡ଼ିବସିବା କିମ୍ବା ତା'ର କ୍ଷେତ୍ରୀୟ ଅଖଣ୍ଡତା ଓ ସାର୍ବଭୌମତ୍ୱ କିମ୍ବା ରାଜନୈତିକ ସ୍ୱାଧୀନତା ଛଡ଼ାଇନେବା ଉଦ୍ଦେଶ୍ୟରେ ଧମକ ଦେବା ଅଥବା ବଳ ପ୍ରୟୋଗ କରିବାରୁ ସବୁ ରାଷ୍ଟ୍ର ନିଜକୁ ଦୂରେଇ ରଖିବେ। ଆଣବିକ ଅସ୍ତ୍ର ପ୍ରୟୋଗ କିମ୍ବା ବ୍ୟବହାର ନେଇ ଧମକ ଦେବା ଆଦୌ ଗ୍ରହଣୀୟ ନୁହେଁ ବୋଲି ଏଥିରେ ସ୍ପଷ୍ଟ କରାଯାଇଛି।

**ଭୂରାଜନୈତିକ ଉତ୍ତେଜନା, ଯୋଗାଣ ଶୃଙ୍ଖଳ**

ଘୋଷଣାନାମାରେ ଆହୁରି ଉଲ୍ଲେଖ କରାଯାଇଛି ଯେ, ଜି୨୦ ହେଉଛି ଅନ୍ତର୍ଜାତୀୟ ଆର୍ଥିକ ସହଯୋଗର ଏକ ଅଗ୍ରଣୀ ମଞ୍ଚ। ଭୂରାଜନୈତିକ ଓ ସୁରକ୍ଷା ପ୍ରସଙ୍ଗଗୁଡ଼ିକର ସମାଧାନ ପାଇଁ ଜି୨୦ ଉଦ୍ଦିଷ୍ଟ ନୁହେଁ। ତେବେ ବିଶ୍ୱ ଅର୍ଥନୀତି ଉପରେ ଏହି ପ୍ରସଙ୍ଗଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଥିବା ବିଷୟ ଘୋଷଣାନାମାରେ ସ୍ୱୀକାର କରାଯାଇଛି। ୟୁକ୍ରେନ୍ ଯୁଦ୍ଧ ପରିପ୍ରେକ୍ଷୀରେ ମାନବୀୟ ଦୁର୍ଦ୍ଦଶା ଏବଂ ବୈଶ୍ୱିକ ଖାଦ୍ୟ, ଶକ୍ତି ସୁରକ୍ଷା, ଯୋଗାଣ ଶୃଙ୍ଖଳ, ସମଷ୍ଟିଗତ ଆର୍ଥିକ ସ୍ଥିରତା, ମୁଦ୍ରାସ୍ଫୀତି ଓ ଅଭିବୃଦ୍ଧି ଉପରେ ନକାରାତ୍ମକ ପ୍ରଭାବକୁ ଏଥିରେ ରେଖାଙ୍କିତ କରାଯାଇଛି। ସେହିପରି ରୁଷିଆ ଏବଂ ୟୁକ୍ରେନ୍ ମଧ୍ୟରେ କୃଷ୍ଣସାଗର ଦେଇ ଖାଦ୍ୟ ରପ୍ତାନି ଉପରେ ତୁର୍କୀ ଓ ଜାତିସଂଘ ମଧ୍ୟସ୍ଥତାରେ ଚାଲିଥିବା ଉଦ୍ୟମକୁ ନୂଆଦିଲ୍ଲୀ ଘୋଷଣାନାମା ପ୍ରଶଂସା କରିଛି।

**ଦୁର୍ବଳ ବର୍ଗଙ୍କୁ ସହାୟତା**

ବିଶ୍ୱ ଅର୍ଥନୀତିର ସ୍ଥିତିରେ ଉନ୍ନତି ଆଣିବା ପାଇଁ ଏକ ଦୃଢ଼, ନିରନ୍ତର, ସନ୍ତୁଳିତ ଏବଂ ସମାବେଶୀ ଅଭିବୃଦ୍ଧିକୁ ଗୁରୁତ୍ୱ ଦିଆଯାଇଛି। ଦୀର୍ଘକାଳୀନ ଅଭିବୃଦ୍ଧି ଆଗରେ ଆହ୍ୱାନ ସୃଷ୍ଟି ହୋଇଥିବାରୁ ମୁକାବିଲା ପାଇଁ ଉପାୟ ମଧ୍ୟ ଦୀର୍ଘକାଳୀନ ହେବା ଆବଶ୍ୟକ। ତେଣୁ ସୁଚିନ୍ତିତ ସମଷ୍ଟିଗତ ଓ ଢାଞ୍ଚାଗତ ନୀତିଗୁଡ଼ିକୁ କାର୍ଯ୍ୟକାରୀ କରାଯିବ। ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଅଭିବୃଦ୍ଧିରେ ସମାନତା ଅଣାଯିବ। ଏଭଳି ପଦକ୍ଷେପ ଜୀବନ ଧାରଣ ପାଇଁ ବ୍ୟୟ ସଙ୍କଟକୁ ଦୂର କରିବ। ଏହି ଅବସରରେ ୨୦୨୧ ଏପ୍ରିଲରେ ଜି୨୦ ରାଷ୍ଟ୍ରଗୁଡ଼ିକର ଅର୍ଥମନ୍ତ୍ରୀ ଏବଂ କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ନରମାନଙ୍କ ପ୍ରତିଶ୍ରୁତିବଦ୍ଧତାକୁ କାର୍ଯ୍ୟକାରୀ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଛି।

**ଷ୍ଟାର୍ଟ-ଅପ୍ସ ଏବଂ ଏମ୍‌ଏସ୍‌ଏମ୍‌ଇ**

ଷ୍ଟାର୍ଟ-ଅପ୍ସ ଏବଂ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)ଗୁଡ଼ିକ ହେଲେ ବିକାଶର ପ୍ରାକୃତିକ ଇଞ୍ଜିନ୍। ସେମାନେ ସାମାଜିକ-ଅର୍ଥନୈତିକ ପରିବର୍ତ୍ତନରେ ବଡ଼ ଭୂମିକା ନେଇ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥାଆନ୍ତି। ତେଣୁ ଭାରତର ଜି୨୦ ଅଧ୍ୟକ୍ଷତା ଅବଧି ମଧ୍ୟରେ ଷ୍ଟାର୍ଟ-ଅପ୍ ୨୦ ଏନ୍‌ଗେଜ୍‌ମେଣ୍ଟ ଗ୍ରୁପ୍ ପ୍ରତିଷ୍ଠାକୁ ଏଥିରେ ସ୍ୱୀକୃତି ପ୍ରଦାନ ପୂର୍ବକ ପ୍ରଶଂସା କରାଯାଇଛି।

**ଅଭିବୃଦ୍ଧି ପାଇଁ ବାଣିଜ୍ୟକୁ ଗୁରୁତ୍ୱ**

ବିଶ୍ୱ ବାଣିଜ୍ୟ ସଙ୍ଗଠନ (ଡବ୍ଲ୍ୟୁଟିଓ) ତତ୍ତ୍ୱାବଧାନରେ ଏକ ନିୟମଭିତ୍ତିକ, ଭେଦଭାବରହିତ, ନିରପେକ୍ଷ, ମୁକ୍ତ, ସମାବେଶୀ, ନିରନ୍ତର ଓ ସ୍ୱଚ୍ଛ ବହୁପାକ୍ଷିକ ବାଣିଜ୍ୟିକ ବ୍ୟବସ୍ଥା ପ୍ରତିଷ୍ଠା କରିବା ଅପରିହାର୍ଯ୍ୟ ହୋଇପଡ଼ିଛି। ବାଣିଜ୍ୟ ଓ ନିବେଶକୁ ଅଭିବୃଦ୍ଧି ତଥା ସମୃଦ୍ଧିର ଇଞ୍ଜିନ ରୂପେ କାମରେ ଲଗାଇବା ପାଇଁ ଉଦ୍ଦିଷ୍ଟ ନୀତିଗୁଡ଼ିକୁ ଜି୨୦ ସମର୍ଥନ କରିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଶୁକ୍ର ନକ୍ଷତ୍ରସ୍ଥ ରବି ପ୍ରତ୍ୟେକ ସମସ୍ୟାକୁ ହାଲୁକା ଭାବରେ ଗ୍ରହଣ ସକାଶେ ଅନୁପ୍ରେରିତ କରିବ। ନିଜର ଅଧିକାରକୁ ଜୋରଜବରଦସ୍ତ ଅନ୍ୟ ଉପରେ ସାବ୍ୟସ୍ତ କରିପାରିବେ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ସାମାଜିକ ସ୍ତରରେ ନିଜର ଗୌଣ ଭୂମିକା ହେତୁ ହୀନମନ୍ୟତା ଅନୁଭବ କରିପାରନ୍ତି।

**ବୃଷ**
ତୃତୀୟ ଭାବରେ ଚନ୍ଦ୍ରଙ୍କ ସହ ଶୁକ୍ର ରହିଥିବାରୁ କିଛି ପାଇବାର ଅଭିଳାଷ ରଖି କୌଣସି ବ୍ୟକ୍ତି ଅଯଥାରେ ଆପଣଙ୍କୁ ପ୍ରଶଂସା କରିପାରେ। ଅର୍ଥ ଅଭାବକୁ ସ୍ୱତଃପ୍ରବୃତ୍ତ ଭାବରେ ଜଣେ ଭଲ ସମ୍ପର୍କ ରହିଥିବା ବନ୍ଧୁ ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇପାରନ୍ତି। ବହୁତ ଦିନରୁ ପ୍ରତୀକ୍ଷା କରିଥିବା ଖବରଟିକୁ ହଠାତ୍ ପାଇ ଉତ୍ଫୁଲ୍ଲିତ ହୋଇଯିବେ।

**ମିଥୁନ**
ରବି ସ୍ୱଗୃହୀ ହେତୁ ନିଜ ପାଇଁ କିଛି ନ କରି ଅନ୍ୟ ଲାଗି କିଛି କରିବା ଲାଗି ପ୍ରଭାବିତ କରିବେ। ପୁନର୍ବସୁ ନକ୍ଷତ୍ର ଭାବବିଭୋର ହୋଇ କାମ କରିବେ, କିନ୍ତୁ ଆଶାନୁରୂପ ଫଳ ପାଇବେ ନାହିଁ। ଆଜିର ଯାତ୍ରାରେ ସତର୍କ ନ ରହିଲେ କିଛି ହଜାଇ ଦେଇପାରନ୍ତି। ଅଫିସରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ।

**କର୍କଟ**
ମଙ୍ଗଳଙ୍କ ପ୍ରଭାବରେ ସାଧାରଣ କଥାରେ ଅଧୈର୍ଯ୍ୟ ଲାଗୁଥିଲେ ମଧ୍ୟ ପ୍ରତ୍ୟେକ କାମ ବିଳମ୍ବରେ ହେଉଥିବାରୁ ଆଗ୍ରହ ରହିବ ନାହିଁ। ନିର୍ମାଣାଧୀନ କାମ ଆଗେଇ ଚାଲିବ, କିନ୍ତୁ ସମସ୍ୟା ଓ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିପାରେ। ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ପରର ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ।

**ସିଂହ**
ଦ୍ୱାଦଶସ୍ଥ ଚନ୍ଦ୍ରଜନିତ ଅଧିକାଂଶ କ୍ଷେତ୍ରରେ ମନୋବଳ କ୍ରମଶଃ ହ୍ରାସ ପାଇପାରେ। ଆନୁଷ୍ଠାନିକ କାମରେ ପ୍ରଶଂସା ମିଳିଲେ ମଧ୍ୟ ପାରିବାରିକ କ୍ଷେତ୍ରରେ ଟେନସନ୍ କିଛି ମାତ୍ରାରେ ରହିବ। ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ବନ୍ଧୁଙ୍କ ସହାୟତାରେ ଧାରସୂତ୍ରରେ ଅର୍ଥ ପାଇପାରନ୍ତି।

**କନ୍ୟା**
ଆଜି ପରିବାରର କଥା ନେଇ ବିଭିନ୍ନ ପ୍ରକାରର ଆଲୋଚନା କରିବେ। ମିତ୍ରମାନଙ୍କ ଉପରେ ସବୁ ଦାୟିତ୍ୱ ଲଦି ଦେଇ ନିଜେ ଚୁପ୍‌ଚାପ୍ ବସିବା ଠିକ୍ ହେବନି। ମଙ୍ଗଳଙ୍କ କୁପ୍ରଭାବରୁ ବିବାଦୀୟ ଘଟଣାରେ ମଧ୍ୟସ୍ଥତା କରି ଅପମାନିତ ହୋଇପାରନ୍ତି। ମାତ୍ରାଧିକ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିବେ।

**ତୁଳା**
ରାଶି ପ୍ରତି ପାପଗ୍ରହଙ୍କ ଦୃଷ୍ଟି ଥିବାରୁ ନିଜର ଫାଇଦା ହାସଲ କରିବା କଷ୍ଟକର ହୋଇପାରେ। ଶନିଙ୍କ କୃପାରୁ ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇ ପାରନ୍ତି। ବ୍ୟୟ ଭାର କ୍ରମଶଃ କମିକମି ଆସିବା ସାଙ୍ଗକୁ ଦୁର୍ବଳ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପରିବାରରେ ଭୁଲ୍ ବୁଝାମଣା ହେତୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**ବିଛା**
ସମୟ ବିଶେଷ ଖରାପ ନ ଥିଲେ ମଧ୍ୟ ନିଜର ଅବହେଳା କାରଣରୁ ସୁଯୋଗ ହରାଇ ପାରନ୍ତି। ଚତୁର୍ଥ କେନ୍ଦ୍ରସ୍ଥ ଶନିଙ୍କ ଯୋଗୁ ପରିବାରରେ ସମସ୍ୟାଗୁଡ଼ିକର ସମାଧାନ କରିବେ। କର୍ମକ୍ଷେତ୍ର ପ୍ରତି ଉଦାସୀନ ରହିପାରନ୍ତି। ଆନୁଷ୍ଠାନିକ କିମ୍ବା ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ଅର୍ଥନୈତିକ ପ୍ରଗତିରେ ମାନସିକ ସ୍ଥିତି ଭଲ ରହିବ।

**ଧନୁ**
ଅଷ୍ଟମସ୍ଥ ଗ୍ରହ ପ୍ରଭାବରୁ ପ୍ରତିକୂଳ ବାତାବରଣ ଲାଗି ରହିଥିଲେ ମଧ୍ୟ ଲକ୍ଷ୍ୟ ହାସଲରେ ଅସୁବିଧା ହେବ ନାହିଁ। ଯାତ୍ରା, ବ୍ୟବସାୟ ପାଇଁ ଦିନଟି ବହୁତ ଭଲ। ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ଲାଗି ସଂଘର୍ଷ କରିବେ। ସାହିତ୍ୟ, ସାମ୍ବାଦିକତା, ରାଜନୀତି, ଆଇନ ଅଦାଲତ ଓ ଗବେଷଣା କ୍ଷେତ୍ରରେ ଲକ୍ଷ୍ୟ ପୂରଣ ହେବ।

**ମକର**
ମନ ଚାହୁଁ ନ ଥିଲେ ମଧ୍ୟ ଆଜି ଭିନ୍ନ ପରିସ୍ଥିତିରେ ପଡ଼ି ରଣ କରିବାକୁ ବାଧ୍ୟ ହେବେ। ଅନ୍ୟମାନଙ୍କ କଥାକୁ ଉପେକ୍ଷା ନ କରିପାରି ଦୂର ସ୍ଥାନକୁ ଯିବା ପାଇଁ ବାଧ୍ୟ ହୋଇ ପାରନ୍ତି। ଗୁରୁଜନମାନଙ୍କ କୃପାପାତ୍ର ହେବା କାରଣରୁ କେତେକ ସମସ୍ୟା କ୍ରମଶଃ ଅପସରିଯିବ। ସପ୍ତମସ୍ଥ ଶୁକ୍ର ଓ ଚନ୍ଦ୍ରଜନିତ ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**କୁମ୍ଭ**
ସପ୍ତମସ୍ଥ ଗ୍ରହମାନେ ଆପଣଙ୍କୁ ବାଣିଜ୍ୟ, ବ୍ୟବସାୟ, ଦୂରଯାତ୍ରା କ୍ଷେତ୍ରରେ ଅନୁକୂଳ ପରିବେଶ ସୃଷ୍ଟି କରିବେ। ବହୁ ଚେଷ୍ଟା କଲେ ମଧ୍ୟ ଭାଙ୍ଗି ପଡ଼ିଥିବା ସମ୍ପର୍କ ଯୋଡ଼ିବା କଷ୍ଟକର ହେବ। କର୍ମକ୍ଷେତ୍ରରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। ହିତୈଷୀମାନେ ବହୁତ ପ୍ରକାରର ଉପଦେଶମୂଳକ କଥା କହିପାରନ୍ତି।

**ମୀନ**
ରାଶ୍ୟାଧିପ ପାପଗ୍ରସ୍ତ ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ କାମ କରନ୍ତୁ, ନଚେତ୍ ଆକସ୍ମିକ ଭାବେ କଳହର ସମ୍ମୁଖୀନ ହୋଇପାରନ୍ତି। ଭୁଲ୍ ବୁଝାମଣାରୁ ପରିବାର ଭିତରେ ଅଶାନ୍ତ ପରିବେଶ ସୃଷ୍ଟି ହୋଇପାରେ। କଳା, ସାହିତ୍ୟ, ଚଳଚ୍ଚିତ୍ର, ସଙ୍ଗୀତ, ରାଜନୀତି, ପ୍ରଶାସନ ପାଇଁ ଦିନଟି ଭଲ। ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହେବ।

ଆଜି ଭାଦ୍ରବ କୃଷ୍ଣପକ୍ଷର ବୈଷ୍ଣବସମ୍ମତ ପକ୍ଷବର୍ଦ୍ଧିନୀ ଏକାଦଶୀ ସୋମବାର, ଶ୍ରୀମନ୍ଦିରରେ ପ୍ରଳମ୍ବାସୁର ବଧ ବେଶ, ସେପ୍ଟେମ୍ବର ୧୧ ତାରିଖ, ବିଶ୍ୱ ଭ୍ରାତୃତ୍ୱ ଦିବସ, ରାଶି ନକ୍ଷତ୍ର- ପୁଷ୍ୟା/କର୍କଟ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୬ ଗତେ ଘ.୦୭।୦୮ ମଧ୍ୟେ, ଘ.୧୦।୩୦ ଗତେ ଘ.୧୨।୫୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୭।୦୮ ଗତେ ଘ.୦୮।୪୦ ମଧ୍ୟେ ରାହୁକାଳ।

# ପୁରସ୍କାର ବ୍ୟକ୍ତିର ଅନାବଶ୍ୟକତାର ଉପଲବ୍ଧି କରାଏ

ଓଡ଼ିଶାର ନାଟକ କ୍ଷେତ୍ରର ଜଣେ ବିଶିଷ୍ଟ ବ୍ୟକ୍ତିତ୍ୱ ଅନନ୍ତ ମହାପାତ୍ର। ଟେଲିଭିଜନ୍, ଫିଲ୍ମ, ରେଡିଓ ସହ ୟୁଟ୍ୟୁବରେ ମଧ୍ୟ ସେ ଶୁଣାଉଛନ୍ତି ନାଟକୀୟ କାହାଣୀ। ରଚନା, ନିର୍ଦ୍ଦେଶନା ଓ ଅଭିନୟ ମାଧ୍ୟମରେ ୨୦୧୫ ନଭେମ୍ବର ସୁଦ୍ଧା ୧୦୦ରୁ ଅଧିକ ନାଟକରେ ସେ ନିଜର ଛାପ ଛାଡ଼ିଛନ୍ତି। ଆଗକୁ ତାଙ୍କ ଦ୍ୱାରା ନିର୍ଦ୍ଦେଶିତ 'ଭାବାନ୍ତର' ଚଳଚ୍ଚିତ୍ର ରିଲିଜ ହେବାକୁ ଯାଉଥିବାବେଳେ 'ମନ୍ମଥ ମନୋଜ ଦାସ' ନାମରେ ଏକ ଡକୁମେଣ୍ଟାରୀ ଓ 'ସ୍ମୃତି' ନାମକ ଫିଲ୍ମ ଉପରେ ସେ ଏବେ କାର୍ଯ୍ୟ ଜାରି ରଖିଛନ୍ତି। ତାଙ୍କର ୨ ଅନୁଷ୍ଠାନ 'ସୃଜନୀ', 'ଉତ୍କଳ ରଙ୍ଗମଞ୍ଚ ଟ୍ରଷ୍ଟ' ଦ୍ୱାରା ସେ ନାଟକ କ୍ଷେତ୍ରକୁ ବେଶ୍ ଅବଦାନ ଦେଇଛନ୍ତି। ତାଙ୍କ ଦ୍ୱାରା ନିର୍ଦ୍ଦେଶିତ ଫିଚର୍ ଫିଲ୍ମ ମାମୁ ୧୯୮୨ରେ ଦୂରଦର୍ଶନରେ ହିନ୍ଦୀ ଏବଂ ଓଡ଼ିଆରେ ପ୍ରସାରିତ ହୋଇଥିଲା। ସେ ୨୦୧୬ରେ ସେକ୍ସପିୟର୍ ଫେଷ୍ଟିଭାଲ୍ ଆୟୋଜନ କରିଥିଲେ। ନିକଟରେ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ୨୦୨୩ରେ ତାଙ୍କୁ ସମ୍ମାନିତ କରାଯାଇଛି। ଏହି ଅବସରରେ ତାଙ୍କ ସହ ଏଥରର ଧରିତ୍ରୀ ଆଳାପ।

–ସାକ୍ଷାତ୍: ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର


ଅନନ୍ତ ମହାପାତ୍ର

**■ ଗୁରୁ କେଳୁଚରଣ ପୁରସ୍କାର ୨୦୨୩ ପାଇଁ ଆପଣଙ୍କୁ ଶୁଭେଚ୍ଛା। ଭାବୁଛନ୍ତି କି ଏହି ପୁରସ୍କାର ଆପଣଙ୍କୁ ବିଳମ୍ବରେ ମିଳିଛି?**

ନା ମୁଁ କେବେ ଭାବିନି। ଭାଗ୍ୟରେ ଯାହା ଯେତେବେଳେ ଥାଏ ତାହା ସେତେବେଳେ ହୁଏ। ଗୁରୁ କେଳୁଚରଣ ପୁରସ୍କାର ପାଇଁ ବହୁତ ଆଗରୁ ମୋତେ କହିଥିଲେ। ସାଧାରଣତଃ ମୁଁ ପୁରସ୍କାର ଗ୍ରହଣ କରେନାହିଁ। ଜଣେ ସୃଜନଶୀଳ ବ୍ୟକ୍ତି ପାଇଁ ପୁରସ୍କାର କିମ୍ବା ସମ୍ମାନ ବେଳେବେଳେ ଉପଲବ୍ଧି କରାଏ ଯେ, ସେ ବ୍ୟକ୍ତିର ଆଉ କୌଣସି ଆବଶ୍ୟକତା ନାହିଁ। ଅର୍ଥାତ୍ ଭାବନ୍ତି ଯେ, ସେ ସୃଜନଶୀଳ ଶକ୍ତିର ଶୀର୍ଷରେ ପହଞ୍ଚିଯାଇଛି, ଯାହା ଗୋଟିଏ ନକାରାତ୍ମକ ପ୍ରଭାବ ପକାଇପାରେ। ସେଥିପାଇଁ ମୁଁ ଯାହା କରେ ଭାବେ, ତାହା ଯଥାର୍ଥ ଭାବେ କରିପାରିଲି କି ନାହିଁ।

**■ ତା'ହେଲେ ଏହି ପୁରସ୍କାର କାହିଁକି ଗ୍ରହଣ କଲେ?**

କେଳୁଚରଣଙ୍କ ସହ ମୋର ସମ୍ପର୍କ ବହୁତ ପୁରୁଣା। ଜୁରୀର ଚେୟାରମ୍ୟାନ୍ ଥିଲି। ୧୦ବର୍ଷ ପରେ ଯେବେ ଛାଡ଼ିଲି ସେମାନେ କହୁଥିଲେ, ମୁଁ ମନା କରୁଥିଲି। ଏବେ ପୁଣି ବହୁତ କରି କହିବାରୁ ଗ୍ରହଣ କଲି। ମାତ୍ର ପୁରସ୍କାର କିମ୍ବା ସମ୍ମାନ ମୋ ପାଇଁ ବିଶେଷ ଗୁରୁତ୍ୱ ରଖେ ନାହିଁ।

**■ ଏବେ ନାଟକର ସ୍ଥିତି କିଭଳି ଦେଖୁଛନ୍ତି?**

ନାଟକ ବହୁତ ହେଉଛି। ପ୍ରଥମ କଥା ଟିକେଟ ଶୋ ହେଉନାହିଁ। ଯେଉଁଥିପାଇଁ ପେସାଦାରି ମନୋବୃତ୍ତି ଆସୁନାହିଁ। ଦ୍ୱିତୀୟରେ ଯେଉଁ ପ୍ରକାରର ସଂଗଠନ, ପ୍ରସ୍ତୁତି, ଉପସ୍ଥାପନା ଦରକାର, ତାହା ଠିକ୍ ଭାବେ ହେଉନାହିଁ। ସେଥିପାଇଁ ଦର୍ଶକ ଦେଖିବାକୁ ଯାଉନାହାନ୍ତି। ଟେଲିଭିଜନ, ଫିଲ୍ମ ଏମିତିକି ଯାତ୍ରା ଦେଖିବାକୁ ଲୋକ ପଇସା ଦେଉଛନ୍ତି। କିନ୍ତୁ ନାଟକ ପାଇଁ ଦେଉନାହାନ୍ତି। ଟିକେଟ ନ ହେଲେ କଳାକାରର ପେସା ହେବନି। ଆଉ ପେସାଦାରି ହୋଇପାରିବ ନାହିଁ। ପେସାଦାରି ମନୋବୃତ୍ତି କେବଳ କଳାକାର ନୁହେଁ, ଦର୍ଶକଙ୍କ ପାଇଁ ମଧ୍ୟ ଆବଶ୍ୟକତା ରହିଛି।

**■ ନାଟକ କ୍ଷେତ୍ରରେ ଯୁବପିଢ଼ିଙ୍କୁ କିଭଳି ଆଗ୍ରହୀ କରିହେବ?**

ଯୁବକମାନଙ୍କ ପାଖେ ବେଶି ନିଷ୍ଠା ରହିଛି। ଆମ ସମୟରେ ବହୁତ କମ୍ ଥିଲେ, ଯେଉଁମାନେ ନିର୍ଦ୍ଦେଶନା ଦେଉଥିଲେ। ଏବେ ବେଶି। ସେମାନଙ୍କ ପାଇଁ ନାଟ୍ୟଶାଳାର ଆବଶ୍ୟକତା ସବୁବେଳେ ରହିଛି। ଯେଉଁମାନେ ୧୦ବର୍ଷ ଅଭିନୟ କରି ସାରିଛନ୍ତି, ସେମାନଙ୍କ ପାଇଁ ମଧ୍ୟ ଆବଶ୍ୟକ ଅଛି। କାରଣ ଅଭିନୟର କେବେ ସୀମା କିଛି ନାହିଁ।

**■ ଆବଶ୍ୟକ ପରିମାଣରେ କର୍ମଶାଳା ହେଉଛି କି?**

ହେଉନି। ସେଥିପାଇଁ ତ ନାଟକର ସ୍ଥିତି ଭଲ ନାହିଁ। ପ୍ରଦର୍ଶନ ଉଚ୍ଚକୋଟୀର ହେଉନାହିଁ। ଯେଉଁଥିପାଇଁ ଦର୍ଶକ ନିରାଶ ହେଉଛନ୍ତି। ବର୍ତ୍ତମାନ ନାଟକ ହେଉଛି, କିନ୍ତୁ ଦର୍ଶକ କମ୍।

**■ ଆପଣଙ୍କ ଟ୍ରଷ୍ଟ ପକ୍ଷରୁ ପ୍ରତିଦିନ ନାଟକ ପରିବେଷଣ ହେଉଥିଲା। ୨୦୦୫ରୁ ଏହା ବନ୍ଦ କାହିଁକି ହୋଇଗଲା?**

ସରକାର ଭଞ୍ଜକଳା ମଣ୍ଡପ ଲିଜ୍‌ରେ ଦେଉଥିଲେ। ପୁଣି ବନ୍ଦ କରିଦେଲେ। ସେଥିପାଇଁ ବନ୍ଦ ହୋଇଗଲା। ମୁଁ କାହାକୁ ଦୋଷ ଦେଉନାହିଁ।

**■ ଆପଣଙ୍କ ନାଟକରେ କାହାକୁ ପ୍ରାଧାନ୍ୟ ଦିଅନ୍ତି?**

ଚରିତ୍ର। କେଉଁ ଚରିତ୍ର, କିପରି ଭାବରେ ହେବା ଉଚିତ୍। ସେହି ଅନୁପାତରେ କି କି ଘଟଣା ଘଟିଲେ ଦର୍ଶକଙ୍କ ମନକୁ ଛୁଇଁପାରିବ।

**■ ସ୍ମରଣୀୟ ଦର୍ଶକ ପ୍ରତିକ୍ରିୟା?**

ତାପସ ସେନ୍ ବୋଲି ଜଣେ ଲାଇଟ୍ ଇଞ୍ଜିନିୟର୍ ଥିଲେ। ସେ କଲିକତାରୁ ଆସିଥିଲେ। ସେ ମୋର ନାଟକ ଦେଖି କହିଥିଲେ, କଟକର ନାରୀ ମହଲ ସଦନରେ ଆପଣ ଯେ ଏଭଳି ନାଟକ କରିପାରିବେ ମୁଁ କେବେ ଭାବି ନ ଥିଲି। ଆମେ କଲିକତାରେ ବି ଭାବି ପାରୁନୁ ଏମିତି କରିପାରିବୁ ବୋଲି। କିନ୍ତୁ ଦୁଃଖ ଯେ, ସମସ୍ତେ ଭଲ ହୋଇଛି ବୋଲି ହିଁ କୁହନ୍ତି।

**■ ଅବସର ସମୟରେ କ'ଣ କରନ୍ତି?**

ଫାଙ୍କା ସମୟ ବେଶି ପାଏନି। କିନ୍ତୁ ସକାଳେ ଧ୍ୟାନ, ରାତିରେ ନାଟକ, ଟେଲିଭିଜନ ଆଉ ସନ୍ଧ୍ୟାରେ ସାଙ୍ଗମାନଙ୍କ ସହ ଆସର ହୁଏ।

**■ କ'ଣ ପଢ଼ିବାକୁ ଭଲ ପାଆନ୍ତି?**

ସମୟ ଅନୁସାରେ ପଢ଼େ। ଫକୀର ମୋହନ, ହାଏସ୍ ରବିନ୍ଦ୍ର, ସେକ୍ସପିୟରଙ୍କ କାହାଣୀ ଭଲ ଲାଗେ। ପ୍ରତ୍ୟେକ ମାସରେ ୫ଟା ପୁସ୍ତକ କିଣେ।

**■ ନିକଟରେ କେଉଁ ପୁସ୍ତକ ପଢ଼ିଛନ୍ତି?**

ଜୋଆରଦାରଙ୍କର ମନୁଆ ପୁସ୍ତକର ଇଂଲିଶ ଅନୁବାଦ 'ଫଲୋଇଙ୍ଗ ମାଇଁ ହାର୍ଟସ୍' ପୁସ୍ତକ।

**■ କ'ଣ ଖାଇବାକୁ ଭଲ ପାଆନ୍ତି?**

ଚିକେନ୍ ରୋଷ୍ଟ ଆଉ ଚାଇନିଜ୍ ଚାଓଚାଓ

**■ ଜୀବନରେ କିଛି ଅବସୋସ ରହିଛି କି ?**

ନା ନାହିଁ। ଦୁଃଖରେ ଦୁଃଖୀ ନୁହେଁ। ସୁଖରେ ସୁଖୀ ନୁହେଁ। ଭାଗ୍ୟରେ ଯାହା ଅଛି ତାହାକୁ ଗ୍ରହଣ କରେ।

# ଗଛରେ ଶାଢ଼ୀ ବାନ୍ଧି ମହିଳାଙ୍କ ଆତ୍ମହତ୍ୟା

କଟକ ସଦର,୧୦।୯(ସୁଶାନ୍ତ କୁମାର ଜେନା)

କିଶନନଗର ଥାନା ଅନ୍ତର୍ଗତ ବୋଧପୁର ଗ୍ରାମର ଜଳିପ୍ରିୟା ଦାସ(୪୧)ଘର ନିକଟ ଦେବଦାରୁ ଗଛରେ ଶାଢ଼ୀ ବାନ୍ଧି ରବିବାର ଆତ୍ମହତ୍ୟା କରିଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଛି। ଆର୍ଥିକ ଅନଟନ ଓ ଋଣଗ୍ରସ୍ତ ହୋଇ ମହିଳା ଜଣଙ୍କ ଏଭଳି ଚରମ ପଦକ୍ଷେପ ନେଇଥିବା ପୋଲିସ ଅନୁମାନ କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୭/୨୩) ରୁଜୁ ହୋଇଛି।




# କଟକରେ ମହିଳାଙ୍କୁ ଛୁରାମାଡ଼

କଟକ,୧୦।୯ (କାର୍ତ୍ତିକ ସାହୁ)

କଟକ ପୁରୀଘାଟ ଥାନା ଅଧୀନ ଦୋଳମୁଣ୍ଡାଇ ଅଞ୍ଚଳର ଏକ ବିୟୁଟି ପାର୍ଲରରେ ରବିବାର ଅପରାହ୍ନରେ ଜଣେ ମହିଳାଙ୍କୁ ଛୁରାମାଡ ହୋଇଛି। ସେ ହେଲେ ଏହି ଥାନା ଅଧୀନ ତେଲେଙ୍ଗାବଜାର ଅଞ୍ଚଳର ସୁଚିତ୍ରା ଖଟୁଆ(୪୦)। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଛୁରାମାଡ଼ କରି ଦୁର୍ବୃତ୍ତ ଜଣଙ୍କ ଫେରାର ହୋଇଯାଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲା ଷଠିଲୋ ଶିଶୁଆରେ ସୁଚିତ୍ରା ବିବାହ କରିଥିଲେ। ହେଲେ ସେ ବାପଘର ତେଲେଙ୍ଗାବଜାରରେ ରହି ଦୋଳମୁଣ୍ଡାଇ ଅଞ୍ଚଳରେ ଥିବା ଏକ ବିୟୁଟି ପାର୍ଲରରେ କାମ କରନ୍ତି। ରବିବାର ଅପରାହ୍ନ ପ୍ରାୟ ସାଢ଼େ ୨ଟାରେ ସେ ପାର୍ଲରରେ ଏକୁଟିଆ ଥିବାବେଳେ ଜଣେ ଦୁର୍ବୃତ୍ତ ମୁହଁରେ ମାସ୍କ ପିନ୍ଧି ତାଙ୍କ ନିକଟରେ ପହଞ୍ଚିଥିଲେ। ସେଠାରେ କୌଣସି କଥାକୁ ନେଇ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହାପରେ ଦୁର୍ବୃତ୍ତ ଜଣଙ୍କ ହଠାତ୍ ଛୁରି ବାହାର କରି ସୁଚିତ୍ରାଙ୍କୁ ଆକ୍ରମଣ କରିଥିଲେ। ସେ ଆକ୍ରମଣରୁ ବର୍ତ୍ତିବାକୁ ଉଦ୍ୟମ କରିଥିଲେ ମଧ୍ୟ


ଆହତ ସୁଚିତ୍ରା ଖଟୁଆ

ସମ୍ଭବ ହୋଇ ନ ଥିଲା। ଛୁରାମାଡ଼ ପରେ ସୁଚିତ୍ରାଙ୍କ ଚିତ୍କାର ଶୁଣି ଲୋକେ ଦୌଡ଼ି ଆସିଥିବାବେଳେ ଦୁର୍ବୃତ୍ତ ଜଣଙ୍କ ସେଠାରୁ ଖସି ପଳାଇଥିଲେ। ସ୍ଥାନୀୟ ଲୋକେ ସୁଚିତ୍ରାଙ୍କୁ ମେଡିକାଲ ପଠାଇବା ସହ ପୋଲିସକୁ ସୂଚନା ଦେଇଥିଲେ। ଛୁରାମାଡ଼ର କାରଣ ଅସ୍ପଷ୍ଟ ଥିବାବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏଭଳି ଘଟଣା ଘଟିଥିବା ଅନୁମାନ କରାଯାଉଛି। ପୁରୀଘାଟ ଥାନା ଅଧିକାରୀ ଯତୀନ୍ଦ୍ର ନାଥ ସେଠୀ କହିଛନ୍ତି, ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଛୁରାମାଡ଼ କରିଥିବା ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ କରାଯାଉଛି ବୋଲି ସେ କହିଛନ୍ତି।

# ୱାର୍ଡସଭ୍ୟ, ସମିତିସଭ୍ୟଙ୍କୁ ମାଡ଼ ମାରିଲେ ଏଏସ୍ଆଇ

**■ କାର୍ଯ୍ୟାନୁଷ୍ଠାନ ଦାବିରେ ୩ ଘଣ୍ଟା ଥାନା ଘେରାଉ**

**■ ଏଏସ୍ଆଇଙ୍କୁ ନିଲମ୍ବନ କଲେ ଏସ୍‌ପି**

ନିରାକାରପୁର,୧୦।୯(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନାର ଏଏସ୍ଆଇ ନିରଞ୍ଜନ ମହାନ୍ତିଙ୍କ ପଥର ମାଡ଼ରେ ଜଣେ ୱାର୍ଡସଭ୍ୟ ତଥା ଖବରକାଗଜ ବିତରକଙ୍କ ମୁଣ୍ଡ ଫାଟିଛି। ସେ ହେଲେ ଜଙ୍କିଆ ପଞ୍ଚାୟତ ଅନ୍ତର୍ଗତ ୫ନମ୍ବର ୱାର୍ଡ ସଭ୍ୟ ନବ କିଶୋର ହରିଚନ୍ଦନ। ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱର ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ସେହିପରି ଘଟଣା ସମ୍ପର୍କରେ ବୁଝିବାକୁ ଥାନାକୁ ଯାଇଥିବା ସମିତିସଭ୍ୟ ଈଶ୍ୱର ଚନ୍ଦ୍ର ମାର୍ଥାଙ୍କୁ ମଧ୍ୟ ଏଏସ୍ଆଇ ମହାନ୍ତି ଚାପୁଡ଼ା ମାରିଥିଲେ। ଏନେଇ ସମ୍ପୃକ୍ତ ଏଏସ୍ଆଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ସ୍ଥାନୀୟ ଗ୍ରାମବାସୀ ୩ ଘଣ୍ଟା ଥାନା ଘେରାଉ କରିଥିଲେ। ଏହାପରେ ଏଏସ୍ଆଇ ମହାନ୍ତିଙ୍କୁ ଏସ୍‌ପି କାର୍ଯ୍ୟରୁ ନିଲମ୍ବନ କରିଛନ୍ତି।

ସୂଚନା ମୁତାବକ, ରବିବାର ୱାର୍ଡସଭ୍ୟ ନବକିଶୋର ଜଣେ ସମ୍ପର୍କୀୟଙ୍କୁ ଜଙ୍କିଆ ଥାନା ନିକଟରେ ଦେଖାକରି ଘରକୁ ଫେରୁଥିଲେ। ଏହି ସମୟରେ ଏଏସ୍ଆଇ ମହାନ୍ତି ନିଶାସକ୍ତ ଅବସ୍ଥାରେ ତାଙ୍କୁ ଡାକି ମାଡ଼ ମାରିବା ସହିତ ପଥରରେ ମୁଣ୍ଡକୁ ଛେଚି ଦେଇଥିଲେ। ଫଳରେ ୱାର୍ଡସଭ୍ୟ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲ ପଠାଇଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଏମ୍ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ସମିତିସଭ୍ୟ ଘଟଣା ସମ୍ପର୍କରେ ଥାନାକୁ ବୁଝିବାକୁ ଯାଇଥିବା ବେଳେ ସମ୍ପୃକ୍ତ ଏଏସ୍ଆଇ ତାଙ୍କୁ ମଧ୍ୟ ଚାପୁଡ଼ା ମାରିଥିଲେ। ଏନେଇ ସମ୍ପୃକ୍ତ ଏଏସ୍ଆଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ସ୍ଥାନୀୟ ଗ୍ରାମବାସୀ ଓ ଜନପ୍ରତିନିଧି ମଧ୍ୟାହ୍ନ ୧୨ଟାରେ ଥାନା ଘେରାଉ କରିବା ସହ ଧାରଣା ଦେଇଥିଲେ। ଖବରପାଇ ଥାନା ଅଧିକାରୀ ପ୍ରଜ୍ଞାରିତମ୍ବରା କର ପହଞ୍ଚି ସମ୍ପୃକ୍ତ ଏଏସ୍ଆଇଙ୍କ ବିରୋଧରେ ୨୪ଘଣ୍ଟା


ୱାର୍ଡ ସଭ୍ୟ ନବ କିଶୋର ହରିଚନ୍ଦନ

ଭିତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୩ଟାରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅନ୍ୟପକ୍ଷରେ ନବକିଶୋରଙ୍କ ସ୍ତ୍ରୀ ବନିତା ହରିଚନ୍ଦନଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୩୦୫/୨୩) ରୁଜୁ ହୋଇଛି। ଏ ସମ୍ପର୍କରେ ଥାନା ଅଧିକାରୀ କର କହିଛନ୍ତି, ଘଟଣା ସମ୍ପର୍କରେ ଏସ୍‌ପିଙ୍କୁ ଜଣାଇବା ପରେ ଏଏସ୍ଆଇ ମହାନ୍ତିଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଅଗଷ୍ଟ ୨୪ରୁ ସେ ବିନା ସୂଚନାରେ ଛୁଟିରେ ରହିଛନ୍ତି ବୋଲି କର ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ପୂର୍ବରୁ ମଧ୍ୟ ଏଏସ୍ଆଇ ମହାନ୍ତି ଜଣେ ଗ୍ରାମରକ୍ଷୀଙ୍କୁ ମାଡ଼ ମାରିଥିବା ନେଇ ଏସ୍‌ପିଙ୍କ ନିକଟରେ ଅଭିଯୋଗ ହୋଇଥିଲା।



“ନିଜ ଭିତରେ କୌଣସି ପ୍ରଲୋଭନ ଜାଗିଲେ ତାକୁ ପ୍ରତିରୋଧ କର । ତା'ପାଖରେ ନିଜକୁ ସମର୍ପି ଦିଅନା । ଥରକ ପାଇଁ ହେଲେ ବି-ଯଦି ତୁମେ ପ୍ରଲୋଭନକୁ ପ୍ରଶ୍ରୟ ଦେଇଛ- ତା'ହେଲେ ତୁମ ଇଚ୍ଛାଶକ୍ତିର ବଳ କମିଯିବ ଏବଂ ବାରମ୍ବାର ପରାଜୟ ପାଇଁ ବାଟ ଖୋଲିଯିବ । **-ଶ୍ରୀମା**



# ପ୍ରଭାବହୀନ ଜି୨୦

ନୂଆଦିଲ୍ଲୀଠାରେ ୧୮ତମ ଜି୨୦ ସମ୍ମିଳନୀ ୧୦ ସେପ୍ଟେମ୍ବରରେ ଶେଷ ହୋଇଛି । ଏଥିରେ ନିଆଯାଇଥିବା ସବୁଠାରୁ ବଡ଼ ନିଷ୍ପତ୍ତି ମଧ୍ୟରେ ରହିଛି ଆଫ୍ରିକୀୟ ସଂଘ (ଏୟୁ)କୁ ବୃହତ୍ ମଞ୍ଚରେ ସ୍ଥାୟୀ ସଦସ୍ୟ ଭାବେ ଗ୍ରହଣ କରାଯିବା ଏବଂ ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଅର୍ଥନୈତିକ କରିଡର (ଆଇଏମ୍ଇଇ-ଇସି) ଘୋଷଣା । ଆଫ୍ରିକୀୟ ସଂଘକୁ ସଦସ୍ୟତା ଦିଆଯିବା ଦ୍ୱାରା ଜି୨୦ ଅଧିକ ଶକ୍ତିଶାଳୀ ହୋଇଛି ବୋଲି କୁହାଯାଉଛି । ଅନ୍ୟପକ୍ଷରେ ଆଇଏମ୍ଇଇ-ଇସିରେ ସଦସ୍ୟ ରାଷ୍ଟ୍ର ଭାବେ ଭାରତ, ଆମେରିକା, ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ), ସାଉଦି ଆରବିଆ, ଫ୍ରାନ୍ସ, ଜର୍ମାନୀ, ଇଟାଲୀ ସମେତ ୟୁରୋପୀୟ ସଂଘର ଅନ୍ୟ ଦେଶଗୁଡ଼ିକ ରହିଛନ୍ତି । ବିଶ୍ୱର ଗୁରୁତ୍ୱପୂର୍ଣ୍ଣ ଅଂଶ ଏସିଆ, ମଧ୍ୟପ୍ରାଚ୍ୟ, ୟୁରୋପ ଓ ଆମେରିକା ସହ ଅର୍ଥନୈତିକ ସହଯୋଗ ଏବଂ ବୃହତ୍ ଯୋଗାଯୋଗ ବୃଦ୍ଧି ଲକ୍ଷ୍ୟରେ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ବିଶ୍ୱ ନେତାମାନେ କହିଛନ୍ତି । ଏଥିରେ ଦୁଇଟି ଅଲଗା କରିଡର ରହିବ । ପ୍ରଥମରେ ଭାରତ ସହିତ ମଧ୍ୟପ୍ରାଚ୍ୟ ଯୋଡ଼ାଯିବ ଓ ଦ୍ୱିତୀୟରେ ମଧ୍ୟପ୍ରାଚ୍ୟରୁ ୟୁରୋପକୁ ଏବଂ ଅନ୍ୟାନ୍ୟ ରାଷ୍ଟ୍ରକୁ ସଂଯୋଗ କରାଯିବ । ଦକ୍ଷିଣ ଏସିଆରୁ ୟୁରୋପ ଯାଏ ଜାହାଜ ଓ ରେଳପଥକୁ ପରିବହନର ମାଧ୍ୟମ କରାଯାଇଛି ।

ଉପରବର୍ଣ୍ଣିତ କରିଡର ଘୋଷଣା ପଛରେ ଚାଇନାର ବେଲ୍ଟ ଆଣ୍ଡ୍ ରୋଡ୍ ଇନିସିଏଟିଭ୍ (ବିଆର୍ଆଇ)କୁ ଟକ୍କର ଦିଆଯିବା ଲାଗି ବ୍ୟବସ୍ଥା କରାଯାଇଥିବା ଆଲୋଚନା ହେଉଛି । ଉଲ୍ଲେଖଯୋଗ୍ୟ ଯେ, 'ୱାନ୍ ବେଲ୍ଟ ୱାନ୍ ରୋଡ୍' ଭାବେ ୨୦୧୩ରେ ଚାଇନା ଦ୍ୱାରା ଆରମ୍ଭ ହୋଇଥିବା ଏହି ପଦକ୍ଷେପ ଜରିଆରେ ବିଶ୍ୱର ୧୫୦ଟି ଦେଶରେ ପୁଞ୍ଜିନିବେଶ ଲକ୍ଷ୍ୟ ରଖାଯାଇଥିଲା । ଏହାର ଉଦ୍ୟୋକ୍ତା ଥିଲେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ । ଇତିମଧ୍ୟରେ ଚାଇନା ଅର୍ଥନୀତିରେ ସଙ୍କଟ ଦେଖାଦେଇଥିବାରୁ ଏହି ପ୍ରକଳ୍ପ ତା'ର ଲକ୍ଷ୍ୟ ହାସଲ ଦିଗରେ ଧିମେଇ ଯାଇଛି । ନୂଆଦିଲ୍ଲୀରେ ଅନୁଷ୍ଠିତ ଜି୨୦ ସମ୍ମିଳନୀରେ ଜିନ୍‌ପିଙ୍ଗ ଅନୁପସ୍ଥିତ ଥିବାରୁ ଆମେରିକା ପ୍ରୋତ୍ସାହନରେ ଭରତ ଆଇଏମ୍ଇଇ-ଇସିକୁ ଚୂଡ଼ାନ୍ତ ରୂପ ଦେଇଛି । କିନ୍ତୁ ମନେରଖିବାକୁ ହେବ ଯେ, ଭାରତର ରପ୍ତାନି କୌଣସି ଭାବେ ରେଳ ବା ସଡ଼କ ପଥରେ ସିଧାସଳଖ ଅନ୍ୟ କୌଣସି ଦେଶକୁ ପଠାଇହେବ ନାହିଁ । ଉତ୍ତର-ପଶ୍ଚିମରେ ପାକିସ୍ତାନ ଓ ତା' ପରେ ଆଫଗାନିସ୍ତାନ ଦେଇ ଯୋଗାଯୋଗ ସମ୍ଭବପର ନୁହେଁ । ଅନୁରୂପ ଭାବେ ଉତ୍ତର-ପୂର୍ବରେ ହିମାଳୟ ଓ ତା'ପରେ ଚାଇନା ଦେଇ ଯୋଗାଯୋଗ ଅତ୍ୟନ୍ତ କଷ୍ଟକର । ବାକି ରହିଲା ମ୍ୟାନ୍‌ମାର (ବର୍ମା) । ସେହି ଦେଶର ଅନ୍ୟସବୁ ଆସିଆନ୍ ରାଷ୍ଟ୍ରଗୁଡ଼ିକ ସହିତ ବୃଦ୍ଧି ପାଉଥିବା ତିକ୍ତତା ଯୋଗୁ ତାହା ମଧ୍ୟ ଏକ ମାଧ୍ୟମ ହୋଇପାରିବ ନାହିଁ । ଭାରତରୁ ଅଧିକ ପରିମାଣରେ ସାମଗ୍ରୀ ରପ୍ତାନି କରିବାକୁ ହେଲେ ସମୁଦ୍ରପଥ ହେବ ଏକମାତ୍ର ମାଧ୍ୟମ । ଏହାବ୍ୟତୀତ ଉକ୍ତ ଘୋଷଣାର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବାଧା ରହିଛି । ମଧ୍ୟପ୍ରାଚ୍ୟରୁ ଅନେକ ଶରଣାର୍ଥୀ ୟୁରୋପର ବିଭିନ୍ନ ଦେଶରେ ପ୍ରବେଶ କରିବାକୁ ଚାହାନ୍ତି । ଜି୨୦ର ଏହି ନିଷ୍ପତ୍ତିକୁ ତୁର୍କୀ ଭଳି ଅନେକ ଦେଶ ସକ୍ରିୟ ଭାବେ ବିରୋଧ କରିବେ । ସଡ଼କ ପଥ ସୃଷ୍ଟି ହୋଇଗଲେ ଶରଣାର୍ଥୀ କିମ୍ବା ବେଆଇନ ପ୍ରବେଶକାରୀଙ୍କ ସୁଅ ଛୁଟିବ, ଯାହାକୁ କୌଣସି ୟୁରୋପୀୟ ଦେଶ ପସନ୍ଦ କରିବେ ନାହିଁ ।

> **ଭାରତ ସରକାର ଜି୨୦ର ବର୍ଷିକିଆ ଅଧ୍ୟକ୍ଷତା ଦାୟିତ୍ୱକୁ ନିଜର ଏକ ବିରାଟବଡ଼ ସଫଳତା ଭାବେ ଦର୍ଶାଇବାକୁ ଚେଷ୍ଟା କରି ବିଫଳ ହେଲା । ତାହା ଦେଶର ଭାବମୂର୍ତ୍ତି କିମ୍ବା ନାଗରିକଙ୍କ ଜୀବନଶୈଳୀରେ କୌଣସି ପ୍ରଭାବ ପକାଇଲା ନାହିଁ ।**

ଜି୨୦ରେ ଅର୍ଥନୈତିକ ଦିଗକୁ ଅଧିକ ଗୁରୁତ୍ୱ ଦିଆଯାଉଥିଲେ ମଧ୍ୟ ବିଶ୍ୱ ଶାନ୍ତି ଏହାର ବୈଶିଷ୍ଟ୍ୟ ମଧ୍ୟରେ ସ୍ଥାନ ପାଇଥାଏ । ରୁଷିଆ-ୟୁକ୍ରେନ୍ ଯୁଦ୍ଧ ସମଗ୍ର ବ୍ରହ୍ମାଣ୍ଡକୁ ବିଚଳିତ କରିଦେଇଥିବା ବେଳେ ନୂଆଦିଲ୍ଲୀ ଘୋଷଣାନାମାରେ ଏ ଦିଗରେ ଦୃଢ଼ ନିଷ୍ପତ୍ତି ନିଆଯାଇପାରି ନାହିଁ । ରୁଷିଆକୁ ନିନ୍ଦା କରାଯାଇ ନ ଥିବା ବେଳେ ୟୁକ୍ରେନ୍ ନାମ ନିଆଯାଇ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଲାଗି ବିଶ୍ୱ ନେତାମାନେ ଆହ୍ୱାନ ଦେଇଥିବା କୁହାଯାଇଛି । ସତେଯେମିତି ୟୁକ୍ରେନ୍ ହେଉଛି ପ୍ରଥମ ଆକ୍ରମଣକାରୀ ଦେଶ । ନୂଆଦିଲ୍ଲୀ ଘୋଷଣାନାମାରେ ଅନ୍ୟ ଭୂଖଣ୍ଡ ଦଖଲ ଓ କ୍ଷେତ୍ରୀୟ ଅଖଣ୍ଡତା ବିରୋଧରେ ବଳ ପ୍ରୟୋଗ କରିବା ବା ଧମକ ଦେବା ଭଳି କାର୍ଯ୍ୟରୁ ନିବୃତ୍ତ ରହିବାକୁ ଏହାର ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ପରାମର୍ଶ ଦିଆଯାଇଛି । ଅର୍ଥାତ୍ ଘୋଷଣାନାମାକୁ ପାଣିଚିଆ କରିଦିଆଯାଇଛି । ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ନୂଆଦିଲ୍ଲୀ ଜି୨୦ ସମ୍ମିଳନୀରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଓ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ଅନୁପସ୍ଥିତ ରହିଥିଲେ । ଏହି ଦୁଇ ବିଶ୍ୱନେତାଙ୍କ ଅନୁପସ୍ଥିତି ପ୍ରମାଣ କରିଦେଉଛି ଯେ, ଅନ୍ତର୍ଜାତୀୟ କୂଟନୀତିକୁ ଗତିଶୀଳ କରାଇବାରେ ଭାରତ ସଫଳ ହୋଇନାହିଁ ଏବଂ ଜି୨୦ ସମ୍ମିଳନୀର ଗୁରୁତ୍ୱ ଯଥେଷ୍ଟ ପରିମାଣରେ ହ୍ରାସ ପାଇଛି ।

ନୂଆଦିଲ୍ଲୀରେ ଜି୨୦ ଆୟୋଜନ କରିବା ଲାଗି ଭାରତ ସରକାର ୪,୧୦୦ କୋଟି ଟଙ୍କା ଖର୍ଚ୍ଚ କରିଥିବା ଜଣାପଡ଼ିଛି । ତେବେ ଭାରତ ସରକାର ଏହି ଜି୨୦ର ବର୍ଷିକିଆ ଅଧ୍ୟକ୍ଷତା ଦାୟିତ୍ୱକୁ ନିଜର ଏକ ବିରାଟବଡ଼ ସଫଳତା ଭାବେ ଦର୍ଶାଇବାକୁ ଚେଷ୍ଟା କରି ବିଫଳ ହେଲା । ତାହା ଦେଶର ଭାବମୂର୍ତ୍ତି କିମ୍ବା ନାଗରିକଙ୍କ ଜୀବନଶୈଳୀରେ କୌଣସି ପ୍ରଭାବ ପକାଇଲା ନାହିଁ ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | 6 | 3 | 5 | | | | | |
| | | | 6 | | | | 7 | |
| | | 8 | | | | | | |
| 8 | | | | 6 | | | | 4 |
| 5 | 1 | 6 | | | 7 | | | |
| 9 | | | | | 1 | 8 | | 5 |
| | | 7 | | | 8 | 1 | | |
| | | | | | | | 3 | |
| | | | | 9 | | 4 | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 3 | 6 | 8 | 7 | 5 | 2 | 9 | 1 | 4 |
| 5 | 2 | 4 | 9 | 1 | 3 | 8 | 7 | 6 |
| 9 | 7 | 1 | 4 | 6 | 8 | 5 | 2 | 3 |
| 2 | 8 | 7 | 6 | 4 | 9 | 3 | 5 | 1 |
| 1 | 9 | 3 | 2 | 7 | 5 | 6 | 4 | 8 |
| 4 | 5 | 6 | 3 | 8 | 1 | 2 | 9 | 7 |
| 7 | 4 | 9 | 8 | 2 | 6 | 1 | 3 | 5 |
| 8 | 3 | 5 | 1 | 9 | 7 | 4 | 6 | 2 |
| 6 | 1 | 2 | 5 | 3 | 4 | 7 | 8 | 9 |

ଗତକାଲିର ଉତ୍ତର

# ଭୋକିଲା ଈଶ୍ୱରଙ୍କ ସମ୍ପର୍କରେ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ଈଶ୍ୱର ପୁଣି ଭୋକିଲା ରହିପାରନ୍ତି, ଏଭଳି ଅଜବ କଥା କେହି ବି ବିଶ୍ୱାସ କରିବେନି । ସେ ଖାଆନ୍ତୁ କି ନ ଖାଆନ୍ତୁ, ତାଙ୍କୁ ଖାଇବାକୁ ଦେବା ପାଇଁ ଏଠି ଯେମିତି ଭକ୍ତଗଣଙ୍କର ପାଗଳ ପ୍ରତିଯୋଗିତା, ତହିଁରେ କ୍ଷୁଧାର୍ତ୍ତ ଈଶ୍ୱରଙ୍କ ପରିକଳ୍ପନା ଏକାନ୍ତ ଅବାସ୍ତବ ଓ ଅବିଶ୍ୱସନୀୟ । ଅବଶ୍ୟ ଏଇ ଭୋକିଲା ଈଶ୍ୱର ସ୍ୱର୍ଗର ଅଳକାପୁରୀରେ ନ ଥା'ନ୍ତି କି ମର୍ତ୍ତ୍ୟର ମନ୍ଦିରରେ ପୂଜା ପାଉ ନ ଥା'ନ୍ତି । କେବଳ ଜଣେ ନୁହେଁ, ଏମିତି ବହୁ ଈଶ୍ୱର ସଚରାଚର ଏଇ ସମାଜ ମଧ୍ୟରେ ବିଚରଣ କରୁଥା'ନ୍ତି, କେଉଁଠି ଶିକ୍ଷକ ବା ମାଷ୍ଟର ରୂପରେ ତ ପୁଣି କେଉଁଠି ଅଧ୍ୟାପକ ବା ପ୍ରଫେସର ରୂପରେ । ସ୍ଥୂଳ ରୂପରେ ଏମାନଙ୍କ ପରିଚୟ ଶିକ୍ଷକ ବା ଅଧ୍ୟାପକ ହେଲେ ମଧ୍ୟ ଆମ ସଂସ୍କାରନିଷ୍ଠ ସମାଜର ସୂକ୍ଷ୍ମ ଦୃଷ୍ଟିରେ ଏମାନେ ଗୁରୁ ରୂପେ ବିବେଚିତ ହୋଇଥା'ନ୍ତି ଏବଂ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ସାକାର ସମନ୍ୱୟ ପରଂବ୍ରହ୍ମ ମାନ୍ୟତା ଅର୍ଜନ କରିଥା'ନ୍ତି ।

ଜୀବନର ବୃତ୍ତି ହେଉ କି ବ୍ରତ, ବିଦ୍ୟାଦାନ ଭଳି ମହତ୍ କାର୍ଯ୍ୟରେ ନିରନ୍ତର ବ୍ୟାପୃତ ରହୁଥିବା ଗୁରୁମାନଙ୍କୁ ଈଶ୍ୱରଙ୍କ ସମକକ୍ଷ ଭାବେ ସାମାଜିକ ସ୍ୱୀକୃତି ମିଳିବା କେତେ ଯେ ଗୌରବର ବିଷୟ! ଅଥଚ ଏଇ ଉଜ୍ଜ୍ୱଳ ଗୌରବର ଅନ୍ତରାଳେ ଅଭାବ ଅନ୍ଧକାରର କଳାଛାୟାଟିଏ ଥାଏ । ହୃଦ୍ୟ ପରିତୃପ୍ତିର ଉହାଡ଼ରେ ଅସହ୍ୟ ଅତୃପ୍ତିର ଅଗ୍ନି କଣାଟାଏ ଦିକ୍‌ଦିକ୍ ହୋଇ ଜଳି ଉଠୁଥାଏ । ଈଶ୍ୱର ବୋଲାଇବାର ମହାର୍ଘ ଗୌରବବୋଧ ମଧ୍ୟରେ ପରିସ୍ଫୁଟିତ ହେଉଥାଏ ଭୋକିଲା ରହିବାର ଅଭିଶପ୍ତ ଅନୁଭବ ।

ସେପ୍ଟେମ୍ବର ୫ରେ ଦେଶବ୍ୟାପୀ ପାଳିତ ହୋଇଥିଲା ଗୁରୁଦିବସ । ଏହି ପରିପ୍ରେକ୍ଷୀରେ ବିଭିନ୍ନ ସଭା ସମାବେଶ ମାଧ୍ୟମରେ ଶିକ୍ଷକମାନଙ୍କ ସମର୍ପିତ ସାଧନା ପ୍ରତି କୃତଜ୍ଞ ସମାଜର ସମ୍ମାନ ପ୍ରଦର୍ଶିତ ଅନୁଷ୍ଠିତ ହେଉଥିଲା ବେଳେ ଆମ ରାଜଧାନୀରେ ସହସ୍ରାଧିକ ଶିକ୍ଷକ ବର୍ଷା ମାଡ଼ ଖାଇ ବିକ୍ଷୋଭ ପ୍ରଦର୍ଶନ ପୂର୍ବକ ପ୍ରତିବାଦ ପ୍ରକଟ କରୁଥିଲେ ସରକାରଙ୍କ ଅବ୍ୟବସ୍ଥା ବିରୋଧରେ । ଟିଭି ସମାଚାର ସୂତ୍ରରୁ ଏଭଳି ଦୃଶ୍ୟ ଅବଲୋକନ କରି ଜଣେ ଅବସରପ୍ରାପ୍ତ ପ୍ରଶାସକ ବନ୍ଧୁ ସାଢ଼େ ଆଠବର୍ଷ ପୂର୍ବରୁ ଅଧ୍ୟାପନା ବୃତ୍ତିରୁ ଅବସର ନେଇଥିବା ଏ ଲେଖକଙ୍କୁ କଟାକ୍ଷ କରି କହିଲେ, ''ଆଜି ଦିନଟି ଯାହାଙ୍କ ସମ୍ମାନ ପାଇଁ ସମର୍ପିତ, ସେମାନଙ୍କୁ ରାଜରାସ୍ତାରେ କୁହାଟ ଛାଡୁଥିବାର ଦେଖିଲେ ସେଇ ତଥାକଥିତ ଈଶ୍ୱରଙ୍କ ଈଶ୍ୱରତ୍ୱ ଉପରେ ମନରେ ସନ୍ଦେହ ଆସୁଛି । ଈଶ୍ୱରମାନେ କ'ଣ ନିଜ ଦାବି ପୂରଣ ପାଇଁ ଟ୍ରେଡ୍ ୟୁନିୟନ ଶ୍ରମିକମାନଙ୍କ ପରି ରାଜରାସ୍ତାକୁ ଓହ୍ଲାଇ ଆସନ୍ତି ?''

ବନ୍ଧୁଙ୍କର ଏହି ବିଦ୍ରୂପ ଜୀବନର ବେଶ୍ କିଛି କାଳ ଶିକ୍ଷକ ବୃତ୍ତିରେ ଥିବା ଲୋକଟିର କାନକୁ ମିଠା ଲାଗନ୍ତା ନାହିଁ । ମାତ୍ର ପାଖାପାଖି ଗୋଟିଏ ଦଶନ୍ଧି ମଧ୍ୟରେ ମହାନଦୀରେ ବହୁ ଜଳ ପ୍ରବାହିତ ହୋଇ ଯାଇଥିବାରୁ, ଶିକ୍ଷା କ୍ଷେତ୍ରର ନିଯୁକ୍ତି ନିୟମରେ ବ୍ୟାପକ ପରିବର୍ତ୍ତନ ଆସିଥିବାରୁ, ସେ ସମ୍ପର୍କରେ ଅବଗତ ନ ଥିବା ଏ ଲେଖକ କେମିତି ବା ପ୍ରତ୍ୟୁତ୍ତର



ଦେଇପାରି ଥାଆନ୍ତା ସେମିତି ଏକ ଅବାଞ୍ଛିତ ଟିପ୍ପଣୀର ! ସୁତରାଂ ସେଦିନର ସେଇ ବିକ୍ଷୋଭ ସହ ସମ୍ପୃକ୍ତ ତା'ର ଜଣେ ପରିଚିତ ଅଧ୍ୟାପକଙ୍କଠୁ ସେ ତାହାର କାରଣ ଜାଣିବାକୁ ଚାହିଁଲା ଓ ଯାହା ଜାଣିଲା, ତାହା ଥିଲା ଏକ ନିଷ୍ଠୁର ବାସ୍ତବତାର କରୁଣ ଚିତ୍ରପଟ ।

ବିଭିନ୍ନ ବର୍ଗୀକରଣର ବହୁଧା ବିଭକ୍ତ କଲେଜ ଅଧ୍ୟାପକଙ୍କ ମଧ୍ୟରେ ଆକାଶ ଥିଲେ ତୃତୀୟ ବର୍ଗର ଛଅଶହ ବାଷଠି ଗୋଷ୍ଠୀର ଜଣେ ଅଧ୍ୟାପକ, ଯିଏ ଉଣେଇଶ ବର୍ଷ କାଳ ବିନା କୌଣସି ସରକାରୀ ଅନୁଦାନରେ ଚାକିରି କଲା ପରେ ଆଜକୁ ଚଉଦ ବର୍ଷ ତଳେ ପ୍ରଥମ କରି ଯେଉଁ ସରକାରୀ ଅନୁଦାନ ମୁହଁ ଦେଖିଥିଲେ, ତାହାର ପରିମାଣ ଥିଲା ପାଞ୍ଚ ହଜାର ସାତଶହ ତେତିଶ ଟଙ୍କା । ବିଭିନ୍ନ ପର୍ଯ୍ୟାୟରେ ସରକାରଙ୍କୁ ହାରି ଗୁହାରି ଜଣାଇ ଅବସର ନେବାକୁ ଆଉ ମାତ୍ର ତିନିବର୍ଷ ବାକି ଥିବା ବେଳେ ଏଯାଏଁ ବି ଚାକିରି ସହ ସଂଲଗ୍ନ ଅନ୍ୟ କୌଣସି ଆନୁଷଙ୍ଗିକ ସୁବିଧା ସୁଯୋଗ ଉପଲବ୍ଧ ହୋଇନାହିଁ । ଅବସର ପରର ପେନ୍‌ସନ କଥା ଦୂରେଥାଉ, ଚାକିରିକାଳୀନ ଛୁଟି ମଧ୍ୟ ବତିଶ ବର୍ଷର ଚାକିରି ପରେ ବି ଏକ ଦୂରନ୍ତ ସମ୍ଭାବନାର କଥା । ଅବସ୍ଥା ଏପରି ଯେ, ବର୍ଷକୁ ଚଉଦ ଦିନର ସାମୟିକ ଛୁଟି ପରେ ରାସ୍ତା ଦୁର୍ଘଟଣାରେ ଆହତ ହୋଇ ଅବା କୌଣସି ରୋଗରେ ପଡ଼ି ଡାକ୍ତରଖାନାରେ ଭର୍ତ୍ତି ହେଲେ ଅବା ପତ୍ନୀପିଲାଙ୍କ ସ୍ୱାସ୍ଥ୍ୟ ସଙ୍କଟ ପାଇଁ କିମ୍ବା ପିତାମାତାଙ୍କ ଶ୍ରାଦ୍ଧ ପାଇଁ ଛୁଟିରେ ରହିଲେ କାମ ନାହିଁ ତ ଦରମା ନାହିଁ । ଦୀର୍ଘଶ୍ୱାସ ନେଇ ଆକାଶ କହୁଥିଲେ, ''ଗୋଟି ଶ୍ରମିକଙ୍କଠୁ ଆହୁରି ହୀନିମାନ ଚାକିରି ସର୍ତ୍ତାବଳୀ ସହ ଚାକିରିରୁ ଅବସର ନେଇଥିବା ଆମର କିଛି ଅଗ୍ରଜମାନଙ୍କୁ ଏବେ ପାନଦୋକାନ ଦେଇ ନିଜ ପରିବାର ପ୍ରତିପୋଷଣ କରୁଥିବାର ଦେଖି ପ୍ରତି ମୁହୂର୍ତ୍ତରେ ଆମ ଭବିଷ୍ୟତକୁ ନେଇ ଆମେ ଆତଙ୍କିତ ହୋଇ ବଞ୍ଚୁଛୁ ।''

ଆକାଶ ପୁଣି କହୁଥିଲେ, ''ଆମ ଭଳି ଅଧ୍ୟାପକ ଶାସନ ବ୍ୟବସ୍ଥାର ଏକ ଅପାଙ୍‌କ୍ତେୟ, ଅବାଞ୍ଛିତ ଜୀବ । ଆମ ପାଇଁ ଚାକିରି ସର୍ତ୍ତାବଳୀ ବୋଲି କିଛି ନାହିଁ । ଅର୍ଜିତ ଛୁଟି ବା ମେଡିକାଲ ଛୁଟି ନାହିଁ । ଘରଭଡ଼ାର ଆଶା ରଖିବା କି ଚିକିତ୍ସା ଭତ୍ତାର ସ୍ୱପ୍ନ ଦେଖିବା ପାଇଁ ଆମର ଯୋଗ୍ୟତା ନାହିଁ । ସତେ ଯେମିତି ଖୋଲା ଆକାଶ ତଳେ, ବିନା କୌଣସି ରୋଗବ୍ୟାଧିରେ ଆମେ ଓ ଆମ ପରିବାର ବଞ୍ଚି ରହିବା ବିଧିନିର୍ଦ୍ଦିଷ୍ଟ ! ଅଥଚ ଆମ ପ୍ରତିପକ୍ଷ ସରକାରୀ କଲେଜର ଅଧ୍ୟାପକ ଘରଭଡ଼ା ପାଆନ୍ତି, ଆବଶ୍ୟକ ସ୍ଥଳେ ଚିକିତ୍ସା ଭତ୍ତା ପାଆନ୍ତି, ପୁଣି ଚାକିରି କାଳରେ ଅର୍ଜିତ ଛୁଟିକୁ ବିକ୍ରି କରି ଅବସର ପୂର୍ବରୁ ବେଶ୍ କିଛି ଅର୍ଥ ଅର୍ଜନ କରନ୍ତି ଓ ଅବସର ପରେ ପେନ୍‌ସନ ପାଆନ୍ତି । ଆମ ଭଳି ବେସରକାରୀ ବୋଲାଉଥିବା ପୂର୍ଣ୍ଣ ଅନୁଦାନପ୍ରାପ୍ତ ଅଧ୍ୟାପକମାନେ ବି ତାଙ୍କ ସରକାରୀ ପ୍ରତିପକ୍ଷଙ୍କ ତୁଳନାରେ କିଛି ସୁବିଧା ସୁଯୋଗରୁ ବଞ୍ଚିତ ହେଲେ ମଧ୍ୟ ଅବସର ପରେ ପେନ୍‌ସନ ଓ ଗ୍ରାଚ୍ୟୁଇଟି ଇତ୍ୟାଦି ପାଇ ସରକାରୀ ହୋଇଯାଆନ୍ତି । ଲକ୍ଷ୍ୟ କରିବାର କଥା, ସବୁ ବର୍ଗର ଅଧ୍ୟାପକଙ୍କ ନିମନ୍ତେ ଆବଶ୍ୟକ ହୋଇଥାଏ ଏକା ଶିକ୍ଷାଗତ ଯୋଗ୍ୟତା । ବିଭିନ୍ନ ବର୍ଗର ଅଧ୍ୟାପକଙ୍କଠୁଁ ଶିକ୍ଷାଲାଭ କରିଥିବା ବିଦ୍ୟାର୍ଥୀଗଣ ଏକପ୍ରକାର ଡିଗ୍ରୀ ପାଇଥାଆନ୍ତି । ଏକା ପାଠ୍ୟଖସଡ଼ା, ଏକପ୍ରକାର ପରୀକ୍ଷା ପଦ୍ଧତି । କୌଣସିଥିରେ କିଛି ତାରତମ୍ୟ ନାହିଁ । କେବଳ ଯାହା ଗୋଟିଏ ବର୍ଗ ସକଳ ସୁବିଧା ସୁଯୋଗର ଅଧିକାରୀ ହୋଇ ସାମାଜିକ ପ୍ରତିଷ୍ଠା ଓ ପରିଚୟରେ ଶୀର୍ଷ ସ୍ଥାନିତ ତ ଅନ୍ୟ ବର୍ଗଟି ନିମ୍ନତମ ଅଧିକାରରୁ ବଞ୍ଚିତ ସମାଜର ପଛଧାଡ଼ିର ନାଗରିକ !''

ଆକାଶ ଥିଲେ ସେହି ଶିକ୍ଷକ ଗୋଷ୍ଠୀର ପ୍ରତିନିଧି, ଯାହାଙ୍କ ଅସନ୍ତୋଷ, ଅବସୋସ ଓ ସରକାରଙ୍କ ଅବିଚାର ବିରୋଧରେ ଅଭିଯୋଗ ଆକାଶ ପରି ଢେର୍ ବିସ୍ତାରିତ । ଗୁରୁଦିବସ ଅବସରରେ ସେମାନେ ଆଦୌ ଖୁସି ହୋଇପାରୁ ନ ଥିଲେ । ପେଟର ଭୋକ ଜ୍ୱାଳାରେ ଯେତେବେଳେ ସମସ୍ତ ସତ୍ତା ଜର୍ଜରିତ, ଅବସର ପରର ଏକ ନିରାପତ୍ତା ବିହୀନ ଭୟଙ୍କର ଭବିଷ୍ୟତର ସମ୍ଭାବନାରେ ସନ୍ତ୍ରସ୍ତ, ସେତେବେଳେ ଏକ ଅସହାୟ ଗୁରୁ ଈଶ୍ୱରର ମିଥ୍ୟା ପରିଚୟ ନେଇ ଉଲ୍ଲସିତ ହୁଅନ୍ତେ ବା କିପରି !

ଈଶ୍ୱରମାନେ ନିଜର ଦାବି ପୂରଣ ପାଇଁ ରାଜରାସ୍ତାରେ କୁହାଟ ଛାଡ଼ିବା ଅନୁଚିତ ବୋଲି ଯେଉଁମାନେ କହନ୍ତି ; ସେମାନେ ଏକଥା ଭୁଲିଯିବା ଉଚିତ ନୁହେଁ ଯେ ପାର୍ଥିବ ଜଗତର ଅନ୍ୟସବୁ ପ୍ରାଣୀଙ୍କ ପରି ଈଶ୍ୱରମାନଙ୍କର ପେଟଟିଏ ଥାଏ ଓ ପେଟ ପାଇଁ ଭୋକ ମଧ୍ୟ ଥାଏ । ଈଶ୍ୱରଟିଏ ନିଜ ଈଶ୍ୱରତ୍ୱ ସମ୍ପର୍କରେ ସେତେବେଳେ ସଚେତନ ଥାଏ, ଯେତେବେଳେ ଭବିଷ୍ୟତରେ ତା' ପେଟକୁ ମୁଠାଏ ଦାନା ଯୋଗାଇବାର ଚିନ୍ତା ନ ଥାଏ । ପ୍ରଚଣ୍ଡ କ୍ଷୁଧାର ଦୁର୍ବିଷହ ଜ୍ୱାଳାରେ ଅସ୍ଥିର ହେଉଥିବା ଈଶ୍ୱରଙ୍କୁ ତାଙ୍କ ଈଶ୍ୱରତ୍ୱ ସମ୍ପର୍କରେ ଚେତାଇଦେଲେ, ଐଶ୍ୱରୀୟ ଆବରଣ ତଳେ ଲୁଚି ରହିଥିବା କ୍ଷୁଧାତୁର ପଶୁଟି କ୍ରୋଧରେ ଗର୍ଜନ କରିବ ସିନା, ଈଶ୍ୱରଙ୍କ ପରି ସବୁଦିନ ସବୁ କଥା ସହିନେଇ ନୀରବ ରହିବ ନାହିଁ । ମଣିଷର ସର୍ବନିମ୍ନ ମର୍ଯ୍ୟାଦାରୁ ବଞ୍ଚିତ ହୋଇ, ବୃତ୍ତିଗତ ଜୀବନରେ ସକଳ ପ୍ରକାର ଅପ୍ରାପ୍ତିର ବୋଝ ମୁଣ୍ଡାଇ ଈଶ୍ୱର ବୋଲାଇବାରେ ଯେ କେତେ ପୀଡ଼ା, ଏ କଥା କେହି ହେଲେ ବୁଝନ୍ତେ ସିନା!

**ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,**
**ଚକେଇସିହାଣି, ଭୁବନେଶ୍ୱର-୧୦**
**ମୋ: ୮୮୯୫୬୭୨୪୧୦୫**

# ବିଚାର ବିଭ୍ରାଟ



ଜନାର୍ଦ୍ଦନ ପତି

୧୯୮୯ରେ ଭାରତୀୟ ଜନତା ପାର୍ଟି (ଭାଜପା)ର ପାଲାମପୁର ଅଧିବେଶନରେ ଅଯୋଧ୍ୟାର ରାମମନ୍ଦିର ଭଳି ଧର୍ମୀୟ ବିଷୟକୁ ରାଜନୈତିକ ପ୍ରସଙ୍ଗରେ ପରିଣତ କରି ଏହି ଦଳ ଦେଶର ରାଜନୀତିରେ ପ୍ରମୁଖ ଶକ୍ତିଭାବେ ନିଜକୁ ପ୍ରତିପାଦିତ କରିପାରିଥିଲା । ୧୯୯୦ ଡିସେମ୍ବର ୨୫ ରେ ଭାଜପା ନେତା ଲାଲ୍‌କୃଷ୍ଣ ଆଡ୍‌ଭାନୀଙ୍କ (ଟୟୋଟା ଟ୍ରକ୍) ରଥଯାତ୍ରା ସୋମନାଥ ମନ୍ଦିରଠାରୁ ବାହାରିବା ମଧ୍ୟ ପ୍ରମାଣ କଲା ଯେ, ଭାଜପା ଦେଶର ମୁଖ୍ୟ ଆର୍ଥିକ ଓ ସାମାଜିକ ପ୍ରସଙ୍ଗକୁ ପଛରେ ପକାଇ ଧର୍ମୀୟ ପ୍ରସଙ୍ଗକୁ ରାଜନୈତିକ ରୂପ ଦେବାକୁ ସିଦ୍ଧାନ୍ତ ଗ୍ରହଣ କରିଛି । ଆଡ୍‌ଭାନୀଙ୍କ ରଥଯାତ୍ରା ଅବଶ୍ୟ ଦଙ୍ଗାଯାତ୍ରାରେ ପରିଣତ ହୋଇଥିଲା । ଏହି ପଟ୍ଟଭୂମିରେ ପ୍ରଧାନମନ୍ତ୍ରୀ ନରସିଂହ ରାଓଙ୍କ ସରକାର ୧୯୯୧ରେ ଏକ ନୂଆ ଆଇନ ଆଣିଲେ । ସେଥିରେ କୁହାଗଲା ଯେ, ୧୯୪୭ ଅଗଷ୍ଟ ୧୫ ପର୍ଯ୍ୟନ୍ତ ବିଭିନ୍ନ ଧର୍ମର ଉପାସନାପୀଠର ଅଧିକାର ଯେଭଳି ଥିଲା, ତାହା ଅପରିବର୍ତ୍ତନୀୟ ରହିବ । କୌଣସି ଧର୍ମପୀଠର କର୍ତ୍ତୃତ୍ୱକୁ ପରିବର୍ତ୍ତନ କରାଯିବନାହିଁ । ଏପରି ଏକ ଆଇନ ଅଣାଯିବା ସତ୍ତ୍ୱେ ବି ବାବ୍ରି ମସ୍‌ଜିଦ୍‌କୁ ୧୯୯୨ ଡିସେମ୍ବର ୬ ରେ ଭାଙ୍ଗି ମାଟିରେ ମିଶାଇ ଦିଆଗଲା । ଭାରତର ପାର୍ଲାମେଣ୍ଟ, ଭାରତର ସମ୍ବିଧାନ, ଭାରତ ସରକାରଙ୍କ ସମସ୍ତ କ୍ଷମତାକୁ ବିଦ୍ରୂପ କରି ଉଗ୍ର ହିନ୍ଦୁତ୍ୱବାଦୀ ଶକ୍ତି ନିଜର ହିଂସ୍ରତା ପ୍ରଦର୍ଶନ କରିଥିଲେ । ଉତ୍ତରପ୍ରଦେଶର ତତ୍କାଳୀନ ମୁଖ୍ୟମନ୍ତ୍ରୀ କଲ୍ୟାଣ ସିଂ ସୁପ୍ରିମ୍‌କୋର୍ଟରେ ହଲପ୍‌ନାମା ଦାଖଲ କରି କହିଥିଲେ ଯେ, ଉତ୍ତରପ୍ରଦେଶ ସରକାର ବାବ୍ରି ମସ୍‌ଜିଦ୍‌କୁ ଭାଙ୍ଗିବାକୁ ଦେବନାହିଁ । ମାତ୍ର ସେ ଶଠତା ଆଚରଣ କରି ନିଜେ ଦେଇଥିବା ହଲପ୍‌ନାମା ବିରୋଧରେ କାମ କଲେ ।

ବାବ୍ରି ମସ୍‌ଜିଦ୍ ଭାଙ୍ଗିଲା ପରେ ବି ବିବାଦ ତୁଟିଲା ନାହିଁ । ତା'ପରେ ପ୍ରଶ୍ନ ଆସିଲା ରାମମନ୍ଦିର ନିର୍ମାଣର । ଏଇଟା କ'ଣ କେବଳ ଅଯୋଧ୍ୟାର ରାମମନ୍ଦିର ପ୍ରଶ୍ନ କି ? ଭାରତର ସବୁ ମସ୍‌ଜିଦ୍ ତଳେ ମନ୍ଦିର ଅଛି ବୋଲି ହିନ୍ଦୁମାନେ ଦାବି କରୁଛନ୍ତି । ଭାରତକୁ ମୁସଲମାନ୍‌ମାନେ ଆକ୍ରମଣ କଲାବେଳେ ହିନ୍ଦୁ ମନ୍ଦିର ଯେ ଭଙ୍ଗାଯାଇଛି, ତାହା ସଂପୂର୍ଣ୍ଣ ଅସତ୍ୟ ନୁହେଁ । ମାତ୍ର ଏହାର ଅର୍ଥ ନୁହେଁ ଯେ, ଭାରତରେ ଯେତେ ମସ୍‌ଜିଦ୍ ନିର୍ମାଣ ହୋଇଛି, ସେସବୁ ମନ୍ଦିର ଉପରେ ନିର୍ମାଣ କରାଯାଇଛି । ଶହ ଶହ ବର୍ଷ ତଳର ଘଟଣାକୁ କ'ଣ ଆଜି ବଦଳାଇହେବ ? ଭାରତରେ ଆଜି କୌଣସି ବୌଦ୍ଧ ମନ୍ଦିର ଦେଖିବାକୁ ମିଳୁନାହିଁ, କାହିଁକି ? କାରଣ ସେ ସବୁକୁ ଧ୍ୱଂସ କରିଦିଆଯାଇଛି ।

ଏହି ପଟ୍ଟଭୂମିରେ ବିଚାରାଳୟର ଭୂମିକା କ'ଣ ହୋଇଛି ? ତାହା ହିଁ ମୁଖ୍ୟ ପ୍ରଶ୍ନ । ବାବ୍ରି ମସ୍‌ଜିଦ୍-ରାମମନ୍ଦିର ସମ୍ପର୍କରେ ଆଲ୍ଲାହାବାଦ ହାଇକୋର୍ଟ ରାୟ ଦେଲେ ଯେ, ଯେହେତୁ ହିନ୍ଦୁମାନଙ୍କର ବିଶ୍ୱାସ ସେଠାରେ ରାମମନ୍ଦିର ଥିଲା, ତେଣୁ ସେ ସ୍ଥାନରେ ରାମମନ୍ଦିର ନିର୍ମାଣ ହେଉ । ଅଦାଲତ ପ୍ରମାଣକୁ ଭିତ୍ତି ନ କରି ବିଶ୍ୱାସକୁ ଆଧାର କରି ରାୟ ପ୍ରଦାନ କରିଥିଲେ ।

ସୁପ୍ରିମ୍‌କୋର୍ଟ କ'ଣ କହିଥିଲେ ? ୨୦୧୯ ନଭେମ୍ବର ୯ରେ ସୁପ୍ରିମକୋର୍ଟର ୫ ଜଣିଆ ସାମ୍ବିଧାନିକ ବେଞ୍ଚ୍‌ରେ ମୁଖ୍ୟ ବିଚାରପତି ରଞ୍ଜନ



ଗୋଗଇ, ବିଚାରପତି ବୋବ୍‌ଡେ, ବିଚାରପତି ଡକ୍ଟର ଡି.ୱାଇ. ଚନ୍ଦ୍ରଚୂଡ଼, ବିଚାରପତି ଅଶୋକ ଭୂଷଣ ଓ ବିଚାରପତି ଅବ୍‌ଦୁଲ ନଜିର ପ୍ରମୁଖ ଥିଲେ । ସେମାନେ ୧୯୯୧ର ଉପାସନାପୀଠ (ସ୍ପେଶାଲ ପ୍ରୋଭିଜନ) ଆଇନକୁ ତର୍ଜମାକରି ଯେଉଁ ଘୋଷଣା କଲେ, ତାହା ସମ୍ବିଧାନର ୧୪୧ ଧାରା ଅନୁସାରେ ସମଗ୍ର ଦେଶ ତଥା ସମଗ୍ର ଅଦାଲତ ପାଇଁ ପ୍ରଯୁଜ୍ୟ, ଏପରିକି ସୁପ୍ରିମକୋର୍ଟ ଲାଗି ମଧ୍ୟ । ସାମ୍ବିଧାନିକ ବେଞ୍ଚ୍ ଘୋଷଣା କଲେ ଯେ, ୧୯୯୧ ଆଇନର ଉଦ୍ଦେଶ୍ୟ ଥିଲା କୌଣସି ଉପାସନାପୀଠକୁ ପରିବର୍ତ୍ତନ ନ କରିବା ପାଇଁ । ୧୯୪୭ ଅଗଷ୍ଟ ୧୫ ପର୍ଯ୍ୟନ୍ତ ଯେଉଁ ଉପାସନା ପୀଠ ଯେପରି ଥିବ ତାକୁ ସେହିପରି ଭାବେ ରକ୍ଷଣାବେକ୍ଷଣ କରିବାକୁ ହେବ ।

ସୁପ୍ରିମ୍‌କୋର୍ଟଙ୍କ ଏହି ରାୟ ସମସ୍ତ ଅଦାଲତ ପ୍ରତି ଲାଗୁହେଲେ ହେଁ ଆଲ୍ଲାହାବାଦ୍ ହାଇକୋର୍ଟ ବିଚାରପତି ଡି.ଭି. ଶର୍ମା ସୁପ୍ରିମ୍‌କୋର୍ଟଙ୍କ ରାୟକୁ ଖଣ୍ଡନ କରି କହିଲେ, ଉପରୋକ୍ତ ଆଇନ ସବୁକ୍ଷେତ୍ରରେ ଲାଗୁ ହେବନାହିଁ ।

ବାରାଣସୀର ଜ୍ଞାନବାପି ମସ୍‌ଜିଦ୍ ଭିତରେ ଶିବଲିଙ୍ଗ ଅଛି ଦର୍ଶାଇ ଶ୍ରୀ ଜୈନ ଜିଲା ଜଜ୍ ଅଦାଲତରେ କେସ୍ ଦାଏର କଲେ । ମୁସ୍‌ଲିମ୍‌ଙ୍କ ପକ୍ଷରୁ ଏହାର ବିରୋଧ କରି ଅଦାଲତରେ ପିଟିଶନ ଫାଇଲ କରାଗଲା । ମାତ୍ର ଆଲ୍ଲାହାବାଦ ହାଇକୋର୍ଟ ଓ ଏପରିକି ସୁପ୍ରିମକୋର୍ଟ ଜିଲା ଜଜ୍‌ଙ୍କ ରାୟକୁ ରୋକିଲେ ନାହିଁ । ୨୦୧୯ରେ ପାଞ୍ଚଜଣିଆ ସାମ୍ବିଧାନିକ ବେଞ୍ଚ୍ ଯେଉଁ ରାୟ ଦେଇଥିଲା ଓ ସେହି ବେଞ୍ଚ୍‌ରେ ଡି.ୱାଇ. ଚନ୍ଦ୍ରଚୂଡ ସଭ୍ୟ ଥିଲେ ହେଁ ସେହି ରାୟକୁ ଅବମାନନା କରାଯାଇ ଜ୍ଞାନବାପି ମସ୍‌ଜିଦ୍‌ରେ ସର୍ଭେ ଚାଲିଲା ।

'ଇଡି'ର ଡାଇରେକ୍ଟର ସଞ୍ଜୟ ମିଶ୍ରଙ୍କ ଚାକିରିକାଳ ବାରମ୍ବାର ବୃଦ୍ଧି କରାଯାଇଛି କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଯୋଗୁ । ସଞ୍ଜୟ ଏହି ପଦବୀରେ ସର୍ବାଧିକ ଦୁଇବର୍ଷ ରହିବା କଥା । ୨୦୧୮ ନଭେମ୍ବରରେ ସେ ନିଯୁକ୍ତି ପାଇଥିଲେ, ମାତ୍ର ବାରମ୍ବାର ତାଙ୍କ ଚାକିରିକାଳକୁ ବଢ଼ାଯାଇଛି । ଏହି ବର୍ଦ୍ଧିତ ଚାକିରିକାଳ ବେଆଇନ ବୋଲି ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି କହିଲେ ବି ପୁଣି ତାଙ୍କର ଚାକିରିକାଳକୁ ୪୫ ଦିନ ବଢ଼ାଇଦେଲେ ସୁପ୍ରିମକୋର୍ଟର ଆଉଜଣେ ବିଚାରପତି । ଏହା କି ପ୍ରକାର ବ୍ୟବସ୍ଥା ?

ଭାଜପା ଏମ୍‌ପି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ବିରୋଧରେ ଗୁରୁତର ଯୌନ ଅତ୍ୟାଚାର ଅଭିଯୋଗ କରାଗଲେ ବି ଅଦାଲତ ତାଙ୍କୁ ଜେଲକୁ ନ ପଠାଇ ଜାମିନ ଦେଇଦେଲେ । ଏହି ଯୌନଅପରାଧୀ ବିରୋଧରେ ସାରା ଦେଶରେ ପ୍ରତିବାଦ ଦେଖାଦେବା ସତ୍ତ୍ୱେ ଏତେବଡ଼ ଅପରାଧୀଙ୍କୁ ଅଦାଲତ ଓ ପୋଲିସ ସୁରକ୍ଷାଦେବା ବିଡ଼ମ୍ବନାର ବିଷୟ ନୁହେଁ କି?

ସୁପ୍ରିମ୍‌କୋର୍ଟ ଦେଶର କେବଳ ଏକ ଅଦାଲତ ନୁହେଁ, ଏହା ସମ୍ବିଧାନ ଓ ଆଇନର ରକ୍ଷାକବଚ । ସୁପ୍ରିମ୍‌କୋର୍ଟ ଅତୀତରେ ଅନେକ ରାୟ ପ୍ରକାଶ କରିଛନ୍ତି, ଯାହାକି ଗଣତନ୍ତ୍ର ପ୍ରତି ନିରାପଦ ନୁହେଁ । ତେବେ ବି ଅନେକ ରାୟକୁ ଦେଶବାସୀ ସ୍ୱାଗତ କରିଛନ୍ତି । ବର୍ତ୍ତମାନ ନିର୍ବାଚନ ବଣ୍ଡ, ପି.ଏମ୍. କେୟାର ଫଣ୍ଡ୍ ଓ ଧାରା ୩୭୦ ଭଳି ଅନେକ ଅତି ଗୁରୁତ୍ୱପୂର୍ଣ୍ଣ କେସ୍‌ର ରାୟ ପ୍ରକାଶ ପାଇନାହିଁ । ବିଚାରପତିମାନେ ସମ୍ବିଧାନ ଓ ଆଇନର ରକ୍ଷକ ଭାବେ କାମ କଲେ ହିଁ ଭାରତରେ ଗଣତନ୍ତ୍ର ତିଷ୍ଠି ରହିବ ।

**ମୋ-୯୪୩୭୦୦୭୭୭୦**

## ଏଇ ଭାରତରେ

ଏବେ ବି ଭାରତରେ ବହୁ ଅଞ୍ଚଳରେ ଗମନାଗମନର ଅଭାବ ରହିଛି । ସ୍ୱାସ୍ଥ୍ୟ ସେବା ସେଠାରେ ଅପହଞ୍ଚ । ରୋଗୀଟିଏ ହେଉ କିମ୍ବା ଗର୍ଭବତୀଙ୍କୁ ଖଟିଆରେ ବୁହାହୋଇ ଅଣାଯାଉଛି ହସ୍ପିଟାଲକୁ । ଆମ୍ବୁଲାନ୍ସ ସେବା ବି ଉପଲବ୍ଧ ହୋଇପାରୁ ନାହିଁ । ଏଭଳି ସ୍ଥିତି ପ୍ରତିଦିନ ଖବର ପାଲଟୁଥିବା ବେଳେ ୩ ଡାକ୍ତର ବନ୍ଧୁ ଆଇସିୟୁ ସେବାକୁ ଗ୍ରାମାଞ୍ଚଳରେ ପହଞ୍ଚାଇବା ଲାଗି ଆରମ୍ଭ କରିଛନ୍ତି 'ମିଶନ ଆଇସିୟୁ' । ଏହି ମିଶନ ଚଳାଉଛନ୍ତି ଡା. ଅଶ୍ୱିନୀ ନାୟକ, ମନୋଜ ଶାହା ଏବଂ ଡା. ଏଡ୍‌ମଣ୍ଡ । ସେମାନେ ଗ୍ରାମାଞ୍ଚଳରେ ଆଇସିୟୁ ଯୋଗାଇଦେବା ସହ ଉନ୍ନତ ଚିକିତ୍ସା ବ୍ୟବସ୍ଥା କରୁଛନ୍ତି । ଏଣୁ ଦୂରଦୂରାନ୍ତରୁ ଗମ୍ଭୀର ସ୍ଥିତିରେ ଥିବା ରୋଗୀଙ୍କୁ ଆଉ ଦୂର ସହରକୁ ଆସିବାକୁ ପଡୁନାହିଁ । ସେମାନେ ଗ୍ରାମାଞ୍ଚଳରେ ଥିବା ବିଭିନ୍ନ ହସ୍ପିଟାଲରେ ଏହି ବ୍ୟବସ୍ଥା ଉପଲବ୍ଧ କରାଇ ପାରୁଛନ୍ତି । ସେଠାରେ ଅଭିଜ୍ଞ ଡାକ୍ତର, ମେଡିକାଲ କିଟ୍ ଆଦି ବି ଯୋଗାଇ ଦିଆଯାଉଛି । ଏବେ ସୁଦ୍ଧା ତିନି ଡାକ୍ତର ବନ୍ଧୁ ୨୦ଟି ହସ୍ପିଟାଲରେ ୨୦୦ ଆଇସିୟୁ ବେଡ୍ କିଟ୍ ଯୋଗାଇ ସାରିଲେଣି । ସେମାନେ ଏକ ହସ୍ପିଟାଲରେ ୧୦-୪୦ ବେଡ୍ ରଖିବାର ଯୋଜନା କରିଛନ୍ତି । ରୋଗୀଙ୍କୁ ଦୁର୍ଗମ ଅଞ୍ଚଳରୁ ଆଣି ସେଠାରେ ରଖୁଛନ୍ତି ଓ ବର୍ତ୍ତମାନ ଏହି ମିଶନ ମହାରାଷ୍ଟ୍ର, କର୍ନାଟକ, ଓଡ଼ିଶା, କଶ୍ମୀର, ମଣିପୁର, ତ୍ରିପୁରା ଏବଂ ଅରୁଣାଚଳ ପ୍ରଦେଶରେ ଚାଲୁରହିଛି । ଏହାପରେ ଜଣେ ରୋଗୀ ମହିଳାଙ୍କୁ ଯେପରି ଆଇସିୟୁ ପାଇବାକୁ ୩୦ ମିନିଟ୍‌ରୁ ଅଧିକ ବାଟ ଯାତ୍ରା କରିବାକୁ ପଡ଼ିବନି, ତାହାକୁ ଲକ୍ଷ୍ୟ ରଖି ଯୋଜନା ପ୍ରସ୍ତୁତ କରୁଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

**୧୧ ସେପ୍ଟେମ୍ବର ୧୯୯୮**

- ଭାରତବର୍ଷର ସର୍ବକନିଷ୍ଠ କୂଟନୀତିଜ୍ଞ, ଲଣ୍ଡନ ହାଇକମିଶନର ଲଳିତ ମାନସିଂହଙ୍କୁ 'ରୁଚି ପ୍ରତିଭା ସମ୍ମାନ' ପ୍ରଦାନ ।
- ନେପାଳ କାଠମଣ୍ଡୁ ବିମାନବନ୍ଦରରେ ଦେଶର ପ୍ରଥମକରି ଏକ ରାଡାର ଖଞ୍ଜାଯାଇଛି ।

## ପାଠକ ଶ୍ରେଷ୍ଠ ବିଚାରକ

### ଅନାଥାଶ୍ରମର ନାଥ କିଏ

ମହାଶୟ,

ରାଜ୍ୟର ପଲ୍ଲୀ ଓ ସହରଗୁଡ଼ିକରେ ଥିବା ଅନାଥାଶ୍ରମଗୁଡ଼ିକ ନିଷ୍ଠା ଓ ନୀତି ନିୟମରେ ପରିଚାଳନା ହେଉଛି କି ନାହିଁ ତାହାର ଉପଯୁକ୍ତ ତଦନ୍ତରେ ଅବହେଳା ଦୃଷ୍ଟିଗୋଚର ହେଉଛି । ଅନାଥାଶ୍ରମକୁ ଯଥେଷ୍ଟ ଅନୁଦାନ ମିଳୁଛି । ସରକାରୀ ଅନୁଦାନ ଉପଯୁକ୍ତ ବାଟରେ ଖର୍ଚ୍ଚ ହେଉନାହିଁ । କେତେକ ଅନାଥାଶ୍ରମ ଦୁର୍ନୀତିର ଛିଟାକୁ ନେଇ ଜନସାଧାରଣଙ୍କ ଆଲୋଚିତ ସମାଲୋଚନା କର୍ଣ୍ଣଗୁଞ୍ଜର ହେଉଛି । ବିଶେଷକଥା ଅନାଥାଶ୍ରମଗୁଡ଼ିକର ଛାତ୍ରୀଛାତ୍ରମାନଙ୍କ ରକ୍ଷଣ, ସୁରକ୍ଷା, ପୁଷ୍ଟିକର ଖାଦ୍ୟପାନୀୟ, ବେଶ ପୋଷାକ ଏବଂ ରେକର୍ଡପତ୍ର ଉପରେ ତଦନ୍ତ ସମୀକ୍ଷା ଓ ସଠିକ୍ ଯୋଜନା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଏକାଧିକ ଅନାଥାଶ୍ରମରେ ଉପଯୁକ୍ତ ଯୋଜନା ମାର୍ଗ ଦିଗହରା ପାଲଟିଛି । ଏଣୁ ରାଜ୍ୟ ସରକାର ଓ ପ୍ରଶାସନର ସୁଦକ୍ଷ ପରିଚାଳନା କମିଟି ଅନାଥାଶ୍ରମର ଦାୟିତ୍ୱ ବହନ କରନ୍ତୁ ।

**-ଆଦିକନ୍ଦ ସାହୁ, ଏକମାଣିଆ, କେନ୍ଦ୍ରାପଡ଼ା**

## ଚିରନ୍ତନୀ

ପାଶେ ଆସି ତା'ର ପୁଛିଲଇଁ ପରିଚୟ,
ନିରେଖି ସେ ମୁଖ ଉପୁଜିଲା ଘୋର ଭୟ-
ଦଶନବିହୀନ ଅଧରେ ଉଠିଲା ହସି
କପୋଳୁଁ ରକତ ଶୁଖିଛି, ରହିଛି ମସୀ !
-(ଜୀବନର ସ୍ୱର୍ଣ୍ଣ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନ୍ୟାୟ ବ୍ୟବସ୍ଥାରେ କେବଳ ନ୍ୟାୟାଧୀଶ ଗୁରୁତ୍ୱପୂର୍ଣ୍ଣ ନୁହନ୍ତି: ମୁଖ୍ୟ ବିଚାରପତି

## ଆଳି ଜେଏମ୍ଏଫ୍ସି କୋର୍ଟର ନୂତନ ଗୃହ ଉଦ୍ଘାଟିତ

ଆଳି,୧୦।୯
(ବନମାଳୀ ସେନାପତି)

ନ୍ୟାୟ ବ୍ୟବସ୍ଥାରେ କେବଳ ନ୍ୟାୟାଧୀଶମାନେ ନୁହନ୍ତି, ଆଡ୍ଭୋକେଟ ଓ ଆନୁଷଙ୍ଗିକ ଭିତ୍ତିଭୂମି ବି ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ଆଳି ଜେଏମ୍ଏଫ୍ସି କୋର୍ଟର ନୂତନ ଗୃହ ଉଦ୍ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ଶୁଭାଶିଷ ତାଳପତ୍ର କହିଛନ୍ତି। ରବିବାର ପୂର୍ବାହ୍ନରେ ସ୍ଥାନୀୟ ନିଆଳହାଟସ୍ଥିତ କଟକ-ଚାନ୍ଦବାଲି ରାସ୍ତା ପାର୍ଶ୍ୱରେ ପ୍ରାୟ ୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଅତ୍ୟାଧୁନିକ କୋର୍ଟର ନୂତନ ଗୃହକୁ ମୁଖ୍ୟ ବିଚାରପତି ଉଦ୍ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ସେ କହିଥିଲେ, ନ୍ୟାୟ ବ୍ୟବସ୍ଥା କେବଳ ନ୍ୟାୟମୂର୍ତ୍ତିମାନଙ୍କୁ ନେଇ ଚାଲିପାରିବ ନାହିଁ। ସେଥିପାଇଁ ବାର୍ ଆସୋସିଏଶନର ସଭ୍ୟମାନେ ଅଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ସେହିଭଳି ନ୍ୟାୟ ବ୍ୟବସ୍ଥାର ସୁପରିଚାଳନା ପାଇଁ ଆନୁଷଙ୍ଗିକ ଭିତ୍ତିଭୂମିର ଆବଶ୍ୟକତା ରହିଛି, ଯାହା ଆଜି ଆଳି ଜେଏମ୍ଏଫ୍ସି କୋର୍ଟ ପାଖରେ ଉପଲବ୍ଧ ହୋଇଛି। ତେଣୁ ଲୋକମାନଙ୍କୁ ନ୍ୟାୟ ଦେବାରେ ଆଉ କୌଣସି ଅସୁବିଧା ହେବ ନାହିଁ। ଆଡ୍ଭୋକେଟମାନେ ଅଧିକ ପଠନଶୀଳ ହୋଇ ଜ୍ଞାନ ଅର୍ଜନ କରିବା ସହ ସମାଜର ସବୁଶ୍ରେଣୀର ଲୋକ ଯେଉଁମାନେ ନ୍ୟାୟାଳୟର ଆଶ୍ରୟ ନେବେ, ସେମାନଙ୍କୁ ଉଚିତ ପରାମର୍ଶ ଯୋଗାଇ ଦେବେ।


ମୁଖ୍ୟ ବିଚାରପତି ଜଷ୍ଟିସ ଶୁଭାଶିଷ ତାଳପତ୍ର ଜେଏମ୍ଏଫ୍ସି କୋର୍ଟକୁ ଉଦ୍ଘାଟନ କରୁଛନ୍ତି।

ହାଇକୋର୍ଟର ବିଚାରପତି ତଥା କେନ୍ଦ୍ରାପଡ଼ା ଆଡ୍ମିନିଷ୍ଟ୍ରେଟିଭ ଜଜ୍ ଜଷ୍ଟିସ ଏସ୍.କେ.ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, କୋର୍ଟର ନୂତନ ଗୃହ ଉଦ୍ଘାଟନ ଆଳି ନ୍ୟାୟ ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ଉପଯୁକ୍ତ ସମୟ ସୀମା ମଧ୍ୟରେ ନିର୍ମିତ ଏହି ନୂତନ ନ୍ୟାୟ ମନ୍ଦିରରେ ସମସ୍ତ ଆଡ୍ଭୋକେଟ ସେମାନଙ୍କ କାର୍ଯ୍ୟ ସୁଚାରୁରୂପେ ପ୍ରତିପାଦନ କରି ବିଚାରପତିମାନଙ୍କୁ ସହଯୋଗର ହାତ ବଢ଼ାଇଲେ ଉଚିତ ହେବ ଓ ତାହା ପରିବେଶକୁ ଠିକ୍ ରଖିବ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶା ହାଇକୋର୍ଟ ବିଚାରପତି ତଥା କୋର୍ଟ ବିଲ୍ଡିଂ କମିଟିର ଚେୟାରମ୍ୟାନ୍ ଜଷ୍ଟିସ ବି.ଆର.ଷଡ଼ଙ୍ଗୀ କହିଥିଲେ, ଆଳି କୋର୍ଟ ୨୦୧୧ରେ ଆରମ୍ଭ ହୋଇଥିଲା ଓ ସେହିଦିନଠାରୁ ଏକ ସ୍ଥାୟୀ କୋର୍ଟ ରୁମ୍ ପାଇଁ ଚିନ୍ତା କରାଯାଇଥିଲା। କୋର୍ଟ ଆରମ୍ଭର ୧୨ ବର୍ଷ ପରେ ନୂତନ ଗୃହ ନିର୍ମାଣ ହୋଇ ସେହି ସ୍ୱପ୍ନ ଆଜି ପୂରଣ ହେଲା। ଏହି ନୂତନ ଗୃହର ସ୍ୱଚ୍ଛତା ଉପରେ ଆଳିବାର୍ଆସୋସିଏଶନର ସମସ୍ତ ସଦସ୍ୟ ଦୃଷ୍ଟି ଦେବା ଉଚିତ। ଏହା ଦ୍ୱାରା କୋର୍ଟ ପରିସରରେ ଏକ ସୁନ୍ଦର ପରିବେଶ ସଦାସର୍ବଦା ଲାଗି ରହିବ। କେନ୍ଦ୍ରାପଡ଼ା ଜିଲା ସେସନ ଜଜ୍ ବିଶ୍ୱଜିତ ମହାନ୍ତି ସ୍ୱାଗତ ଭାଷଣ ଦେଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ୨୦୧୧ରୁ ଆଳି ତହସିଲ ନିକଟରେ ଚାଲିଥିବା ଆଳି ଜେଏମ୍ଏଫ୍ସିଙ୍କ କୋର୍ଟ ସେପ୍ଟେମ୍ବର ୧୫ରୁ ଏହିଠାରେ କାର୍ଯ୍ୟକ୍ଷମ ହେବ। ପ୍ରତ୍ୟେକ ନ୍ୟାୟାଳୟର ଆଶ୍ରୟ ନେଉଥିବା ଲୋକ ନ୍ୟାୟ ପାଇବେ।

ଉତ୍ସବର ଶେଷ ଭାଗରେ ମଞ୍ଚାସୀନ ସମସ୍ତ ବିଚାରପତି ଓ ଅତିଥିମାନଙ୍କୁ ଉତ୍ତରୀୟ ଓ ମେମେଣ୍ଟୋ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଆଳି ବାର୍ ଆସୋସିଏଶନ ପକ୍ଷରୁ ସମସ୍ତ ଅତିଥିମାନଙ୍କୁ ଆଳିର ଆରାଧ୍ୟ ଦେବତା ଶ୍ରୀଶ୍ରୀ ଲକ୍ଷ୍ମୀ ବରାହଙ୍କ ଫଟୋଚିତ୍ର ପ୍ରଦାନ କରାଯାଇଥିଲା। ବାର୍ ଆସୋସିଏଶନ ସଭାପତି ଚିରଞ୍ଜୀବୀ ଦାସ ଆଳିରେ ଫାମିଲ କୋର୍ଟ ସହ ଅନ୍ୟ କୋର୍ଟ ପ୍ରତିଷ୍ଠା ପାଇଁ ଦାବି କରିଥିଲେ। ସମ୍ପାଦକ ଅକ୍ଷୟ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପ୍ରାରମ୍ଭରେ ମୁଖ୍ୟ ବିଚାରପତିଙ୍କ ସହିତ ଅନ୍ୟ ଅତିଥିମାନେ କୋର୍ଟ ପରିସରରେ ଚାରାରୋପଣ କରିଥିଲେ।

# ୭ ଦିନ ଭିତରେ ଚାଷୀଙ୍କ ଜମି ନ ଫେରାଇଲେ ଅଦାଲତ ଅବମାନନା ମାମଲା କରାଯିବ: ପ୍ରଶାନ୍ତ

ଭୁବନେଶ୍ୱର, ୧୦।୯(ସୁନିତ୍ ମିଶ୍ର)

ରାଜ୍ୟ ସରକାରଙ୍କ ଅତ୍ୟଧିକ ବେଦାନ୍ତ ପ୍ରୀତି ଯୋଗୁ ପୁରୀ-କୋଣାର୍କ ବେଳାଭୂମି ଉପକଣ୍ଠରେ ୧୦ ହଜାର ଏକର ଚାଷଜମିକୁ ହଡ଼ପ କରିବା ପାଇଁ ଯୋଜନାବଦ୍ଧ ଷଡ଼ଯନ୍ତ୍ରକୁ ସୁପ୍ରିମକୋର୍ଟ ବେଆଇନ ଘୋଷଣା କରିଛନ୍ତି। ରାଜ୍ୟ ସରକାରଙ୍କୁ ଏନେଇ ସୁପ୍ରିମକୋର୍ଟ ଭର୍ତ୍ସନା କରିବା ସହିତ ବେଦାନ୍ତ କମ୍ପାନୀକୁ ୫ ଲକ୍ଷ ଟଙ୍କାର ଜରିମାନା ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶାରେ କମ୍ପାନୀ ଓ ସରକାରଙ୍କ ମଧ୍ୟରେ ଥିବା ବନ୍ଧୁତା ହେତୁ ପ୍ରାକୃତିକ ଖଣିଜ ସମ୍ପଦ ହରିଲୁଟ୍ ଚାଲିଛି। ଖୋଦ୍ ରାଜ୍ୟ ସରକାର ଏଥିରେ ଏଜେଣ୍ଟ ସାଜିଛନ୍ତି ବୋଲି ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ କହିଛନ୍ତି। ଏହାସହ ସମସ୍ତ ଜମି ତୁରନ୍ତ ଚାଷୀଙ୍କୁ ଫେରାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଦୀର୍ଘ ୫ ମାସ ବିତିଯିବା ସତ୍ତ୍ୱେ ସରକାର ସୁପ୍ରିମ୍କୋର୍ଟଙ୍କ ନିର୍ଦ୍ଦେଶକୁ ଅନୁପାଳନ କରୁନାହାନ୍ତି। ତେଣୁ ଆସନ୍ତା ୭ ଦିନ ଭିତରେ ଯଦି ସରକାର ଚାଷୀଙ୍କୁ ସେମାନଙ୍କ ଜମି ଫେରସ୍ତ ନ କରିବେ ତେବେ ଲିଗାଲ ନୋଟିସ୍ ଦିଆଯିବା ସହିତ ସୁପ୍ରିମ୍କୋର୍ଟରେ ଅଦାଲତ ଅବମାନନା କେସ୍ କରାଯିବ ବୋଲି ପ୍ରଶାନ୍ତ ଚେତାବନୀ ଦେଇଛନ୍ତି।



ସ୍ଥାନୀୟ ଏକ ଘରୋଇ ହୋଟେଲଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତି ପକ୍ଷରୁ ପ୍ରଶାନ୍ତ ଭୂଷଣ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ବେଦାନ୍ତ ଭଳି ଗୋଟିଏ ଠକ କମ୍ପାନୀ, ଯାହାର ଗୋଟିଏ ପ୍ରାଥମିକ ବିଦ୍ୟାଳୟ ତିଆରି କରିବାର ଅଭିଜ୍ଞତା ନାହିଁ, ଏଭଳି ସ୍ଥିତିରେ ଏହି କମ୍ପାନୀ ବିଶ୍ୱବିଦ୍ୟାଳୟ ତିଆରି କରିବା ଆଳରେ ପୁରୀ-କୋଣାର୍କ ବେଳାଭୂମି ଅଞ୍ଚଳରେ ନିୟମ ଉଲ୍ଲଂଘନ କରି ଜଙ୍ଗଲ ଏବଂ ପରିବେଶକୁ ବାଜି ଲଗାଇ ୨ଟି ନଦୀ ସମେତ ୧୦ ହଜାର ଏକର ଚାଷଜମି ବେଆଇନ ଭାବେ ଅଧିଗ୍ରହଣ କରିଥିଲା। ଏହାଦ୍ୱାରା ୬ ହଜାର ପରିବାର ଏବଂ ୩୦ ହଜାର ଲୋକ ପ୍ରତ୍ୟକ୍ଷ ଭାବେ ଏହି ବେଆଇନ କାର୍ଯ୍ୟ ଦ୍ୱାରା ପ୍ରଭାବିତ ହୋଇଥିଲେ। ବେଦାନ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ତତ୍କାଳୀନ ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀ ସମସ୍ତ ଆଇନର ଜଳାଞ୍ଜଳି ଦେଇ ଶ୍ରୀଜଗନ୍ନାଥଙ୍କ ଅମୃତମଣୋହି ଏବଂ କୃଷକଙ୍କ ଚାଷ ଜମିକୁ ହଡ଼ପ କରିବା ଉଦ୍ଦେଶ୍ୟରେ ଯେଉଁ ଅଧିଗ୍ରହଣ କରିଥିଲେ ତାକୁ ସୁପ୍ରିମକୋର୍ଟ ଖାରଜ କରିସାରିଛନ୍ତି। ପୂର୍ବରୁ ସୁପ୍ରିମ୍କୋର୍ଟ ଓଡ଼ିଶାରେ ହୋଇଥିବା ଖଣି ଦୁର୍ନୀତି ଏବଂ ବେଆଇନ ଖଣି ଉତ୍ତୋଳନ ଯୋଗୁ ୨୦ ହଜାର କୋଟି ଟଙ୍କାର ରାଜସ୍ୱ ହାନିକୁ ଭରଣା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେଥିରୁ ବର୍ତ୍ତମାନ ପର୍ଯ୍ୟନ୍ତ ବେଆଇନ ଖଣି ଉତ୍ତୋଳନ କରିଥିବା କମ୍ପାନୀମାନେ ମାତ୍ର ୧୭ ହଜାର କୋଟି ଦାଖଲ କରିଛନ୍ତି। ଆହୁରି ୩ ହଜାର କୋଟି ବାକି ଅଛି। ଏଥିପାଇଁ ଆମେ ସୁପ୍ରିମ୍କୋର୍ଟ ଯାଇଛୁ ଏବଂ ଏହାକୁ ତୁରନ୍ତ ଦାଖଲ କରିବା ପାଇଁ ନିର୍ଦ୍ଦେଶନାମା ଆସିଛି। ସୁପ୍ରିମ୍କୋର୍ଟ ଖଣି ଉତ୍ତୋଳନ ପାଇଁ ଏକ ସୀମାରେଖା ଧାର୍ଯ୍ୟ କରାଯିବା ଯାଚିକା ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ମାଟିତଳେ ଖଣିଜ ସମ୍ପଦ ସୃଷ୍ଟି ହେବା ପାଇଁ ହଜାର ହଜାର ବର୍ଷ ସମୟ ନେଇଥିଲା। କିନ୍ତୁ ଦୁର୍ଭାଗ୍ୟର କଥା ସରକାରଙ୍କ ଅତ୍ୟଧିକ କମ୍ପାନୀ ପ୍ରୀତି ଯୋଗୁ ଆସନ୍ତା ୨୦ ବର୍ଷରେ ଖଣିଜ ପଦାର୍ଥ ଶେଷ ହୋଇଯିବ। ଆମର ଭବିଷ୍ୟତ ବଂଶଧର ପାଇଁ କିଛି ଖଣିଜ ସମ୍ପଦକୁ ସଂରକ୍ଷଣ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ କହିଛନ୍ତି, ଦୀର୍ଘ ୧୭ ବର୍ଷ ଧରି ଯେଉଁ ନ୍ୟାୟିକ ଲଢ଼େଇ ଆମେ ଲଢ଼ିଥିଲୁ ସେଥିରେ ଗୋଟିଏ ଟଙ୍କାର ପାରିଶ୍ରମିକ ନ ନେଇ ସୁପ୍ରିମ୍କୋର୍ଟର ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ୨୦୧୧ରୁ ଆମକୁ ନ୍ୟାୟିକ ସହାୟତା ପ୍ରଦାନ କରିଥିବାରୁ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତି ତରଫରୁ ତାଙ୍କୁ ଧନ୍ୟବାଦ ଅର୍ପଣ କରୁଛୁ।


## ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ

### ଦଶମ ଶ୍ରେଣୀ ମଧ୍ୟମା ସଂସ୍କୃତ ଷାଣ୍ମାସିକ ପରୀକ୍ଷା, ୨୦୨୩-୨୪

ବିଜ୍ଞପ୍ତି ନଂ. 1934/ (Trg. Conf.)/ତା: 07.09.23ରିଖ

**No.n-177:-** ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶାଙ୍କ ବିଜ୍ଞପ୍ତି ସଂଖ୍ୟା **1723/(Exam. Conf.-I)** ତା**28.07.2023**ରିଖର ଅନୁବୃତି ରୂପେ ଏତଦ୍ୱାରା ରାଜ୍ୟର ସମସ୍ତ ସଂସ୍କୃତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ପରୀକ୍ଷାର୍ଥୀ, ଅଭିଭାବକ ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ୨୦୨୩-୨୪ ମସିହା ଦଶମ ଶ୍ରେଣୀ ମଧ୍ୟମା ସଂସ୍କୃତ ଷାଣ୍ମାସିକ ପରୀକ୍ଷାର କାର୍ଯ୍ୟସୂଚୀ ଅନିବାର୍ଯ୍ୟ କାରଣବଶତଃ ପରିବର୍ତ୍ତନ କରାଯାଇ ନିମ୍ନ କାର୍ଯ୍ୟସୂଚୀ ଅନୁସାରେ ଅନୁଷ୍ଠିତ ହେବ ।

| | |
|---|---|
| 04.10.2023 (Wednesday) 1st sitting (10 am to 12.30 pm) PAPER-IV (MOR/MHN) ମାତୃଭାଷା (ଓଡ଼ିଆ/ ହିନ୍ଦୀ) MATRUBHASA (ODIA/HINDI) | 04.10.2023 (Wednesday) 2nd sitting (01.30 pm to 03.30 pm) PAPER-VIII (ENG) ଇଂରାଜୀ (ENGLISH) |
| 05.10.2023 (Thursday) 1st sitting (10 am to 12.15 pm) PAPER – V (MTH) ଗଣିତ (MATHEMATICS) | 05.10.2023 (Thursday) 2nd sitting (01.30 pm to 04.00 pm) PAPER-I (VOD) ସଂସ୍କୃତ ବ୍ୟାକରଣ ଓ ଦର୍ଶନ SANSKRUTA VYAKARANA 'O' DARSHAN) |
| 06.10.2023 (Friday) 1st sitting (10 am to 12 noon) PAPER- VI (GSC) ବିଜ୍ଞାନ (SCIENCE) | 06.10.2023 (Friday) 2nd sitting (01.30 pm to 04.00 pm) PAPER-III (KKJ/AVJ) ପ୍ରୟୋଗାତ୍ମକ ସଂସ୍କୃତ PRAYOGATMAKA SANSKRUTA) (କର୍ମକାଣ୍ଡ ଓ ଜ୍ୟୋତିଷ କିମ୍ବା ଆୟୁର୍ବେଦ ଓ ଯୋଗ) |
| 07.10.2023 (Saturday) 1st sitting (10 am to 12 noon) PAPER – VII (SSC) ସାମାଜିକ ବିଜ୍ଞାନ (SOCIAL SCIENCE) | 07.10.2023 (Saturday) 2nd sitting (01.30 pm to 04.00 pm) PAPER-II (SHA) ସଂସ୍କୃତ ସାହିତ୍ୟମ୍ (SANSKRUTA SAHITYAM) |

OIPR-27004/11/0032/2324 ସ୍ୱା./- ସମ୍ପାଦକ


# ୨୪ ବର୍ଷ ଧରି ତରଳ ଖାଦ୍ୟରେ ବିତୁଛି ଜୀବନ

କେନ୍ଦୁଝର,୧୦।୯
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଅନ୍ତର୍ଗତ କୋଡ଼ିପଶା ପଞ୍ଚାୟତର ପାହାଡ଼ ତଳ କୁଣ୍ଢେଇ ଗ୍ରାମର ଦିବ୍ୟାଙ୍ଗ ବୁଦ୍ଧିଆ ଜୁଆଙ୍ଗ(୨୪) ତରଳ ଖାଦ୍ୟ ଖାଇ ବହୁ କଷ୍ଟରେ ବଞ୍ଚିଛନ୍ତି। ତାଙ୍କର ପାଟି ଜନ୍ମରୁ ଖୋଲୁ ନ ଥିବାରୁ ଖାଦ୍ୟ ଖାଇବାରେ ବହୁ ଅସୁବିଧା ଭୋଗୁଛନ୍ତି। ଅର୍ଥାଭାବରୁ ଚିକିତ୍ସିତ ହୋଇ ପାରୁ ନ ଥିବା କହିଛନ୍ତି। ଏତଦ୍ ବ୍ୟତୀତକ ସେ ଚିତ୍ର କରିବା ସହ ବାଦ୍ୟ ବଜାଇବାରେ ପାରଙ୍ଗମ।

**ଜନ୍ମରୁ ଖୋଲୁନି ପାଟି**


ବୁଦ୍ଧିଆ ଜୁଆଙ୍ଗ

ବୁଦ୍ଧିଆଙ୍କ ଗୋଟିଏ ଗୋଡ଼ ଛୋଟ ହୋଇଥିବାରୁ ଭଲ ଭାବରେ ଚାଲିପାରୁନାହାନ୍ତି। ଜନ୍ମରୁ ତାଙ୍କର ପାଟି ସମ୍ପୂର୍ଣ୍ଣ ଭାବେ ଖୋଲୁନାହିଁ। ତେଣୁ ଭଲ ଭାବରେ କଥା ମଧ କହିପାରନ୍ତିନାହିଁ। ଭାତ, ରୁଟି ଭଳି ଖାଦ୍ୟ ଖାଇ ପାରୁ ନ ଥିବାରୁ ପେୟ, ସୁଜି, ତୋରାଣି କଖାଇ ବଞ୍ଚିଥିବା ନିଜେ ଖନେଇ ଖନେଇ କୁହନ୍ତି। ଜୁଆଙ୍ଗ ଉନ୍ନୟନ ସଂସ୍ଥା ସହାୟତାରେ ସେଲୁନ ଖୋଲି ଦୁଇ ପଇସା ରୋଜଗାର କରୁଛନ୍ତି। ଅର୍ଥାଭାବରୁ ଚିକିତ୍ସା କରିପାରିନାହିଁ। ସହାୟତା ମିଳିଲେ ପୁଅ କଥା କହିପାରନ୍ତା ବୋଲି ବୁଦ୍ଧିଆଙ୍କ ବାପା ନଟ ଜୁଆଙ୍ଗ କହିଛନ୍ତି। ସାମାଜିକ କର୍ମୀ ମନୋଜ କୁମାର ପଟେଲ, ବୁଦ୍ଧିଆଙ୍କୁ ପ୍ରଶାସନ ଏକ ବ୍ୟାଟେରି ଚାଳିତ ଟ୍ରାଇସାଇକେଲ ଯୋଗାଇଦେବାକୁନିବେଦନ କରିଛନ୍ତି।

# ରମେଶ ଚ୍ୟାଉ ପଟ୍ଟନାୟକଙ୍କ ସ୍ତ୍ରୀଙ୍କ ପରଲୋକ

ବ୍ରହ୍ମପୁର,୧୦।୯(ନରସିଂହ ସାହୁ)

ଗଞ୍ଜାମ ଜିଲା ବିଜେଡି ସଭାପତି ତଥା ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ସ୍ତ୍ରୀ ବିଜୟଲକ୍ଷ୍ମୀ ଚ୍ୟାଉ ପଟ୍ଟନାୟକଙ୍କ ରବିବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୭୫ ବର୍ଷ ହୋଇଥିଲା। ଅସୁସ୍ଥତା ଯୋଗୁ ଦୀର୍ଘଦିନ ଧରି ସେ ଚିକିତ୍ସିତ ହେଉଥିଲେ। ବିଏମ୍ସି ମେୟର ସଂଘମିତ୍ରା ଦଳେଇ, ରାଜ୍ୟ କାଜୁ ଉନ୍ନୟନ ନିଗମ ଅଧ୍ୟକ୍ଷ ସୁବାସ ମହାରଣା, ଅର୍ବାନ ବ୍ୟାଙ୍କ ସଭାପତି ଆର.ମୂରଲୀ ମୋହନ,


ବିଜୟ ଲକ୍ଷ୍ମୀ ଚ୍ୟାଉ ପଟ୍ଟନାୟକ

କର୍ପୋରେଟର ତ୍ରିପତି ପାତ୍ରଙ୍କ ସମେତ ଦଳର ଅନେକ ନେତା ଓ କର୍ମୀ ବିଜୟଲକ୍ଷ୍ମୀଙ୍କ ଶେଷ ଦର୍ଶନ ପାଇଁ ଭୁବନେଶ୍ୱର ଯାଇଛନ୍ତି। ଏମ୍ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା, ସିପିଆଇ (ଏମ) ରାଜ୍ୟ କମିଟି ସମ୍ପାଦକ ଅଳି କିଶୋର ପଟ୍ଟନାୟକଙ୍କ ସମେତ ବିଭିନ୍ନ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।


**OFFICE OF THE REVENUE DIVISIONAL COMMISSIONER CENTRAL DIVISION, ODISHA, CUTTACK**

No.D-

Adv.No.12410 Date:8.9.2023

**WALK-IN-INTERVIEW**

A Walk-in-Interview is going to be conducted on **16.09.2023** at **12.00 Noon** for re-engagement of 03 Nos. of retired Group-"D" Government employees against 50% of the entry level Group-D vacancies in the office of the RDC (CD), Cuttack on a contractual basis for a period of one (01) year or until the posts are filled up by direct recruitment, whichever is earlier.

For complete details please visit RDC (CD), Cuttack website:-**https://rdccdcuttack.nic.in/.** The interested candidates fulfilling the eligibility criteria may appear for registration and waik-in-interview on the above scheduled date & time. No application will be entertained after the scheduled time.

Sd./-
Revenue Divisional Commissioner,
Central Division, Cuttack
OIPR-24170/11/0008/2324


# ମା' ହିଙ୍ଗୁଳାଙ୍କ ମୁଖ୍ୟ ପୂଜକଙ୍କ ପରଲୋକ

ତାଳଚେର,୧୦।୯(ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର ବ୍ଲକ ଗୋପାଳପ୍ରସାଦସ୍ଥିତ ମା' ହିଙ୍ଗୁଳାଙ୍କ ମୁଖ୍ୟ ପୂଜକ ହୃଦାନନ୍ଦ ଦେହୁରୀ(୯୨)ଙ୍କ ରବିବାର ସକାଳ ୭ଟା ୧୦ରେ ପରଲୋକ ହୋଇଯାଇଛି। ସେ କିଛିଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ମା'ହିଙ୍ଗୁଳାଙ୍କ ଜଣେ ଏକନିଷ୍ଠ ସାଧକ ଭାବରେ ସେ ପରିଚିତ ଥିଲେ। ହୃଦାନନ୍ଦଙ୍କ ବିୟୋଗରେ ସ୍ଥାନୀୟ ବିଧାୟକ ବ୍ରଜକିଶୋର ପ୍ରଧାନ, ମା ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ସମସ୍ତ ସଦସ୍ୟ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସହାନୁଭୂତି ଜଣାଇଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।


**OFFICE OF THE PANCHAYAT SAMITI, BARGARH**
**DISTRICT: BARGARH (ODISHA)**
**Email- ori-bbargarh@nic.in & bdo.bargarh11@gmail.com**
**Ph.No.-06646-233162**

**No.2380** **Date 07.09.2023**

**CORRIGENDUM**

No.i-368:- In pursuance to Tender Call Notice No.2111, Dated 19.08.2023, the receipt of the bid documents is extended upto 22.09.2023 till 05.30 P.M. in place of 31.08.2023 till 01.00 P.M. and opening of the bid documents will be on the same day i.e. 22.09.2023 at 5.45 P.M. in place of 01.09.2023 at 11.00 A.M. due to unavoidable circumstances.

For more details: log on to **www.bargarh.nic.in**

**Sd./- Block Development Officer**
**Bargarh**
OIPR-19219/11/0003/2324



DSPL-227

**ODISHA SCHOOL EDUCATION PROGRAMME AUTHORITY**
**"SHIKSHA SOUDHA", UNIT-V, BHUBANESWAR-751001**
**Ph No.0674-2395325(O), E-mail - opepaedu@yahoo.co.in**

**Letter No.10576/23** **Dt.10.09.2023**

**NOTICE**

It is for information of all concerned that, in pursuance of School & Mass Education Department, Odisha Resolution No. 20336 / SME Dt. 22.08.2023 and Letter No. 21742 / SME Dt. 08.09.2023, 20,000 (Twenty Thousand) Junior Teacher (Schematic) posts will be filled up in the Primary & Upper Primary Schools under different Revenue Districts of Odisha.

The information on District wise & category wise posts will be available in OSEPA website i.e. **osepa.odisha.gov.in** w.e.f. **11.09.2023**. Applications are invited from the intending candidates to apply for the post of Junior Teacher (Schematic) **through online mode** only from **13.09.2023.** The last date of submission of online application form is **10.10.2023. No other mode of application will be accepted. There will be no examination fees.**

The candidates will be selected on the basis of marks secured on CBT (Computer Based Test) examination. The syllabus of the CBT examination is available in the OSEPA website. The date, time & examination centre of CBT examination will be mentioned in the admit card of the concerned candidates.

The detail information on engagement of Junior Teacher (Schematic) will be available in OSEPA website. The candidates are advised to visit the OSEPA website on regular basis.

**Sd-/**
**State Project Director**
**OSEPA, Bhubaneswar**
**OIPR-27068/13/0023/2324**

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଭିନ୍ନକ୍ଷମ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀଙ୍କ ବିଭିନ୍ନ ଦାବି ପୂରଣ ନିମନ୍ତେ ଗଣଧାରଣା, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୦ଟା।
- ଆଚାର୍ଯ୍ୟ ବିନୋବା ଭାବେଙ୍କ ୧୨୯ତମ ଜୟନ୍ତୀ ସମାରୋହ, ସୂଚନା ଭବନ, ପୂର୍ବାହ୍ନ ୧୧ଟା ୩୦।
- ସିଏସ୍ଆଇଆର୍ ଲାଇବ୍ରେରି ପକ୍ଷରୁ 'ୱାନ ୱିକ୍ ୱାନ ଲାବ' କାର୍ଯ୍ୟକ୍ରମ, ସିଆସ୍ଆଇଆର୍- ଆଇଏମ୍ଏମ୍‌ଟି, ଅପରାହ୍ନ ୪ଟା।
- ପକ୍ଷୀଘର ପ୍ରକାଶନୀ ପକ୍ଷରୁ ପୁଷ୍ପାଞ୍ଜଳି କରଙ୍କ ୨ଟି ପୁସ୍ତକର ଲୋକାର୍ପଣ ଉତ୍ସବ, ବୁଦ୍ଧ ମନ୍ଦିର, ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### ଭିନ୍ନକ୍ଷମ ବାଳିକାଙ୍କୁ ଆର୍ଥିକ ସହାୟତା



କଟକ ସଦର,୧୦।୯(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ପଞ୍ଚାୟତ ବମ୍ଫୁରି ଗ୍ରାମର ବାବୁଲି ଭୋଇଙ୍କ ଭିନ୍ନକ୍ଷମ କନ୍ୟା ସୁଭଦ୍ରା ଭୋଇଙ୍କୁ ଉଚ୍ଚତର ଶିକ୍ଷା ଅଧ୍ୟୟନ ପାଇଁ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହାୟତାର ହାତ ବଢ଼ାଇଛି। ଭୁବନେଶ୍ୱରସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆଶା'ର କର୍ମକର୍ତ୍ତାମାନେ ରବିବାର ବମ୍ଫୁରି ଆସି ୧୦ ହଜାର ଟଙ୍କାର ଡ୍ରାଫ୍ଟ, ଶବ୍ଦକୋଷ ଓ ପାଠ୍ୟ ଉପକରଣ ପ୍ରଦାନ କରିଥିଲେ। ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ଭୋଇଙ୍କ ଉପସ୍ଥିତିରେ ସଂସ୍ଥାର ସଭାପତି ଅକ୍ଷୟ କୁମାର ଭୋଇ, ଉପ ସଭାପତି କେଦାରନାଥ ଦାସ, ବାମଦେବ ଦାସ, ଅବକାଶ ଭଞ୍ଜ, ସୁରେନ୍ଦ୍ର ଭୋଇ, ରବୀନ୍ଦ୍ରନାଥ ଦାସ, ନକୁଳ ଦାସ, ପ୍ରଶାନ୍ତ ଭୋଇ, ବୈରାଗୀ ଦାସ, ନରେନ୍ଦ୍ର ଦାସ, ସନ୍ତୋଷ ଭୋଇ ଓ ତ୍ରିଲୋଚନ ଦାସ ପ୍ରମୁଖ ସମ୍ପୃକ୍ତ ବାଳିକାଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ ଭବିଷ୍ୟତରେ ସାହାଯ୍ୟ କରିବା ପାଇଁ ଆଶ୍ୱାସନା ଦେଇଥିଲେ। ଅଥଗଡ଼ସ୍ଥିତ ଚିନ୍ତାମଣି ସ୍ମୃତି ବାଳିକା ବିଦ୍ୟାମନ୍ଦିରରେ ସୁଭଦ୍ରା ଦଶମ ଶ୍ରେଣୀରେ ପଢ଼ୁଛନ୍ତି।

# ପାର୍ବଣ ପୂର୍ବରୁ ଭିଡ଼ ନିୟନ୍ତ୍ରଣ ଚିନ୍ତା

## ରାଜଧାନୀରେ ଟ୍ରାଫିକ୍ ସମସ୍ୟା ବଢୁଛି

*ରାଜଧାନୀରେ ଦିନକୁ ଦିନ ଲୋକଙ୍କ ସହ ଗାଡ଼ି ସଂଖ୍ୟା ବଢ଼ିବାରେ ଲାଗିଛି। ତେବେ ସେହି ଅନୁସାରେ ଟ୍ରାଫିକ୍ ବ୍ୟବସ୍ଥାକୁ ବ୍ୟବସ୍ଥିତ କରାଯାଇ ନ ପାରିବାରୁ ଅସମ୍ଭାଳ ଗହଳି ପରିଲକ୍ଷିତ ହେଉଛି। ଆବଶ୍ୟକ ସଂଖ୍ୟାରେ ଟ୍ରାଫିକ୍ ପୋଷ୍ଟ ଏବଂ କର୍ମଚାରୀ ଅଭାବରୁ ଏବେ ଅଧିକାଂଶ ସ୍ଥାନରେ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳୁଛି। ଆଗକୁ ପାର୍ବଣ ଋତୁ ଆସୁଥିବାରୁ ଭିଡ଼ ନିୟନ୍ତ୍ରଣ କରିବା ଟ୍ରାଫିକ୍ ପୋଲିସ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଲାଣି।*



ଭୁବନେଶ୍ୱର,୧୦।୯(ସତ୍ୟଜିତ୍ ରାଉତ)

ରାଜଧାନୀର ପରିସୀମା ବୃଦ୍ଧି ସହ ଜନ ସଂଖ୍ୟା ବୃଦ୍ଧି ପାଉଛି। ପୂର୍ବରୁ ସହରର କିଛି ପ୍ରମୁଖ ଛକରେ ସମସ୍ୟା ଦେଖାଯାଉଥିବାବେଳେ ଏବେ ଅଧିକାଂଶ ଛକରେ ନାହିଁ ନ ଥିବା ଭିଡ଼ ସୃଷ୍ଟି ହେଉଛି। ଭିଡ଼ରେ ଫସି ଜନସାଧାରଣ ଏକ ପ୍ରକାର ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଏପରିକି ଅନେକ ସମୟରେ ଆମ୍ବୁଲାନ୍ସ, ପିସିଆର୍ ଭଳି ଜରୁରିକାଳୀନ ଗାଡ଼ି ମଧ୍ୟ ଏହି ଭିଡ଼ ମଝିରେ ଫସି ରହିଯାଉଛି। ଆଗକୁ ପାର୍ବଣ ଋତୁ ଆସୁଛି। ଏହି ଦିନରେ ଟ୍ରାଫିକ୍ ଜାମ୍ ସହରରେ ଏକ ବଡ଼ ସମସ୍ୟା ଭାବେ ଉଭା ହେବ। ତେଣୁ ଆଗକୁ ଭିଡ଼ ନିୟନ୍ତ୍ରଣ ଚିନ୍ତାର ବିଷୟ ହୋଇଛି। ଏହା ପୂର୍ବରୁ ଟ୍ରାଫିକ୍ ସମସ୍ୟା ଦୂର କରିବାକୁ କୌଣସି ବଡ଼ ପଦକ୍ଷେପ ନିଆ ନ ଗଲେ ସମସ୍ୟା ଦ୍ୱିଗୁଣିତ ହେବ ବୋଲି କୁହାଯାଉଛି।

ମିଳିଥିବା ସୂଚନା ଅନୁସାରେ ୨୦୨୩ ଅଗଷ୍ଟ ସୁଦ୍ଧା ଆର୍‌ଟିଓ-୧ ଓ ଆର୍‌ଟିଓ-୨ରେ ପ୍ରାୟ ୧୬ଲକ୍ଷରୁ ଊର୍ଦ୍ଧ୍ୱ ଗାଡ଼ି ପଞ୍ଜୀକୃତ ହେଲାଣି। ସେପଟେ ପ୍ରତ୍ୟେକଦିନ ରାଜଧାନୀକୁ ପ୍ରାୟ ୧ଲକ୍ଷରୁ ଊର୍ଦ୍ଧ୍ୱ ଗାଡ଼ି ଚଳାଚଳ ହେଉଥିବାରୁ ଟ୍ରାଫିକ୍ ସମସ୍ୟାର ଏହା ଅନ୍ୟତମ କାରଣ ହୋଇଛି। ସହରର ପ୍ରମୁଖ ଛକ ପଳାଶୁଣୀ, ରସୁଲଗଡ଼, ବାଣୀବିହାର, ଖଣ୍ଡଗିରି, ଜୟଦେବ ବିହାର, କଳିଙ୍ଗ ହସ୍ପିଟାଲ, ଡମଣା, ପଟିଆ, ସିଆର୍‌ପି, କଳ୍ପନା, ଆଦି ଛକରେ ପ୍ରାୟ ସମୟରେ ଲୋକମାନେ ଭିଡ଼ରେ ଫସୁଛନ୍ତି। ସକାଳ ୮ରୁ ୧୦ଟା ୩୦ ଏବଂ ସନ୍ଧ୍ୟା ୫.୩୦ରୁ ୭ଟା ୩୦ ମଧ୍ୟରେ ଏହି ସମସ୍ୟା ଅଧିକ ରହୁଛି। ରସୁଲଗଡ଼ ଛକରେ ଟ୍ରାଫିକ୍ ଜାମ୍ ହେଲେ ଏହାକୁ ନିୟନ୍ତ୍ରଣ କରିବା ପୋଲିସ ପାଇଁ କାଠିକର ପାଠ ହୋଇଯାଉଛି। କେଉଁଠି କୌଣସି ଗାଡ଼ିର ବ୍ରେକ୍ ଫେଲ୍ ହୋଇଗଲେ ଟ୍ରାଫିକ୍ ଜାମ ହେଉଛି। ତୁରନ୍ତ ଏହି ଭିଡ଼କୁ ନିୟନ୍ତ୍ରଣ କରି ଗାଡ଼ି ଚଳାଚଳ ସ୍ୱାଭାବିକ କରିବାକୁ ଅଧିକାଂଶ ସମୟରେ ଟ୍ରାଫିକ୍ ପୋଲିସଙ୍କ ଦେଖା ମିଳୁନାହିଁ। ସେହିପରି ପଳାଶୁଣୀରେ ମଧ୍ୟ ଏହି ସମାନ ଅବସ୍ଥା। କଟକ ରୋଡରେ ମଧ୍ୟ ବିଭିନ୍ନ ସମୟରେ ଭିଡ଼ରେ ଲୋକମାନେ ଫସି ରହୁଛନ୍ତି। ଏହି ରୋଡରେ ଏସ୍‌ପ୍ଲାନେଡ୍ ମଲ୍‌କୁ ପ୍ରବେଶ କରୁଥିବା ଗାଡ଼ି ଅଧିକ ସମସ୍ୟା ସୃଷ୍ଟି କରୁଛି। ଉକ୍ତ ମଲ୍ ମଧ୍ୟକୁ କାର୍‌ଗୁଡ଼ିକ ପ୍ରବେଶ କରିବା ସମୟରେ ସାମ୍ନା ରାସ୍ତାରେ ଲୋକେ ଫସି ରହୁଛନ୍ତି। ବମିଖାଲ୍ ଫ୍ଲାଏ ଓଭର୍ ଓ ଝାରପଡ଼ା ପାର୍ଶ୍ୱରୁ ଆସୁଥିବା ଚାଳକମାନେ ଅନେକ ସମୟ ଧରି ହଇରାଣ ହେଉଛନ୍ତି। ସବୁଠୁ ବଡ଼ କଥା ହେଲା ମଲ୍ ନିକଟରେ ପ୍ରାୟ ସମୟରେ ଟ୍ରାଫିକ୍ କର୍ମଚାରୀମାନେ ନିୟମ ଉଲ୍ଲଂଘନକାରୀଙ୍କୁ ଖୋଜି ଖୋଜି ଫାଇନ୍ କାଟୁଥିବାବେଳେ ଭିଡ଼ ନିୟନ୍ତ୍ରଣ କରିବାକୁ ସେମାନଙ୍କ ସେଭଳି ଆନ୍ତରିକତା ଥିବା ଦେଖିବାକୁ ମିଳୁନାହିଁ। ସେପଟେ ଜୟଦେବ ବିହାରରୁ ନନ୍ଦନକାନନ ଯାଇଥିବା ରାସ୍ତାରେ ଗହଳି ଏବେ ଦେହସୁହା ହୋଇଗଲାଣି। ସନ୍ଧ୍ୟାରେ ଉକ୍ତ ରାସ୍ତାରେ ଗଲେ ନିର୍ଦ୍ଧାରିତ ସମୟଠାରୁ ବେଶ୍ ଅଧିକ ସମୟ ଲାଗୁଛି। କଳ୍ପନାରୁ ରବି ଟକିଜ୍ ରାସ୍ତା ଟ୍ରାଫିକ୍ ସମସ୍ୟା ମୁଣ୍ଡ ବ୍ୟଥାର କାରଣ ପାଲଟିଛି। କୋର୍ଟ ସମ୍ମୁଖ ରାସ୍ତା ଉପରେ ପାର୍କିଂ ଓ ଜବରଦଖଲ ଯୋଗୁରାସ୍ତା ସଙ୍କୁଚିତ ହୋଇଯାଉଛି। ପ୍ରବେଶ ପଥ ତମାଣ୍ଡୋ, ହଂସପାଳ, ଲିଙ୍ଗିପୁର ରାସ୍ତାରେ ଭିଡ଼ ଅଧିକ। ଟ୍ରାଫିକ୍ ପୋଲିସରେ ବହୁ ପଦବୀ ଫାଙ୍କା ପଡ଼ିଥିବାରୁ ଆବଶ୍ୟକତା ଅନୁସାରେ ଟ୍ରାଫିକ୍ କର୍ମଚାରୀ ମୁତୟନ ହେବା କଥା ତାହା ହୋଇପାରୁନାହିଁ। ଏସବୁ ସମସ୍ୟା ଲାଗି ରହିଥିବା ବେଳେ ଆଗକୁ ପୂଜା ଆସୁଥିବାରୁ ଏହି ଭିଡ଼ ସମସ୍ୟାରେ ଲୋକମାନେ ଅଧିକ ଦହଗଞ୍ଜ ହେବେ ବୋଲି ଆଶଙ୍କା ସୃଷ୍ଟି ହୋଇଛି।

### ୬୫ ପୋଷ୍ଟରେ ୩୫୨ ଟ୍ରାଫିକ୍ କର୍ମଚାରୀ

ରାଜଧାନୀରେ ଛୋଟବଡ଼ ଛକକୁ ମିଶାଇ ମୋଟ୍ ୬୫ ଟ୍ରାଫିକ୍ ପୋଷ୍ଟ ରହିଛି। ଏହି ପୋଷ୍ଟଗୁଡ଼ିକରେ ୩୫୨ଜଣ ଟ୍ରାଫିକ୍ କର୍ମଚାରୀ ମୁତୟନ ହେଉଛନ୍ତି। ଏମାନଙ୍କ ମଧ୍ୟରେ ହାବିଲଦାର, କନଷ୍ଟେବଳ, ଓଏପିଏଫ୍ କନଷ୍ଟେବଳ, ହୋମଗାର୍ଡ ଆଦି ରହିଛନ୍ତି। ଏହି କର୍ମଚାରୀମାନେ ପ୍ରତ୍ୟେକ ଦିନ ଦୁଇଟି ସିଫ୍ଟରେ ବଦଳାଇ କାର୍ଯ୍ୟ କରୁଛନ୍ତି। ସେହିଭଳି ବର୍ତ୍ତମାନ ୨୫ଜଣ ଛାତ୍ରୀଛାତ୍ର ଟ୍ରାଫିକ୍ ଭଲ୍ୟୁଣ୍ଟର ଭାବେ ଭିଡ଼ ସମୟରେ ନିୟୋଜିତ ହେଉଛନ୍ତି। ଅପରପକ୍ଷରେ ସହରରେ ଦୁଇଟି ଟ୍ରାଫିକ ଥାନା ଥିବାବେଳେ ସେଠାରେ ଅଫିସରଙ୍କୁ ମିଶାଇ ମୋଟ୍ ୪୫୪ ଜଣ ଟ୍ରାଫିକ ପୋଲିସ ରହିଛନ୍ତି। ଏମାନଙ୍କ ମଧ୍ୟରୁ ଦୁଇ ଇନ୍‌ସ୍ପେକ୍ଟର ଏବଂ ୧୫ ଜଣ ଏସ୍‌ଆଇ ଓ ଏଏସ୍ଆଇ ରହିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

### ଲୋକମାନେ ସଚେତନ ହେବା ଦରକାର



ସହରରେ ଜନସଂଖ୍ୟା ବଢୁଛି। ସହଜରେ ଋଣ ମିଳୁଥିବା ଯୋଗୁ ସମସ୍ତେ ଗାଡ଼ି କିଣୁଥିବାରୁ ଟ୍ରାଫିକ୍ ସମସ୍ୟା ବଢୁଛି। ଏଥିପାଇଁ ପ୍ରଥମେ ଲୋକମାନେ ସଚେତନ ହେବା ଦରକାର। ଚାଳକମାନେ ତାଙ୍କ ଗାଡ଼ିକୁ ନିର୍ଦ୍ଧାରିତ ସ୍ପିଡ୍ ଅନୁସାରେ ନ ଚଲାଇ ଅଧିକ ବେଗରେ ଚଲାଉଛନ୍ତି। ପ୍ରଶାସନ ସବୁ ବ୍ୟବସ୍ଥା କରୁଥିବାବେଳେ ଲୋକମାନେ ସଚେତନ ହେଉନାହାନ୍ତି। ଚାଳକମାନେ ମନଇଚ୍ଛା ରାସ୍ତାର ଯେକୌଣସି ସ୍ଥାନରେ ପାର୍କିଂ କରୁଛନ୍ତି। ଫଳରେ ଅଯଥା ଭିଡ଼ ସୃଷ୍ଟି ହେଉଛି। ପାଶ୍ଚାତ୍ୟ ଦେଶଗୁଡ଼ିକରେ ଲୋକମାନେ ସଚେତନ ଥିବାରୁ ଏଭଳି ସମସ୍ୟା ଦେଖିବାକୁ ମିଳେନାହିଁ।

–ସରୋଜ କାନ୍ତ ନାୟକ, ବ୍ୟବସାୟୀ

### ଜରିମାନା ଅଧିକ ନେଉଛନ୍ତି, ଭିଡ଼ ନିୟନ୍ତ୍ରଣକୁ ଦୃଷ୍ଟି ଦିଆଯାଉନି



ରାଜଧାନୀରେ ବାଇକ୍ ଚଲାଇବା ସମୟରେ ମୁଁ ଅନେକ ସମୟରେ ଭିଡ଼ରେ ଫସିଛି। ମୁଖ୍ୟମନ୍ତ୍ରୀଙ୍କ ସମେତ ଭିଆଇପିମାନଙ୍କ ଯାତାୟତ ସମୟରେ ରାସ୍ତାରେ ଅଧିକ ଜାମ୍ ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି। ବିଶେଷ କରି ଯେଉଁ ସ୍ଥାନରେ ଅଧିକ ଭିଡ଼ ସୃଷ୍ଟି ହେଉଛି ସେଠାରେ ଆବଶ୍ୟକତା ଅନୁସାରେ ଟ୍ରାଫିକ୍ କର୍ମଚାରୀଙ୍କୁ ମୁତୟନ କରାଯାଉନାହିଁ। ନିୟମ ଉଲ୍ଲଂଘନକାରୀଙ୍କଠାରୁ ଟ୍ରାଫିକ୍ ପୋଲିସ ଜରିମାନା ଅଧିକ ନେଉଛନ୍ତି। ହେଲେ ସେହି ଅନୁସାରେ ଟ୍ରାଫିକ୍ ଜାମ୍ ସମସ୍ୟାର ସମାଧାନ କରିବାକୁ ଦୃଷ୍ଟି ଦିଆଯାଉନାହିଁ।

– ପିଙ୍କୁ ନାୟକ, ଛାତ୍ର

### ଭିଡ଼ ନିୟନ୍ତ୍ରଣ ପାଇଁ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌କୁ ନିର୍ଦ୍ଦେଶ ହୋଇଛି



"ଟ୍ରାଫିକ୍ ବ୍ୟବସ୍ଥାରେ ସୁଧାର ଆଣିବାକୁ ବହୁ ପଦକ୍ଷେପ ନିଆଯାଉଛି। ଭୁବନେଶ୍ୱର ଓ କଟକ ମଧ୍ୟ ଦେଇ ଯାଇଥିବା ଜାତୀୟ ରାଜପଥ ଓ ରାଜପଥରେ ସନ୍ଧ୍ୟାରେ ଅଢ଼େଇ ଘଣ୍ଟା ପର୍ଯ୍ୟନ୍ତ ୬ଚକିଆ ଯାନ କିମ୍ବା ଟ୍ରକ୍ ଓ ଟ୍ରେଲର୍ ଚଳାଚଳକୁ ବନ୍ଦ କରାଯାଇଛି। ଏହାର ସଫଳତାକୁ ଦେଖି ପୂଜା ସମୟରେ ମଧ୍ୟ ଏହି କଟକଣାକୁ ବଢ଼ାଇବୁ। ହଂସପାଳରେ ଓଭରବ୍ରିଜ କାମ ଚାଲିଥିବାରୁ ପ୍ରବେଶ ପଥରେ ଭିଡ଼ ସୃଷ୍ଟି ହେଉଛି। ସେମାନେ ପୂଜା ସମୟରେ ଗୋଟିଏ-ୱେ ର କାମ ସାରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ନିୟମିତ ରାସ୍ତା ଫାଙ୍କା କରିବାକୁ ଏନ୍‌ଫୋର୍ସମେଣ୍ଟ ହେଉଛି। ରାସ୍ତାରେ ଯେଉଁଠି ସମସ୍ୟା ରହୁଛି, ତାହା ସମାଧାନ କରିବାକୁ ସମ୍ପୃକ୍ତ ବିଭାଗକୁ ଅବଗତ କରାଉଛୁ। ଟ୍ରାଫିକ୍ ସମସ୍ୟାରେ ସୁଧାର ଆଣିବାକୁ ଲୋକମାନେ ଅଧିକ ସଚେତନ ହେବା ଦରକାର। ନିୟମ ଉଲ୍ଲଂଘନକାରୀଙ୍କଠୁ ଜରିମାନା କାଟିବାକୁ ନିୟୋଜିତ ହେଉଥିବା ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌କୁ ଏବେ ଭିଡ଼ ନିୟନ୍ତ୍ରଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆଗକୁ ଟ୍ରାଫିକ୍ ଭଲ୍ୟୁଣ୍ଟର ସଂଖ୍ୟା ବଢ଼ାଇବାକୁ ଯୋଜନା ରଖାଯାଇଛି। ଆବଶ୍ୟକତା ଅନୁଯାୟୀ ଏବେ କିଛି କର୍ମଚାରୀ ରହିଥିବା ବେଳେ ଆଗକୁ ପର୍ଯ୍ୟାୟକ୍ରମେ ଏହି ସଂଖ୍ୟା ବଢ଼ାଯିବ। ଏଥିସହ ସହରରେ ୧୦ରୁ ୧୫ ଟ୍ରଫିକ୍ ପୋଷ୍ଟ ବଢ଼ାଇବାକୁ ବିଡିଏ ଓ ବିଏମ୍‌ସିକୁ କୁହାଯାଇଛି। ଏ ନେଇ ବିଭାଗ ପକ୍ଷରୁ ସବୁଜ ସଙ୍କେତ ଦିଆଯାଇଛି।

– ଭୁବନେଶ୍ୱର ଟ୍ରାଫିକ୍ ଏସିପି, ଜୟନ୍ତ ଦୋରା

## ବିଦ୍ୟୁତ୍ ତାର, ଜିଆଇ ଖୁଣ୍ଟ ଚୋରି : ୨ ଗିରଫ

ବାରଙ୍ଗ,୧୦।୯(ଲିଙ୍ଗରାଜ ରାଉତ)

ପୁରୀ ମୁଖ୍ୟ କେନାଲରେ ବିଦ୍ୟୁତ୍ କାମ ହେଉଥିବାବେଳେ ବିଦ୍ୟୁତ୍ ତାର ଓ ଜିଆଇ ଖୁଣ୍ଟ ଚୋରି ଅଭିଯୋଗରେ ରବିବାର ବାରଙ୍ଗ ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଲାଲ୍‌ବାଗ ଥାନା ଅଧୀନ ଜଗନ୍ନାଥ ବଲ୍ଲଭରେ ରହୁଥିବା କାଳିଆ ମହାପାତ୍ର ଓ ଅଲିସା ବଜାରରେ ରହୁଥିବା ସୁଶାନ୍ତ ବେହେରା। ପୋଲିସ ତାଙ୍କଠାରୁ ୪୫୦ମିଟର ଲମ୍ବର ୩ ବଣ୍ଡଲ ଆଲମିନିୟମ ତାର, ୩ଟି ଫୋନ ଓ ଚୋରି ପାଇଁ ବ୍ୟବହୃତ ଅଟୋ ଜବତ କରିଛି।

ସୂଚନା ମୁତାବକ, ଈଶ୍ୱର ଚନ୍ଦ୍ର ପରିଡ଼ା ନାମକ ଜଣେ ସରକାରୀ ଇଲେକ୍ଟ୍ରିକ୍ ଠିକାଦାର ପୁରୀ ମୁଖ୍ୟ କେନାଲରେ ଟେଣ୍ଡର ମାଧ୍ୟମରେ ବିଦ୍ୟୁତ୍ କାମ କରୁଥିଲେ। ଜୁଲାଇ ୨୦ ରାତିରେ କାମ ହେଉଥିବା ସ୍ଥାନରୁ ୪ଟି ଇଲେକ୍ଟ୍ରି ପୋଲ, ୨ କି.ମି. ଲମ୍ବାର କଣ୍ଡକ୍ଟର ତାର ଚୋରି ହୋଇଥିବା ସେ ବାରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏନେଇ ୨୭୨/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ୫ ଜଣ ଏକ ଅଟୋ (ଓଡ଼ି୦୨-ଏୟୁ-୧୧୩୧)ରେ ଆସି ଚୋରି କରିଥିବା ବିଶେଷ ସୂତ୍ରରୁ ପୋଲିସ ଖବର ପାଇଥିଲା।

## ଆତ୍ମହତ୍ୟା ରୋକିବାକୁ ସଚେତନତା ରାଲି




ଭୁବନେଶ୍ୱର,୧୦।୯
(ଅନୁରାଧା ମହାରଣା)

ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ ପାଳନ ଅବସରରେ ରେସର୍ସ ଆଣ୍ଡ୍ ରନର୍ସ କ୍ଲବ୍ ଓ ଭାରତୀୟ ମାନସିକ ସଂଘ ଓଡ଼ିଶା ଶାଖା ପକ୍ଷରୁ ଏକ ସଚେତନତା ସାଇକେଲ ରାଲି ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଦିବସର ଚଳିତ ବର୍ଷର ଥିମ୍ ଥିଲା 'କ୍ରିଏଟିଂ ହୋପ୍ ଥ୍ରୁ ଆକ୍ସନ'। ବର୍ତ୍ତମାନ ବିଶ୍ୱରେ ପ୍ରତି ୪୦ ସେକେଣ୍ଡରେ ଜଣେ ବ୍ୟକ୍ତି ଆତ୍ମହତ୍ୟା କରୁଛନ୍ତି। ଆତ୍ମହତ୍ୟା ହେଉଛି ଏକ ମାନସିକ ରୋଗ। ସମାଜ ଚେଷ୍ଟା କଲେ ଏହି ମାନସିକ ରୋଗକୁ ଦୂର କରାଯାଇ ପାରିବ। ଏହାକୁ କମାଇବା ବା ସମ୍ପୂର୍ଣ୍ଣ ଭାବେ ନିବାରଣ କରିବାକୁ ହେଲେ ଲୋକଙ୍କୁ ପ୍ରଥମେ ସଚେତନ କରିବାକୁ ପଡ଼ିବ। ସମାଜରେ ବାପା ମା ଓ ଅନ୍ୟମାନେ ମଧ୍ୟ ସାମାଜିକ ବନ୍ଧୁ। ଏମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ। ସେହିଭଳି ବିଭିନ୍ନ ମାଧ୍ୟମରେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ। ଆତ୍ମହତ୍ୟା ବଢିବାର ମୁଖ୍ୟ କାରଣ ବର୍ତ୍ତମାନର ସାମାଜିକ ଚଳଣି, ଛୋଟ ପରିବାର, ଘର ଭିତରେ ଏକା ରହିବା ଓ ବେରୋଜଗାର, ଆଧୁନିକୀକରଣକୁ ତାଳ ଦେଇ ନ ପାରିବା ଆଦି ଅନ୍ୟତମ। ଏହାକୁ ନିବାରଣ କରିବା ପାଇଁ ପ୍ରତ୍ୟେକ ଦିନ ଶାରୀରିକ ପରିଶ୍ରମ ଦୌଡ଼, ସାଇକେଲ ଚାଳନା ଓ ସନ୍ତରଣ ଇତ୍ୟାଦି କରାଯାଇ ମାନସିକ ସ୍ଥିତିକୁ ଠିକ୍ ରଖାଯାଇପାରିବ ବୋଲି ଏହି ଅବସରରେ ମତପ୍ରକାଶ ପାଇଛି। ଆତ୍ମହତ୍ୟା ନିବାରଣ କରିବାକୁ ଉଦ୍ୟମ କରୁଥିବା ଡାକ୍ତର ଶୁଭେନ୍ଦୁ ନାରାୟଣ ମିଶ୍ର ରେସର୍ସ ଆଣ୍ଡ ରନର୍ସ କ୍ଲବ୍ ସହଯୋଗରେ ଏହି ସାଇକେଲ ରାଲି ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ପଦକ୍ଷେପ ନେଇଛନ୍ତି।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଭୁବନେଶ୍ୱର,୧୦।୯
(ସୂର୍ଯ୍ୟକାନ୍ତ ବେହେରା)

କ୍ୟାପିଟାଲ ଥାନା ଅନ୍ତର୍ଗତ ମାଷ୍ଟର କ୍ୟାଣ୍ଟିନ ଅଞ୍ଚଳରେ ବୁଲାବୁଲି କରୁଥିବା ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ତାଙ୍କ ପରିଚୟ ଜଣାପଡି ନ ଥିବାବେଳେ ଏନେଇ ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ସୂଚନାନୁସାରେ, ରବିବାର ସକାଳେ ଯୁବକ ଜଣକ ସ୍ଥାନୀୟ ଏକ ହୋଟେଲ ସମ୍ମୁଖ ରାସ୍ତାପାର୍ଶ୍ୱରେ ଅଚେତ ଅବସ୍ଥାରେ ପଡି ରହିଥିଲେ। ଏନେଇ କେତେଜଣ ଲୋକ ୧୦୮ ଆମ୍ବୁଲାନ୍ସରେ ତାଙ୍କୁ ମେଡିକାଲ ପଠାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ମୃତଦେହକୁ ବର୍ତ୍ତମାନ କ୍ୟାପିଟାଲ ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ ରଖାଯାଇଛି। କେହି ମୃତବ୍ୟକ୍ତିଙ୍କ ପରିଚୟ ପାଇଲେ କ୍ୟାପିଟାଲ ଥାନା କିମ୍ବା କ୍ୟାପିଟାଲ ହସ୍ପିଟାଲ ସହ ଯୋଗାଯୋଗ କରିବା ପାଇଁ ପୋଲିସ ପକ୍ଷରୁ ନିବେଦନକରାଯାଇଛି।

## ଉଚ୍ଚ ଶବ୍ଦ ସୃଷ୍ଟିକାରୀ ୬୩ ବାଇକ୍ ଜବତ

ଭୁବନେଶ୍ୱର,୧୦।୯ (ସତ୍ୟଜିତ୍ ରାଉତ)



ରାଜଧାନୀରେ ଅନେକ ଯୁବକ ସେମାନଙ୍କ ବାଇକ୍‌କୁ ମଡେଲିଂ କରି ସେଥିରେ ବିକଟାଳ ବା ଉଚ୍ଚ ଶବ୍ଦ ସୃଷ୍ଟିକାରୀ ସାଇଲେନ୍ସର ପାଇପ୍ ଲଗାଉଛନ୍ତି। ଫଳରେ ଏହି ବାଇକ୍‌ଗୁଡ଼ିକ ରାସ୍ତାରେ ଯାତାୟାତ କରିବା ସମୟରେ ସୃଷ୍ଟି ହେଉଥିବା ଶବ୍ଦ ପ୍ରଦୂଷଣ ବା କମ୍ପନ ଅନ୍ୟ ଯାତ୍ରୀଙ୍କ ପାଇଁ ବିପଦ ଆଣୁଛି। କମିଶନରେଟ ପୋଲିସ ଏହା ଉପରେ କଟକଣା ଲଗାଇବା ସହ ଏହାର ବ୍ୟବହାରକୁ ବନ୍ଦ କରିବା ପାଇଁ ପୂର୍ବରୁ ଏକାଧିକଥର ସ୍ୱତନ୍ତ୍ର ଡ୍ରାଇଭ୍ ମାଧ୍ୟମରେ ବହୁ ବାଇକ ଜବତ କରିଛି। ଏହାସତ୍ତ୍ୱେ ଏଯାଏ ଏଥିରେ ରୋକ୍ ଲାଗୁନାହିଁ। ତେଣୁ ଏହି ବାଇକ୍‌ଗୁଡ଼ିକୁ ରାସ୍ତାରୁ ହଟାଇବା ପାଇଁ ପୋଲିସ ପକ୍ଷରୁ ପୁଣି ପ୍ରୟାସ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ପାର୍ବଣ ପୂର୍ବରୁ ଟ୍ରାଫିକ୍ ପୋଲିସ ପକ୍ଷରୁ ଶନିବାରଠାରୁ ସ୍ୱତନ୍ତ୍ର ଡ୍ରାଇଭ୍ ଆରମ୍ଭ ହୋଇଛି। ରବିବାର ପର୍ଯ୍ୟନ୍ତ ଦୁଇଦିନରେ ବିକଟାଳ ଶବ୍ଦ କରୁଥିବା ୬୩ଟି ବାଇକ୍‌କୁ ଜବତ କରାଯାଇଛି। ରାଜଧାନୀର ଏଜି ଛକ, କିଟ୍ ଛକ, ଜୟଦେବ ବିହାର, ମାଷ୍ଟରକ୍ୟାଣ୍ଟିନ୍, ବାଣୀବିହାର, ପଟିଆ, କଳ୍ପନା, ରସୁଲଗଡ଼ ଆଦି ପ୍ରମୁଖ ଛକରେ ଯାଞ୍ଚ୍ କରାଯାଇ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେହିଭଳି ସହରରେ ବିଭିନ୍ନ ସ୍ଥାନରେ ରଙ୍ଗ୍ ସାଇଟ୍‌ରେ ଚାଳନା କରୁଥିବା ୧୮ଟି ବାଇକ୍‌କୁ ମଧ୍ୟ ଜବତ କରାଯାଇଛି। ଏ ସଂକ୍ରାନ୍ତରେ ଏସିପି ଜୟନ୍ତ ଦୋରା କହିଛନ୍ତି, ଜବତ ବାଇକ୍ ସଂକ୍ରାନ୍ତରେ ସୋମବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟଙ୍କୁ ପ୍ରସିକ୍ୟୁଶନ୍ ରିପୋର୍ଟ (ପିଆର୍) ଦିଆଯିବ। ଚାଳକମାନେ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଜରିମାନା ଦେଇ ସେଠାରୁ ରିଲିଜ୍ ଅର୍ଡର ଆଣିବା ପରେ ଆମ ପାଖରୁ ସେମାନଙ୍କ ବାଇକ୍‌ଗୁଡ଼ିକ ନେଇପାରିବେ। ଏଥିସହ ସହରରେ ସାଇଲେନ୍ସର୍ ବିକ୍ରି କରୁଥିବା ଦୋକାନଗୁଡ଼ିକରେ ଆଗକୁ ମଧ୍ୟ ଚଢ଼ାଉ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ଯାଞ୍ଚ ପ୍ରକ୍ରିୟା ନିୟମିତ ଚାଲିବ ବୋଲି ଏସିପି କହିଛନ୍ତି।।



ଲୋହିଆ ଏକାଡେମିଠାରେ କବି ପ୍ରଶାନ୍ତ କୁମାର ମଙ୍ଗରାଜଙ୍କ ଶିଶୁ ଉପନ୍ୟାସ 'କୁନିବଣି' ଓ କନ୍ନଡ଼ରୁ ଅନୁବାଦିତ ଶିଶୁ ଉପନ୍ୟାସ 'ମୁଁ ବି ଆମ୍ବେଦକର'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ଶିଶୁ ଉପନ୍ୟାସ 'କୁନିବଣି', 'ମୁଁ ବି ଆମ୍ବେଦକର' ଉନ୍ମୋଚିତ

ଭୁବନେଶ୍ୱର,୧୦।୯(ଶର୍ମିଷ୍ଠା ପାଣିଗ୍ରାହୀ)

କବି ପ୍ରଶାନ୍ତ କୁମାର ମଙ୍ଗରାଜଙ୍କ ଶିଶୁ ଉପନ୍ୟାସ 'କୁନିବଣି' ଓ କନ୍ନଡ଼ରୁ ଅନୁବାଦିତ ଶିଶୁଉପନ୍ୟାସ 'ମୁଁବିଆମ୍ବେଦକର' ରବିବାର ସ୍ଥାନୀୟ ଲୋହିଆ ଏକାଡେମୀଠାରେ ଉନ୍ମୋଚିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରଫେସର ଡ. ଶାନ୍ତନୁ କୁମାର ଆଚାର୍ଯ୍ୟ ଯୋଗଦେଇ କହିଲେ, 'କୁନିବଣି' ଏକ ଯୁଗସ୍ରଷ୍ଟା ଶିଶୁ ଉପନ୍ୟାସ। ସମ୍ମାନିତ ଅତିଥି ଲେଖକ ବୀରେନ୍ଦ୍ର ମହାନ୍ତି ଶିଶୁ ଉପନ୍ୟାସ ଅଧିକରୁ ଅଧିକ ଲିଖନ ପାଇଁ ପରାମର୍ଶ ଦେଇଥିଲେ। ଓଡ଼ିଶା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ସନାତନ ପଣ୍ଡା ଶିଶୁ ଉପନ୍ୟାସକୁ ବିଦ୍ୟାଳୟରେ ଅଧିକରୁ ଅଧିକ ଶିଶୁପ୍ରିୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଶିଶୁ ସାହିତ୍ୟିକ ଦାଶ ବେନହୁର ଶିଶୁ ସାହିତ୍ୟ ଆଜିକାଲି ପାଠକାଦୃତ ହେଉଥିବା ବ୍ୟକ୍ତ କରିଥିଲେ। ସଭାମୁଖ୍ୟ ତଥା ବାଳସାହିତ୍ୟ ପୁରସ୍କାରପ୍ରାପ୍ତ ଲେଖକ ଡ. ନରେନ୍ଦ୍ର ପ୍ରସାଦ ଦାସ ଓ ବିଶେଷ ଅତିଥି ଭାବେ ବାଳସାହିତ୍ୟ ପୁରସ୍କାରପ୍ରାପ୍ତ ଏଚ.ଏସ୍. ବ୍ୟାକୋଡ଼ ଆଞ୍ଚଳିକ ଭାଷାରେ ଶିଶୁସାହିତ୍ୟକୁ ସମୃଦ୍ଧ କରିବା ପାଇଁ ଅନୁବାଦଧର୍ମୀ ଲିଖନ ଏବଂ ଏହାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏଥିସହ କନ୍ନଡ ଭାଷାରୁ ଓଡ଼ିଆକୁ ପ୍ରଥମଥର ପାଇଁ ଶିଶୁଉପନ୍ୟାସ ଅନୁବାଦିତ ହୋଇଥିବାରୁ ଅନୁବାଦକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଏଚ. ଏସ. ବ୍ୟାକୋଡ ଓ ବିଜ୍ଞାନ ଏକାଡେମୀ ପୁରସ୍କାରପ୍ରାପ୍ତ ବିଜ୍ଞାନ ଲେଖକ ହିମାଂଶୁ ଶେଖର ଫତେସିଂହଙ୍କୁ ସମ୍ମାନିତ କରାଯାଇଥିଲା। ଶିଶୁସାହିତ୍ୟିକ ଡ. ଶରତ କୁମାର ବିଶାଳ ସଭାପତିତ୍ୱ କରିଥିବାବେଳେ ବିଶିଷ୍ଟ ସାହିତ୍ୟିକ ରମେଶ ଚନ୍ଦ୍ର ଦାଶ ଅତିଥି ପରିଚୟ ଓ ଶିଶୁସାହିତ୍ୟିକ ପ୍ରଭାତ ଚନ୍ଦ୍ର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ମିର୍ଜାପୁର ଗାଁରେ ଖୋଲିବ ଡାକଘର

ପୁରୀ,୧୦।୯(ଅଜିତ ମହାନ୍ତି)

କୃଷ୍ଣପ୍ରସାଦ ବ୍ଲକ ମାଣିକ ପଞ୍ଚାୟତର ମିର୍ଜାପୁର ଗାଁରେ ଡାକଘର ନ ଥିବାରୁ ଗ୍ରାମବାସୀ ସରକାରଙ୍କ ଅନେକ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏପରିକି ଅନେକ ସମସ୍ୟା ଦେଇ ଗତି କରୁଛନ୍ତି। ଏହି ବିଷୟରେ ମାଣିକ ପଞ୍ଚାୟତର ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତାଙ୍କ ମାଧ୍ୟମରେ ଅବଗତ ହେଲା ପରେ ଦଳର ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ମିର୍ଜାପୁର ଗାଁକୁ ଯାଇ ସେମାନଙ୍କ ସମସ୍ୟା ବୁଝିଥିଲେ। ମିର୍ଜାପୁର ଗାଁରେ ଯଥାଶୀଘ୍ର ଡାକଘର ପ୍ରତିଷ୍ଠା ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ। ରବିବାର ସମ୍ବିତ ଓଡ଼ିଶାର ପୋଷ୍ଟମାଷ୍ଟର ଜେନେରାଲ ଶୁଭେନ୍ଦୁ କୁମାର ସ୍ୱାଇଁଙ୍କୁ ଭେଟି ମିର୍ଜାପୁର ଗାଁରେ ଡାକଘର ପ୍ରତିଷ୍ଠା ପାଇଁ ଆଲୋଚନା କରି ଦାବିପତ୍ର ଦେଇଥିଲେ। ଏହାପରେ ମିର୍ଜାପୁର ଗାଁରେ ଅତିଶୀଘ୍ର ଡାକଘର ପ୍ରତିଷ୍ଠା କରାଯିବ ବୋଲି ସମ୍ବିତ ପ୍ରତିଶ୍ରୁତି ଦେଇଛନ୍ତି। ଏହା ସ୍ଥାନୀୟ ଅଞ୍ଚଳର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ କହିଛନ୍ତି।

# ଉତ୍କଳୀୟ ସଂସ୍କୃତିରେ ସଂକୀର୍ତ୍ତନର ସ୍ୱତନ୍ତ୍ରତା ଅଛି

ଖୋର୍ଦ୍ଧା,୧୦।୯ (ପ୍ରଭାତ ପାଣିଗ୍ରାହୀ)

ଶ୍ରୀଜଗନ୍ନାଥ ନାମ ସଂକୀର୍ତ୍ତନ ପରିଷଦ, ଖୋର୍ଦ୍ଧା ଜିଲା ଆନୁକୂଲ୍ୟରେ ସ୍ଥାନୀୟ ଚନ୍ଦ୍ରଶେଖର ମନ୍ଦିରଠାରେ ରବିବାର ସଂକୀର୍ତ୍ତନ ସମାବେଶ ଓ ଗୀତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳ ୮ଟାରେ ୮୦ରୁ ଅଧିକ ନାମସଂକୀର୍ତ୍ତନ ମଣ୍ଡଳୀର ୧ ହଜାରରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ଗାୟକ ଓ କର୍ମକର୍ତ୍ତା ନୂଆବସଷ୍ଟାଣ୍ଡଠାରୁ ଏକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରି ଚନ୍ଦ୍ରଶେଖର ମନ୍ଦିର ନିକଟ ଇଗଲ କ୍ରିକେଟ କ୍ଲବ ପଡ଼ିଆରେ ପହଞ୍ଚିଥିଲେ। ଖୋଳ, ମୃଦଙ୍ଗ, ଝାଞ୍ଜ, ଗିନି ଘଣ୍ଟ ତାଳେ ତାଳେ ନାଚି ନାଚି ନାମ ସଂକୀର୍ତ୍ତନ କରି ଶୋଭାଯାତ୍ରାରେ ବାହାରିଥିଲେ। ଏହି ସମୟରେ ସହରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସେଠାରେ ଆୟୋଜିତ ସମାବେଶରେ ପରିଷଦର ଉପଦେଷ୍ଟା ବାସୁଦେବ ଭଞ୍ଜ ପୌରୋହିତ୍ୟ କରିଥିଲେ। ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏବଂ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ଯୋଗଦେଇ କହିଲେ ଯେ, ଉତ୍କଳୀୟ ସଂସ୍କୃତିରେ ନାମ ସଂକୀର୍ତ୍ତନର ସ୍ୱତନ୍ତ୍ରତା ରହିଛି। ଗ୍ରାମୀଣ ସଂସ୍କୃତି ଉଜ୍ଜୀବିତ କ୍ଷେତ୍ରରେ ଏହାର ଯଥେଷ୍ଟ ଆବଶ୍ୟକତା ଅଛି। ହିନ୍ଦୁ ସଂସ୍କୃତିରେ ନାମ ସଂକୀର୍ତ୍ତନ ଧାର୍ମିକ ଭାବନା ଜାଗରଣ ସହ ଭକ୍ତିଭାବ ଜାଗ୍ରତ କରିଥାଏ ବୋଲି ପ୍ରକାଶ କରିଥିଲେ। ଖୋର୍ଦ୍ଧାଠାରେ ୪୫୭ ନାମ ସଂକୀର୍ତ୍ତନ ମଣ୍ଡଳୀ ରେଜିଷ୍ଟ୍ରେଶନ, ଭବନ ନିର୍ମାଣ ପାଇଁ ବ୍ୟବସ୍ଥା କରିବେ ବୋଲି ବିଧାୟକଦ୍ୱୟ ପ୍ରତିଶ୍ରୁତି ଦେଇଥିଲେ। ଜିଲା ସଂଯୋଜକ ପ୍ରସନ୍ନ ବିଶୋୟୀ, ଜିଲା ସଭାପତି ପ୍ରସନ୍ନ ବଡ଼ଜେନା, ସମ୍ପାଦକ ସୁଦର୍ଶନ ଚମ୍ପତି, ପ୍ରଶାନ୍ତ ସ୍ୱାଇଁ, ମାୟାଧର ହୋତା, କାଶୀନାଥ ଜେନା ଏବଂ ଲକ୍ଷ୍ମୀଧର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ସଂକୀର୍ତ୍ତନ କଳାକାରଙ୍କୁ ଚିହ୍ନଟ କରି ଭତ୍ତା ପ୍ରଦାନ, ବୀମାକରଣ, ବାସଗୃହ ଯୋଗାଣ, ପିଲାଙ୍କୁ ଉଚ୍ଚଶିକ୍ଷା, ମାଗଣା ଚିକିତ୍ସା ସୁବିଧା, କଳାକାରଙ୍କ ଲାଗି ଖୋର୍ଦ୍ଧାରେ ଭବନ ନିର୍ମାଣ ପାଇଁ ଦାବି ଉପସ୍ଥାପନ କରାଯାଇଥିଲା।

ସମାରୋହରେ ଉପସ୍ଥିତ ସମସ୍ତ ନାମ ସଂକୀର୍ତ୍ତନ ମଣ୍ଡଳୀ ଗାୟକମାନଙ୍କୁ ମାନପତ୍ର ଓ ଉପଢୌକନ, ଗୀତା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗାମୀ ଦିନରେ ଗୀତାର ପ୍ରଚାର ପ୍ରସାର ଲାଗି ଭୁବନେଶ୍ୱର ଆର୍‌ସିଏମ୍ ଜଗନ୍ନାଥ ମନ୍ଦିରଠାରେ ୫ଶହରୁ ଊର୍ଦ୍ଧ୍ୱ ନାମ ସଂକୀର୍ତ୍ତନ ଗାୟକ ଓ ପ୍ରବଚକଙ୍କୁ ନେଇ ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ ହେବ। ଏଥିରେ ଗଜପତି ମହାରାଜା, ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଏବଂ ରାଜ୍ୟପାଳ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ପରିଷଦ ପକ୍ଷରୁ କୁହାଯାଇଛି।



ସଂକୀର୍ତ୍ତନ ସମାବେଶରେ ଉପସ୍ଥିତ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ରାଜେନ୍ଦ୍ର କୁମାର ସାହୁ ଏବଂ ଅନ୍ୟମାନେ।

**ନାମ ସଂକୀର୍ତ୍ତନ ସମାବେଶ ଓ ଗୀତା ବଣ୍ଟନ**

- ୮୦ ମଣ୍ଡଳୀର ୧ ହଜାରରୁ ଊର୍ଦ୍ଧ୍ୱଙ୍କ ଯୋଗଦାନ
- ଗାୟକଙ୍କୁ ସମ୍ବର୍ଦ୍ଧନା, ଖୋର୍ଦ୍ଧାରେ ହେବ ଭବନ ନିର୍ମାଣ

### ବିଦ୍ୟୁତ୍ ତାର, ଜିଆଇ ଖୁଣ୍ଟ ଚୋରି : ୨ ଗିରଫ

ବାରଙ୍ଗ,୧୦।୯ (ଲିଙ୍ଗରାଜ ରାଉତ)

ପୁରୀ ମୁଖ୍ୟ କେନାଲରେ ବିଦ୍ୟୁତ୍ କାମ ହେଉଥିବାବେଳେ ବିଦ୍ୟୁତ୍ ତାର ଓ ଜିଆଇ ଖୁଣ୍ଟ ଚୋରି ଅଭିଯୋଗରେ ରବିବାର ବାରଙ୍ଗ ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଲାଲ୍‌ବାଗ ଥାନା ଅଧୀନ ଜଗନ୍ନାଥ ବଲ୍ଲଭରେ ରହୁଥିବା କାଳିଆ ମହାପାତ୍ର ଓ ଅଳିସା ବଜାରରେ ରହୁଥିବା ସୁଶାନ୍ତ ବେହେରା। ପୋଲିସ ତାଙ୍କଠାରୁ ୪୫୦ମିଟର ଲମ୍ବର ୩ ବଣ୍ଡଲ ଆଲମିନିୟମ ତାର, ୩ଟି ଫୋନ ଓ ଚୋରି ପାଇଁ ବ୍ୟବହୃତ ଅଟୋ ଜବତ କରିଛି।

ସୂଚନା ମୁତାବକ, ଈଶ୍ୱର ଚନ୍ଦ୍ର ପରିଡ଼ା ନାମକ ଜଣେ ସରକାରୀ ଇଲେକ୍ଟ୍ରିକ୍ ଠିକାଦାର ପୁରୀ ମୁଖ୍ୟ କେନାଲରେ ଟେଣ୍ଡର ମାଧ୍ୟମରେ ବିଦ୍ୟୁତ୍ କାମ କରୁଥିଲେ। ଜୁଲାଇ ୨୦ ତାରିଖ ରାତିରେ କାମ କରୁଥିବା ଜାଗାରୁ ୪ଟି ଇଲେକ୍ଟ୍ରି ପୋଲ, ୨ କି.ମି. ଲମ୍ବାର କଣ୍ଡକ୍ଟର ତାର ଚୋରି ହୋଇଥିବା ସେ ବାରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏନେଇ ୨୭୨/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ୫ ଜଣ ଏକ ଅଟୋ (ଓଡ଼ି୦୨-ଏୟୁ-୧୧୩୧)ରେ ଆସି ଚୋରି କରିଥିବା ବିଶେଷ ସୂତ୍ରରୁ ପୋଲିସ ଖବର ପାଇଥିଲା। ସେମାନଙ୍କୁ ଧରିବାକୁ ପୋଲିସ ଗତ କିଛି ଦିନ ଧରି ପ୍ରୟାସ ଆରମ୍ଭ କରିଥିଲା। ତେବେ ଶନିବାର ରାତିରେ ସେମାନେ ଏକାଠି ଥିବା ପୋଲିସ ଖବରପାଇ ଚଢ଼ାଉ କରି କାଳିଆ ଓ ସୁଶାନ୍ତଙ୍କୁ କାବୁ କରିବାରେ ସଫଳ ହୋଇଥିଲେ। ସେମାନେ ୫ ଜଣ ମିଶି ଚୋରି କରିଥିବା ସ୍ୱୀକାର କରିଥିଲେ।

### ମଦ ମୁକ୍ତ ଓଡ଼ିଶା ଗଠନ ଲକ୍ଷ୍ୟ

ବେଗୁନିଆ,୧୦।୯(ହର ପ୍ରସନ୍ନ ପଣ୍ଡା)

ମଦ ମୁକ୍ତ ଓଡ଼ିଶା ଗଠନ ଲକ୍ଷ୍ୟରେ ବେଗୁନିଆର ମଦମୁକ୍ତି ଯୁବ ବାହିନୀ ଅଣ୍ଟା ଭିଡ଼ିଛି। ଏ ନେଇ ଜନସଚେତନତା ଉଦ୍ଦେଶ୍ୟରେ ରବିବାର ଏକ ଶୋଭାଯାତ୍ରା ପରିକ୍ରମା କରିଥିଲା। ସଦର ମହକୁମାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଗାନ୍ଧୀଙ୍କ ସ୍ମୃତି ଚାରଣ କରିଥିଲେ। ଗାନ୍ଧୀଙ୍କ ନୀତି ଓ ଆଦର୍ଶକୁ ଦୃଢ଼ତାର ସହ ଅନୁସରଣ କରି ତାଙ୍କ ଟେକ୍ ବଜାୟ ରଖିବାକୁ ସଙ୍କଳ୍ପ କରିଥିଲେ। ପରେ ମଦ ମୁକ୍ତ ଓଡ଼ିଶା ଗଠନ ଲକ୍ଷ୍ୟରେ ଶୋଭାଯାତ୍ରାରେ ବାହାରିଥିଲେ। ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ମଦ ବିକ୍ରି ପାଇଁ ସରକାରୀ ପ୍ରୋତ୍ସାହନ ତୁରନ୍ତ ବନ୍ଦ କର। ମଦ ପାଇଁ ଗ୍ରାମରେ ବିଶୃଙ୍ଖଳା ଦେଖାଯିବା ସହ ପରିବାର ଉଜୁଡି ଯାଉଛି। ମଦ ବିକ୍ରି ଓ ପାନୀୟ ବିରୋଧରେ ସଭିଏ ସଚେତନ ହେବା। ମଦ ମୁକ୍ତ ଓଡ଼ିଶା ଗଠନ ଲକ୍ଷ୍ୟରେ ଜିଦ ଧରିବା ଆଦି ଅନେକ ବାର୍ତ୍ତା ନେଇ ସଚେତନତା ସୃଷ୍ଟି କରିଥିଲେ। ଯୁବ ବାହିନୀ ପକ୍ଷରୁ ଅକ୍ଷୟ କୁମାର ରାଉତରାୟ, ଶ୍ରୀତମ କୁମାର ପ୍ରଧାନ, ସାମାଜିକ କର୍ମୀ ଶିବ ମୁନି, ସୁଦର୍ଶନ ମହାନ୍ତି, ଆଇନଜୀବୀ ସୁଶାନ୍ତ କୁମାର ରାୟ, ଜନକଲ୍ୟାଣ ପ୍ରତିଷ୍ଠାନର ମୁଖ୍ୟ ଅକ୍ଷୟ କୁମାର ରଥ, ଶିବ ପ୍ରସାଦ ରାଉତ, ପବିତ୍ର କୁମାର ସାହୁ ପ୍ରମୁଖ ସାମିଲ ହୋଇଥିଲେ।



ମଦ ମୁକ୍ତ ଓଡ଼ିଶା ଗଠନ ଲକ୍ଷ୍ୟରେ ରବିବାର ବେଗୁନିଆର ମଦମୁକ୍ତି ଯୁବ ବାହିନୀ ପକ୍ଷରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଭୁବନେଶ୍ୱର,୧୦।୯(ସୂର୍ଯ୍ୟକାନ୍ତ ବେହେରା)

କ୍ୟାପିଟାଲ ଥାନା ମାଷ୍ଟର କ୍ୟାଣ୍ଟିନ ଅଞ୍ଚଳରେ ବୁଲା ବୁଲି କରୁଥିବା ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ତାଙ୍କ ପରିଚୟ ଜଣାପଡି ନ ଥିବାବେଳେ ଏନେଇ ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ସୂଚନାନୁସାରେ, ରବିବାର ସକାଳେ ଯୁବକ ଜଣକ ସ୍ଥାନୀୟ ଏକ ହୋଟେଲ ସମ୍ମୁଖରେ ଥିବା ରାସ୍ତା ପାର୍ଶ୍ୱରେ ଅଚେତ ଅବସ୍ଥାରେ ପଡି ରହିଥିଲେ। ଏନେଇ କେତେଜଣ ଲୋକ ୧୦୮ ଆମ୍ବୁଲାନ୍ସରେ ତାଙ୍କୁ ମେଡିକାଲ ପଠାଇଥିଲେ। ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ମୃତଦେହକୁ ବର୍ତ୍ତମାନ କ୍ୟାପିଟାଲ ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ ରଖାଯାଇଛି। କେହି ମୃତ ବ୍ୟକ୍ତିଙ୍କ ପରିଚୟ ପାଇଲେ କ୍ୟାପିଟାଲ ଥାନା କିମ୍ବା କ୍ୟାପିଟାଲ ହସ୍ପିଟାଲ ସହ ଯୋଗାଯୋଗ କରିବା ପାଇଁ ପୋଲିସ ପକ୍ଷରୁ ନିବେଦନ କରାଯାଇଛି।

### ଓଡ଼ିଶାରେ ହାମ୍ ରେଡିଓ ପ୍ରସାରକୁ ଗୁରୁତ୍ୱ

ଭୁବନେଶ୍ୱର, ୧୦।୯ (ବନ୍ଦନା ସେଠୀ)

ଓଡ଼ିଶା ହାମ୍ସ ପକ୍ଷରୁ ହାମ୍ ରେଡିଓ ଲାଇସେନ୍ସ ପାଇବା ପାଇଁ ପରୀକ୍ଷା ଦେଇଥିବା ନୂତନ ପରୀକ୍ଷାର୍ଥୀ ଓ ପରୀକ୍ଷା ଦେବାକୁ ଆଗ୍ରହୀ ଛାତ୍ରୀଛାତ୍ରଙ୍କୁ ନେଇ ରବିବାର ୟୁନିଟ୍-୪ ଜଗନ୍ନାଥ ମନ୍ଦିର ପରିସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶା ହାମ୍ସ ରେଡିଓ କ୍ଲବର ମୁଖ୍ୟ ପଙ୍କଜ ବାଗ ସଭାପତିତ୍ୱ କରିଥିଲେ। ଓଡ଼ିଶାରେ କିପରି ଭାବେ ହାମ୍ ରେଡିଓର ପ୍ରସାର ଘଟିବ ସେ ନେଇ ଗୁରୁତ୍ୱାରୋପ କରାଯାଇଥିଲା। ଓଡ଼ିଶାରେ ଆସୁଥିବା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ହାମ୍ ରେଡ଼ିଓ କିପରି ଜୀବନ ରକ୍ଷା କରିଥିଲା, ସେ ନେଇ କ୍ଲବ୍‌ର ସଦସ୍ୟ ରଜନୀକାନ୍ତ ମିଶ୍ର ଆଲୋଚନା କରିଥିଲେ। ଆଉଟ୍‌ରିଚ୍ ରେଡିଓ ସଂଗଠନ ମୁଖ୍ୟ ସୁବ୍ରତ ପତି ଯୋଗଦେଇ, ପିଲାମାନେ କିପରି ଏହି ବୈଜ୍ଞାନିକ ରେଡିଓ ବିଷୟରେ ଅଧିକ ଜାଣିପାରିବେ ସେ ନେଇ ବିଭିନ୍ନ ସଭା ଓ ଶିକ୍ଷାନୁଷ୍ଠାନରେ କର୍ମଶାଳା କରିବା ଉପରେ ମତ ଦେଇଥିଲେ। ପୁରୀ ଜିଲା ମୁଖ୍ୟ ସଦସ୍ୟ ଦେବାଶିଷ ମଣ୍ଡ, ମନୋଜ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମୟୂରଭଞ୍ଜ, ବ୍ରହ୍ମପୁର, ନୟାଗଡ଼, କେନ୍ଦୁଝର, ଅନୁଗୋଳ ଆଦି ବିଭିନ୍ନ ଜିଲାରୁ ୩୦ଜଣ ସଦସ୍ୟ ଯୋଗ ଦେଇଥିଲେ।

### ଜୋନସ୍ତରୀୟ ସଂକୀର୍ତ୍ତନ ସମ୍ମିଳନୀ


ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

ଜଟଣୀ,୧୦।୯(ରବୀନ୍ଦ୍ର ନାଥ ମହାକୁଡ଼)

ଉତ୍ତରାୟଣୀ ଆଞ୍ଚଳିକ ସଂକୀର୍ତ୍ତନ ପରିଷଦ ଜଟଣୀ ଏବଂ ଖୋର୍ଦ୍ଧା ଜିଲା ସଂକୀର୍ତ୍ତନ ମହାସଂଘ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ପୋଡ଼ପଡା ଗୋପାଳଜୀ ମନ୍ଦିରଠାରେ ଜୋନସ୍ତରୀୟ ସଂକୀର୍ତ୍ତନ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଜିଲାର ୧୨ଟି ଜୋନ୍ ଏବଂ ଉତ୍ତରାୟଣୀ ଆଞ୍ଚଳିକ ସଂକୀର୍ତ୍ତନ ପରିଷଦର ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ କଳାକାର ଯୋଗଦେଇଥିଲେ। ଉତ୍ତରାୟଣୀ ଆଞ୍ଚଳିକ ସଂକୀର୍ତ୍ତନ ପରିଷଦର ସଭାପତି ଜଗବନ୍ଧୁ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସରକାରଙ୍କ ପକ୍ଷରୁ ୬୦ବର୍ଷରୁ ଊର୍ଦ୍ଧ୍ୱ କଳାକାରଙ୍କୁ ୧୨ଶହ ଟଙ୍କା ମାସିକ ଭତ୍ତା ମିଳୁଥିବା ବେଳେ ଆଗାମୀ ଦିନରେ ଏହାକୁ ୩ହଜାର ଟଙ୍କା ବୃଦ୍ଧି, ସମସ୍ତ ଜୋନ ପାଇଁ ସ୍ଥାୟୀ କାର୍ଯ୍ୟାଳୟ କରିବାକୁ ଜମି ଯୋଗାଇଦେବା, ସଂକୀର୍ତ୍ତନ ମଣ୍ଡଳୀରେ ବ୍ୟବହାର ବାଦ୍ୟଯନ୍ତ୍ରଗୁଡିକର ରକ୍ଷଣାବେକ୍ଷଣ ନିମନ୍ତେ ସରକାରଙ୍କ ପକ୍ଷରୁ ବର୍ଷକୁ ଥରେ ଆର୍ଥିକ ସହାୟତା ଯୋଗାଇ ଦେବାପାଇଁ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବା ପାଇଁ ସ୍ଥିର ହୋଇଛି। ଏହି ଅବସରରେ ଜିଲାରୁ ଆସିଥିବା ସମସ୍ତ ଜୋନ୍‌ର କର୍ମକର୍ତ୍ତାଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜଟଣୀ ବ୍ଲକ ଅଧକ୍ଷା ଜୟନ୍ତୀ ଛୋଟରାୟ, ସ୍ଥାନୀୟ ହରିପୁର ସରପଞ୍ଚ, ମହାବୀର ସଂକୀର୍ତ୍ତନ ମଣ୍ଡଳୀର ମୁଖ୍ୟ ଗନ୍ଧର୍ବ କୋଦମାସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ନିଶା ଦେଇ ଲୁଟିବା ପରେ ଫିଙ୍ଗିଦେଲେ

ଭୁବନେଶ୍ୱର,୧୦।୯ (ସୂର୍ଯ୍ୟକାନ୍ତ ବେହେରା)

**ଅଟୋ ଚାଳକଙ୍କ ସଂପୃକ୍ତି ସନ୍ଦେହ**

ଚା'ରେ ନିଶା ଦେଇ ଲୁଟିଲେ, ଆଉ ପାର୍କ ନିକଟରେ ଫୋପାଡି ଦେଇ ପଳାଇଗଲେ। ରାଜଧାନୀ ଭୁବନେଶ୍ୱରରେ କିଛି ଦିନର ବ୍ୟବଧାନ ପରେ ନିଶାଦିଆ ଲୁଟେରାମାନେ ଏଭଳି ତରିକାରେ ଲୁଟ୍ କରି ପୁଣି ଆତଙ୍କ ଖେଳାଇଛନ୍ତି। ଲୁଟେରାମାନେ ତାଙ୍କଠାରୁ ୧୭ ହଜାର ଟଙ୍କା ଓ ସୁନା ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଥିବା ଯୁବକ ହେଲେ ବାଙ୍କୀ ଅଞ୍ଚଳର ରବିନାରାୟଣ ମହାପାତ୍ର। ରବିଙ୍କର ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବାରୁ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଏନେଇ ଯୁବକଙ୍କ ପରିବାର ଲୋକେ ଏୟାରପୋର୍ଟ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ଘଟଣାକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଛି। ତେବେ ଏଥିରେ ଅଟୋ ଚାଳକଙ୍କ ସଂପୃକ୍ତି ଥିବା ସନ୍ଦେହ କରାଯାଉଥିବାବେଳେ ରବି ସୁସ୍ଥ ହେବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ଥାନା ଅଧିକାରୀ ଉମାକାନ୍ତ ପ୍ରଧାନ କହିଛନ୍ତି।

ସୂଚନାନୁସାରେ, ଶନିବାର ରାତିରେ ଯୁବକ ଜଣକ ଦିଲ୍ଲୀରୁ ଟ୍ରେନ ଯୋଗେ ଆସି ଭୁବନେଶ୍ୱର ରେଳ ଷ୍ଟେଶନରେ ଓହ୍ଲାଇଥିଲେ। ବିଳମ୍ବିତ ରାତି ହେବାରୁ ସେ ମାଷ୍ଟରକ୍ୟାଣ୍ଟିନରୁ ଅଟୋ ଭଡା କରି କଳିଙ୍ଗନଗରରେ ଥିବା ନିଜ ଘରକୁ ଫେରୁଥିଲେ। ହେଲେ ଅଟୋ ଚାଳକ ତାଙ୍କୁ ସୁନ୍ଦରପଦା ରାସ୍ତାରେ ନେଇ ନିଶା ଦେଇ ଲୁଟ୍ କରିବା ପରେ ପାର୍କ ନିକଟରେ ଫିଙ୍ଗିଦେଇ ଚାଲିଯାଇଥିଲେ। ପାର୍କକୁ ଆସିଥିବା କେତେଜଣ ଲୋକ ଉକ୍ତ ଯୁବକଙ୍କୁ ଅଚେତ ଅବସ୍ଥାରେ ପଡିଥିବା ଦେଖି ଉଦ୍ଧାର କରିବା ସହ ପୋଲିସକୁ ଖବର ଦେଇଥିଲେ। ତେବେ ରାତି ସମୟରେ ଲୋକେ ଅଟୋକୁ ଭରସା କରି ଯିବାଆସିବା କରୁଥିବାବେଳେ ଏଭଳି ଘଟଣା ବିଶେଷକରି ରାତିରେ ଯାତ୍ରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ବାଣପୁର ଉପକାରାଗାରରେ ଯୋଗ ପ୍ରଶିକ୍ଷଣ ଶିବିର

ଗମ୍ଭାରୀମୁଣ୍ଡା,୧୦।୯(ଦିଲୀପ ସ୍ୱାଇଁ)

ଖୋର୍ଦ୍ଧା ଜିଲା ବାଣପୁର ଉପକାରାଗାରରେ ଚାରିଦିନିଆ ଯୋଗଶିବିର ଅନୁଷ୍ଠିତ ହୋଇଯାଇଛି। ଅନ୍ତେବାସୀମାନେ ଶିବିରରେ ଅଂଶଗ୍ରହଣ କରି ଯୋଗାଭ୍ୟାସ କରିଥିଲେ। ଏଥିସହ ଏକ ଆଦର୍ଶ ଓ ସୁସଙ୍ଗତ ଜୀବନଯାପନ କରିବା ପାଇଁ ସଙ୍କଳ୍ପ ମଧ୍ୟ ନେଇଥିଲେ। ଏହି କାର୍ଯ୍ୟକ୍ରମ ଜଗତ ବିହାରୀ ରାଉତରାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ଯୋଗାଚାର୍ଯ୍ୟ ପ୍ରସନ୍ନ କୁମାର ମିଶ୍ର ସଞ୍ଚାଳନ କରିଥିଲେ। ମନୁଷ୍ୟ ଜୀବନ ପାଇଁ ଯୋଗ, ଧ୍ୟାନ ଓ ପ୍ରାଣାୟାମ ଜରୁରୀ ବୋଲି ମତପ୍ରକାଶ ପାଇଥିଲା।

### ନିରଞ୍ଜନଙ୍କୁ 'ନୃତ୍ୟ ଗୌରବ', ମୀରାଙ୍କୁ 'ଅଭିନୟ ସମ୍ରାଜ୍ଞୀ' ସମ୍ମାନ

ଭୁବନେଶ୍ୱର,୧୦।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଡ୍ୟାନ୍ସ ଇମେଜ ଏକାଡ଼େମୀ ତରଫରୁ ଡ୍ୟାନ୍ସ ଇମେଜ ଫେଷ୍ଟିଭାଲ-୨୦୨୩ ରବିବାର ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଓଡ଼ିଶୀ ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ, ଡିଭି ଇନ୍‌ଷ୍ଟିଚ୍ୟୁଶନର ଏଆରଓ ଡ. ସୁଜାତା, ଡିଏଭି ପବ୍ଲିକ ସ୍କୁଲ ପୋଖରୀପୁଟର ପ୍ରିନ୍ସିପାଲ୍ ବିପିନ୍ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ନୃତ୍ୟ ଗୁରୁ ନିରଞ୍ଜନ ରାଉତଙ୍କୁ 'ନୃତ୍ୟ ଗୌରବ' ଏବଂ ଗୁରୁ ମୀରା ଦାସଙ୍କୁ 'ଅଭିନୟ ସାମ୍ରାଜ୍ଞୀ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏକାଡ଼େମୀର ସ୍ରଷ୍ଟା ଜଗତ୍ ଜିତ୍ ଦାସ ଏକକ ନୃତ୍ୟ ପରିବେଷଣ କରିଥିଲେ। ଓଡ଼ିଆ ଟେଲି ଅଭିନେତ୍ରୀ ରାଖୀ ଦାସ ଓ କୀର୍ତି ମହାନ୍ତି ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏମ୍.ଏସ୍. ମନୋସ୍ମିତା ପଣ୍ଡା ଓଡ଼ିଶୀ ନୃତ୍ୟାଭିନୟ କରିଥିଲେ। ଶିଳ୍ପୀ ବିଶ୍ୱଜିତା ଓ ପ୍ରିୟଙ୍କା ଜେନା ଦ୍ୱୈତ୍ୟ ନୃତ୍ୟ ପରିବେଷଣ କରିଥିଲେ। ଶିଳ୍ପୀ ରାଜକୁମାର କର ଓ ଟି ତୁଲିକା ରେଡ୍ଡୀ ଓଡ଼ିଶୀ ଦ୍ୱୈତ୍ୟ ନୃତ୍ୟ ଏବଂ ଗୁରୁ ନିରଞ୍ଜନ ରାଉତଙ୍କ ଶିଷ୍ୟ ବିଭୂ ପ୍ରସାଦ ବେହେରା ଓ ପ୍ରହ୍ଲାଦ ସାହୁ ଓଡ଼ିଶୀ ନୃତ୍ୟାଭିନୟ 'ଅଗ୍ନି' ପ୍ରସ୍ତୁତି କରିଥିଲେ। ଜାଗୃତି କଲଚରାଲ ଅନୁଷ୍ଠାନ ପକ୍ଷରୁ ଦଳଗତ ନୃତ୍ୟ ପରିବେଷିତ ହୋଇଥିଲା। ଅନ୍ତିମ ପ୍ରସ୍ତୁତିରେ ଏକାଡ଼େମୀ ପକ୍ଷରୁ ଦଳଗତ ନୃତ୍ୟ ପରିବେଷଣ କରାଯାଇଥିଲା। ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

### ମା'ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଅନୁକୂଳ



ବୋଲଗଡ଼,୧୦।୯ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ କବିତୀର୍ଥ ସାନପଦର ଗ୍ରାମରେ ପାଳନ ହେଉଥିବା ସାରଦୀୟ ପୂଜା-୨୦୨୩ ପାଇଁ ମା'ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ଉଦ୍ଦେଶ୍ୟରେ ମାଟି ଅନୁକୂଳ ପର୍ବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ପୁଷ୍କରିଣୀରୁ ପୂଜାର୍ଚ୍ଚନା କରି ମାଟି ଆଣିବା ପରେ ଏକ ବିଲ୍ୱବୃକ୍ଷ ମୂଳରେ ହୋମପୂଜା କରାଯାଇ ବିଲ୍ୱବରଣ କରାଯାଇ ଗ୍ରାମ ଦେବତୀ ମା'ବଘେଇ, ମା'ବୃନ୍ଦାବତୀ ଓ ମହିଷା ମର୍ଦ୍ଦିନୀଙ୍କଠାରୁ ଆଜ୍ଞାମାଳ ନେଇ ପୂଜାମଣ୍ଡପରେ ସ୍ଥାପନ କରାଯାଇଥିଲା। ପୂଜା କମିଟି ସମ୍ପାଦକ ସଞ୍ଜୟ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କର୍ତ୍ତାଭାବେ ଅଜିତ ପଟ୍ଟନାୟକ ଦାୟିତ୍ୱ ତୁଲାଇଥିଲେ। ପୂଜା କମିଟି ସଭାପତି ପ୍ରିୟଦର୍ଶୀ ମହାନ୍ତି, ପ୍ରବୀର ବଳିୟାରସିଂହ, ରତ୍ନରଞ୍ଜନ ଗୁମାନସିଂହ, ଅଜୟ ମଙ୍ଗରାଜ, ପପୁ ମହାନ୍ତି, ପ୍ରଭାତ ମହାପାତ୍ର, ପ୍ରଶାନ୍ତ ଛୋଟରାୟ, ସୁରେଶ ମହାପାତ୍ରଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଶହୀଦ ସ୍ମୃତିସ୍ତମ୍ଭ ଅବହେଳିତ

ଖୋର୍ଦ୍ଧା,୧୦।୯(ପ୍ରଭାତ ପାଣିଗ୍ରାହୀ)

ସ୍ୱାଧୀନତା ଆନ୍ଦୋଳନରେ ଶହୀଦ ହୋଇଥିବା ସଂଗ୍ରାମୀଙ୍କ ସମ୍ମାନ ଉଦ୍ଦେଶ୍ୟରେ ଖୋର୍ଦ୍ଧା ଜିଲା ସଂସ୍କୃତି ଭବନ ପରିସରରେ ଶହୀଦ ସ୍ମୃତିସ୍ତମ୍ଭ ପ୍ରତିଷ୍ଠା ହୋଇଥିଲା। ୨୦୧୧ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ସ୍ମୃତିସ୍ତମ୍ଭକୁ ଉଦ୍‌ଘାଟନ କରିଥିଲେ। ତେବେ ଏହି ସ୍ମୃତିସ୍ତମ୍ଭ ଗତ କିଛିବର୍ଷ ହେଲା ଅବହେଳିତ ଅବସ୍ଥାରେ ରହିଥିବାରୁ ଏହା ଚାରିପଟେ ଗଛଲତା ମାଡ଼ିଗଲାଣି। ଏହି ସ୍ତମ୍ଭ ନିର୍ମାଣବେଳେ ଦେଶମାତୃକା ପାଇଁ ଜୀବନକୁ ବଳି ଦେଇ ଶହୀଦ ହୋଇଥିବା ବୀରପୁରୁଷଙ୍କ ନାମଫଳକ ଲଗାଇବା ନିମନ୍ତେ ସ୍ଥିର ହୋଇଥିଲା। ତାହା ମଧ୍ୟ ଆଜିପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ସ୍ତମ୍ଭ ସ୍ମାରକୀ ଚାରିପଟେ ଅନାବନା ଗଛଲତା ସହ ଉପର ଭାଗରେ ବରଗଛ ଉଠିଲାଣି। ଏହା ଭଗ୍ନ ଅବସ୍ଥାରେ ରହିଛି। ସ୍ତମ୍ଭର ଚାରିପଟେ ବୀରତ୍ୱ ଚିହ୍ନ ସ୍ୱରୂପ ପାଇକ ବୀରଙ୍କ ଯୋଦ୍ଧା ବେଶ ଚିତ୍ରିତ ହୋଇଥିବାବେଳେ ଏହା ଏବେ ନଷ୍ଟ ହେବାକୁ ବସିଛି। ଶହୀଦ ସ୍ତମ୍ଭ ପୁନରୁଦ୍ଧାର ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ସେହିପରି ବରୁଣେଇ ପାଦଦେଶରେ ମଧ୍ୟ ଅନୁରୂପ ଭାବେ ଶହୀଦ ସ୍ତମ୍ଭ ରହିଛି। ଏହାର ଚାରିପାଖ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ଅଳିଆ ଆବର୍ଜନା ମଧ୍ୟରେ ଶହୀଦ ସ୍ତମ୍ଭ ଲୁଚିଯିବାକୁ ବସିଲାଣି। ସ୍ତମ୍ଭ ଉପରେ ମଦ ବୋତଲ ଗଡୁଥିବାବେଳେ ବିଡି, ସିଗାରେଟ ପଡି ରହୁଥିବା ଦେଖିବାକୁ ମିଳିଛି। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହା ଭଗ୍ନ ଅବସ୍ଥାକୁ ଚାଲି ଆସିଲାଣି। ତେବେ ଜିଲା ସଂସ୍କୃତି ଭବନଠାରେ ନିର୍ମିତ ହୋଇଥିବା ଶହୀଦ ସ୍ତମ୍ଭର ପୁନରୁଦ୍ଧାର କିଏ କରିବ ଓ କେଉଁ ବିଭାଗ ଦ୍ୱାରା ଏହା ନିର୍ମାଣ ହୋଇଥିଲା ସେନେଇ ଜିଲା ପ୍ରଶାସନ ନିକଟରେ ଖବର ନ ଥିବା ବେଳେ କେହି ମୁହଁ ଖୋଲିବାକୁ ନାରାଜ। ବରୁଣେଇସ୍ଥିତ ଶହୀଦ ସ୍ତମ୍ଭର ପୁନରୁଦ୍ଧାର କରାଯିବ ବୋଲି ପୌର ପ୍ରଶାସନ ପକ୍ଷରୁ କୁହାଯାଇଛି। ଏନେଇ ବରିଷ୍ଠ ବୁଦ୍ଧିଜୀବୀ ଜ୍ଞାନରଞ୍ଜନ ଦାଶ କହିଛନ୍ତି, ପୂଜ୍ୟପୂଜା ହେଉଛି ଏ ମାଟିର ସ୍ୱାଭିମାନ। ଶହୀଦମାନେ ଏ ଦେଶର ଗର୍ବ ଓ ଗୌରବ। ଦେଶ ସ୍ୱାଧୀନତା ପଛରେ ଏମାନଙ୍କ ତ୍ୟାଗ ଓ ବଳିଦାନ ଅତୁଳନୀୟ। ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ଶହୀଦ ହୋଇଥିବା ସଂଗ୍ରାମୀଙ୍କ ଫଳକଟିଏ ମଧ୍ୟ ଆଜିପର୍ଯ୍ୟନ୍ତ ଶହୀଦ ସ୍ତମ୍ଭ ନିକଟରେ ଲାଗିପାରିଲା ନାହିଁ। ଏହା ଏକ ବିଡ଼ମ୍ବନାର ବିଷୟ। ଏନେଇ ବହୁବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ଯେଉଁ ଜାତି ନିଜ ପୂର୍ବ ଇତିହାସକୁ ଭୁଲିଯାଏ, ସେ ଜାତିର ପତନ ସୁନିଶ୍ଚିତ। ଆଗାମୀ ପିଢିଙ୍କ ପାଇଁ ଶହୀଦ ସ୍ତମ୍ଭର ସୌନ୍ଦର୍ଯ୍ୟକରଣ, ପୁନରୁଦ୍ଧାର ଜରୁରି ବୋଲି ସେ କହିଛନ୍ତି।



## ସଂକ୍ଷେପରେ

### ଦୃଷ୍ଟିବାଧିତ କ୍ଷୀରୋଦଙ୍କ ଗଣେଶ ମୂର୍ତ୍ତିର ଚାହିଦା ବଢୁଛି



ପିପିଲି,୧୦।୯(ଦୁର୍ଗାମାଧବ ମିଶ୍ର):

ଦୃଷ୍ଟିବାଧିତ ଯୁବକ କ୍ଷୀରୋଦ ପରିଡ଼ାଙ୍କ ହାତ ତିଆରି ଗଣେଶ ମୂର୍ତ୍ତିର ଚାହିଦା ଏବେ ବଢିବାରେ ଲାଗିଛି। ପିପିଲି ବ୍ଲକ ରୂପଦେଇପୁର ପଞ୍ଚାୟତ ବିରାଟ ସାହିର ୨୫ ବର୍ଷୀୟ କ୍ଷୀରୋଦଙ୍କ ଆଖି ଛୋଟ, ଟିକେ ଟିକେ ଦେଖାଯାଏ। ଦୃଷ୍ଟିବାଧିତ ସତ୍ତ୍ୱେ ସେ ବିଭିନ୍ନ ପ୍ରକାର ମୂର୍ତ୍ତି ନିର୍ମାଣ କରିଥାନ୍ତି। ଆଗକୁ ଗଣେଶ ପୂଜା ଆସୁଥିବାରୁ ସେ ଏବେ ଗଣେଶ ମୂର୍ତ୍ତି ନିର୍ମାଣରେ ବ୍ୟସ୍ତ। ତାଙ୍କ ହାତ ତିଆରି ମୂର୍ତ୍ତି କିଣି ନେବାକୁ ଏବେଠୁ ଲୋକେ ଆଗ୍ରହ ପ୍ରକାଶ କଲେଣି। କ୍ଷୀରୋଦ କହିଛନ୍ତି, ସରକାରଙ୍କ ସହଯୋଗ ମିଳିଲେ ସେ ଆଗକୁ ଯାଇପାରିବେ। ଏବେ ସମସ୍ତେ ତାଙ୍କୁ ଗଣେଶ କାରିଗର ଡାକୁଥିବା ସେ ପ୍ରକାଶ କରିଛନ୍ତି। ଦୃଷ୍ଟିବାଧିତ ହେବା ସତ୍ତ୍ୱେ ସେ ଅଟକି ଯାଇନାହାନ୍ତି। ନିଜ ପ୍ରତିଭା ଓ ଦକ୍ଷତା ବଳରେ ସେ ସ୍ୱାବଲମ୍ବୀ ହେବାକୁ ଚେଷ୍ଟା ଜାରି ରଖିଛନ୍ତି।

### ବାଲି, ଚିପ୍ସ ବୋଝେଇ ହାଇୱା, ଟ୍ରକ୍ ଜବତ, ୪ ଗିରଫ

ବଳଙ୍ଗା,୧୦।୯(କେଦାରେଶ୍ୱର ନନ୍ଦ)

ବଳଙ୍ଗା ପୋଲିସ ଶନିବାର ବିଳମ୍ବିତ ରାତିରେ ହରିପୁର ଓ ବାୟାର ଛକଠାରେ ବାଲି ଓ ଚିପ୍ସ ଚୋରାଚାଲାଣ ଅଭିଯୋଗରେ ଗୋଟିଏ ହାଇୱା ଓ ଟ୍ରକ୍‌କୁ ଜବତ କରିବା ସହ ୪ ଜଣକୁ ଗିରଫ କରିଛି। ଏନେଇ ଥାନାରେ ପୃଥକ୍ ଭାବେ ଓଡ଼ିଶା ମାଇନ୍ସ ଆକ୍ଟରେ ୧୭୦/୨୩ ,୧୭୧/୨୩ରେ ୨ଟି ମାମଲା ରୁଜୁ ହୋଇଛି। ସୂଚନା ମୁତାବକ, ବଳଙ୍ଗା ପୋଲିସ ଶନିବାର ରାତ୍ରିକାଳୀନ ପାଟ୍ରୋଲିଂ ସମୟରେ ନିମାପଡ଼ା ଅଭିମୁଖେ ଆସୁଥିବା ଗୋଡ଼ି ବୋଝେଇ ହାଇୱାକୁ ଅଟକାଇ ଯାଞ୍ଚ କରିବାରେ ବେଆଇନ ଗୋଡ଼ି ଚାଲାଣ ହେଉଥିବା ଜଣାପଡ଼ିଥିଲା। ସେହିଭଳି ବାୟାର ଛକଠାରେ ପୋଲିସ ଟିମ୍ ଖେଲାରରୁ ବଳଙ୍ଗା ଅଭିମୁଖେ ଆସୁଥିବା ଏକ ବାଲି ବୋଝେଇ ଟ୍ରକ୍‌କୁ ଅଟକାଇ ଯାଞ୍ଚ କରିବା ପରେ ତାହା ବେଆଇନ ବୋଲି ଜଣାପଡ଼ିଥିଲା। ପୋଲିସ ଉଭୟ ଗାଡ଼ିକୁ ଜବତ କରି ଚାଳକ ଓ ହେଲ୍ପରଙ୍କୁ ଗିରଫ କରିଛି।

# ଖେଳପଡ଼ିଆ ନିର୍ମାଣରେ ଅନିୟମିତତା ଅଭିଯୋଗ

କୋଣାର୍କ,୧୦।୯(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦର ମୁକ୍ତା ଯୋଜନାରେ ହୋଇଥିବା ଖେଳପଡ଼ିଆ ଉନ୍ନତୀକରଣରେ ବ୍ୟାପକ ଅର୍ଥରାଶି ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହି ଯୋଜନାରେ ପ୍ରାୟ ୬ ଲକ୍ଷ ଟଙ୍କା ଅନୁଦାନ ଆସିଥିବାବେଳେ ସମସ୍ତ ରାଶିକୁ ଆତ୍ମସାତ କରାଯାଇଥିବା ଅଭିଯୋଗ ରହିଛି। ଏନେଇ ଲୋକାୟୁକ୍ତରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି।

### ଲୋକାୟୁକ୍ତରେ ମାମଲା ରୁଜୁ

ସୂଚନା ମୁତାବକ, କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ ୱାର୍ଡରେ ମୁକ୍ତା ଯୋଜନାରେ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟରେ ବ୍ୟାପକ ଅର୍ଥ ଅନିୟମିତତା କରାଯାଇଥିବା ସ୍ଥାନୀୟ କିଛି ଯୁବନେତା ଏବଂ ସାମାଜିକ କର୍ମୀ ଅଭିଯୋଗ କରିଛନ୍ତି। ସେହିପରି ଏନ୍‌ଏସି ଅଧୀନ ୧ ନଂ. ୱାର୍ଡରେ ମୁକ୍ତା ଯୋଜନାରେ ହୋଇଥିବା ଖେଳପଡ଼ିଆ ଉନ୍ନତୀକରଣ କାର୍ଯ୍ୟରେ ବ୍ୟାପକ ଅର୍ଥ ଆତ୍ମସାତ ହୋଇଥିବା ଜୁଣେଇଁ ଗ୍ରାମର ଯୁବନେତା ରଞ୍ଜିତ ରାଉତରାୟ ଅଭିଯୋଗ କରିଛନ୍ତି। ୨୦୨୧-୨୨ ଆର୍ଥିକ ଅନୁଦାନରେ ନିର୍ମିତ ଉକ୍ତ କାର୍ଯ୍ୟ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ନାମରେ ଆସିଥିଲା। ହେଲେ କିଛି ଗୋଷ୍ଠୀ କାର୍ଯ୍ୟକୁ ଅତ୍ୟନ୍ତ ନିମ୍ନମାନର କରି ବିଭାଗୀୟ ଅଧିକାରୀଙ୍କୁ ହାତଗୁଞ୍ଜା ଦେଇ ପୂର୍ଣ୍ଣାଙ୍ଗ ବିଲ କରିଥିବା ଜଣାପଡ଼ିଛି। ଏପରିକି କାର୍ଯ୍ୟ ପୂର୍ବରୁ ନିର୍ମାଣାଧୀନ ପ୍ରକଳ୍ପର ସମସ୍ତ କାର୍ଯ୍ୟ ଆରମ୍ଭ, କାର୍ଯ୍ୟ ଶେଷ, ଅନୁଦାନ ରାଶିର ପରିମାଣ, କାର୍ଯ୍ୟ ଦିବସ ସମେତ ଅନେକ ତଥ୍ୟ ସୂଚନା ଫଳକରେ ଲେଖାଯାଇନି। ଏହି ଘଟଣାକୁ ନେଇ ଲୋକାୟୁକ୍ତ କେସ୍ ନଂ. ଏଲ୍‌ୱାଇ ୩୮୩/୨୦୨୩ରେ ଏକ ମାମଲା ରୁଜୁ ହୋଇଥିବାବେଳେ ଏ ଦିଗରେ ପୁରୀ ଜିଲାପାଳ ଦୃଷ୍ଟି ଦେଇ ଘଟଣାର ଠିକ୍ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଉପଯୁକ୍ତ ନ୍ୟାୟ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।



କଳିଙ୍ଗ ବୈଶ୍ୟ ସଂଘ ପୁରୀ ଆନୁକୂଲ୍ୟରେ ସୁରକ୍ଷା ପ୍ରାକୃତିକ ଚିକିତ୍ସାକେନ୍ଦ୍ର ସହାୟତାରେ ଆୟୋଜିତ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅବସରରେ ସମ୍ବର୍ଦ୍ଧିତ ଚିକିତ୍ସକ ଓ ସ୍ୱାସ୍ଥ୍ୟକର୍ମୀମାନେ ।

# ବିଶ୍ୱ ହିନ୍ଦୁ ପରିଷଦର ପ୍ରତିଷ୍ଠା ସମାରୋହ



ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ନିମାପଡ଼ା,୧୦।୯(ବିଚିତ୍ରାନନ୍ଦ ସାହୁ)

ବିଶ୍ୱ ହିନ୍ଦୁ ପରିଷଦ ନିମାପଡ଼ାର ପ୍ରତିଷ୍ଠା ଦିବସ ସମାରୋହ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁରସ୍କାର ବିତରଣ ଓ ସମ୍ବର୍ଦ୍ଧନା ସମାରୋହ ଆୟୋଜିତ ହୋଇଥିଲା। ସମାରୋହରେ ଅତିଥି ଭାବେ ନିମାପଡ଼ା ଏସ୍‌ଡିପିଓ ଦେବାଶିଷ ମିଶ୍ର, ବିଶ୍ୱ ହିନ୍ଦୁ ପରିଷଦର ରାଜ୍ୟ ସଂଗଠନ ମନ୍ତ୍ରୀ ଶରତ ପ୍ରଧାନ, ରାଜେନ୍ଦ୍ର ମହାନ୍ତି, ଅକ୍ଷୟ ଦାସ, ରଘୁନାଥ ମହାପାତ୍ର, ପରିଷଦର ରାଜ୍ୟ ସହସମ୍ପାଦକ ଉମାଶଙ୍କର ଆଚାର୍ଯ୍ୟ, ସମ୍ପାଦକ ସଞ୍ଜୟ ବାରିକ୍ ପ୍ରମୁଖ ଯୋଗଦେଇ ପରିଷଦର ପ୍ରତିଷ୍ଠା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା କୃତୀ ପ୍ରତିଭାଙ୍କୁ ଅତିଥିମାନେ ପ୍ରମାଣପତ୍ର, ଟ୍ରଫି ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ୧୫ଟି ବିଦ୍ୟାଳୟର ୧୫୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୁନି କୁନି ଶିଶୁମାନେ ଏହି କାର୍ଯ୍ୟକ୍ରମରେ କୃଷ୍ଣ ବେଶ ଧାରଣ କରିଥିଲେ। ପରିଷଦର ରାଜ୍ୟ ସହସମ୍ପାଦକ ଆଚାର୍ଯ୍ୟ, ଶୁଭ୍ରଜିତ୍ ବାରିକ୍, ରଞ୍ଜନ ପ୍ରଧାନ, ସୁଶାନ୍ତ ଭୂୟାଁ ପ୍ରମୁଖ କାର୍ଯ୍ୟକ୍ରମର ସଂଯୋଜନା ଓ ପରିଚାଳନା କରିଥିଲେ। ସମାରୋହରେ ଶିଶୁ, ଅଭିଭାବକ, ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି, ପରିଷଦର ବହୁ କାର୍ଯ୍ୟକର୍ତ୍ତା, ସଦସ୍ୟମାନେ ଯୋଗ ଦେଇଥିଲେ।

# ଅବସରପ୍ରାପ୍ତ ଯବାନ ଅଭିମନ୍ୟୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ସାକ୍ଷୀଗୋପାଳ,୧୦।୯
(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ଦେଶମାତୃକା ପାଇଁ ଯବାନ ନିଜକୁ ଉତ୍ସର୍ଗୀକୃତ କରି ଶତ୍ରୁକୁ କଡ଼ା ଜବାବ ଦେଇଥାନ୍ତି। ସେହିଭଳି ଜଣେ ବୀର ଯବାନଙ୍କ ପ୍ରତି ଅଞ୍ଚଳବାସୀଙ୍କ ଭଲପାଇବା ଅଞ୍ଚଳରେ କେନ୍ଦ୍ରବିନ୍ଦୁ ପାଲଟିଛି। ସାତଶଙ୍ଖ ଅଞ୍ଚଳର ସାମାଜିକ କର୍ମୀ ତଥା ରାଜନେତା ସ୍ୱର୍ଗତ ସର୍ବେଶ୍ୱର ପଲାଇଙ୍କ ପୁତ୍ର ଅଭିମନ୍ୟୁ ପଲାଇ ଦୀର୍ଘ ୨୪ ବର୍ଷ ଧରି ଦେଶ ମାତୃକାର ସେବା କରି ଅବସର ଗ୍ରହଣ କରି ଜନ୍ମଭୂମିକୁ ଫେରିଛନ୍ତି। ଏହି ପରିପ୍ରେକ୍ଷୀରେ ଅଞ୍ଚଳବାସୀ ତାଙ୍କୁ ରବିବାର ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଗ୍ରାମକୁ ପାଛୋଟି ନେଇଛନ୍ତି। ବୀର ଯବାନଙ୍କୁ ଏପରି ସ୍ୱାଗତ ଦେଶର ସେବା କରିବାକୁ ନୂତନ ପିଢ଼ିର ଯୁବତୀ ଯୁବକଙ୍କ ପ୍ରତି ଏକ ପ୍ରେରଣା ସୃଷ୍ଟି କରିବ ବୋଲି ଅଞ୍ଚଳବାସୀ କହିଛନ୍ତି। ପୁଷ୍ପରେ ସୁସଜ୍ଜିତ ଏକ ଖୋଲା ଜିପ୍‌ରେ ଯବାନଙ୍କୁ ଆଣିବା ସହ ସାତଶଙ୍ଖଠାରୁ ନିଜ ଗାଁ ଛଣଘର ପର୍ଯ୍ୟନ୍ତ ବାଇକ ରାଲିର ଆୟୋଜନ ହୋଇଥିଲା। ମା' କଳିଙ୍ଗେଶ୍ୱରୀ ଯୁବ ପରିଷଦ ପକ୍ଷରୁ ଲକ୍ଷ୍ମୀଧର ଭଟ, କୃଷ୍ଣ ଚନ୍ଦ୍ର ଜେନା, ନିହାର ରଞ୍ଜନ ସ୍ୱାଇଁ, ନିର୍ମଳ ପରିଡ଼ା, ନରସିଂହ ପ୍ରଧାନ, ସୁବାସ ପଲାଇ ଓ ବିଶ୍ୱରଞ୍ଜନ ପରିଡ଼ା ପ୍ରମୁଖଙ୍କ ନେତୃତ୍ୱରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ଯବାନ ଅଭିମନ୍ୟୁଙ୍କ ମା' ସତ୍ୟଭମା ପଲାଇ, ସ୍ତ୍ରୀ ନିବେଦିତା ପଲାଇ, ପୁତ୍ର ଅମନ ଓ ଆଦିତ୍ୟଙ୍କ ସହ ଅନେକ ଅଞ୍ଚଳବାସୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।



ଅବସରପ୍ରାପ୍ତ ସେନା ଯବାନ ଅଭିମନ୍ୟୁ ପଲାଇଙ୍କୁ ସମ୍ବର୍ଦ୍ଧନା ଶୋଭାଯାତ୍ରାରେ ନିଆଯାଉଛି ।

# ଧୁମ୍‌ଧାମ୍‌ରେ ପାଳନ ହେବ କୁମାର ଉତ୍ସବ

ପୁରୀ, ୧୦।୯(ଅଜିତ ମହାନ୍ତି):

### ଶ୍ରୀକ୍ଷେତ୍ର ଯୁବ ସାଂସ୍କୃତିକ ସଂସଦର ବୈଠକ

ସାଂସ୍କୃତିକ ତଥା ସାମାଜିକ ଅନୁଷ୍ଠାନ ଶ୍ରୀକ୍ଷେତ୍ର ଯୁବ ସାଂସ୍କୃତିକ ସଂସଦ ପକ୍ଷରୁ ଚଳିତ ବର୍ଷ ୪୪ତମ କୁମାର ଉତ୍ସବ ପାଳନ ନେଇ ପ୍ରଥମ ସାଧାରଣ ବୈଠକ ଏବଂ କର୍ମକର୍ତ୍ତା ନିର୍ବାଚନ ସିଦ୍ଧମହାବୀର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ଶତପଥୀ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ସଦାଶିବ ନାୟକ ଗତବର୍ଷର କୁମାର ଉତ୍ସବର ଆୟବ୍ୟୟ ସମ୍ପର୍କିତ ବିବରଣୀ ପ୍ରଦାନ କରିଥିଲେ। ପରେ ଅନୁଷ୍ଠାନର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସର୍ବସମ୍ମତିକ୍ରମେ ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତିଙ୍କୁ ସଭାପତି ଭାବେ ଚୟନ କରାଯାଇଛି। ଅଭ୍ୟର୍ଥନା କମିଟି ଅଧକ୍ଷ ଭାବେ ପୁରୀ ଏମ୍‌ପି ପିନାକୀ ମିଶ୍ରଙ୍କ ନାମ ଘୋଷଣା କରାଯାଇଥିଲା। ସେହିପରି କାର୍ଯ୍ୟକାରୀ ସଭାପତି ଭାବେ ରାଜେନ୍ଦ୍ର ନାରାୟଣ ହରିଚନ୍ଦନ, ଉପସଭାପତି ଭାବରେ ଅରବିନ୍ଦ ଖୁଣ୍ଟିଆ, ସାଧାରଣ ସମ୍ପାଦକ ଭାବେ ସଦାଶିବ ନାୟକ, ସହସାଧାରଣ ସମ୍ପାଦକ ଭାବେ ମଦନ ମୋହନ ପୂଜାପଣ୍ଡା, ସାଙ୍ଗଠନିକ ସମ୍ପାଦକ ଭାବେ ନାରାୟଣ ଗୋଚ୍ଛିକାର, ସାଂସ୍କୃତିକ ସମ୍ପାଦକ ଭାବେ ଅମିତ୍ କୁମାର ଚାଟାର୍ଜୀ, ସହସାଂସ୍କୃତିକ ସମ୍ପାଦକ ଭାବେ ରଞ୍ଜିତ୍ ସିଂ, କୋଷାଧକ୍ଷ ଭାବେ ବାସୁଦେବ ଦାସ, କ୍ରୀଡ଼ା ସମ୍ପାଦକ ଭାବେ ଗୋପୀନାଥ ସ୍ୱାଇଁ, ସହକ୍ରୀଡ଼ା ସମ୍ପାଦକ ବିକ୍ରମ ପରିଡ଼ା, ସମୀକ୍ଷକ ଭାବେ ଦୋଳଗୋବିନ୍ଦ ମହାନ୍ତି, କାର୍ଯ୍ୟାଳୟ ସମ୍ପାଦକ ଭାବେ ଜଗମୋହନ ପଟ୍ଟନାୟକଙ୍କୁ ନିର୍ବାଚିତ କରାଯାଇଛି। କାର୍ଯ୍ୟକାରୀ କର୍ମକର୍ତ୍ତା ଭାବେ ଯୁଗଳ କିଶୋର ସିହ୍ନା, ସରସ୍ୱତୀ ମହାନ୍ତି, ଭବାନୀ ପ୍ରସାଦ ମିଶ୍ର, ଦୀପକ କୁମାର ସାହୁ, ରଞ୍ଜନ କୁମାର ସୁବୁଦ୍ଧି, ସୁରଞ୍ଜ ଦାସ, ଅଶୋକ କୁମାର ପଲେଇ ଓ ରୁଦ୍ର ନାରାୟଣ ମିଶ୍ରଙ୍କୁ ଚୟନ କରାଯାଇଛି। ଉପଦେଷ୍ଟା ଭାବେ ଶଶାଙ୍କ ଶେଖର ମହାପାତ୍ର, ସନ୍ତୋଷ ଶତପଥୀ, ଭକ୍ତଚରଣ ଦାସ, ବୀରେନ୍ଦ୍ର ନାରାୟଣ ଗୋଚ୍ଛିକାର, ବିଜୟ କୁମାର ଆପଟ, ଜିତେନ୍ଦ୍ର ଦାସମହାପାତ୍ର ଏବଂ ରବି ନାରାୟଣ ସାମନ୍ତରାୟଙ୍କୁ ଚୟନ କରାଯାଇଛି। ଚଳିତ ବର୍ଷ କୁମାର ଉତ୍ସବକୁ ଆଡମ୍ବରପୂର୍ଣ୍ଣ ଭାବେ ପାଳନ କରିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା। ନବନିର୍ବାଚିତ ଉପସଭାପତି ଅରବିନ୍ଦ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।

# ସ୍ୱାସ୍ଥ୍ୟ ଶିବିର ଉଦ୍‌ଯାପିତ

ପୁରୀ,୧୦।୯( ଅଜିତ୍ ମହାନ୍ତି)

କଳିଙ୍ଗ ବୈଶ୍ୟ ସଂଘ ପୁରୀ ଆନୁକୂଲ୍ୟରେ ସୁରକ୍ଷା ପ୍ରାକୃତିକ ଚିକିତ୍ସାକେନ୍ଦ୍ର ସହାୟତାରେ ଆୟୋଜିତ ୩ ଦିନିଆ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ପ୍ରଫେସର ଡା. ଦେବ ଦାଶ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, ଆଦିତ୍ୟ ବାହିନୀ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ଯୁବ କ୍ରୀଡ଼ାବିତ୍ ପ୍ରଦ୍ୟୁମ୍ନ ମିଶ୍ର, କଳିଙ୍ଗ ବୈଶ୍ୟ ସଂଘ ସଭାପତି ଶିବ ନାରାୟଣ ସେନାପତି ଏବଂ ସମ୍ପାଦକ ଜୟଦେବ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଏପରି ଶିବିରକୁ ପ୍ରଶଂସା କରିଥିଲେ। ଗତ ୩ ଦିନ ଧରି ଏହି ସେବାକୁ ସୁରକ୍ଷାକେନ୍ଦ୍ରର ସାହାଯ୍ୟ ଓ ରୋଗୀଙ୍କ ଚିକିତ୍ସାରେ ଥିବା ସେବାକାରୀଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ତେବେ ଆଗକୁ ଏହିପରି ଶିବିର କରାଯାଇ ରୋଗୀଙ୍କୁ ଚିକିତ୍ସା ଯୋଗାଇ ଦିଆଯିବ ବୋଲି ସଂଘ ପକ୍ଷରୁ କୁହାଯାଇଥିଲା। ଏହି ଅବସରରେ ସମସ୍ତ ଚିକିତ୍ସକଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ସୁରକ୍ଷାକେନ୍ଦ୍ରର ମୁଖ୍ୟ ଡା. ରାଧେଶ୍ୟାମ ରଥଙ୍କ କାର୍ଯ୍ୟକୁ ଅତିଥିମାନେ ପ୍ରଶଂସା କରିବା ସହ ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ଅତିଥିମାନେ ଶିବିର ବୁଲି ବିଭିନ୍ନ ପ୍ରକାର ଥେରାପି ନେଇ ଉପକାରିତା ସମ୍ପର୍କରେ ସୂଚନା ଦେଇଥିଲେ। ସଂଘ ସମ୍ପାଦକ ନାୟକ ଧନ୍ୟବାଦ ଦେଇଥିଲେ।

# ମାସକ ପରେ ଘରକୁ ଫେରିଲେ ନିଖୋଜ ମହିଳା

ଡେଲାଙ୍ଗ,୧୦।୯(ରଶ୍ମିରଞ୍ଜନ ପ୍ରଧାନ):

### ସରପଞ୍ଚ ଦୀପକଙ୍କୁ କୃତଜ୍ଞତା ଜଣାଇଲା ଆଫ୍ରୋଜଙ୍କ ପରିବାର

ଏକ ମାସ ହେବ ଗୁଆଚଉକା ଗ୍ରାମର ଆଫ୍ରୋଜ୍ ମହମ୍ମଦ୍‌ଙ୍କ ମା' ସମ୍‌ସାଦ ବେଗମ୍ (୪୦) କେଉଁଆଡେ ଚାଲିଯାଇଥିବା ନେଇ ପରିବାର ଲୋକେ ଡେଲାଙ୍ଗ ଥାନାରେ ଅଭିଯୋଗ କରିଥିଲେ। ତେବେ ରବିବାର ଆଫ୍ରୋଜ୍‌ଙ୍କ ମା' ଘରକୁ ଫେରିଛନ୍ତି। ଫଳରେ ପିଲାମାନଙ୍କ ଓଠରେ ଖୁସି ଭରିଯାଇଛି। 'ଆମ ସରପଞ୍ଚ ବାବୁଙ୍କ ଯୋଗୁ ମୁଁ ମୋ ମା'କୁ ପାଇଛି ବୋଲି କହି ଭୋଭୋ କାନ୍ଦି ପକାଇଥିଲେ ୧୫ ବର୍ଷୀୟ ନାବାଳକ ପୁଅ ଆଫ୍ରୋଜ୍। ସୂଚନା ଅନୁଯାୟୀ ଡେଲାଙ୍ଗ-କୋଠବାଡ଼ ପଞ୍ଚାୟତ ଅଧୀନ ଗୁଆଚଉକା ଗ୍ରାମର ସମ୍‌ସାଦ ବେଗମ୍ (୪୦) ଗତ ଅଗଷ୍ଟ ୪ରେ ଘରୁ କେଉଁଆଡେ ଚାଲିଯାଇଥିଲେ। ପରିବାର ଲୋକେ ବନ୍ଧୁବାନ୍ଧବ ଓ ପରିଜନଙ୍କୁ ପଚରାଉଚରା କରିବା ସହ ଖୋଜାଖୋଜି କରିଥିଲେ ମଧ୍ୟ ସମ୍‌ସାଦଙ୍କର କୌଣସି ପତ୍ତା ପାଇ ନ ଥିଲେ। ସେ ଜଣେ ମାନସିକ ରୋଗୀ ହୋଇଥିବାରୁ ତାଙ୍କ ସ୍ୱାମୀ, ପୁଅ ଆଫ୍ରୋଜ ଓ ଝିଅ ଆଫ୍ରିନ୍ ମହମ୍ମଦ ମା' ଆଉ ଫେରିବେନି ବୋଲି ଭାବି ଚିନ୍ତାରେ ଥିଲେ। ପରିବାର ଲୋକେ ସ୍ଥାନୀୟ ସରପଞ୍ଚ ଦୀପକ ସାହୁଙ୍କ ନିକଟରେ ପହଞ୍ଚି କାନ୍ଦିକାନ୍ଦି ସମ୍‌ସାଦଙ୍କୁ ଖୋଜି ଆଣିବା ପାଇଁ ନେହୁରା ହୋଇଥିଲେ। ସରପଞ୍ଚ ପିଲାମାନଙ୍କ ଦୁଃଖ ଦେଖି ସମ୍‌ସାଦଙ୍କୁ ଖୋଜି ଆଣିବେ ବୋଲି କହି ଆଶ୍ୱାସନା ଦେଇଥିଲେ। ପରେ ସରପଞ୍ଚ ନିଖୋଜ ମହିଳାଙ୍କ ଫଟୋ ତାଙ୍କ ସମ୍ପର୍କୀୟ ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ପ୍ରେରଣ କରିଥିଲେ । ଭୁବନେଶ୍ୱରର ବାରଙ୍ଗ ଅଞ୍ଚଳର ଏକ ନିଛାଟିଆ ସ୍ଥାନରେ ଜଣେ ମହିଳା ବସିଥିବା କୌଣସି ସହୃଦୟ ବ୍ୟକ୍ତି ଦେଖି ସରପଞ୍ଚ ସାହୁଙ୍କ ସହିତ ଯୋଗାଯୋଗ କରିଥିଲେ। ପରେ ସରପଞ୍ଚ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ପିଲାମାନଙ୍କ ଜିମା ଦେଇଥିଲେ। ଏନେଇ ପରିବାର ଲୋକେ, କୋଠବାଡ଼ ପଞ୍ଚାୟତବାସୀ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ସାହୁଙ୍କ କାର୍ଯ୍ୟକୁ ପ୍ରଶଂସା କରାଯାଇଛି।

# ଜିଆର୍‌ଏସ୍ ପରିବାରକୁ ସହାୟତା

କଣାସ,୧୦।୯(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅଧୀନ କାଦୁଆ ଗ୍ରାମ ପଞ୍ଚାୟତର ଗ୍ରାମ ରୋଜଗାର ସେବକ (ଜିଆର୍‌ଏସ୍) ସୁମିତ୍ରା ଚମ୍ପତି(୪୩)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ସେ କିଛିଦିନ ଧରି ଏମ୍ସ ମେଡିକାଲରେ ଚିକିତ୍ସିତ ହେଉଥିଲେ। ପୁରୀ ଜିଲା ଗ୍ରାମ ରୋଜଗାର ସେବକ ସଂଘ ପକ୍ଷରୁ ସଂଘ ସଭାପତି ଜଗବନ୍ଧୁ ଦଳାଇ ସୁମିତ୍ରାଙ୍କ ପୁଅ ଜଗଦୀଶ ହରିଚନ୍ଦନ(୧୩)ଙ୍କୁ ଶନିବାର ୩୦ହଜାର ଟଙ୍କାର ଚେକ୍ ଓ ନଗଦ ୨୦ହଜାର ଟଙ୍କା ତାଙ୍କ ବାସଭବନରେ ପ୍ରଦାନ କରିଥିଲେ। ଏହି ସମୟରେ ସମ୍ପାଦକ ଚନ୍ଦ୍ରକାନ୍ତ ପରିଡ଼ା, କୋଷାଧକ୍ଷ ଜ୍ୟୋତିରଞ୍ଜନ ପ୍ରଧାନ, କଣାସ ବ୍ଲକର ଜିଆରଏସ୍ ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପାକୁ ଅଧିକ ଶକ୍ତିଶାଳୀ କରିବାକୁ ଆହ୍ୱାନ

ନିମାପଡ଼ା,୧୦।୯(ବିଚିତ୍ରାନନ୍ଦ ସାହୁ)

ଆଗାମୀ ସାଧାରଣ ନିର୍ବାଚନରେ ନିମାପଡ଼ା ନିର୍ବାଚନମଣ୍ଡଳୀରେ ଭାଜପାର ବିଜୟ ଧ୍ୱଜା ଉଡ଼ିବ ବୋଲି ଦଳର ବରିଷ୍ଠ ନେତା ଦିଲୀପ ନାୟକ କହିଛନ୍ତି। ନିମାପଡ଼ା ମାଟିରେ ଅହଙ୍କାରୀ ଶାସନର ଖୁବ୍‌ଶୀଘ୍ର ଅବସାନ ଘଟିବ, ଭାଜପା ବିପୁଳ ଭୋଟରେ ବିଜୟୀ ହେବ ବୋଲି ଭାଜପା ପକ୍ଷରୁ ଆୟୋଜିତ ଏକ ମିଶ୍ରଣ ପର୍ବରେ ନାୟକ ମତବ୍ୟକ୍ତ କରିଛନ୍ତି। ନିମାପଡ଼ା ମାଟିରେ ଏଥର ପଦ୍ମ ଫୁଟିବ ବୋଲି ଭାଜପା ନେତା ଓ କର୍ମୀମାନେ ମିଶ୍ରଣ ପର୍ବରେ ରଣହୁଙ୍କାର ଦେଇଛନ୍ତି। ଭାଜପା ନିମାପଡ଼ା ଗ୍ରାମୀଣ ମଣ୍ଡଳର ଓମ୍‌ଫେଡ ଛକ ନିକଟସ୍ଥ କାର୍ଯ୍ୟାଳୟଠାରେ ଏକ ମିଶ୍ରଣ ସମାରୋହ ଅନୁଷ୍ଠିତ ହୋଇଥିଲା। ସମାରୋହରେ ଅତିଥି ଭାବେ ଦଳର ବରିଷ୍ଠ ନେତା ଦିଲୀପ ନାୟକ, ନିର୍ବାଚନମଣ୍ଡଳୀ ସଂଯୋଜକ ପ୍ରଦୀପ ନାୟକ, ନିମାପଡ଼ା ମଣ୍ଡଳ ସଭାପତି ମାନସ ପ୍ରଧାନ, ମଣ୍ଡଳ ସମ୍ପାଦକ ଖିଲିଲତା ଦାସ, ସନ୍ତୋଷ ରଥ, ପୂର୍ବତନ ନଗରପାଳ ଅଜୟ ଭୋଇ, ବାସୁଦେବ ବେହେରା, ଶୁଭ୍ରଜିତ ବାରିକ ପ୍ରମୁଖ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗରିବ କଲ୍ୟାଣ ଯୋଜନା, ବିକାଶମୂଳକ ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ପ୍ରତ୍ୟେକ ଗାଁଗଣ୍ଡା, ସହର ବଜାରର ଲୋକଙ୍କ ପାଖରେ ପହଞ୍ଚାଇବାକୁ ତୃଣମୂଳସ୍ତରରୁ ଦଳୀୟ ସଂଗଠନକୁ ଅଧିକ ଶକ୍ତିଶାଳୀ, କ୍ରିୟାଶୀଳ କରିବାକୁ ନେତୃବୃନ୍ଦମାନେ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଲୋକାଭିମୁଖୀ ଯୋଜନା, ଭାଜପା ନେତା ଦିଲୀପ ନାୟକଙ୍କ ଦୃଢ ନେତୃତ୍ୱ ଓ ସଂଗଠନ ଉପରେ ଆସ୍ଥା ପ୍ରକଟ କରି ନିମାପଡ଼ା ବ୍ଲକ ଅଧୀନ ଭୋଗଶାଳଦା ଗ୍ରାମପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଦଳ ଛାଡ଼ି ନାଏବ ସରପଞ୍ଚ ମାନିନୀ ସ୍ୱାଇଁ ଓ ପଞ୍ଚାୟତର ଭାଜପା ସଭାପତି ସୀମାଞ୍ଚଳ ସ୍ୱାଇଁଙ୍କ ନେତୃତ୍ୱରେ ବିଧିବଦ୍ଧ ଭାବେ ଭାଜପାରେ ଯୋଗଦେଇଛନ୍ତି। ଦଳରେ ଯୋଗଦାନ କରିଥିବା ନୂତନ କର୍ମୀଙ୍କୁ ଭାଜପା ନେତାମାନେ ଦଳୀୟ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଛନ୍ତି।




ଭାଜପାରେ ଯୋଗଦେଇଥିବା ବିଜେଡି କର୍ମୀଙ୍କୁ ସ୍ୱାଗତ କରାଯାଉଛି ।

# ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କର୍ଣ୍ଣର ଉଦ୍‌ଘାଟିତ

ପିପିଲି,୧୦।୯(ଦୁର୍ଗାମାଧବ ମିଶ୍ର):

ଏନ୍‌ଏସି ଅନ୍ତର୍ଗତ ଭବାନୀପୁର ପ୍ର. ଉ. ପ୍ରା. ବିଦ୍ୟାଳୟରେ ଗୁରୁପୂଜନ ଅବସରରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କର୍ଣ୍ଣର ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁକାନ୍ତ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଇଓ ରବୀନ୍ଦ୍ରନାଥ ନନ୍ଦ, ସମ୍ମାନିତ ଅତିଥି ଭାବେ ଏବିଇଓ ଲକ୍ଷ୍ମୀପ୍ରିୟା ନାୟକ, ସାହେବ ପାତ୍ର, ୪ ନମ୍ବର ୱାର୍ଡ କାଉନସିଲର ରୋଶନାରା ବେଗମ୍, ଚେୟାରପର୍ସନ ସେକ୍ ଜାହାଙ୍ଗୀର ଯୋଗ ଦେଇଥିଲେ। ସଫଳ ଶିକ୍ଷାଦାନ ପାଇଁ ଏଫ୍‌ଏଲ୍‌ଏନ୍ କର୍ଣ୍ଣରର ଆବଶ୍ୟକତା ଏବଂ ଏହାର ଉପଯୁକ୍ତ ବ୍ୟବହାର ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ପିଲାଙ୍କ ବସିବା ପାଇଁ ନୂତନ ଡେସ୍କ, ବେଞ୍ଚ ଉଦ୍‌ଘାଟନ କରାଯିବା ସହ ଗଙ୍ଗାଧର ମେହେର ମାନକ ବୃଦ୍ଧି ଯୋଜନାରେ ଛାତ୍ରୀଛାତ୍ରଙ୍କୁ ପୋଷାକ, ପରିଚୟପତ୍ର ଆଦି ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ବନବାସିନୀ ମହାପାତ୍ର, ସସ୍ମିତା ଦାଶ, ବିମଳା ଦେଇ, କଳ୍ପନା ମିଶ୍ର, ବିନୋଦିନୀ ତ୍ରିପାଠୀ, ସୁନୀତା ପ୍ରିୟଦର୍ଶିନୀ, ସେକ ନିଜାମୁଲ ହୁଦା, ନନ୍ଦିତା ଜେନା ପରିଚାଳନା କରିଥିଲେ।

# 'ଭାଗ୍ୟବାଦ, ମାନସିକ ଦୈନ୍ୟ ବିରୋଧରେ ଲେଖନୀ ଚାଳନା ହେଉ'

### 'ଓଡ଼ିଶା ଓ ଓଡ଼ିଆ' ଶୀର୍ଷକ ଆଲୋଚନାଚକ୍ର

ପୁରୀ, ୧୦।୯(ଅଜିତ ମହାନ୍ତି):

କ୍ରାନ୍ତିଦର୍ଶୀ ସାହିତ୍ୟ ମଞ୍ଚ ଆନୁକୂଲ୍ୟରେ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ପରିସରରେ ରବିବାର ପ୍ରଫେସର ଚିତ୍ତରଞ୍ଜନ ଦାସ ଜନ୍ମ ଶତବାର୍ଷିକୀ ବକ୍ତୃତାମାଳା କ୍ରମରେ 'ଓଡ଼ିଶା ଓ ଓଡ଼ିଆ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷତା କରି ଅନୁଷ୍ଠାନର ସଭାପତି ଇଂ. ଗିରିଜା ଶଙ୍କର ପାଢ଼ୀ କହିଲେ ଯେ, ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷାବିତ୍ ଓ ପ୍ରାବନ୍ଧିକ ପ୍ରଫେସର ଚିତ୍ତରଞ୍ଜନ ଦାସ ତାଙ୍କ ବହୁ ଆଲୋଚିତ ପ୍ରବନ୍ଧ ସଂକଳନ 'ଓଡ଼ିଶା ଓ ଓଡ଼ିଆ' ମାଧ୍ୟମରେ ଓଡ଼ିଆଙ୍କ ପୂର୍ଣ୍ଣାଙ୍ଗ ପରିଚୟ ନିମିତ୍ତ ଯେଉଁ ସୃଜନାତ୍ମକ ନେତୃତ୍ୱର ଆବଶ୍ୟକ ଅଛି, ସାଂପ୍ରତିକ କାଳଖଣ୍ଡ ଏବେ ମଧ୍ୟ ତାହାର ଅପେକ୍ଷାରତ। ଭାଗ୍ୟବାଦ ଓ ମାନସିକ ଦୈନ୍ୟ ବିରୋଧରେ ଅବିରାମ ଲେଖନୀ ଚାଳନା କଲେ ଆଜିର ଓଡ଼ିଆ ସାହିତ୍ୟ କାଳଜୟୀ ହୋଇପାରିବ। ସମ୍ପାଦକ ଡ. ବଳରାମ ଦାଶ ସ୍ୱାଗତ ସମ୍ଭାଷଣ ପୂର୍ବକ କହିଲେ ଯେ ଓଡ଼ିଶାର ପଞ୍ଚସଖା ସନ୍ଥ- ପରମ୍ପରା ପ୍ରଚଳିତ ବାହ୍ୟିକତା ବିରୋଧରେ ବଳିଷ୍ଠ ପ୍ରତିବାଦ ଜଣାଇ ମନୁଷ୍ୟକୁ ତା'ର ଅସଲ ଦିବ୍ୟ ପରିଚୟରେ ଚିହ୍ନିତ କରାଇପାରିଥିଲା।



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ ।

ମୁଖ୍ୟ ଅତିଥି ଡ. ପ୍ରଭାକର ତ୍ରିପାଠୀ ତାଙ୍କ ଅଭିଭାଷଣରେ କହିଥିଲେ, ଜଣେ ପକ୍ଷଧର ଚିନ୍ତକ ଭାବେ ଚିତ୍ତରଞ୍ଜନ ସମାଜର ବିବେକ ହୋଇ କାଳକୁ ଜେରା କରିପାରୁଥିଲେ। ମୁଖ୍ୟବକ୍ତା ଜନ୍ମେଜୟ ଦ୍ୱିବେଦୀ କହିଥିଲେ, ଚିତ୍ତରଞ୍ଜନ ଦାସଙ୍କ ସକ୍ରେଟୀୟ ଚେତନା ବିଶ୍ୱମାନବ ସହ ଏକାତ୍ମତା ଅନୁଭବ ଓ ଆଧାତ୍ମିକ ଉପଲବ୍ଧି ଉପନିଷଦୀୟ ଚରୈବେତି ମନ୍ତ୍ରରେ ଆଧାରିତ ଥିଲା। ଆଲୋଚନାରେ ଅଧାପକ ବିଭୂତି ଭୂଷଣ କର, ଡ. ଶଙ୍କର୍ଷଣ ପ୍ରଧାନ, ଡ. ପ୍ରଦୀପ କୁମାର ସାହୁ, ଶରତ କୁମାର ସାହୁ, ଦୟାନିଧି ପଣ୍ଡା, ଡ. ପ୍ରମୋଦ କୁମାର ଦଳେଇ, ମନ୍ଦାକିନୀ ଆଚାର୍ଯ୍ୟ, ରୀନା ପାତ୍ର, ରୂପରଞ୍ଜନ ତ୍ରିପାଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ଉମେଶ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

## ଅଧ୍ୟାପକଙ୍କ ଦାବିକୁ ୟୁଟିଆ ଶିକ୍ଷକ ସଂଘର ସମର୍ଥନ

କଟକ,(କାର୍ତ୍ତିକ ସାହୁ): ରାଜ୍ୟର ୪୮ ଅନୁଦାନପ୍ରାପ୍ତ କଲେଜଗୁଡ଼ିକରେ କାର୍ଯ୍ୟରତ ୩୦୦୦ ସିଲେକସନ୍ ବୋର୍ଡ ଅଧ୍ୟାପକଙ୍କ ଦାବିକୁ ୟୁଟିଆ ଶିକ୍ଷକ ସଂଘ ସମର୍ଥନ କରୁଛି। ସଂଘ ସଭାପତି ତଥା ସିଲେକ୍ସନ ବୋର୍ଡ ଅଧ୍ୟାପକ ସଂଘର ପ୍ରତିଷ୍ଠାତା ପ୍ରଫେସର ଯୁଧିଷ୍ଠିର ଖଟୁଆ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି, ହାଇକୋର୍ଟଙ୍କ ରାୟ ଅନୁଯାୟୀ ଏସ୍‌ଏସ୍‌ବି ଦ୍ୱାରା ମନୋନୀତ ଓ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ଉକ୍ତ ଅଧ୍ୟାପକମାନେ ଓପିଏସ୍‌ସି ଦ୍ୱାରା ମନୋନୀତ ଅଧ୍ୟାପକଙ୍କ ଭଳି ସମାନ ସୁବିଧା ପାଇବାକୁ ଯୋଗ୍ୟ। ସେମାନଙ୍କୁ ୪,୬୦୦ ଗ୍ରେଡ୍ ପେ' ବଦଳରେ ୫,୪୦୦ ସମେତ ଘରଭଡ଼ା, ପେନ୍‌ସନ୍ ଆଦି ନିଯୁକ୍ତି ଦିବସରୁ ବରିଷ୍ଠତା, ପିଏଚ୍‌ଡି ଇନ୍‌କ୍ରିମେଣ୍ଟ ଆଦି ପ୍ରଦାନ କରିବାକୁ ସେ ସରକାରକୁ ଅବଗତ କରାଇଛନ୍ତି।

**ସଂକ୍ଷେପରେ**

## ଦାଦାବଟି ଆଦାୟ, ଅଭିଯୁକ୍ତ ଗିରଫ

ଚୌଦ୍ୱାର, ୧୦।୯(ଆଶୁତୋଷ ଦାସ)

ଦାଦାବଟି ଆଦାୟ ଅଭିଯୋଗରେ ଚୌଦ୍ୱାର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଗୋପାଳପୁର ଅଞ୍ଚଳର ରିତେଶ ନାୟକ(୩୪)। ଏହି ଥାନା ଅନ୍ତର୍ଗତ ଗୋପାଳପୁର ଅଞ୍ଚଳରେ ସୁଶାନ୍ତ ନାୟକଙ୍କୁ ରିତେଶ ଦାଦାବଟି ମାଗିଥିଲେ। ଏ ନେଇ ସୁଶାନ୍ତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୩୫/୨୩) ରୁଜୁ କରିଥିଲା।

## ନୂତନ ଭୋଟର ପଞ୍ଜୀକରଣ କାର୍ଯ୍ୟକ୍ରମ

କଟକ,୧୦।୯(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ସେଲ୍‌ଟର ଛକସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ନିକଟରେ କଟକ ନଗର ଭାଜପା ପକ୍ଷରୁ ନୂତନ ଭୋଟର ପଞ୍ଜୀକରଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୦ରୁ ଉର୍ଦ୍ଧ୍ୱ ନୂତନ ଭୋଟର ଫର୍ମ ପୂରଣ କରିଥିଲେ। ନଗର ସଭାପତି ଲଲାଟେନ୍ଦୁ ବସ୍ତୁଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପୂର୍ବତନ କର୍ପୋରେଟର ଚିତ୍ତରଞ୍ଜନ ଦାସ, ଗୀତା ଦାସ, ପ୍ରବୀଣା ମହାପାତ୍ର, ଜୟକୃଷ୍ଣ ସ୍ୱାଇଁ, ସତ୍ୟବ୍ରତ ମିଶ୍ର, ସ୍ନେହମଞ୍ଜରୀ ମହାନ୍ତି, ହରିଚନ୍ଦନ ନାୟକ, ମହମ୍ମଦ ସବିର ପରିଚାଳନା କରିଥିଲେ।

## କଂଗ୍ରେସର ସାଙ୍ଗଠନିକ ପ୍ରସ୍ତୁତି ବୈଠକ

କଟକ,୧୦।୯(ସୁପ୍ରିୟା ପ୍ରିୟଦର୍ଶିନୀ)

୮ନଂ. ୱାର୍ଡ କଂଗ୍ରେସ ପକ୍ଷରୁ ସ୍ଥାନୀୟ ଚହଟା ନଗରଠାରେ ରବିବାର ଏକ ସାଙ୍ଗଠନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଜିତ୍ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ମହମ୍ମଦ ମୋକିମ ଯୋଗଦେଇ ୱାର୍ଡ ଅଞ୍ଚଳରେ ଦଳୀୟ ସଙ୍ଗଠନକୁ ଆହୁରି ସୁଦୃଢ଼ କରିବା ଉପରେ ଆଲୋଚନା କରିଥିଲେ। ମହିଳା ଓ ଯୁବକମାନେ ଅଧିକ ସଂଖ୍ୟାରେ କିପରି ସଙ୍ଗଠନରେ ଯୋଡ଼ି ହେବେ ସେଥିପାଇଁ ତଳ ସ୍ତରକୁ ଯାଇ ଲୋକମାନଙ୍କ ସହିତ କାମ କରିବାକୁ ମୋକିମ ଆହ୍ୱାନ ଦେଇଥିଲେ। ୱାର୍ଡ ଅଞ୍ଚଳରେ ବିଧାୟକ ଉନ୍ନୟନ ପାଣ୍ଠିରୁ ହୋଇଥିବା କାର୍ଯ୍ୟ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା ଏବଂ ଆଉ ଯାହା କାର୍ଯ୍ୟ ବାକି ଅଛି ତୁରନ୍ତ ଶେଷ କରାଯିବ ବୋଲି ମୋକିମ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରା, ପୂର୍ବତନ ୱାର୍ଡ ସଭାପତି ରଞ୍ଜିତ ନାୟକ, ମାନସ କୁମାର ସିଂହ, ଅମର ସାହା, ନେତ୍ରମଣି ସାହୁ, ରାଜେନ୍ଦ୍ର ବେହେରା, ଗୋପାଳ ଚନ୍ଦ୍ର ଚୌଧୁରୀ, ଦୁର୍ଗା ପ୍ରସାଦ ପଣ୍ଡା, ନାରାୟଣ ସାହୁ, ବୈକୁଣ୍ଠ ଦାସ,କୈଳାଶ ପରିଡା ପ୍ରମୁଖ ଉପସ୍ଥିତ ରହିଥିଲେ। ଶରତ କୁମାର ରଥ ଧନ୍ୟବାଦ ଦେଇଥିଲେ।

## ଉଦୟନିଧିଙ୍କ ଗିରଫ ଦାବି କଲା ଆର୍‌ଏସ୍‌ବିଏସ୍

କଟକ,୧୦।୯ (କାର୍ତ୍ତିକ ସାହୁ)

ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନଙ୍କ ପୁଅ ତଥା କ୍ରୀଡାମନ୍ତ୍ରୀ ଉଦୟନିଧି ଷ୍ଟାଲିନଙ୍କ ସନାତନ ଧର୍ମ ବିରୋଧୀ ମନ୍ତବ୍ୟକୁ ରାଷ୍ଟ୍ରୀୟ ସୂର୍ଯ୍ୟାଂଶୀ ବ୍ରାହ୍ମଣ ସଂଗଠନ (ଆର୍‌ଏସ୍‌ବିଏସ୍) ତୀବ୍ର ନିନ୍ଦା କରିଛି। ଖାନ୍‌ନଗରସ୍ଥିତ ପୁରୁଷୋତ୍ତମଜୀଉ ମନ୍ଦିର ପ୍ରାଙ୍ଗଣରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଙ୍ଗଠନର ରାଷ୍ଟ୍ରୀୟ ପ୍ରବକ୍ତା ପଣ୍ଡିତ ପରମାନନ୍ଦ ଜ୍ୟୋତିଷୀ କହିଛନ୍ତି, ଉଦୟନିଧିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉ। ତୁରନ୍ତ ତାଙ୍କୁ ତାମିଲନାଡୁ ବିଧାନସଭାରୁ ବହିଷ୍କାର ସହ ଗିରଫ କରାଯାଉ। ଏ ସମ୍ପର୍କରେ ସଙ୍ଗଠନ ପକ୍ଷରୁ ରାଜ୍ୟପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ପରମାନନ୍ଦ କହିଛନ୍ତି। ଧର୍ମ ବିରୋଧୀ ମନ୍ତବ୍ୟ ସମ୍ପର୍କରେ ଦେଶର ସମସ୍ତ ସନାତନୀ, ସାଧୁସନ୍ଥ ଓ ସର୍ବସାଧାରଣ ଏକାଠି ହୋଇ ଧର୍ମ ରକ୍ଷା ପାଇଁ ଆଗେଇ ଆସିବା ଉଚିତ ବୋଲି ପୁରୋହିତ ପ୍ରମୋଦ କୁମାର ଆଚାର୍ଯ୍ୟ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସଙ୍ଗଠନର ସମ୍ପାଦକ ଡା. ରଞ୍ଜିତ ଆଚାର୍ଯ୍ୟ, କୋଷାଧ୍ୟକ୍ଷ ପଣ୍ଡିତ ସନ୍ତୋଷ କୁମାର ନାୟକ, ବାସ୍ତୁବିତ୍ ଶିବ ପ୍ରସାଦ ନାୟକ, ପଣ୍ଡିତ ବିଭୁ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ନିଶାମୁକ୍ତ ଭସାଣି, ଡିଜେମୁକ୍ତ ରୋଶଣି




ଦୁର୍ଗାପୂଜା, ଭସାଣି ଉତ୍ସବ ପ୍ରସ୍ତୁତି ସଭାରେ ବିଧାୟକ, ମେୟର, କମିଶନରଙ୍କ ସହ ଅନ୍ୟମାନେ।

**ଦୁର୍ଗାପୂଜା, ଭସାଣି ଉତ୍ସବ ପ୍ରସ୍ତୁତି ସଭା**

କଟକ,୧୦।୯(ସୁପ୍ରିୟା ପ୍ରିୟଦର୍ଶିନୀ)

ଆସନ୍ତା ଦୁର୍ଗାପୂଜା ଓ ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ କରିବା ପାଇଁ ସ୍ଥାନୀୟ ରଘୁନାଥଜୀଉ ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଅକ୍ଟୋବର ୨୦ ମହାଷଷ୍ଠୀରୁ ଦୁର୍ଗାପୂଜା ଆରମ୍ଭ ହୋଇ ୨୫ରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଏଥର ନିଶା ମୁକ୍ତ ଭସାଣି ଓ ଡିଜେ ମୁକ୍ତ ରୋଶଣି କରିବାକୁ କଟକ ମହାନଗର ଶାନ୍ତି କମିଟିର ମହାସଭାରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ତେଲେଙ୍ଗାବଜାର ପୂଜା କମିଟିର ନିମନ୍ତ୍ରଣକ୍ରମେ ଆୟୋଜିତ ସଭାରେ କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ ଅଧ୍ୟକ୍ଷତା କରିଥିଲେ। ସ୍ଥାନୀୟ ପୂଜା କମିଟି ସଭାପତି ପ୍ରମୋଦ କୁମାର ବେହେରା ସ୍ୱାଗତ ଭାଷଣ ଓ ସମ୍ପାଦକ ଆଲୋକ ମହାପାତ୍ର ଉପସ୍ଥିତ ପୂଜା କମିଟିର କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସାଧାରଣ ସମ୍ପାଦକ ଭିକାରି ଦାସ ୨୦୨୨-୨୩ ମସିହାର ଆୟବ୍ୟୟ ହିସାବ ଉପସ୍ଥାପନ କରିଥିଲେ। ଏହା ସର୍ବସମ୍ମତକ୍ରମେ ଅନୁମୋଦନ ଲାଭ କରିଥିଲା।

ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭସାଣି ଶୋଭାଯାତ୍ରା ନିମନ୍ତେ ରାତି ୧୨ଟା ପର୍ଯ୍ୟନ୍ତ ମାଇକ ବଜାଇବା ପାଇଁ ଅନୁମତି ପ୍ରଦାନ, ପୂର୍ବବର୍ଷ ଭଳି ଗଳି ରାସ୍ତାରୁ ଗୋଟିଏ ଏବଂ ମୁଖ୍ୟ ରାସ୍ତାରୁ ଦୁଇଟି ମେଢ଼ ପରିକ୍ରମା ପଦ୍ଧତି ପାଳନ, ଚାନ୍ଦିନୀଚୌକର ପୁରାତନ ମେଳଣରେ ଯୋଗଦେବାକୁ ଅନୁମତି ପ୍ରଦାନ, ଷଷ୍ଠୀଠାରୁ ଦ୍ୱାଦଶୀ ପର୍ଯ୍ୟନ୍ତ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ, ରିହାତି ମୂଲ୍ୟରେ ମଣ୍ଡପଗୁଡିକୁ ବିଦ୍ୟୁତ୍ ଯୋଗାଇବା, ପୂଜା ସମୟରେ ବିଦ୍ୟୁତ୍ କାଟ୍ ନ ହେବା ଦିଗରେ ପଦକ୍ଷେପ ଗ୍ରହଣ କରିବା, ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପୋଲିସ କଣ୍ଟ୍ରୋଲ ରୁମ୍, ଭ୍ରାମ୍ୟମାଣ ଶୌଚାଳୟ, ପର୍ଯ୍ୟାପ୍ତ ପରିମାଣର ଆଲୋକ ବ୍ୟବସ୍ଥା କରିବା, ମେଢ଼ ବିସର୍ଜନ ନିମନ୍ତେ ଦେବୀଗଡା ରାସ୍ତାର ମରାମତି, ସମଗ୍ର ଅଞ୍ଚଳକୁ ଆଲୋକୀକରଣ କରିବା, ମୂର୍ତ୍ତି ବିସର୍ଜନ ନିମନ୍ତେ ୪/୫ଟି ଅସ୍ଥାୟୀ ପୋଖରୀ ଖୋଳିବା, ଆବଶ୍ୟକ ସ୍ଥଳେ ଡ୍ରେନ୍‌ରେ ସ୍ଲାବ୍ ପକାଇବା, ମେଢ଼ ଯାତାୟାତବେଳେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଗଛଡାଳ କାଟିବା, ବିଦ୍ୟୁତ୍ ଓ ଟେଲିଫୋନ ତାର ଅପସାରଣ କରିବା ସହ ପୂଜା ସମୟରେ ରାସ୍ତାରେ ବ୍ଲିଚିଂ ପାଉଡର ପକାଇବାକୁ ସିଏମ୍‌ସିକୁ ନିବେଦନ କରାଯାଇଥିଲା। ଏହି ପ୍ରସ୍ତାବଗୁଡିକ ସର୍ବସମ୍ମତକ୍ରମେ ଗୃହୀତ ହୋଇଥିଲା। ଚଳିତବର୍ଷ କାଫଲାବଜାର, ମହମ୍ମଦିଆ ବଜାର ଓ ନିମସାହି (ହରିଜନ ସାହି)ରେ ନୂତନ ଚାନ୍ଦି ମେଢ଼ ନିର୍ମାଣ କରାଯିବ। ବିଡାନାସୀ ଓ କଫଲାବଜାର ଅଞ୍ଚଳର ମା' ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମା ୨୬ ତାରିଖ ଦ୍ୱାଦଶୀ ତିଥିରେ ନଗର ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି। ପଶ୍ଚିମବଙ୍ଗ ଭଳି ଓଡ଼ିଶା ସରକାର ପ୍ରତ୍ୟେକ ପୂଜାମଣ୍ଡପକୁ ୧ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେବାକୁ ନିବେଦନ କରାଗଲା।

ଏହି ସଭାରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, କଟକ ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ କୁମାର ତ୍ରିପାଠୀ, ସିଏମ୍‌ସି ମେୟର ସୁବାସ ସିଂ, ବିଧାୟକ ଇଂ. ମହମ୍ମଦ ମୋକିମ, ସୌଭିକ୍ ବିଶ୍ୱାଳ, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ଉପ ଜିଲାପାଳ କମଳଜିତ ଦାସ, ଡିସିପି ପିନାକ ମିଶ୍ର, ନିରାମୟ ଉପଦେଷ୍ଟା ରଞ୍ଜନ କୁମାର ବିଶ୍ୱାଳ, ଡେପୁଟି ମେୟର ଦମୟନ୍ତୀ ମାଝୀ, ଡେପୁଟି କମିଶନର ଅଜୟ ମହାନ୍ତି, ନଗର କଂଗ୍ରେସ ସଭାପତି ସୁରେଶ ମହାପାତ୍ର, ନଗର ଭାଜପା ସଭାପତି ଲଲାଟେନ୍ଦୁ ବସ୍ତୁ, ସିପିଆଇ ନେତା ଅମରେନ୍ଦୁ ମହାନ୍ତି, କର୍ପୋରେଟର ଲକ୍ଷ୍ମୀଧର ବେହେରା ପ୍ରମୁଖ ଯୋଗଦେଇଥିଲେ। ନରେଶ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# ଓଡ଼ିଶାରେ ଗଣମାଧ୍ୟମର ସ୍ଥିତି ସୁଦୃଢ଼

କଟକ,୧୦।୯(ସୁପ୍ରିୟା ପ୍ରିୟଦର୍ଶିନୀ)

**ଓଡ଼ିଶା ଯୁବ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ଉଦ୍‌ଯାପିତ**

ଓଡ଼ିଶାରେ ଗଣମାଧ୍ୟମର ସ୍ଥିତି ଓ ଭବିଷ୍ୟତ ବେଶ୍ ସୁଦୃଢ଼। ତେଣୁ ଗଣମାଧ୍ୟମ ପ୍ରତିନିଧି ଅଧିକ ଦାୟିତ୍ୱସମ୍ପନ୍ନ ହେଇ ଗଠନମୂଳକ ଖବର ପରିବେଷଣକୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ରାଜ୍ୟ ମାନବାଧିକାର କମିଶନର ପୂର୍ବତନ ଅଧ୍ୟକ୍ଷ ଜଷ୍ଟିସ ବିମଳ ପ୍ରସାଦ ଦାସ କହିଛନ୍ତି। ଓଡ଼ିଶା ଯୁବ ସାମ୍ବାଦିକ ସଙ୍ଘର ୧୪ତମ ବାର୍ଷିକ ଉତ୍ସବ ଯୋବ୍ରାସ୍ଥିତ ମାରିଟାଇମ୍ ମ୍ୟୁଜିୟମରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଜଷ୍ଟିସ ଦାସ ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ମେୟର ସୁବାସ ସିଂ, ସୂଚନା କମିଶନର ସୁଶାନ୍ତ ମହାନ୍ତି, ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଧରଣୀଧର ନାୟକ, ଅତିରିକ୍ତ ଡିସିପି ଅନିଲ କୁମାର ମିଶ୍ର, ଡା. ଉମେଶ ରାୟ ଯୋଗଦେଇ ଗଣମାଧ୍ୟମ ସମାଜର ଆଇନା ସଦୃଶ ବୋଲି କହିଥିଲେ।

ଏହି ଅବସରରେ ସଂଘ ପକ୍ଷରୁ ବରିଷ୍ଠ ସାମ୍ବାଦିକ ତଥା ସୂଚନା କମିଶନର ସୁଶାନ୍ତ ମହାନ୍ତିଙ୍କୁ ଓଡ଼ିଶା ଦେବର୍ଷି ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ସ୍ୱାସ୍ଥ୍ୟକ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ଡା. ଗନ୍ଧର୍ବ ରାୟ, ଡା. ପଦ୍ମାଳୟା ଦେବୀ, ଡା. ଦେବାନନ୍ଦ ମହାପାତ୍ର, ଡା. ପ୍ରଦୀପ ମହାନ୍ତି, ସେବା ଅନୁଷ୍ଠାନ ସ୍ୱପ୍ନ ଫାଉଣ୍ଡେଶନ, ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟକୁ ଓଡ଼ିଶା ସେବା ଗୌରବ ସମ୍ମାନ, ବରିଷ୍ଠ ଆଇନଜୀବୀ ଗୌତମ ଆଚାର୍ଯ୍ୟଙ୍କୁ ଓଡ଼ିଶା ଆଇନ ଗୌରବ ସମ୍ମାନ, କବି ପର୍ଶୁରାମ ଦାଶଙ୍କୁ ଓଡ଼ିଶା ସାହିତ୍ୟ ଗୌରବ ସମ୍ମାନ, ଶିଳ୍ପୋଦ୍ୟୋଗୀ ଆନନ୍ଦ ପୋଦାରଙ୍କୁ ଓଡ଼ିଶା ଶିଳ୍ପ ଗୌରବ ସମ୍ମାନ, ଇଂ. ରାଜେଶ କୁମାର ମହାନ୍ତିଙ୍କୁ ଓଡ଼ିଶା ନିର୍ମାଣ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସଂଘ ପକ୍ଷରୁ ଯୁବଜ୍ୟୋତି ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏଥିରେ ଆଇନଜୀବୀ ଦୟାନନ୍ଦ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ଜିଲାସ୍ତରୀୟ ବିବିଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ସାମାଜିକ ୱାଇଙ୍ଗ ସଦସ୍ୟ ରବିନାରାୟଣ ବ୍ରହ୍ମଚାରୀ, ପଦ୍ମାଳୟା ବ୍ରହ୍ମଚାରୀ, ବୈଭବ ମୁରାରାକାଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା। ସଂଘ ସାଧାରଣ ସମ୍ପାଦକ ଦୀପେଶ ସ୍ୱାଗତ ଭାଷଣ, ପ୍ରତିଷ୍ଠାତା ସଭାପତି ପଦ୍ମଲୋଚନ ମିଶ୍ର ଧନ୍ୟବାଦ ଦେଇଥିଲେ। ଡା. ଦୁର୍ଗାଚରଣ ଦାଶ, ସଙ୍ଗଠକ ଉଲ୍ଲାସ ସେନ, ସୁଧାକର କୁମାର, ଜିତେନ୍ଦ୍ର ପ୍ରସାଦ, ପାର୍ଥ ସାରଥି ସ୍ୱାଇଁ, ବିନୋଦ ଦାସ, ସ୍ନେହାଶିଷ ଦାସ, ରଶ୍ମି ରଞ୍ଜନ ତ୍ରିପାଠୀ, ସବିତା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଶ୍ରୀଅରବିନ୍ଦ ମେଡିକାଲ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ସମ୍ମିଳନୀରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସହ ଅନ୍ୟମାନେ।

# 'ଡାକ୍ତର ଦିବ୍ୟଶକ୍ତିର ଅଧିକାରୀ'

କଟକ,୧୦।୯ (କାର୍ତ୍ତିକ ସାହୁ)

**ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ମେଡିକାଲ ଆସୋସିଏଶନ୍ ସମ୍ମିଳନୀ ଉଦ୍‌ଯାପିତ**

ଶ୍ରୀଅରବିନ୍ଦ ମେଡିକାଲ ଆସୋସିଏଶନ ପକ୍ଷରୁ କଟକ ସାରଳା ଭବନଠାରେ ଅନୁଷ୍ଠିତ ଦୁଇଦିନିଆ ୩୪ତମ ନିଖିଳ ଉତ୍କଳ ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ କହିଥିଲେ, ଶିଶୁଟିଏ ଜନ୍ମ ହେଲା ପରେ କାନ୍ଦିଥାଏ। ତା'ର କାନ୍ଦିବାର ଅର୍ଥକୁ ଆମେ ବୁଝିବାରେ ସକ୍ଷମ ହୋଇ ନ ଥାଉ। ନବଜାତ ଶିଶୁଟି କ୍ରନ୍ଦନ ମାଧ୍ୟମରେ ବିଶ୍ୱକୁ ସନ୍ଦେଶ ଦିଏ ଈଶ୍ୱରଙ୍କ ହୃଦୟରେ ମୁଁ ଅଛି। ମୋର କିଛି ଇଚ୍ଛା ନାହିଁ, କେବଳ ମୋତେ ପରିପୂରଣ କରିବାକୁ ଈଶ୍ୱର ପୃଥିବୀକୁ ପଠାଇଛନ୍ତି। ରାଜ୍ୟପାଳ ଆହୁରି କହିଥିଲେ, ଡାକ୍ତରମାନେ ଦିବ୍ୟଶକ୍ତିର ଅଧିକାରୀ। ଡାକ୍ତର ସେବା କରିବାବେଳେ ତାଙ୍କର ଶରୀର ଏକ ସୈନିକ, ମନ ଏକ ମନୋବିଜ୍ଞାନୀ ଏବଂ ଆତ୍ମା ସହ ଜଣେ ପୂଜାରି ଭାବେ କାର୍ଯ୍ୟ କରିଥାନ୍ତି। ଦୈନନ୍ଦିନ ଜୀବନରେ ମଣିଷର ଅଭ୍ୟାସଗୁଡ଼ିକୁ ନିୟନ୍ତ୍ରିତ କରିବାର ଆବଶ୍ୟକତା ରହିଛି। କେମିତି ଭୋଜନ କରିବାକୁ ହେବ, କେତେ ପରିମାଣର ଭୋଜନ କରିବାକୁ ହେବ, କେତେବେଳେ ଭୋଜନ କରିବାକୁ ହେବ ଜାଣିବାକୁ ପଡ଼ିବ। ସେହିପରି ଶୋଇବା କ୍ଷେତ୍ରରେ ପ୍ରଯୁଜ୍ୟ। ମଣିଷର ଅବସର ବିନୋଦନ କ'ଣ, ଏହାର ଉଦ୍ଦେଶ୍ୟ ଓ କରିବାର ବିଧି ଆଦି ଜାଣିବା ନିହାତି ପ୍ରୟୋଜନ ବୋଲି ରାଜ୍ୟପାଳ କହିଥିଲେ। ଏହି ଅବସରରେ ରାଜ୍ୟପାଳଙ୍କୁ ଉପହାର ଓ ସ୍ମୃତିଚିହ୍ନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟରେ ଶିଶୁ ମୃତ୍ୟୁହାର ହ୍ରାସ କରିବାରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଡାକ୍ତରମାନଙ୍କୁ ରାଜ୍ୟପାଳ ପ୍ରଶଂସାପତ୍ର ପ୍ରଦାନ କରିଥିଲେ।

ଆସୋସିଏଶନ୍‌ର ଅର୍ଗାନାଇଜିଂ ଚେୟାରମ୍ୟାନ ପ୍ରଫେସର ଡା. ଜୟନ୍ତ ପଣ୍ଡା ସ୍ୱାଗତ ଭାଷଣ ଓ ସେକ୍ରେଟାରି ପ୍ରଫେସର ଡା. ଶ୍ୟାମା କାନୁନ୍‌ଗୋ ବିବରଣୀ ପାଠ କରିଥିଲେ। ଡା. ପ୍ରତାପ ଚନ୍ଦ୍ର ରଥ, ଡା. ପ୍ରଶାନ୍ତ ନନ୍ଦ, ଡା. ସୁଧୀର କୁମାର ବ୍ରହ୍ମା ପ୍ରମୁଖ ମଞ୍ଚାସୀନ ଥିଲେ। ଡା. ମଧୁସ୍ମିତା ପ୍ରଧାନ ରାଜ୍ୟପାଳଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ଦୁଇଦିନ ବ୍ୟାପୀ ଅନୁଷ୍ଠିତ ସମ୍ମିଳନୀରେ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରୁ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଏବଂ ଶିଶୁ ରୋଗ ବିଶେଷଜ୍ଞ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବୈଷୟିକ ଅଧିବେଶନରେ ବିଶେଷଜ୍ଞମାନେ ଶିଶୁସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ମାତୃଭବନ ଟ୍ରଷ୍ଟର ସମ୍ପାଦକ ଗଦାଧର ମିଶ୍ର, ପ୍ରସାଦ ତ୍ରିପାଠୀ, ଡ. ବିଜୟିନୀ ମହାପାତ୍ର, ଡ. ସଂଘମିତ୍ରା ପଣ୍ଡା, ସରୋଜ ପଟ୍ଟନାୟକ, ଡ. ସୁଶାନ୍ତ କୁମାର କର, ଗଙ୍ଗାଧର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶିବିରରୁ ୧୩୬ ୟୁନିଟ୍ ରକ୍ତ ସଂଗୃହୀତ

ଖୁଣ୍ଟୁଣୀ, ୧୦।୯ (ସଚ୍ଚିଦାନନ୍ଦ ପଣ୍ଡା)

ରାଧାକିଶୋରପୁର ପଞ୍ଚାୟତ ଅଧୀନ ଜମେଶ୍ୱର ବିଦ୍ୟାପୀଠରେ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ କହିଥିଲେ, ରାଜ୍ୟରେ ରକ୍ତ ବିନା ଯେପରି କାହାର ମୃତ୍ୟୁ ନ ଘଟେ ସେଥିପ୍ରତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱ ଦେଉଛନ୍ତି। ଏଥିଯୋଗୁ ଆଠଗଡ ନିର୍ବାଚନ ମଣ୍ଡଳୀରେ ବ୍ୟାପକ ରକ୍ତଦାନ ଶିବିର ଆୟୋଜନ କରାଯାଉଛି ବୋଲି ସେ କହିଥିଲେ। ଶିବିରରେ ୧୩୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କୃଷି ସୂଚନା ପରାମର୍ଶ କେନ୍ଦ୍ର ସଭାପତି ରବୀନ୍ଦ୍ର ନାଥ ରାଉତ, ଜିଲା ପରିଷଦ ସଭ୍ୟା ମିନତୀ ଗାଗରାଇ, ଆଠଗଡ ପଞ୍ଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ ରଞ୍ଜନ କୁମାର ଆଚାର୍ଯ୍ୟ, ରାଧାକିଶୋରପୁର ସରପଞ୍ଚ ବିନୋଦ କୁମାର ମାଝି, ସମିତି ସଭ୍ୟ ବିଧାନ ଚନ୍ଦ୍ର ସ୍ୱାଇଁ, ଉମେଶ ଚନ୍ଦ୍ର ସ୍ୱାଇଁ, ସଞ୍ଜିତ କୁମାର ରାଉଳ, ଗଦାଧର ବେହେରା, ଆଶୁତୋଷ କର, ଜନ୍ମେଜୟ ଦାସ, ପ୍ରଦୋଷ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ସ୍କୁଲ ପରିସରରେ ଚାରା ରୋପଣ କରିଥିଲେ। ଆଠଗଡ ଜୀବନ ବିନ୍ଦୁ ସଂଯୋଜକ ରାକେଶ ଦାସ, ପ୍ରଦୀପ୍ତ ଦାସ ଓ ଶିଶିର ପ୍ରସାଦ ମାନସିଂହଙ୍କ ସମେତ ଅନ୍ୟମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଭାଜପା ପକ୍ଷରୁ ଯୁବ ସ୍ୱାଭିମାନ ଯାତ୍ରା



ଚୌଧୁରୀ ବଜାର ମାରୁତି ମଣ୍ଡପ ନିକଟରୁ ବାହାରିଥିବା ବାଇକ୍ ଶୋଭାଯାତ୍ରା।

କଟକ,୧୦।୯(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ସହରରେ ଭାଜପା ପକ୍ଷରୁ ଯୁବ ସ୍ୱାଭିମାନ ଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ସହରରେ ଭାଜପାକୁ ଶକ୍ତିଶାଳୀ କରିବା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମସ୍ତ ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବା ଉଦ୍ଦେଶ୍ୟରେ କର୍ପୋରେଟର ଗଗନ ଓଝାଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରା ଚୌଧୁରୀ ବଜାରସ୍ଥିତ ମାରୁତି ମଣ୍ଡପଠାରୁ ବାହାରି ନନ୍ଦିସାହି, ଝୋଲାସାହି, ପିଠାପୁର, ଦୋଳମୁଣ୍ଡାଇ, ହରିପୁର, ସେମିନାରି ଛକ, ହାତୀ ପୋଖରୀ, ଦରଘା ବଜାର, ତିନିକୋଣିଆ ବଗିଚା, ବକ୍ସିବଜାର, ମିଶନ ସ୍କୁଲ, ଚଣ୍ଡୀ ମନ୍ଦିର, ଶେଖ୍ ବଜାର, ମହୀଦାଶ ବଜାର ଦେଇ ଚାନ୍ଦିନୀଚୌକ ଦୁର୍ଗା ମଣ୍ଡପ ପାଖରେ ପହଞ୍ଚିଥିଲା। ଏହି ଯାତ୍ରାରେ ଭାଜପା କଟକ ନଗର ପୂର୍ବତନ ଜିଲା ସଭାପତି ଲକ୍ଷ୍ମୀଧର ପ୍ରଧାନ, କଟକ ନଗର ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରବୀଣା ମହାପାତ୍ର, କର୍ପୋରେଟର ଗୋପାଳ ବେହେରା, ଦୀପକ ଦାସ, ରାକେଶ ସ୍ୱାଇଁ, ଲକ୍ଷ୍ମୀଧର ବେହେରା, ଲିପ୍ସା ନାୟକ, ପୂର୍ବତନ କର୍ପୋରେଟର ବିଜୟ କୁମାର ଦଳେଇ, ପ୍ରଦୀପ ସ୍ୱାଇଁ, ରୀତା ମହାପାତ୍ର, ସଂଯୁକ୍ତା ମିଶ୍ର, ପୂର୍ଣ୍ଣମାସୀ ମହାପାତ୍ରଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

# ସିଏନ୍‌ବିଟିରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦାବିରେ ରାସ୍ତାରୋକୋ

କଟକ,୧୦।୯(ସୁପ୍ରିୟା ପ୍ରିୟଦର୍ଶିନୀ)

ଖାନ୍‌ନଗରସ୍ଥିତ କଟକ ନେତାଜୀ ବସ୍ ଟର୍ମିନାଲ(ସିଏନ୍‌ବିଟି)ରେ ସ୍ଥାନୀୟ ଯୁବତୀ, ଯୁବକମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦାବିକରି ସ୍ଥାନୀୟ ଲୋକେ ରାଜାବଗିଚା ସର୍ବୋଦୟପୁର ନିକଟରେ ରାସ୍ତାରୋକୋ କରିଥିଲେ। ଏଥିଯୋଗୁ ବାଦାମବାଡ଼ିରୁ ଖାନନଗର ରାସ୍ତାରେ ଗାଡ଼ି ଚଳାଚଳ କିଛି ସମୟ ପାଇଁ ଠପ୍ ହୋଇଯାଇଥିଲା। ସରକାର ବସ୍ ଟର୍ମିନାଲର ପରିଚାଳନା ଦାୟିତ୍ୱ ରାଜ୍ୟ ବାହାରର ଏକ କମ୍ପାନୀକୁ ଦେଇଛନ୍ତି। ଫଳରେ ଉକ୍ତ କମ୍ପାନୀ ବାହାର କର୍ମଚାରୀଙ୍କୁ ନିଯୁକ୍ତି ଦେଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପୂର୍ବରୁ ଟର୍ମିନାଲର ସମୀକ୍ଷା ସମୟରେ ସ୍ଥାନୀୟ ଯୁବକଙ୍କ ମଧ୍ୟରେ ଆକ୍ରୋଶ ଦେଖିବାକୁ ମିଳିଥିଲା। ଶୁକ୍ରବାର ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ସମର୍ଥକ ଓ କେତେଜଣ ବିଜେଡି ନେତା ମଧ୍ୟ ସମାନ ଦାବି କରି ସିଏମ୍‌ସି ମେୟର ଓ କମିଶନରଙ୍କୁ ଘେରିଥିଲେ। ରବିବାର ଏହା ତୀବ୍ର ରୂପ ଧାରଣ କରିଥିଲା। ବସ୍ ଟର୍ମିନାଲରେ ଟେଣ୍ଡର ଅନୁଯାୟୀ ନିଯୁକ୍ତି ଦିଆଯାଇଛି। ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ପାଇଁ ଗୁରୁତ୍ୱ ଦିଆଯାଉ ନ ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ମେୟର ସୁବାସ ସିଂ ଘଟଣାସ୍ଥଳରେ ପହଞ୍ଚି କହିଥିଲେ, ସ୍ଥାନୀୟ ଲୋକଙ୍କୁ ପ୍ରଥମେ ନିଯୁକ୍ତି ସୁଯୋଗ ମିଳିବ। ଆସନ୍ତା ୧୩ ତାରିଖରେ ଏନେଇ ସିଡିଏ ଅଧ୍ୟକ୍ଷ ଏବଂ ଭିସିଙ୍କ ସହ ଆଲୋଚନା କରାଯିବ। ଡ୍ରାଇଭର, ହେଲ୍‌ପର୍, ସଫେଇ କାର୍ଯ୍ୟ ତଥା ମେଣ୍ଟେନାନ୍ସ ଦାୟିତ୍ୱରେ ଲୋକମାନେ ରହିବେ।




ନିଯୁକ୍ତି ଦାବିରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଛନ୍ତି।

**ବିଜେଡିର ଦଳୀୟ କନ୍ଦଳ ନେଇ ଚର୍ଚ୍ଚା**

ମେୟର ସୁବାସ ସିଂଙ୍କୁ ଦଳୀୟ କର୍ମୀ ଘେରିବା ପରେ ଦଳୀୟ କନ୍ଦଳକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ରବିବାର ରାସ୍ତାରୋକୋ ସମୟରେ ଏକାଧିକ ବିଜେଡି ନେତାଙ୍କୁ ଦେଖିବାକୁ ମିଳିଥିଲା। ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ସହ ବିଜେଡି କର୍ପୋରେଟର, ସିଏମ୍‌ସିର ବିଭିନ୍ନ ପଦବୀରେ ଥିବା ନେତା ଏଥିରେ ସାମିଲ ହୋଇଥିଲେ। ଆସନ୍ତା ୧୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସିଏନ୍‌ବିଟି ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏହାପୂର୍ବରୁ ଶାସକ ଦଳର ଦୁଇ ନେତା ଓ ସେମାନଙ୍କ ସମର୍ଥକଙ୍କ ଏଭଳି ପ୍ରତିବାଦକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ତରବରିଆ ଭାବେ ନିଯୁକ୍ତି ନ ଦେଇ ସ୍ଥାନୀୟ ଲୋକଙ୍କୁ ଅଗ୍ରାଧିକାର ଦେବାର ଆବଶ୍ୟକତା ଥିଲା ବୋଲି ଦେବାଶିଷ କହିଛନ୍ତି। ଏହା ଅତ୍ୟନ୍ତ ଦୁଃଖଦ ବିଷୟ। ବସ୍ ଟର୍ମିନାଲର ନିକଟରେ ଥିବା ନିର୍ଦ୍ଦିଷ୍ଟ କିଛି ବସ୍ତିରେ ଲୋକମାନେ ଅଧିକ ଶିକ୍ଷିତ ନ ଥିବାରୁ ସେମାନେ ପ୍ରାୟତଃ ସଫେଇ କାର୍ଯ୍ୟରେ ନିୟୋଜିତ ହୁଅନ୍ତି। ହେଲେ ବସ୍ ଟର୍ମିନାଲ କେଉଁ ଆଧାରରେ ଲୋକ ରଖାଯିବ ତାହା ସେମାନଙ୍କ ପାଖରେ ସୂଚନା ନାହିଁ ବୋଲି ସେ କହିଛନ୍ତି। ଦେବାଶିଷଙ୍କ ସମର୍ଥନକୁ ମେୟର ଏଡାଇ ଦେଇ କହିଛନ୍ତି, ସମର୍ଥନ କଥା ନାହିଁ। କଥା ହେଉଛି ଏଠାରେ ବିରାଟ ବସ୍ ଟର୍ମିନାଲ ତିଆରି ହୋଇଛି। ସେଦିନ କ'ଣ କଲେ ଆଜି କ'ଣ କଲେ କଥା ନାହିଁ। ସ୍ଥାନୀୟ ପିଲାମାନେ ସୁଯୋଗ ପାଇବା ଦରକାର ବୋଲି ମେୟର କହିଛନ୍ତି।

# ଆସୁଛନ୍ତି ଗଜାନନ, ପ୍ରସ୍ତୁତି ଜୋରଦାର

**ଭୁବନେଶ୍ୱର,୧୦।୯(ଶର୍ମିଷ୍ଠା ପାଣିଗ୍ରାହୀ)**

ପାଖେଇ ଆସୁଛି ଗଣେଶ ପୂଜା। ଏହିଦିନରୁ ହିଁ ଆରମ୍ଭ ହେବ ପାର୍ବଣ ଋତୁ। ତେଣୁ ପ୍ରଥମେ ଗଜାନନଙ୍କୁ ଆବାହନ ପାଇଁ ରାଜଧାନୀରେ ଜୋର୍‌ଦାର୍ ପ୍ରସ୍ତୁତି ଚାଲିଛି। ଆକର୍ଷଣୀୟ ତୋରଣ ଭିତରେ ପୂଜା ପାଇବେ ବିଘ୍ନରାଜ। ତେଣୁ ତୋରଣ, ଲାଇଟ୍ ଓ ମୂର୍ତ୍ତିରେ ନିଆରା କରିବାକୁ ବିଭିନ୍ନ ପୂଜାମଣ୍ଡପ ପକ୍ଷରୁ ପ୍ରତିଯୋଗିତା ଚାଲିଛି। ରାଜଧାନୀର ବିଭିନ୍ନ ସ୍ଥାନରେ ପ୍ରତିବର୍ଷ କିଛି ନା କିଛି ନୂଆ ଢଙ୍ଗରେ ଗଣେଶ ପୂଜା ପାଇଁ ପ୍ରସ୍ତୁତି କରାଯାଇଥାଏ। ଏଥର ମଧ୍ୟ ଗଣେଶ ପୂଜା ପାଇଁ ବଡ଼ଗଡ଼, ଶହୀଦନଗର, ନୟାପଲ୍ଲୀ, ସିଜୁଆ, ରସୁଲଗଡ଼ ଆଦି ପ୍ରମୁଖ ସ୍ଥାନରେ ବଡ଼ ଆୟୋଜନ ହୋଇଛି। ଏଥିପାଇଁ ବଡ଼ ବଜେଟ କରାଯାଇଥିବାବେଳେ କଟକଣା ଭିତରେ ଶାନ୍ତିଶୃଙ୍ଖଳାରେ ଭସାଣି ଉତ୍ସବ ସାରିବାକୁ ଲକ୍ଷ୍ୟ ରଖିଛନ୍ତି।



## କାଳୀୟ ଦଳନ ରୂପରେ ଗଣେଶ

ଓ୍ୱିନର ଆସୋସିଏଶନ ପକ୍ଷରୁ ଶହୀନଗରଠାରେ ଚଳିତବର୍ଷ ପ୍ରଭୁ ଗଜାନନଙ୍କ ମୃଣ୍ମୟ ମୂର୍ତ୍ତିର ଉଚ୍ଚତା ୪୬ ଫୁଟ ରହିଛି। ଠାକୁରଙ୍କ ଆଶୀର୍ବାଦ ହାତକୁ ୩ କେଜି ରୂପାରେ ତିଆରି କରାଯାଇଛି। ବିଶେଷକରି ଗଣେଶଙ୍କୁ କାଳୀୟ ଦଳନ ରୂପରେ ଦେଖିବେ ଶ୍ରଦ୍ଧାଳୁ। ପାଖରେ ରହିବ ୭୧ କେଜିର ଲଡ୍ଡୁ। ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଇଥିବା ନେଇ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସମ୍ମିଳନୀରେ ମୁଖ୍ୟ ଉପଦେଷ୍ଟା ଉମାନାଥ ମିଶ୍ର, ଉପଦେଷ୍ଟା ନାରାୟଣ ମହାପାତ୍ର, ଶାଶ୍ୱତୀ ମିଶ୍ର, ମଳୟ ରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ୧୦୦ ଫୁଟ ମହୀଶୂର ପ୍ୟାଲେସରେ ଗଜାନନ

ସିଜୁଆଠାରେ ସାଂସ୍କୃତିକ ଅନୁଷ୍ଠାନ ଯୁବଜ୍ୟୋତି ଯୁବକ ସଂଘ ଚଳିତ ବର୍ଷ ପୂଜାକୁ ଆକର୍ଷଣୀୟ କରିବା ପାଇଁ ମହୀଶୂର ରାଜପ୍ରସାଦର ତୋରଣ ତିଆରି କରୁଛି। ୧୦୦ ଫୁଟ ଉଚ୍ଚତାର ଏହି ରାଜପ୍ରାସାଦରେ ୨୦ ଫୁଟ ଉଚ୍ଚର ଶ୍ରୀଗଣେଶ ପୂଜା ପାଇବେ। ଇତିମଧ୍ୟରେ ପ୍ରତିମୂର୍ତ୍ତି ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି କମିଟି ସଭାପତି ବାବ୍ରୁବହାନ ଗୁମାଂସିଂ ସୂଚନା ଦେଇଛନ୍ତି। ସେହିଭଳି ଭକ୍ତଙ୍କ ମନୋରଞ୍ଜନ ପାଇଁ ୭ଦିନ ବ୍ୟାପି ସାସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରଥମ ୩ଦିନ ସଂଧ୍ୟାରେ ରୁତୁରାଜ ମହାନ୍ତି, ଇରା ମହାନ୍ତି, ସ୍ୱୟମ ପାଢ଼ୀ, ଅନ୍ତରା ଚକ୍ରବର୍ତ୍ତୀଙ୍କ ଭଳି ସୁନାମଧନ୍ୟ କଣ୍ଠଶିଳ୍ପୀ କଳା ପରିବେଷଣ କରିବେ। ପରବର୍ତ୍ତୀ ୪ ଦିନ ସନ୍ଧ୍ୟାରେ ଯାତ୍ରା ସ୍ୱର୍ଣ୍ଣ ମହଲ ନିଶୁଳ୍କ ଯାତ୍ରା ପରିବେଷଣ କରିବ ବୋଲି କମିଟି ସଦସ୍ୟ ସୁଜିତ ବଳବନ୍ତ ରାୟ, ସୁରେସ ଜୟସିଂହ, ଆଶିଷ ପ୍ରଧାନ ଓ ଡମ୍ବରୁଧର ଜୟସିଂହ ପ୍ରମୁଖ କହିଛନ୍ତି।

## ଗଣେଶ ପୂଜା ଭସାଣିରେ ଡିଜେ ମନା

**ଭୁବନେଶ୍ୱର,୧୦।୯ (ସତ୍ୟଜିତ୍ ରାଉତ)**

ଚଳିତବର୍ଷ ଗଣେଷ ପୂଜା ଭସାଣି ୩ ଦିନ ଧରି ଚାଲିବ। ଆସନ୍ତା ୨୧, ୨୩ ଓ ୨୪ ତାରିଖରେ ହେବାକୁ ଥିବା ଏହି ଭସାଣି ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ କେତେକ କଟକଣା ଲଗାଯାଇଛି। ସବୁବର୍ଷ ଭଳି ଏଥର ମଧ୍ୟ ଭସାଣିରେ ଡିଜେ ବଜାଇବା ଓ ବାଣ ଫୁଟାଇବା ଉପରେ ରୋକ୍ ଲଗାଇଛି। ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାର ବିଭିନ୍ନ ଥାନା ଅଞ୍ଚଳର ପୂଜା କମିଟି ସଦସ୍ୟଙ୍କ ସହ ହୋଇଥିବା ବୈଠକରେ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି। କମିଟି ସଦସ୍ୟମାନେ ଗଣେଶ ପୂଜା ସ୍ଥଳ ସହ ବିଭିନ୍ନ ତଥ୍ୟ ପୋଲିସକୁ ଦେଇଛନ୍ତି। ସେହିପରି ଭସାଣି ସମୟରେ ଭିଡ଼ ନ କରିବା ପାଇଁ ପୋଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏଥିସହ କୁଆଖାଇ ଓ ଦୟା ନଦୀରେ ହୋଇଥିବା ଅସ୍ଥାୟୀ ପୋଖରୀରେ ମୂର୍ତ୍ତି ବିସର୍ଜନ ପାଇଁ ବ୍ୟବସ୍ଥା ହୋଇଛି। ଅନ୍ୟପକ୍ଷରେ ଭସାଣିବେଳେ ଟ୍ରାଫିକ୍ ପରିଚାଳନା ପାଇଁ ପର୍ଯ୍ୟାପ୍ତ ପୋଲିସ ଫୋର୍ସ ମୁତାୟନ କରାଯିବ ବୋଲି ସୂଚନା ଦିଆଯାଇଛି।

## ୫୧ଫୁଟର ଗଣେଶ ପିନ୍ଧିବେ ପଞ୍ଜାବୀ ମୁକୁଟ

କେବଳ ଉଚ୍ଚତା ପାଇଁ ନୁହେଁ, ଗଣେଶଙ୍କ ଆକର୍ଷଣୀୟ ଲୁକ୍‌କୁ ପ୍ରାଧାନ୍ୟ ଦେଇଛି ନୟାପଲ୍ଲୀ ନୂଆସାହିର ଶ୍ରୀଶ୍ରୀ ଆଖଣ୍ଡଳମଣୀ ସେବା ସଂସଦ। ୫୧ଫୁଟ ଉଚ୍ଚତାର ମୂର୍ତ୍ତି ସହ ପଞ୍ଜାବୀ ମୁକୁଟ ପିନ୍ଧି ପୂଜା ପାଇବେ ପ୍ରଭୁ ଗଜାନନ। ଏଥିସହ ବିଭିନ୍ନ ସାଜସଜ୍ଜାରେ ରଙ୍ଗୀନମୟ ହୋଇଉଠିବ ପରିବେଶ। ଏଠାରେ ଚନ୍ଦ୍ରଯାନ-୩ର ମଡେଲ ଅନ୍ୟତମ ଆକର୍ଷଣ ସାଜିବ।



ଗଣେଶ ପୂଜା ପାଇଁ ୟୁନିଟ୍-୯ ଅଞ୍ଚଳରେ ତିଆରି ହେଉଥିବା ମୃଣ୍ମୟ ମୂର୍ତ୍ତି।

# ୫୫ଫୁଟ ଗଣେଶଙ୍କ ୧୦କେଜିର ରୁପା ପାଦୁକା

## ବଡ଼ଗଡ଼ ଗଣେଶ ମହୋତ୍ସବ

**ପୁରୁଣା ଭୁବନେଶ୍ୱର,୧୦।୯(ସୁବାସ ଚନ୍ଦ୍ର ପ୍ରଧାନ)**

ଗଣେଶ ପୂଜାକୁ ସବୁଠୁ ଆକର୍ଷଣୀୟ କରିବା ପାଇଁ ବ୍ରାଇଟ୍ ଷ୍ଟାର ୟୁଥ୍ ଆସୋସିଏଶନ ଓ ବଡ଼ଗଡ଼ ଗଣେଶ ମହୋତ୍ସବ କମିଟି ଯୋରଦାର ପ୍ରସ୍ତୁତି ଚଳାଇଛି। ଏଥର ମହାରାଷ୍ଟ୍ରର ଲାଲବାଗ ଆକୃତିର ୫୫ଫୁଟ ଉଚ୍ଚର ଗଣେଶ ପୂଜା ପାଇବେ। ସେହିପରି ୧୦ଫୁଟ ଉଚ୍ଚର ଗଣେଶଙ୍କ ବାହାନ ମୂଷିକ ଶୋଭାପାଇବ। ଠାକୁରଙ୍କ ପାଇଁ କଟକର ରୁପା ତାରକସି କାରିଗରଙ୍କ ଦ୍ୱାରା ୧୦କେଜିର ରୋପ୍ୟ ନିର୍ମିତ ପାଦୁକା ଏଥର ଆକର୍ଷଣ ସାଜିବ। ବଡ଼ଗଡ଼ ଗ୍ରାମର ପୋଡ଼ାସାହି, ପାତ୍ରସାହି, ନୂଆସାହି, ମଝିସାହି, ସାମନ୍ତରାସାହି, ନାୟକସାହି, ଝରଣାସାହି ଓ ବଡ଼ଗଡ଼ ବ୍ରିଟ୍ କଲୋନୀର ମୁରବୀ ଓ ଉଦ୍ୟୋମୀ ଯୁବକଙ୍କ ଚେଷ୍ଟାରେ ୧୯୮୫ରୁ ବଡ଼ଗଡ଼ ହାଇସ୍କୁଲ ସମ୍ମୁଖରେ ଅସ୍ଥାୟୀ ପୂଜା ମଣ୍ଡପରେ ଗଣେଶ ପୂଜା ହୋଇଆସୁଛି। ୨୦୧୮ରେ ୩୫ଫୁଟ ଉଚ୍ଚା ମୂର୍ତ୍ତି, ୨୦୧୯ରେ ୪୦ଫୁଟ ଉଚ୍ଚା ମୂର୍ତ୍ତି, ୨୦୨୨ରେ ୫୧ ଫୁଟ ଉଚ୍ଚର ମୂର୍ତ୍ତି ପୂଜା ପାଇଥିବା ବେଳେ ଏଥର ୫୫ଫୁଟ ଉଚ୍ଚର ଗଣେଶ ପୂଜା ପାଇବେ। ପ୍ରତିଦିନ ସନ୍ଧ୍ୟାରେ ଠାକୁରଙ୍କର ଖେଚୁଡ଼ି ପ୍ରସାଦ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯିବ। ଗଣେଶଙ୍କ ନିକଟରେ ୫୦କେଜିର ଲଡୁ ଲାଗି ହେବ, ଯାହା ମୂର୍ତ୍ତି ବିସର୍ଜନ ପରେ ଗ୍ରାମବାସୀଙ୍କ ମଧ୍ୟରେ ପ୍ରସାଦ ଭାବେ ବିତରଣ କରାଯିବ। ପୂଜାର ମୁଖ୍ୟ ଆକର୍ଷଣ ରହିବ ରିଲ୍‌ପ୍ରେମୀ ଯୁବପିଢ଼ୀଙ୍କ ପାଇଁ ଲାଇଟ୍ ବ୍ୟବସ୍ଥା। ପୂଜା ସମୟରେ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆ, ଅସୀମା ପଣ୍ଡା, ହ୍ୟୁମାନ ସାଗର, କୁଳଦୀପ ପଟ୍ଟନାୟକ, ଦୀପ୍ତିରେଖା ପାଢ଼ୀ ପ୍ରମୁଖ ସଙ୍ଗୀତ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି। ଲୋକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ଓ ଟ୍ରାଫିକ ସମସ୍ୟା ଦୂର ପାଇଁ କମିଶନରେଟ ପୋଲିସ ସହିତ କେତେଜଣ ଭଲ୍ୟୁଣ୍ଟିଅର ନିୟୋଜିତ ହେବେ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି।




### ଏମାନେ ଯାହା କୁହନ୍ତି...



ଏଥର ଶ୍ରୀଗଣେଶଙ୍କ ପାଇଁ ରୁପାର ଏକ ପାଦ ଲାଗି କରିବୁ। ଯାହାର ଓଜନ ୧୦କେଜି। ଜର୍ମାନ ହାଙ୍ଗର ସେଡରେ ମଣ୍ଡପ ଓ ମିନିପାଗୋଡ଼ା ନିର୍ମାଣ ହେବ। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ, ଯାହା ଦର୍ଶକଙ୍କୁ ଆନନ୍ଦ ପ୍ରଦାନ କରିବା ସହ ଭାଇଚାର ସୃଷ୍ଟି କମିଟିର ମୁଖ୍ୟ ଉଦ୍ଦେଶ୍ୟ।

**- ସଂଗ୍ରାମ ମାର୍ଥା, ସମ୍ପାଦକ, ବ୍ରାଇଟ୍ ଷ୍ଟାର ୟୁଥ୍ ଆସୋସିଏଶନ**



ଗଣେଶ ପୂଜାରେ ୨୫ରୁ ୩୦ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ପୂଜା ସମୟରେ ଲୋକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ଓ ଟ୍ରାଫିକ ସମସ୍ୟା ଦୂର ପାଇଁ ପୋଲିସ ଓ ଭଲ୍ୟୁଣ୍ଟିଅର ନିୟୋଜିତ ହେବେ। ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ପାଇଁ ହ୍ୱିଲ ଚେୟାର ବ୍ୟବସ୍ଥା ହୋଇଛି।

**- ଅମିତାଭ ମହାନ୍ତି, ସଦସ୍ୟ, ବ୍ରାଇଟ୍ ଷ୍ଟାର ୟୁଥ୍ ଆସୋସିଏଶନ**

## ସଂକ୍ଷେପରେ

### ନିଶା ଦେଇ ଲୁଟିବା ପରେ ଫିଙ୍ଗି ଦେଲେ

**ଭୁବନେଶ୍ୱର,୧୦।୯(ସୂର୍ଯ୍ୟକାନ୍ତ ବେହେରା):** ଚା'ରେ ନିଶା ଦେଇ ଲୁଟିଲେ, ଆଉ ପାର୍କ ନିକଟରେ ଫୋପାଡି ଦେଇ ପଳାଇଗଲେ। ରାଜଧାନୀ ଭୁବନେଶ୍ୱରରେ କିଛି ଦିନର ବ୍ୟବଧାନ ପରେ ନିଶାଦିଆ ଲୁଟେରାମାନେ ଏଭଳି ତରିକାରେ ଲୁଟ୍ କରି ପୁଣି ଆତଙ୍କ ଖେଳାଇଛନ୍ତି। ଲୁଟେରାମାନେ ତାଙ୍କଠାରୁ ୧୭ ହଜାର ଟଙ୍କା ଓ ସୁନା ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଥିବା ଯୁବକ ହେଲେ ବାଙ୍କୀ ଅଞ୍ଚଳର ରବିନାରାୟଣ ମହାପାତ୍ର। ରବିଙ୍କର ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବାରୁ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଏନେଇ ଯୁବକଙ୍କ ପରିବାର ଲୋକେ ଏୟାରପୋର୍ଟ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ଘଟଣାକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଛି। ତେବେ ଏଥିରେ ଅଟୋ ଚାଳକଙ୍କ ସଂପୃକ୍ତି ଥିବା ସନ୍ଦେହ କରାଯାଉଥିବାବେଳେ ରବି ସୁସ୍ଥ ହେବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ଥାନା ଅଧିକାରୀ ଉମାକାନ୍ତ ପ୍ରଧାନ କହିଛନ୍ତି ।

ସୂଚନାନୁସାରେ, ଶନିବାର ରାତିରେ ଯୁବକ ଜଣକ ଦିଲ୍ଲୀରୁ ଟ୍ରେନ ଯୋଗେ ଆସି ଭୁବନେଶ୍ୱର ରେଳ ଷ୍ଟେଶନରେ ଓହ୍ଲାଇଥିଲେ। ବିଳମ୍ବିତ ରାତି ହେବାରୁ ସେ ମାଷ୍ଟରକ୍ୟାଣ୍ଟିନରୁ ଅଟୋ ଭଡା କରି କଳିଙ୍ଗନଗରରେ ଥିବା ନିଜ ଘରକୁ ଫେରୁଥିଲେ। ହେଲେ ଅଟୋ ଚାଳକ ତାଙ୍କୁ ସୁନ୍ଦରପଦା ରାସ୍ତାରେ ନେଇ ନିଶା ଦେଇ ଲୁଟ୍ କରିବା ପରେ ପାର୍କ ନିକଟରେ ଫିଙ୍ଗିଦେଇ ଚାଲିଯାଇଥିଲେ। ପାର୍କକୁ ଆସିଥିବା କେତେଜଣ ଲୋକ ଉକ୍ତ ଯୁବକଙ୍କୁ ଅଚେତ ଅବସ୍ଥାରେ ପଡିଥିବା ଦେଖି ଉଦ୍ଧାର କରିବା ସହ ପୋଲିସକୁ ଖବର ଦେଇଥିଲେ। ତେବେ ରାତି ସମୟରେ ଲୋକେ ଅଟୋକୁ ଭରସା କରି ଯିବାଆସିବା କରୁଥିବାବେଳେ ଏଭଳି ଘଟଣା ବିଶେଷକରି ରାତିରେ ଯାତ୍ରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ଓଡ଼ିଶାରେ ହାମ୍ ରେଡିଓ ପ୍ରସାରକୁ ଗୁରୁତ୍ୱ

**ଭୁବନେଶ୍ୱର, ୧୦।୯ (ବନ୍ଦନା ସେଠୀ):** ଓଡିଶା ହାମ୍ସ ପକ୍ଷରୁ ହାମ୍ ରେଡିଓ ଲାଇସେନ୍ସ ପାଇବା ପାଇଁ ପରୀକ୍ଷା ଦେଇଥିବା ନୂତନ ପରୀକ୍ଷାର୍ଥୀ ଓ ପରୀକ୍ଷା ଦେବାକୁ ଆଗ୍ରହୀ ଛାତ୍ରୀଛାତ୍ରଙ୍କୁ ନେଇ ରବିବାର ୟୁନିଟ୍-୪ ଜଗନ୍ନାଥ ମନ୍ଦିର ପରିସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶା ହାମ୍ସ ରେଡିଓ କ୍ଲବର ମୁଖ୍ୟ ପଙ୍କଜ ବାଗ ସଭାପତିତ୍ୱ କରିଥିଲେ। ଓଡ଼ିଶାରେ କିପରି ଭାବେ ହାମ୍ ରେଡିଓର ପ୍ରସାର ଘଟିବ ସେ ନେଇ ଗୁରୁତ୍ୱାରୋପ କରାଯାଇଥିଲା। ଓଡ଼ିଶାରେ ଆସୁଥିବା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ହାମ୍ ରେଡ଼ିଓ କିପରି ଜୀବନ ରକ୍ଷା କରିଥିଲା, ସେ ନେଇ କ୍ଲବ୍‌ର ସଦସ୍ୟ ରଜନୀକାନ୍ତ ମିଶ୍ର ଆଲୋଚନା କରିଥିଲେ। ଆଉଟ୍‌ରିଚ୍ ରେଡିଓ ସଂଗଠନ ମୁଖ୍ୟ ସୁବ୍ରତ ପତି ଯୋଗଦେଇ, ପିଲାମାନେ କିପରି ଏହି ବୈଜ୍ଞାନିକ ରେଡିଓ ବିଷୟରେ ଅଧିକ ଜାଣିପାରିବେ ସେ ନେଇ ବିଭିନ୍ନ ସଭା ଓ ଶିକ୍ଷାନୁଷ୍ଠାନରେ କର୍ମଶାଳା କରିବା ଉପରେ ମତ ଦେଇଥିଲେ। ପୁରୀ ଜିଲା ମୁଖ୍ୟ ସଦସ୍ୟ ଦେବାଶିଷ ମଶ୍ର, ମନୋଜ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମୟୂରଭଞ୍ଜ, ବ୍ରହ୍ମପୁର, ନୟାଗଡ଼, କେନ୍ଦୁଝର, ଅନୁଗୋଳ ଆଦି ବିଭିନ୍ନ ଜିଲାରୁ ୩୦ଜଣ ସଦସ୍ୟ ଯୋଗ ଦେଇଥିଲେ।

# ଜୀ ସାର୍ଥକରେ 'ଡବଲ ଡେ' ଡବଲ ଧମାକା'

**ଭୁବନେଶ୍ୱର,୧୦।୯ (ଶର୍ମିଷ୍ଠା ପାଣିଗ୍ରାହୀ)**

ଜୀ-ସାର୍ଥକ ପକ୍ଷରୁ ୨ଦିନିଆ 'ଡବଲ ଡେ ଡବଲ ଧମାକା' ଉତ୍ସବ ଆରମ୍ଭ ହୋଇଛି। ରବିବାର ସକାଳ ୯ଟାରୁ ୧୨ ପର୍ଯ୍ୟନ୍ତ କଣ୍ଠଶିଳ୍ପୀ ହ୍ୟୁମାନ ସାଗର ଓ ତାଙ୍କ ଟିମ୍ ପକ୍ଷରୁ ସଙ୍ଗୀତ ପରିବେଷଣ କରାଯାଇଥିଲା। ଅପରାହ୍ନ ୨ଟାରୁ ୫ ଯାଏ ଜୀ-ସାର୍ଥକ ସଂସାର ଆୱାର୍ଡର ରିପିଟ ଟେଲିକାଷ୍ଟ ହୋଇଥିଲା। ଅପରାହ୍ନ ୫ ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦିଦି ନଂ.୧ର ଏକ ବିଶେଷ ଏପିସୋଡ୍ ଦେଖିବାକୁ ପାଇଥିଲେ ଦର୍ଶକ। ଏଥିରେ ଜୀ-ସାର୍ଥକରେ ଆସୁଥିବା ନୂଆ ଧାରାବାହିକ 'ଶକ୍ତି'ର ମୁଖ୍ୟ ନାୟକ ନୀଲ ଓ ନାୟିକା ମିତାଲିଙ୍କୁ ଦେଖିବାକୁ ମିଳିଥିଲା। ସନ୍ଧ୍ୟା ୬ଟା ୩୦ରୁ 'ଖୁସିର ଛୁଙ୍କ', 'ଦୁଖରା ମୁଁଛାଇ' ଏବଂ ଓ 'ସୁନା ଝିଅ'ର ଘଣ୍ଟିକିଆ ମହା ଏପିସୋଡ୍ ପ୍ରସାରିତ ହୋଇଥିଲା। ରାତି ୯ଟା୩୦ରୁ ସାରେଗାମାପା ଲିଟିଲ ଚାମ୍ପ୍‌ର ବିଶେଷ ଏପିସୋଡ୍, ଯେଉଁଥିରେ ଓଲିଉଡ ତାରକା ଶୈଳେନ୍ଦ୍ର, ଦୀପକ ଓ ଦିବ୍ୟାଙ୍କ ପ୍ରଦର୍ଶନ ତଥା ଲୋକପ୍ରିୟ ପ୍ରଚ୍ଛଦପଟ ଗାୟକ ସତ୍ୟଜିତ, ପ୍ରଜ୍ଞାଙ୍କ ବିଶେଷ ପ୍ରଦର୍ଶନ ଭିନ୍ନ ଆକର୍ଷଣ ଥିଲା।

ତେବେ ସୋମବାର ଅପରାହ୍ନ ୨ଟାରୁ ୫ ଡ୍ୟାନ୍ସ ଓ ଡ୍ୟାନ୍ସ ଜୀ-ସାର୍ଥକ ସଂସାର ଲିଗ୍ ଗ୍ରାଣ୍ଡ ଫିନାଲେର ରିପିଟ୍ ଟେଲିକାଷ୍ଟ କରାଯିବ। ଅପରାହ୍ନ ୫ ରୁ ୬ ଯାଏ ଦିଦି ନଂ.୧ର ଏକ ବିଶେଷ ଏପିସୋଡ୍‌ପ୍ରସାରଣ ହେବ, ଯେଉଁଥିରେ ଆସିବାକୁ ଥିବା ନୂଆ ଧାରାବାହିକ 'ସନ୍ଧ୍ୟା ରାଗିଣୀ'ର ମୁଖ୍ୟ ଚରିତ୍ର ନିତୁ ସିଂ, ଦିପ୍ତିରେଖା ପାଢୀ, ହିତିଶା ଓ ପ୍ରିୟଙ୍କା ନିଆରା ପରିବେଷଣ କରିବେ। ସନ୍ଧ୍ୟା ୬ ରୁ ରାତି ୧୦ ଯାଏ ଜୀ-ସାର୍ଥକରେ ପ୍ରଦର୍ଶିତ ସମସ୍ତ ମେଗା ଧାରବାହିକର ବିଶେଷ ଏପିସୋଡ୍ ସବୁ ଦର୍ଶକ ଦେଖିବାକୁ ପାଇବେ। ଚ୍ୟାନେଲ ମୁଖ୍ୟ ପ୍ରତୀକ ସିଲ କହିଛନ୍ତି, ଜୀ-ସାର୍ଥକ ତା'ର ଦର୍ଶକଙ୍କୁ ଧନ୍ୟବାଦ ଦେବା ସହ ଆଗକୁ କାହାଣୀ ସବୁ ଆହୁରି ରୁଚିକର କରିବାପାଇଁ ପ୍ରୟାସ ଜାରି ରଖିଛି।




# ସମୁଦ୍ରରେ ଭାସିଯାଉଥିବା ପର୍ଯ୍ୟଟକ ଉଦ୍ଧାର

**ପୁରୀ, ୧୦।୯(ଅଜିତ ମହାନ୍ତି):** ସମୁଦ୍ରରେ ଭାସିଯାଉଥିବାବେଳେ ଜଣେ ବଙ୍ଗୀୟ ପର୍ଯ୍ୟଟକଙ୍କୁ ଲାଇଫଗାର୍ଡ ଉଦ୍ଧାର କରିଛନ୍ତି। ରବିବାର ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ପଶ୍ଚିମବଙ୍ଗରୁ ପୁରୀ ବୁଲିବାକୁ ଆସିଥିବା ନାରାୟଣ ପାଲ(୨୦) ପରିବାର ସହ ପୁରୀ ବେଳାଭୂମିର ସେକ୍ଟର ୧୨ ସମୁଦ୍ରରେ ଗାଧୋଉଥିଲେ। ଏହି ସମୟରେ ହଠାତ୍ ବଡ଼ ଲହଡ଼ି ମାଡ଼ରେ ସେ ଗଭୀର ସମୁଦ୍ର ମଧ୍ୟକୁ ଭାସିଯାଇଥିଲେ। ତେବେ ତାଙ୍କ ପରିବାର ଲୋକଙ୍କ ପାଟି ଶୁଣି ସେଠାରେ ନିୟୋଜିତ ଥିବା ଲାଇଫଗାର୍ଡମାନେ ସମୁଦ୍ରରେ ପଶି ନାରାୟଣଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ନାରାୟଣ ସୁସ୍ଥ ଥିବା ଜଣାପଡ଼ିଛି।

# ହସ ଫୁଟାଇଲା ମାଇଁ ଭଏସ୍ ମ୍ୟୁଜିକାଲ ପ୍ଲାଟ୍‌ଫର୍ମ



ପିତୃମାତୃ ସେବାକେନ୍ଦ୍ର ଅନ୍ତେବାସିନୀଙ୍କ ସହ ଅତିଥି ଓ ଅନ୍ୟମାନେ।

**ଭୁବନେଶ୍ୱର,୧୦।୯(ଅଭିଜିତ ଦାସ):** ଡିହପୁରସ୍ଥିତ ପିତୃମାତୃ ସେବାକେନ୍ଦ୍ର ଶ୍ରୀ କ୍ରୀଷ୍ଣା ଆନନ୍ଦଠାରେ ରବିବାର ମାଇଁ ଭଏସ୍ ମ୍ୟୁଜିକାଲ ପ୍ଲାଟଫର୍ମ ପକ୍ଷରୁ ଅନ୍ତେବାସୀଙ୍କ ପାଇଁ ଏକ ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମାଇଁ ଭଏସ୍‌ର ପ୍ରତିଷ୍ଠାତା ତଥା କଣ୍ଠଶିଳ୍ପୀ ପ୍ରଭାତ କୁମାର ଓ ସାମାଜିକ କର୍ମୀ ଇତିଶ୍ରୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ସଙ୍ଗୀତ ପରିବେଷଣ କରାଯାଇଥିଲା। ଜଣେ ଅବସରପ୍ରାପ୍ତ ଯବାନଙ୍କ ଦେଶାତ୍ମବୋଧକ ସଙ୍ଗୀତ ସମସ୍ତଙ୍କ ମନରେ ଦେଶପ୍ରେମ ଜାଗ୍ରତ କରିଥିଲା। ଏହି କାର୍ଯ୍ୟକ୍ରମ ଅନ୍ତେବାସୀ ମାତାପିତାଙ୍କ ମୁହଁରେ ହସ ଫୁଟେଇଥିଲା ବୋଲି ମାଇଁ ଭଏସ୍‌ର ପ୍ରତିଷ୍ଠାତା କହିଛନ୍ତି।

# ନିରଞ୍ଜନଙ୍କୁ 'ନୃତ୍ୟ ଗୌରବ', ମୀରାଙ୍କୁ 'ଅଭିନୟ ସାମ୍ରାଜ୍ଞୀ' ସମ୍ମାନ

## ଡ୍ୟାନ୍ସ ଇମେଜ ଫେଷ୍ଟିଭାଲ୍

**ଭୁବନେଶ୍ୱର,୧୦।୯(ଶର୍ମିଷ୍ଠା ପାଣିଗ୍ରାହୀ)**

ଡ୍ୟାନ୍ସ ଇମେଜ ଏକାଡେମୀ ତରଫରୁ ଡ୍ୟାନ୍ସ ଇମେଜ ଫେଷ୍ଟିଭାଲ-୨୦୨୩ ରବିବାର ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଓଡ଼ିଶୀ ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ, ଡିଭି ଇନ୍‌ଷ୍ଟିଚ୍ୟୁଶନର ଏଆର୍‌ଓ ଡ. ସୁଜାତା, ଡିଏଭି ପବ୍ଲିକ ସ୍କୁଲ ପୋଖରୀପୁଟର ପ୍ରିନ୍ସିପାଲ୍ ବିପିନ୍ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ନୃତ୍ୟଗୁରୁ ନିରଞ୍ଜନ ରାଉତଙ୍କୁ 'ନୃତ୍ୟ ଗୌରବ' ଏବଂ ଗୁରୁ ମୀରା ଦାସଙ୍କୁ 'ଅଭିନୟ ସାମ୍ରାଜ୍ଞୀ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏକାଡେମୀର ସ୍ରଷ୍ଟା ଜଗତ୍‌ଜିତ୍ ଦାସ ଏକକ ନୃତ୍ୟ ପରିବେଷଣ କରିଥିଲେ। ଓଡ଼ିଆ ଟେଲି ଅଭିନେତ୍ରୀ ରାଖୀ ଦାସ ଓ କୀର୍ତ୍ତି ମହାନ୍ତି ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏମ୍.ଏସ୍. ମନୋସ୍ମିତା ପଣ୍ଡା ଓଡ଼ିଶୀ ନୃତାଭିନୟ କରିଥିଲେ। ଶିଳ୍ପୀ ବିଶ୍ୱଜିତା ଓ ପ୍ରିୟଙ୍କା ଜେନା ଦ୍ୱୈତ୍ୟ ନୃତ୍ୟ ପରିବେଷଣ କରିଥିଲେ। ଶିଳ୍ପୀ ରାଜକୁମାର କର ଓ ଟି ତୁଲିକା ରେଡ୍ଡୀ ଓଡ଼ିଶୀ ଦ୍ୱୈତ୍ୟ ନୃତ୍ୟ ଏବଂ ଗୁରୁ ନିରଞ୍ଜନ ରାଉତଙ୍କ ଶିଷ୍ୟ ବିଭୁ ପ୍ରସାଦ ବେହେରା ଓ ପ୍ରହଲ୍ଲାଦ ସାହୁ ଓଡ଼ିଶୀ ନୃତ୍ୟାଭିନୟ 'ଅଗ୍ନି' ପ୍ରସ୍ତୁତି କରିଥିଲେ। ଜାଗୃତି କଲ୍‌ଚରାଲ ଅନୁଷ୍ଠାନ ପକ୍ଷରୁ ଦଳଗତ ନୃତ୍ୟ ପରିବେଷିତ ହୋଇଥିଲା। ଅନ୍ତିମ ପ୍ରସ୍ତୁତିରେ ଏକାଡେମୀ ପକ୍ଷରୁ ଦଳଗତ ନୃତ୍ୟ ପରିବେଷଣ କରାଯାଇଥିଲା। ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ମହୋତ୍ସବରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ଆନ୍ତଃବିଦ୍ୟାଳୟ ଲୋକନୃତ୍ୟ ପ୍ରତିଯୋଗିତା

# ନାଚିଲେ ଶିକ୍ଷୟିତ୍ରୀଶିକ୍ଷକ

**ଭୁବନେଶ୍ୱର, ୧୦।୯(ଅସମାପିକା ସାହୁ)**

ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ତା'ର ସୁବର୍ଣ୍ଣ ଜୟନ୍ତୀ ବର୍ଷରେ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛି। ଏହି ପରିପ୍ରେକ୍ଷୀରେ ରବିବାର ବିଭିନ୍ନ ବିଦ୍ୟାଳୟର ଶିକ୍ଷାଦାତାଙ୍କୁ ନେଇ ଆନ୍ତଃବିଦ୍ୟାଳୟ ଲୋକନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ବିଭିନ୍ନ ରାଜ୍ୟର ଲୋକନୃତ୍ୟକୁ ଅଭିନବ ଶୈଳୀରେ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରଘୁନାଥ ମିଶ୍ର, ପରିଚାଳନା କମିଟିର ପରିଚାଳକ ପ୍ରତାପ କୁମାର ଜେନା, ଉପପରିଚାଳକ ସଂଗ୍ରାମ କେଶରୀ ନାୟକ ଯୋଗଦେଇ ଶିକ୍ଷୟିତ୍ରୀଶିକ୍ଷକଙ୍କ ନୃତ୍ୟର ପ୍ରଶଂସା କରିଥିଲେ। ପାଠପଢ଼ା ସହ ନିଆରା ଓ ଉଚ୍ଚକୋଟୀର ନୃତ୍ୟ ପ୍ରଦର୍ଶନ ନିମନ୍ତେ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ। ଅଧ୍ୟକ୍ଷା ସନ୍ଧ୍ୟା ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଥିରେ ବିଚାରକ ଭାବେ ମିନତି ପ୍ରଧାନ ଓ ମଧୁସ୍ମିତା ସ୍ୱାଇଁ ଯୋଗ ଦେଇଥିଲେ। ବିଦ୍ୟାଳୟଉପାଧ୍ୟକ୍ଷା, ପର୍ଯ୍ୟବେକ୍ଷକ, ପରିଚାଳନା କମିଟି ସଦସ୍ୟ, ବିଭିନ୍ନ ବିଦ୍ୟାଳୟ ଅଧ୍ୟକ୍ଷ, ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ବିଜେଇଏମ୍ ସ୍କୁଲ୍ ଅଧ୍ୟକ୍ଷାଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକମାନେ ଲୋକନୃତ୍ୟ କରୁଛନ୍ତି।

**ବ୍ୟାଟେରି ଚୋରି, ୩ ଗିରଫ**

ମଙ୍ଗୁଳି-ଜଗତପୁର,(ମାନସ ସାମଲ):ଟାୱାର ବ୍ୟାଟେରି ଚୋରି କରିବା ଅଭିଯୋଗରେ ଜଗତପୁର ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଯାଜପୁର ଜିଲା କୁଆଖିଆ ଥାନା ଅଧୀନ କୋରକୋରା ଗ୍ରାମର ବ୍ରଜ କିଶୋର ଦାସ, ସୁବ୍ରତ ନାୟକ ଓ ଭଦ୍ରକ ଧାମନଗର ଥାନା ଅଞ୍ଚଳର ଜିଲାନି ଖାନ୍। ଏଥିସହ ଚୋରିରେ ବ୍ୟବହୃତ ଗାଡି ଓ ୩ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଜଗତପୁର ପଶ୍ଚିମକଛ ଅଞ୍ଚଳର ଗୌତମ ଚରଣ ସ୍ୱାଇଁ ସାଇ ସମୀକ୍ଷା ନଗର ଅଞ୍ଚଳରେ ଥିବା ଜିଓ ଟାୱାରର ଟେକ୍ନିସିଆନ ଭାବେ କାର୍ଯ୍ୟ କରନ୍ତି। ଗତ ମାସ ୮ ତାରିଖ ବିଳମ୍ବିତ ରାତିରେ ଜିଓ ଟାୱାର ବ୍ୟାଟେରି ବକ୍ସରୁ ୫ଟି ବ୍ୟାଟେରି ଚୋରି ହୋଇଥିଲା। ଏ ନେଇ ଗୌତମ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରିଥିଲା।

## ସଂକ୍ଷେପରେ

### ରକ୍ତଦାନ ଶିବିର, ୧୧୫ ୟୁନିଟ୍ ରକ୍ତ ସଂଗ୍ରହ

ବାଙ୍କୀ,୧୦।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଓ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ପ୍ରଚେଷ୍ଟାରେ ବରପୁଟ ପଞ୍ଚାୟତ ଅନ୍ତର୍ଗତ ପଥୁରୀପଡା ବିବେକାନନ୍ଦ କ୍ଲବ ପରିସରରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୧୧୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ଦେବୀରଞ୍ଜନ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏଥିରେ ବାଙ୍କୀ ବ୍ଲକ ଅଧକ୍ଷା ପୁଷ୍ପଲତା ସାମନ୍ତ, ବାଙ୍କୀ ବିଜେଡି ସଭାପତି ଅନନ୍ତ କୁମାର ଦାଶ, ୩୫ ନମ୍ବର ଜୋନ୍‌ର ଜିଲା ପରିଷଦ ସଭ୍ୟ ସଞ୍ଜୟ ପାତ୍ର, ୩୪ ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟ ରଶ୍ମିତା ସାହୁ, ବରପୁଟ ପଞ୍ଚାୟତ ସରପଞ୍ଚ ଅଶୋକ କୁମାର ମିଶ୍ର, ସମିତି ସଭ୍ୟା ମମତା ଦେଉରୀ, ବିବେକାନନ୍ଦ କ୍ଲବ ସଭାପତି ଜୟପ୍ରକାଶ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

### ଦିବ୍ୟାଙ୍ଗ ବାଳିକାଙ୍କୁ ଆର୍ଥିକ ସହାୟତା



କଟକ ସଦର,୧୦।୯(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ପଞ୍ଚାୟତ ବମ୍ଫୁରି ଗ୍ରାମର ବାବୁଲି ଭୋଇଙ୍କ ଦିବ୍ୟାଙ୍ଗ କନ୍ୟା ସୁଭଦ୍ରା ଭୋଇଙ୍କୁ ଉଚ୍ଚତର ଶିକ୍ଷା ଅଧ୍ୟୟନ ପାଇଁ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହାୟତାର ହାତ ବଢ଼ାଇଛି। ଭୁବନେଶ୍ୱରସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆଶା'ର କର୍ମକର୍ତ୍ତାମାନେ ରବିବାର ବମ୍ଫୁରି ଆସି ୧୦ ହଜାର ଟଙ୍କାର ଡ୍ରାଫ୍ଟ, ଶବ୍ଦକୋଷ ଓ ପାଠ୍ୟ ଉପକରଣ ପ୍ରଦାନ କରିଥିଲେ। ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ଭୋଇଙ୍କ ଉପସ୍ଥିତିରେ ସଂସ୍ଥାର ସଭାପତି ଅକ୍ଷୟ କୁମାର ଭୋଇ, ଉପ ସଭାପତି କେଦାରନାଥ ଦାସ, ବାମଦେବ ଦାସ, ଅବକାଶ ଭଞ୍ଜ, ସୁରେନ୍ଦ୍ର ଭୋଇ, ରବୀନ୍ଦ୍ରନାଥ ଦାସ, ନକୁଳ ଦାସ, ପ୍ରଶାନ୍ତ ଭୋଇ, ବୈରାଗୀ ଦାସ, ନରେନ୍ଦ୍ର ଦାସ, ସନ୍ତୋଷ ଭୋଇ ଓ ତ୍ରିଲୋଚନ ଦାସ ପ୍ରମୁଖ ସମ୍ପୃକ୍ତା ବାଳିକାଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ ଭବିଷ୍ୟତରେ ସାହାଯ୍ୟ କରିବା ପାଇଁ ଆଶ୍ୱାସନା ଦେଇଥିଲେ। ଅଥଙ୍ଗାସ୍ଥିତ ଚିନ୍ତାମଣି ସ୍ମୃତି ବାଳିକା ବିଦ୍ୟାମନ୍ଦିରରେ ସୁଭଦ୍ରା ଦଶମ ଶ୍ରେଣୀରେ ପଢୁଛନ୍ତି।

### ୱାର୍ଡବାସୀଙ୍କ ସମସ୍ୟା ବୁଝିଲେ ବିଧାୟକ

ଫୁଲନଖରା,୧୦।୯ (ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ୫୯ ନଂ. ୱାର୍ଡର ବିକାଶ ପାଇଁ ବିଜେଡି ପକ୍ଷରୁ ଏକ ସମୀକ୍ଷା ବୈଠକ ସ୍ଥାନୀୟ ଟୁଇନସିଟି ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଯୋଗଦେଇ ୱାର୍ଡର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ନୂଆପାଟଣା, ନୂଆ କାଚରାମାଳ, ପୁରୁଣା କାଚରାମାଳ, ମୁଗଭଙ୍ଗା, ରାମନଗର, ବଙ୍କକୁଦ ଗ୍ରାମର ଲୋକମାନେ ଯୋଗଦେଇ ବିଧାୟକଙ୍କ ନିକଟରେ ସେମାନଙ୍କ ଅଞ୍ଚଳର ସମସ୍ୟା ଉପସ୍ଥାପନ କରିଥିଲେ। ବିଧାୟକ ବେହେରା କହିଥିଲେ, ଜିଲାପାଳ ଓ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯାଇ ସମସ୍ୟା ସମାଧାନ କରାଯିବ। ଏଥିସହ ମୋଟ ୬୮ଟି ପ୍ରକଳ୍ପ ପାଇଁ ୭ କୋଟି ୯୭ ଲକ୍ଷ ୬୬ ହଜାର ୫୯୫ ଟଙ୍କା ବ୍ୟୟ ବରାଦ ହୋଇଥିଲା। ସେଥିମଧ୍ୟରୁ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ୧କୋଟି ୯୪ଲକ୍ଷ ୬୯ ହଜାର ୬ଶହ ଟଙ୍କାର କାର୍ଯ୍ୟ ସରିଥିବାବେଳେ ଅବଶିଷ୍ଟ ଟଙ୍କା ଚାଲୁ ରହିଥିବା ପ୍ରକଳ୍ପରେ ଖର୍ଚ୍ଚ କରାଯିବ। ଏହି ବୈଠକରେ ସଦର ବିଜେଡି ସଭାପତି ପ୍ରମୋଦ କୁମାର ମହାପାତ୍ର, ଶୁଚିସ୍ମିତା ସାହୁ, ପ୍ରକାଶ ଚନ୍ଦ୍ର ନାୟକ, ଗୁଣନିଧି ପଟ୍ଟନାୟକ, ଜ୍ଞାନ ରଞ୍ଜନ ସାହୁ, ରାକେଶ କୁମାର ଜେନାଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ।

# ସୋମପୁର-କିଶୋର ନଗର ରାସ୍ତା ବିପର୍ଯ୍ୟସ୍ତ

## ଧାନତଳି ରୋଇ ପ୍ରତିବାଦ

କଟକ ସଦର,୧୦।୯(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ସୋମପୁର-କିଶୋର ନଗର ରାସ୍ତାର କେଶନଗର ବଜାର ନିକଟ କିଛି ଅଂଶରେ ପାଣି ଜମି ରହି ପ୍ରବଳ କାଦୁଅ ହୋଇଛି। ଏଥିଯୋଗୁ ଯାତାୟାତରେ ଅସୁବିଧା ହେଉଛି। ଏହାର ପ୍ରତିବାଦରେ ରବିବାର କେତେଜଣ ଲୋକ କାଦୁଅରେ ଧାନ ତଳି ରୋଇ ଅଭିନବ ଢଙ୍ଗରେ ପ୍ରତିବାଦ କରିଥିଲେ। ଏଥିପାଇଁ କିଛି ସମୟ ଧରି ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଉକ୍ତ ରାସ୍ତାର ୭ କିମିରୁ ମାତ୍ର ୧୦୦ ଫୁଟ ଅଂଶକୁ ପିଚୁ କିମ୍ବା କଂକ୍ରିଟ କରାଯାଇପାରୁନାହିଁ। କାରଣ ସେତିକି ଜାଗା ବ୍ୟକ୍ତିଗତ ମାଲିକାନାରେ ରହିଛି। ଯେତେବେଳେ ରାସ୍ତା ପାଇଁ ଟଙ୍କା ଖର୍ଚ୍ଚ ହେଉଛି, ସେତେବେଳେ ଏହି ଅଂଶରେ ସମ୍ପୃକ୍ତ ଜମି ମାଲିକ କାମ କରାଇ ଦେଉନାହାନ୍ତି। ଅପରପକ୍ଷରେ ରାଜସ୍ୱ କିମ୍ବା ପୂର୍ତ୍ତ ବିଭାଗର ଅଧିକାରୀକମାନେ



ଧାନତଳି ରୋଇ ଅଭିନବ ଢଙ୍ଗରେ ପ୍ରତିବାଦ କରାଯାଉଛି।

ଔପଚାରିକ ଭାବେ ଜମି ମାଲିକ ପୂର୍ଣ୍ଣଚନ୍ଦ୍ର ମଣ୍ଡଳଙ୍କ ସହ କଥାବାର୍ତ୍ତା କରିନାହାନ୍ତି ବୋଲି ସେ କହିଛନ୍ତି। କେଶ ନଗର ମୌଜାରେ ବଜାର ପାଖ ଜମି ଗୁଣ୍ଠ ପିଛା ୨୦ରୁ ୨୫ ଲକ୍ଷ ଟଙ୍କାରେ ବିକ୍ରି ହେଉଛି। ଏଭଳି ପରିସ୍ଥିତିରେ ଶାଗମାଛ ଦରରେ ମୂଲ୍ୟବାନ ଜମି ଦେଇପାରିବି ନାହିଁ ବୋଲି ମଣ୍ଡଳ କହିଛନ୍ତି। ପ୍ରତି ୨/୩ ବର୍ଷ ଅନ୍ତରାଳରେ ପୂର୍ତ୍ତ ବିଭାଗ ମରାମତି ଓ ପ୍ରଶସ୍ତୀକରଣ ପାଇଁ ଅର୍ଥ ମଞ୍ଜୁର କରୁଥିବାବେଳେ ପୁରୁଣା ସମସ୍ୟାକୁ ଦୂର କରିବା ପାଇଁ ଫଳପ୍ରଦ ଉଦ୍ୟମ କରାଯାଉନାହିଁ ବୋଲି ସ୍ଥାନୀୟ ଲୋକେ କିଶନନଗର ତହସିଲଦାର ମଧୁସୂଦନ ନାୟକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପ୍ରଶାସନ-ଜମି ମାଲିକଙ୍କ ମଧ୍ୟରେ ଫଳପ୍ରଦ ଆଲୋଚନା ହେଲେ ସମାଧାନର ବାଟ ବାହାରି ପାରନ୍ତା ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ଏ ସମ୍ପର୍କରେ ତହସିଲଦାର ନାୟକ କହିଛନ୍ତି, ଏବେ ରାସ୍ତା ମରାମତି ପାଇଁ ଅର୍ଥ ମଞ୍ଜୁର କରାଯାଇଥିବାରୁ ପ୍ରଶାସନିକ ସ୍ତରରେ ଯାହାକିଛି ପଦକ୍ଷେପ ନିଆଯିବ।

# ମହାନଦୀରୁ ଯୁବକଙ୍କ ମୃତଦେହ ଜବତ: ହତ୍ୟା ସନ୍ଦେହ

ନିଶ୍ଚିନ୍ତକୋଇଲି/କଟକ ସଦର , ୧୦।୯ (ଅଶୋକ ମହାପାତ୍ର/ସୁଶାନ୍ତ ଜେନା):

ରଘୁନାଥପୁର ନିକଟସ୍ଥ ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଶିର୍ଲୋ ପଞ୍ଚାୟତର ବାଙ୍କଲସ୍ଥିତ ମହାନଦୀ କୂଳରୁ ରବିବାର ଜଣେ ଯୁବକଙ୍କ ମୃତଦେହ ମିଳିଛି। ତାଙ୍କ ପରିଚୟ ମିଳିପାରନାହିଁ। ସମ୍ପୃକ୍ତ ଯୁବକଙ୍କୁ ହତ୍ୟାକରି ନଦୀରେ ଫିଙ୍ଗି ଦିଆଯାଇଥିବାର ସନ୍ଦେହ କରାଯାଉଛି। ବାଙ୍କଲଠାରେ ଯୁବକଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ କିଶନନଗର ଥାନା ପୋଲିସ ଓ ରଘୁନାଥପୁର ଦମକଳ ବାହିନୀକୁ ଖବର ଦେଇଥିଲେ। ଖବରପାଇ ରଘୁନାଥପୁର ଦମକଳ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନଦୀରୁ ମୃତ ଯୁବକଙ୍କୁ ବାହାର କରି କିଶନନଗର ପୋଲିସକୁ ହସ୍ତାନ୍ତର କରିଛି। ପୋଲିସ ମୃତଦେହ ଜବତ କରିବା ପରେ କଟକ ବଡ଼ ଡାକ୍ତରଖାନାରୁ ବ୍ୟବଚ୍ଛେଦ ପାଇଁ ପଠାଇଦେଇଛି। ମୃତ ଯୁବକ ୩୦ ବର୍ଷର ହେବେ ବୋଲି ଅନୁମାନ କରାଯାଉଛି। ସେ ଏକ ନାଲି ରଙ୍ଗର ବାନିୟନ ଓ ଏକ ଟ୍ରାକସୁଟ ପିନ୍ଧିଛନ୍ତି। ହାତରେ ଏକ କଡା ରହିଥିବାର ଦେଖିବାକୁ ମିଳିଛି। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତବିକ୍ଷତ ଚିହ୍ନ ଦେଖିବାକୁ ମିଳିଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ. ୧୬/୨୩) ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ରଶ୍ମିରଞ୍ଜନ ଦାସ କହିଛନ୍ତି।

# ବାଙ୍କୀ ମହୋତ୍ସବ ପାଇଁ ଚୂଡାନ୍ତ ପ୍ରତିଯୋଗିତା



ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

ବାଙ୍କୀ,୧୦।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ମହୋତ୍ସବ ଉପଲକ୍ଷେ ଚୂଡାନ୍ତ ପର୍ଯ୍ୟାୟ ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ବି.କେ.ବିଦ୍ୟାପୀଠରେ ଆୟୋଜିତ ଏହି ପ୍ରତିଯୋଗିତାରେ ବାଙ୍କୀ ମହୋତ୍ସବ ସାଧାରଣ ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁ ଯୋଗଦେଇ ଏହାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥିଭାବେ ପଦ୍ମାବତୀ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାହୁ ଯୋଗଦେଇ ବାଙ୍କୀର ଐତିହ୍ୟ ଓ ପରମ୍ପରା ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥି ଭାବେ ମହୋତ୍ସବର ସାଙ୍ଗଠନିକ ସମ୍ପାଦକ ପଠାଣି ବେହେରା ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ବରିଷ୍ଠ ଶିକ୍ଷକ ମାନସ କୁମାର ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଥମ ପର୍ଯ୍ୟାୟ ପ୍ରତିଯୋଗିତାରେ ବିଚାରକ ଭାବେ ଭୀମସେନ ନାୟକ, ସୁଧାଂଶୁବାଳା ଦେବତା, ମନୋରମା ଜେଠୀ ଓ ମାୟାଧର ନାୟକ ଯୋଗଦେଇଥିଲେ। ସଙ୍ଗୀତ ପ୍ରତିଯୋଗିତାରେ ବିଦ୍ୟାଳୟ ଅନୁନିରୀକ୍ଷକ ଭୀମସେନ ନାୟକ, ଶିକ୍ଷୟିତ୍ରୀ ସଙ୍ଗୀତା ମହାରଣା ଓ ଶିକ୍ଷାବିତ୍ ମନୋଜ କୁମାର ରାଉତ ଯୋଗଦେଇଥିଲେ। ଏଥିରେ ସିଦ୍ଧାନ୍ତ ଶେଖର ସାହୁ ପ୍ରଥମ, ଅନନ୍ୟା ପ୍ରିୟଦର୍ଶିନୀ ଦ୍ୱିତୀୟ, ଶୁଭଶ୍ରୀ ମହାପାତ୍ର ଓ ସୌମ୍ୟରଞ୍ଜନ ବେହେରା ଯୁଗ୍ମଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବକ୍ତୃତା ପ୍ରତିଯୋଗିତାରେ ରୂପାଲି ସାହୁ ପ୍ରଥମ,ଭାଗ୍ୟଶ୍ରୀ ଦୀକ୍ଷିତ ଦ୍ୱିତୀୟ ଓ ଆୟେଶା ପ୍ରଧାନ ତୃତୀୟ ହୋଇଛନ୍ତି। ସମସ୍ତ ପ୍ରତିଯୋଗୀମାନଙ୍କୁ ବାଙ୍କୀ ମହୋତ୍ସବରେ ପୁରସ୍କୃତ କରାଯିବ।

# ବରିଷ୍ଠ ନାଗରିକ ଦେଶର ସମ୍ପଦ

ବାଙ୍କୀ,୧୦।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସଭାଗୃହରେ ବାଙ୍କୀ ଜନକଲ୍ୟାଣ ବରିଷ୍ଠ ନାଗରିକ ସଂଘ ଆନୁକୂଲ୍ୟରେ ବରିଷ୍ଠ ନାଗରିକମାନଙ୍କ ସମସ୍ୟା ଓ ଏହାର ନିରାକରଣ ସଂପର୍କରେ ଏକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ନୃସିଂହ ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଓଡ଼ିଶା ରାଜ୍ୟ ବରିଷ୍ଠ ନାଗରିକ ମହାସଂଘ ଭୁବନେଶ୍ୱରର ସାଧାରଣ ସମ୍ପାଦକ ଡାକ୍ତର ପ୍ରସନ୍ନ କୁମାର ଦାଶ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କର ବିଭିନ୍ନ ସମସ୍ୟା ଓ ସେଗୁଡିକର ସମାଧାନ ପାଇଁ ବିଭିନ୍ନ ଉପାୟର ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ବାଙ୍କୀ ମହୋତ୍ସବ କମିଟିର ସଂପାଦକ ଡକ୍ଟର ଗଣେଶ୍ୱର ସ୍ୱାଇଁ ଯୋଗଦାନ କରି ବରିଷ୍ଠ ନାଗରିକମାନେ ଦେଶର ସମ୍ପଦ ବୋଲି ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ଞାନରଞ୍ଜନ ମିଶ୍ର, ବାଙ୍କୀ କଲେଜ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଓ ଓଡ଼ିଶା ରାଜ୍ୟ ବରିଷ୍ଠ ନାଗରିକ ମହାସଂଘ ଭୁବନେଶ୍ୱରର ଯୁଗ୍ମ ସମ୍ପାଦକ ରାଜକିଶୋର ସାମନ୍ତରାୟ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଉପରେ ଧ୍ୟାନ ଦେବା ପାଇଁ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ବରିଷ୍ଠ ନାଗରିକ ସଂଘର ସଂଯୋଜକ କେଶବ ଚନ୍ଦ୍ର ବେହେରା ସଭା ପରିଚାଳନା କରିଥିବା ବେଳେ ସମ୍ପାଦକ ବିପିନ ବିହାରୀ ମହାନ୍ତି ସ୍ୱାଗତ ଭାଷଣ ଓ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ୩ରେ କୃତିତ୍ୱ ହାସଲ କରିଥିବା ବିଜ୍ଞାନ, ବାଣିଜ୍ୟ ଓ କଳା ବିଭାଗର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ୫୦ଜଣ ବରିଷ୍ଠ ନାଗରିକଙ୍କୁ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ଞାନରଞ୍ଜନ ମିଶ୍ର ପରିଚୟପତ୍ର ବଣ୍ଟନ କରିଥିଲେ। କବି ବଂଶୀଧର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କେଶବ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।




ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

# ଉନ୍ନୟନ ପ୍ରକଳ୍ପ, ମିଶନ ସ୍କୁଟି ଯୋଜନାରେ ସହାୟତା ରାଶି ବଣ୍ଟନ

ଆଠଗଡ,୧୦।୯(ସତ୍ୟ ପ୍ରସାଦ ରଥ)

ଆଠଗଡ ମିନି ଷ୍ଟାଡିୟମରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷିସୂଚନା ପରାମର୍ଶ କେନ୍ଦ୍ର ଅଧକ୍ଷ ରବୀନ୍ଦ୍ର ନାଥ ରାଉତ ସଭାପତିତ୍ୱ କରିଥିଲେ। ସଚେତନ କର୍ମଶାଳାରେ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆଠଗଡ଼ ୭୧ ଗୋଷ୍ଠୀକୁ ବ୍ୟାଙ୍କ ଋଣ ପ୍ରଦାନ କରିଥିଲେ। ସେହିପରି ମିଶନ ଶକ୍ତି ସ୍କୁଟର ଯୋଜନାରେ ୬୧ ଜଣଙ୍କୁ ବିନା ସୁଧରେ ଋଣ ପ୍ରଦାନ କରିଥିଲେ। ପ୍ରାଣୀବିଭାଗ ତରଫରୁ ୨୯ଜଣଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବାପାଇଁ କୁକୁଡ଼ା ପାଳନ ଓ ୮ଜଣ ଚାଷୀ ଛେଳି ପାଳନ, ୧୩ ସ୍ୱୟଂ ସହାୟିକା ଗୋଷ୍ଠୀକୁ କୁକୁଡ଼ା ଚାଷ ପାଇଁ ୫କୋଟି ୯୮ଲକ୍ଷ ୫୧ହଜାର ଟଙ୍କାର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଏହି ଅବସରରେ ଆଠଗଡ ବ୍ଲକର ୩୯୦ଟି ଉନ୍ନୟନ ପ୍ରକଳ୍ପ ପାଇଁ ୬କୋଟି ୩୯ଲକ୍ଷ ୫୭ହଜାର ଟଙ୍କାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ମୋଟ ୧୨କୋଟି ୩୮ଲକ୍ଷ ୮ହଜାର ଟଙ୍କା ବଣ୍ଟନ କରିଥିଲେ। ଉତ୍ସବରେ ୧ ନଂ.ଜୋନ ଜିଲା ପରିଷଦ ସଭ୍ୟା ଶାନ୍ତିଲତା ବେହେରା, ୨ ନଂ. ଜିଲା ପରିଷଦ ସଭ୍ୟା ମିନତୀ ଗାଗରାଇ, ୩ ନଂ.ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ଆଠଗଡ ପଞ୍ଚାୟତ ସମିତି ପୂର୍ବତନ ଅଧକ୍ଷ ରଞ୍ଜନ କୁମାର ଆଚାର୍ଯ୍ୟ, ଆଠଗଡ ପଞ୍ଚାୟତ ସମିତି ଉପାଧକ୍ଷା ସୁବାସ ମଲ୍ଲିକ, ରାଜ୍ୟ ବିହନ ଓ ଜୈବିକ ପ୍ରାମାଣିକ ସଂସ୍ଥା ନିର୍ଦ୍ଦେଶକ ନିରାକାର ଲେଙ୍କା, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପ୍ରସନ୍ନ ସ୍ୱାଇଁ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ପୂର୍ବତନ ନିର୍ଦ୍ଦେଶକ ଲଳିତେନ୍ଦୁ ସେନାପତି,ଆଠଗଡ ବ୍ଲକ ପ୍ରକଳ୍ପ ସଂଯୋଜକ ଚିତ୍ତରଞ୍ଜନ ବଳିୟାର ସିଂ, ବ୍ଲକ ଜୀବିକା ମିଶନ ସଂଯୋଜକ ପରେଶ ପୁଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

# 'ମଧୁବାବୁଙ୍କୁ ଭାରତରତ୍ନ ଦାବି ଜୋର ଧରିବ'

ସାଲେପୁର,୧୦।୯(ଅରବିନ୍ଦ ଭୂୟାଁ)

ଉତ୍କଳ ଗୌରବ ମଧୁବାବୁ ଜୟନ୍ତୀ କମିଟି ପକ୍ଷରୁ କୃତୀ ପ୍ରତିଭାମାନଙ୍କୁ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ସାଲେପୁର ହାଇସ୍କୁଲ ଅଡିଟୋରିୟମ୍ ହଲ୍‌ରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସାଲେପୁର ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା ଯୋଗଦେଇ କହିଥିଲେ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଉତ୍କଳ ଗୌରବ ମଧୁବାବୁଙ୍କ ଭୂମିକା ଚିରସ୍ମରଣୀୟ। ତାଙ୍କ ପୀଠକୁ ଜାତୀୟ ସ୍ମୃତିପୀଠ ଓ ମଧୁବାବୁଙ୍କୁ ମରଣୋତ୍ତର ଭାରତରତ୍ନ ପ୍ରଦାନ ପାଇଁ କମିଟି ପକ୍ଷରୁ ଦୀର୍ଘଦିନ ହେବ ଦାବି କରାଯାଉଛି। ଏହି ଦାବି ଜୋରଦାର କରାଯିବ ବୋଲି ସେ ପ୍ରକାଶ କରିଥିଲେ। ଉତ୍କଳ ଗୌରବ ମଧୁବାବୁ ଜୟନ୍ତୀ କମିଟି ଉପଦେଷ୍ଟା ଅକ୍ଷୟ କୁମାର ଦାଶ ଏଥିରେ ଅଧକ୍ଷତା କରିଥିଲେ। ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରଶାସନିକ ମୁଖ୍ୟ ଡ. ପ୍ରସନ୍ନ କୁମାର ମହାପାତ୍ର ମୁଖ୍ୟବକ୍ତା ରୂପେ ଯୋଗଦେଇ ଛାତ୍ରୀଛାତ୍ରମାନେ ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଏଥିରେ ଟାଙ୍ଗୀ ବ୍ଲକର ପୂର୍ବତନ ସରପଞ୍ଚ ବିରଜା ପ୍ରସାଦ ରାଉତ, ସାଲେପୁର ମଧୁଜୟନ୍ତୀ କମିଟି ଉପସଭାପତି ଶ୍ରୀକାନ୍ତ ପଣ୍ଡା, ସମ୍ପାଦକ ଅଶ୍ୱିନୀ କୁମାର ଦାସ, ଚନ୍ଦ୍ରାଦେଇପୁର ସରପଞ୍ଚ ରଶ୍ମିତା ଦାସ ପ୍ରମୁଖ ଯୋଗଦେଇଥିଲେ। ଏପ୍ରିଲ ୨୮ରେ ଆୟୋଜିତ ହୋଇଥିବା ନୃତ୍ୟ, ଗୀତ, ବକ୍ତୃତା, ସାଧାରଣ ଜ୍ଞାନ, କ୍ରୀଡ଼ା ଇତ୍ୟାଦି ପ୍ରତିଯୋଗିତାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଭାମାନଙ୍କୁ ଏହି ଅବସରରେ ମାନପତ୍ର, ଟ୍ରଫି ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ମଧୁବାବୁ ଜୟନ୍ତୀ କମିଟିର ସରୋଜ କୁମାର କର, ବିନୀତ ରଞ୍ଜନ ବିଶ୍ୱାଳ, ମହେଶ୍ୱର ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ।

# ୫ ସ୍ଥାନରେ ଟ୍ରାଫିକ୍ ବ୍ୟବସ୍ଥା କରାଯାଉ

## ବିଧାୟକଙ୍କୁ ଦାବିପତ୍ର

ମଙ୍ଗୁଳି-ଜଗତପୁର,୧୦।୯(ମାନସ ସାମଲ)

ଟାଙ୍ଗୀ ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ଲେଭଲ କ୍ରସିଂ, ଏସ୍‌ବିଆଇ ଗଡା, ଏନ୍‌ଏଚ୍ କ୍ରସିଂ, ଡ୍ରିମ୍ସ ଛକ(ବସ୍‌ଷ୍ଟାଣ୍ଡ) ଓ ମଙ୍ଗୁଳି ଛକଠାରେ ଟ୍ରାଫିକ ବ୍ୟବସ୍ଥା ନାହିଁ। ଫଳରେ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ତେଣୁ ଏହିସବୁ ସ୍ଥାନରେ ଟ୍ରାଫିକ ବ୍ୟବସ୍ଥା କରାଯାଉ ବୋଲି ଆଞ୍ଚଳିକ ଉନ୍ନୟନ ପରିଷଦ ପକ୍ଷରୁ ଦାବି ହୋଇଛି। ସେହିପରି ମଙ୍ଗୁଳି ଛକଠାରୁ ଟୋଲ୍‌ଗେଟ୍ ପର୍ଯ୍ୟନ୍ତ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ବେଆଇନ ଭାବେ ଟ୍ରକ୍ ପାର୍କିଂ ଯୋଗୁ ଦୁର୍ଘଟଣା ବୃଦ୍ଧି ପାଉଛି। ସହରରୁ ରାତି ଅଧରେ ଷଣ୍ଢମାନଙ୍କୁ ଆଣି ଟାଙ୍ଗୀ ଓ ଏହାର ଆଖପାଖ ଅଞ୍ଚଳରେ ଛାଡି ଦିଆଯାଉଛି। ସେମାନେ ଚାଷୀଙ୍କ ଫସଲ ନଷ୍ଟ କରୁଛନ୍ତି। ଏପରି କି ବଜାରରେ ଲଢାଲଢି ହେବାଦ୍ୱାରା ଦୁର୍ଘଟଣା ଘଟୁଛି। ତେଣୁ ଉକ୍ତ ଅଞ୍ଚଳରେ ଷଣ୍ଢମାନଙ୍କୁ ଛଡା ନ ଯାଉ। ଉପରୋକ୍ତ ସମସ୍ୟାର ସମାଧାନ ପାଇଁ ପରିଷଦ ପକ୍ଷରୁ ଦାବି କରାଯିବା ସହ ବିଧାୟକ ପ୍ରଶାନ୍ତ ବେହେରାଙ୍କୁ ୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମାଧାନ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ଦାବିପତ୍ର ପ୍ରଦାନବେଳେ ପରିଷଦର ସଭାପତି ପ୍ରବୀର କୁମାର ଦାସ, ଉପ ସଭାପତି ସୁକାନ୍ତ ବିଶ୍ୱାଳ, ସମ୍ପାଦକ ଅଶୋକ ସ୍ୱାଇଁ, ସହସମ୍ପାଦକ ସନାତନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ମାହାଙ୍ଗା ବାଳକ ବିଭାଗ ଚାମ୍ପିୟନ

## ଜିଲାସ୍ତରୀୟ ସ୍କୁଲ ଭଲିବଲ ପ୍ରତିଯୋଗିତା ଚୟନ ଶିବିର

ମାହାଙ୍ଗା,୧୦।୯(ଯଯାତି ସିଂହ):

କଟକ ଜିଲାସ୍ତରୀୟ ସ୍କୁଲ ଭଲିବଲ ପ୍ରତିଯୋଗିତା ଚୟନ ଶିବିର ମାହାଙ୍ଗା ବ୍ଲକ ହଳଦିଆ ହାଇସ୍କୁଲ ପଡିଆରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୨ ଜଣ ଖେଳାଳିଙ୍କୁ ମନୋନୀତ କରାଯାଇଛି। ମାହାଙ୍ଗା ବ୍ଲକର କ୍ରୀଡା ସମ୍ପାଦକ ପାର୍ଥସାରଥି ଦାସ, ସତ୍ୟବ୍ରତ ରାଉତ, ମୋହନ ଚରଣ ସିଂହ,ଅମରେନ୍ଦ୍ର ଭଞ୍ଜ ଓ ରମାକାନ୍ତ ବେହେରା ପ୍ରମୁଖ ଚୟନ କାର୍ଯ୍ୟକୁ ସମ୍ପାଦନ କରିଥିଲେ। ଗୋପବନ୍ଧୁ ହାଇସ୍କୁଲ ଓଟିଏମ୍ ଚୌଦ୍ୱାର ଖେଳପଡ଼ିଆରେ ମାହାଙ୍ଗା ଭଲିବଲ ଟିମ୍ ବାଙ୍କୀ, ସାଲେପୁର ଓ କଟକ ସଦର ସହ ଖେଳିଥିଲେ। ଫାଇନାଲରେ ମାହାଙ୍ଗା ଟିମ୍ ନରସିଂହପୁର ଟିମ୍‌କୁ ୨-୧ ସେଟରେ ହରାଇ ଚାମ୍ପିୟନ ହୋଇଥିଲା। ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ ଅତିଥିଭାବେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରିଥିଲେ । ଏହି ଅବସରରେ ବିଜୟୀ ଟିମ୍ ମାହାଙ୍ଗାକୁ ମାହାଙ୍ଗା ମଣ୍ଡଳ ଶିକ୍ଷା ଅଧିକାରୀ ଚକ୍ରଧର ବେହେରା, ହଳଦିଆ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ସାହୁ,ସମସରପୁର ଜିପି ନୋଡାଲ ହାଇସ୍କୁଲ ପ୍ରଧାନଶିକ୍ଷକ ଅରବିନ୍ଦ ମଲିକ ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିଙ୍କ ଗହଣରେ ଜିଲାସ୍ତରକୁ ମନୋନୀତ ହୋଇଥିବା କୃତୀ ପ୍ରତିଯୋଗୀମାନେ।

# ବନ୍ଦ ଶୌଚାଳୟରେ ବାସ୍ତୁଦୋଷ ନିବାରଣ ପୂଜା

## ସୁଭାଷ ସଙ୍ଗଠନର ଅଭିନବ ପ୍ରତିବାଦ

କଟକ,୧୦।୯(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ନିର୍ମାଣ କରାଯାଇଥିବା ଶୌଚାଳୟଗୁଡ଼ିକୁ ସର୍ବସାଧାରଣଙ୍କ ନିମନ୍ତେ ଖୋଲିବା ପାଇଁ ସୁଭାଷ ସଙ୍ଗଠନ ପକ୍ଷରୁ ରବିବାର ମାତାମଠସ୍ଥିତ ଶୌଚାଳୟ ସମ୍ମୁଖରେ ଅଭିନବ ଢଙ୍ଗରେ ପ୍ରତିବାଦ କରାଯାଇଥିଲା। ଶୌଚାଳୟ ସମ୍ମୁଖରେ ବୋଧହୁଏ କୌଣସି ବାସ୍ତୁଦୋଷ ରହୁଛି ବୋଲି ଚିନ୍ତା କରି ସଙ୍ଗଠନ ପକ୍ଷରୁ ବାସ୍ତୁ ଦୋଷ ନିବାରଣ ପୂଜା ଆୟୋଜନ କରାଯାଇଥିଲା।

ଗତ ଜାନୁଆରୀରେ ହକି ବିଶ୍ୱକପ୍ ଉଦ୍‌ଘାଟନ ସମାରୋହକୁ ଦୃଷ୍ଟିରେ ରଖି ସହରରେ ରିଂରୋଡ୍ କଡକୁ ଲାଗି ୪ଟି ନୂଆ ଶୌଚାଳୟ ନିର୍ମାଣ କରାଯାଇଥିଲା।




ମାତାମଠସ୍ଥିତ ଶୌଚାଳୟ ସମ୍ମୁଖରେ ବାସ୍ତୁ ଦୋଷ ନିବାରଣ ପୂଜା କରାଯାଉଛି।

କିନ୍ତୁ ବିଡ଼ମ୍ବନାର ବିଷୟ ନିର୍ମାଣର ୧୦ ମାସ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହି ଶୌଚାଳୟଗୁଡିକୁ ସର୍ବସାଧାରଣଙ୍କ ନିମନ୍ତେ ଖୋଲାଯାଇପାରିନାହିଁ। ଏ ନେଇ ସଙ୍ଗଠନ ପକ୍ଷରୁ ଗତ ଏପ୍ରିଲ୍‌ରେ 'ବାଲ୍‌ଟି ମଗ' ଅଭିଯାନ ମାଧ୍ୟମରେ ଶୌଚାଳୟ ସମ୍ମୁଖରେ ସାମୂହିକ ସ୍ନାନ କରି ପ୍ରତିବାଦ କରାଯାଇଥିଲା। ମେୟର ସୁବାସ ସିଂ କହିଥିଲେ, ଉକ୍ତ ଶୌଚାଳୟଗୁଡିକୁ ଆମେ ୨ ମାସ ମଧ୍ୟମରେ ଏସ୍‌ଏଚ୍‌ଜି ଗ୍ରୁପ୍ ମାଧ୍ୟମରେ କାର୍ଯ୍ୟକ୍ଷମ କରାଇବୁ। ହେଲେ ଇତିମଧ୍ୟରେ ୫ମାସ ବିତିଯାଇଥିଲେ ମଧ୍ୟ ଶୌଚାଳୟ ଖୋଲାଗଲା ନାହିଁ। କୌଣସି ବାସ୍ତୁଦୋଷ ରହୁଛି ବୋଲି କହି ଏଭଳି ଢଙ୍ଗରେ ପ୍ରତିବାଦ କରାଯାଇଛି। ଏହି ଶୌଚାଳୟଗୁଡିକୁ ଖୋଲା ନ ଯାଇ ପୁଣି ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ ହୋଇ ଜନସାଧାରଣଙ୍କ ନିମନ୍ତେ ନୂଆ ସ୍ମାର୍ଟ ଟଏଲେଟ୍ ତିଆରି ହେବାର ଯୋଜନା, କେଉଁଠି ନା କେଉଁଠି ଏକ ଦୁର୍ନୀତିର ଗନ୍ଧ ବାରିହେଉଛି ବୋଲି ସଙ୍ଗଠନର ସଭାପତି ଆଶୁତୋଷ ଦାସ ଅଭିଯୋଗ କରିଛନ୍ତି। ତୁରନ୍ତ ବନ୍ଦ ପଡ଼ିଥିବା ଶୌଚାଳୟକୁ ସର୍ବସାଧାରଣଙ୍କ ନିମନ୍ତେ ଖୋଲାଯିବାକୁ ସେ ଦାବି କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସୁରେଶ ମହାନ୍ତି, ଗୁରୁପ୍ରସାଦ ସାହୁ, ଜ୍ଞାନ ରଞ୍ଜନ ଦାସ, ବାପୁଜୀ କର, ଜଗମୋହନ ଜେନା, ସୌମ୍ୟରଞ୍ଜନ ପଣ୍ଡା, ସତ୍ୟରଞ୍ଜନ ପଣ୍ଡା, ଅଭିଷେକ ନନ୍ଦ, ମୁକେଶ ସାହୁ, ଅନନ୍ଦା ମହାନ୍ତି, ରାକେଶ ବହିଆ, ପଞ୍ଚାନନ ମଲ୍ଲିକ, ଦୀପ୍ତିରଞ୍ଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ରାଜ୍ୟ ଭାଜପା ଗଣମାଧ୍ୟମ ସଂଯୋଜକ ହେଲେ ଦୁଷ୍ମନ୍ତ

କୃଷ୍ଣପ୍ରସାଦ,୧୦।୯(କୈଳାସ ଚନ୍ଦ୍ର ପଟ୍ଟନାୟକ)



୨୦୨୪ ସାଧାରଣ ନିର୍ବାଚନ ଆଗୁଆ ହେବାର ସୂଚନା ମିଳିବା ପରେ ଭାଜପା ତା'ର ଓବିସି ମୋର୍ଚ୍ଚା ରାଜ୍ୟ ପଦାଧିକାରୀ, କାର୍ଯ୍ୟକାରିଣୀ ସଦସ୍ୟ ଏବଂ ରାଜ୍ୟ ସଂଯୋଜକ ନାମ ତାଲିକା ଘୋଷଣା କରିଛି। ରାଜ୍ୟ ଗଣମାଧ୍ୟମ ସଂଯୋଜକଭାବେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଦୁଷ୍ମନ୍ତ କୁମାର ନାୟକଙ୍କୁ ମନୋନୀତ କରାଯାଇଛି। ଭାଜପାର ରାଜ୍ୟ ଗଣମାଧ୍ୟମ ସଂଯୋଜକ ହେବା ପରେ ତାଙ୍କୁ ଦଳୀୟ କର୍ମୀମାନେ ଶୁଭେଚ୍ଛା ଜଣାଇଛନ୍ତି। ଏନେଇ ଦୁଷ୍ମନ୍ତ କହିଛନ୍ତି, ଆଗାମୀ ନିର୍ବାଚନରେ ଭାଜପା ସଂଖ୍ୟାଗରିଷ୍ଠତା ହାସଲ କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଲୋକଙ୍କ ପାଖରେ ପହଞ୍ଚାଯିବ। ତାଙ୍କ ମିଳିଥିବା ଦାୟିତ୍ୱ ସୁଚାରୁରୂପେ ପରିଚାଳନା କରିବେ ବୋଲି ସେ ପ୍ରକାଶ କରିଛନ୍ତି।

### ଆଜିଠୁ ସାମୂହିକ ଛୁଟି ନେବେ ପ୍ରାଥମିକ ଶିକ୍ଷକ

ଟାଙ୍ଗୀ,୧୦।୯(ରଘୁନାଥ ସାହୁ)

ଦାବି ପୂରଣ ନ ହେବାରୁ ସୋମବାରଠାରୁ ସାମୂହିକ ଛୁଟି ନେବେ ସମସ୍ତ ପ୍ରାଥମିକ ଶିକ୍ଷକ। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେବ। ୩ ଦଫା ଦାବିରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ଆହ୍ୱାନକ୍ରମେ ସମସ୍ତ ପ୍ରାଥମିକ ଶିକ୍ଷୟିତ୍ରୀଶିକ୍ଷକ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଗତ ଅଗଷ୍ଟ ୫ରେ ବ୍ଲକ ଶିକ୍ଷା ଅଧିକାରୀ, ୧୧ତାରିଖରେ ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବି ପୂରଣ ନ ହେବାରୁ ଗତ ୮ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଦାବି ପୂରଣ ପାଇଁ ପ୍ରତିଶ୍ରୁତି ମିଳୁଛି, ହେଲେ କାର୍ଯ୍ୟକାରୀ ହେଉନାହିଁ। ପ୍ରାଥମିକ ଶିକ୍ଷାରୁ ଠିକା ନିଯୁକ୍ତି ଉଚ୍ଛେଦ, କନିଷ୍ଠ ଶିକ୍ଷକଙ୍କୁ ନିୟମିତ, ନୂତନ ପେନ୍‌ସନ ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇ ପୁରୁଣା ପେନ୍‌ସନ ବ୍ୟବସ୍ଥା ଲାଗୁ କରିବା, ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷୟିତ୍ରୀଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ମୂଳ ବେତନ ପ୍ରଦାନ କରିବାକୁ ଦାବି କରାଯାଇଛି। ଶିକ୍ଷାଦାନ ବିପର୍ଯ୍ୟସ୍ତ ହୋଇପଡିବା ପୂର୍ବରୁ ଆଲୋଚନା ମାଧ୍ୟମରେ ଦାବି ପୂରଣ କରିବାକୁ ଅଭିଭାବକମାନେ ଅନୁରୋଧ କରିଛନ୍ତି।

### ଧର୍ମପରାୟଣା ମହିଳାଙ୍କ ପରଲୋକ

ଜଟଣୀ,୧୦।୯(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ଗାଁ ହଟବାଜାର ଅଞ୍ଚଳର ବରିଷ୍ଠ କଂଗ୍ରେସ ସଙ୍ଗଠକ ସୁଧାକର ଜେନାଙ୍କ ସହଧର୍ମିଣୀ ସଞ୍ଜୁକ୍ତା ଜେନା(୪୨)ଙ୍କ ରବିବାର ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ, ସ୍ନେହୀ ଏବଂ ଧର୍ମପରାୟଣ ମହିଳାଭାବେ ଜଣାଶୁଣା ଥିଲେ। କଂଗ୍ରେସର ବରିଷ୍ଠ ନେତା ଡା.ଗୌରୀପ୍ରସାଦ ସିଂ, ନୌସର ଲି, ଲିଟୁ ଶତପଥୀ, ସୁଲୁ ରଥ, ଟିକି ଦେଓଙ୍କ ସମେତ ଖବରଦାତା, ଅଧିବକ୍ତା, ପୌର ପରିଷଦର କାଉନସିଲର ପ୍ରମୁଖ ତାଙ୍କ ଆତ୍ମାର ସଦ୍‌ଗତି କାମନାକରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ଝିଅ ସୁଗୁପ୍ତା ମୁଖାଗ୍ନି ଦେଇଥିଲେ।

### ଶ୍ରଦ୍ଧାଞ୍ଜଳି ସଭା

ଟାଙ୍ଗୀ,୧୦।୯(ରଘୁନାଥ ସାହୁ)

ଟାଙ୍ଗୀ ତଳସାହି ନିବାସୀ ହରିହର ଦାସଙ୍କ ଏକାଦଶାହ ଦିବସ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଖୋର୍ଦ୍ଧା ଜିଲା ପରିଷଦ ପୂର୍ବତନ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅବସରପ୍ରାପ୍ତ କର୍ମଚାରୀ ସଂଘ ପୂର୍ବତନ ସମ୍ପାଦକ ଅରୁଣ ରଞ୍ଜନ ମହାନ୍ତି, ପୂର୍ବତନ ପ୍ରଧାନ ଶିକ୍ଷକ ମହେଶ୍ୱର ପ୍ରଧାନ, ଆଇନଜୀବୀ ଭାସ୍କର ପ୍ରସାଦ ମହାନ୍ତି, ପୁରାତନ ଛାତ୍ର ସଂସଦ ସମ୍ପାଦକ ବିଜୟ କୁମାର ରାଉତ, ଖୋର୍ଦ୍ଧା ଜିଲା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ପ୍ରସନ୍ନ ଶ୍ରୀଚନ୍ଦନ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାସ ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ ବୋଲି କହିଥିଲେ। ସୁକାନ୍ତ ଦାସ, ଗୋବିନ୍ଦ ଚନ୍ଦ୍ର ସାହୁ, ବିଜୟ ମହାପାତ୍ର, ହରିହର ରଣା ଉପସ୍ଥିତ ଥିଲେ। ଅଧ୍ୟାପକ ସୁଶୀଲ ମହାପାତ୍ର ଗୀତା ପାଠ କରିଥିଲେ। ଜ୍ୟୋତିର୍ମୟୀ ଦାସ ଧନ୍ୟବାଦ ଦେଇଥିଲେ।

# ପରିତ୍ୟକ୍ତ ଅବସ୍ଥାରେ ପାଇକ ସଂଗ୍ରହାଳୟ

## ପାଣିରେ ପଡ଼ିବ ୨୫ ଲକ୍ଷ

- ହଜିଗଲା ସମରକଳା ଏକାଡେମୀ
- ସ୍ମାରକୀସ୍ଥଳରେ ଇଟା ଖଣ୍ଡେ ପଡ଼ିନି

ଖୋର୍ଦ୍ଧା,୧୦।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ସଂସ୍କୃତି ଭବନ ପରିସରରେ ୨୦୧୧ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶହୀଦ ସ୍ତମ୍ଭ ଉଦ୍‌ଘାଟନ ସହ ପାଇକ ସଂଗ୍ରହାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ୨୫ଲକ୍ଷ ଟଙ୍କା ବ୍ୟୟରେ ଏହି କୋଠା ନିର୍ମାଣ କରାଯାଇଥିଲା। ଖୋର୍ଦ୍ଧା ପାଇକ ବୀରଙ୍କ ବୀରତ୍ୱ କାହାଣୀ ଓ ସ୍ମୃତିକୁ ସାଉଁଟିବା ସକାଶେ ରାଜ୍ୟ ସରକାର ଖୋର୍ଦ୍ଧାରେ ପାଇକ ସଂଗ୍ରହାଳୟ ନିର୍ମାଣ କରିଥିଲେ। ଲକ୍ଷ୍ୟ ଥିଲା ବ୍ରିଟିଶ ସହିତ ଲଢେଇ କରି ବଳିଦାନ ଦେଇଥିବା ପାଇକଙ୍କ ବୀରତ୍ୱର ଗାଥା, ସେମାନେ ବ୍ୟବହାର କରୁଥିବା ଅସ୍ତ୍ରଶସ୍ତ୍ର, ଖଣ୍ଡା, ବର୍ଚ୍ଛା, ଢାଲ, ପାଇକ ବୀରଙ୍କ ତୈଳଚିତ୍ର, ପ୍ରାଚୀନ କୀର୍ତ୍ତିରାଜି ପ୍ରଭୃତି ଏହି ସଂଗ୍ରହାଳୟରେ ସ୍ଥାନ ପାଇବ। ଆଗାମୀ ପିଢିଙ୍କୁ ପାଇକ ବୀରଙ୍କ ବୀରତ୍ୱ ସମ୍ପର୍କରେ ଅବଗତ କରାଇବା ତଥା ଏହି ଜାତିର ଗୌରବକୁ ସମାଜରେ ପ୍ରତିଷ୍ଠିତ କରାଇବା ଉକ୍ତ ସଂଗ୍ରହାଳୟର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ତେବେ କୌଣସି କାରଣରୁ ଏହି କୋଠା ଉଦ୍‌ଘାଟନ ହୋଇପାରି ନ ଥିଲା। ଫଳରେ କୋଠାଟି ପରିତ୍ୟକ୍ତ ଅବସ୍ଥାରେ ରହିଛି।

ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଛାତ, କାନ୍ଥ ଫାଟି ଆଁ କରିବା ସହ ଲୁହାଫାଟକରେ କଳଙ୍କି ଲାଗିଯାଇଛି। ଏପରିକି କୋଠା ପରିସର ବିଷଧର ସାପଙ୍କ ବାସସ୍ଥାନ ପାଲଟିଛି। ଗତ ୨୦୧୯ ଫନୀ ବାତ୍ୟାରେ ଏହି କୋଠା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ତେଣୁ କୋଠା କାମରେ ଲାଗିବା ନେଇ ଆଶଙ୍କା ଦେଖାଦେଇଛି। ଅନ୍ୟପଟେ ଗୁରୁଜଙ୍ଗଠାରେ ୯୦ ଦଶକରେ ଆରମ୍ଭ ହୋଇଥିଲା ସମରକଳା ଏକାଡେମୀ। ସେହି ସମୟରେ ପାଇକଙ୍କ ଗୁରୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୁବକମାନେ ସମରକଳା ଓ ପାଇକ ଆଖଡ଼ା ସମ୍ପର୍କରେ ପ୍ରଶିକ୍ଷଣ ନେଉଥିଲେ। କୁହାଯାଏ, ସେହି ସମୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ମଧ୍ୟ ଏହି ସ୍ଥାନ ପରିଦର୍ଶନ କରି କଳାର ଉଚ୍ଚ ପ୍ରଶଂସା କରିଥିଲେ। ତେବେ ଆବଶ୍ୟକ ଭିତ୍ତିଭୂମି ଅଭାବରୁ ଏହା ଆଗକୁ ବଢିପାରିଲା ନାହିଁ। ପ୍ରୋତ୍ସାହନ ଅଭାବରୁ ମାଟିରେ ମିଶିଗଲା।

୨୦୨୨ ଜୁନ୍‌ରେ ୧୧ ବର୍ଷ ପରେ ଖୋର୍ଦ୍ଧା ବ୍ଲକ ପକ୍ଷରୁ ପାଇକ ସଂଗ୍ରହାଳୟ କୋଠା ପୁନରୁଦ୍ଧାର କାର୍ଯ୍ୟ କରାଯାଇଥିଲା। ତେବେ ନିର୍ମାଣ ହେବା ପରଠାରୁ ମୁଖ୍ୟ ଫାଟକରେ ତାଲା ଝୁଲୁଥିବା ବେଳେ ପ୍ରଥମଥର ଲାଗି ମୁଖ୍ୟ ଫାଟକ ତାଲା ଖୋଲିଥିଲା। ଦୀର୍ଘ ଦିନ ଧରି ଅନାବନା ଗଛଲତାରେ ଲୁଚି ଯାଇଥିବା ଏହି କୋଠାର ପୁନରୁଦ୍ଧାର ଚାଲିଥିବା ନେଇ ପ୍ରଚାରିତ ହେବା ପରେ ବିଭିନ୍ନ ପାଇକ ସଙ୍ଗଠନ ମଧ୍ୟରେ ଆନନ୍ଦ ଖେଳିଯାଇଥିଲା। ତେବେ କୋଠା ମରାମତି ପରେ ପୁଣି ଥରେ ଏଠାରେ ତାଲା ଝୁଲିଲା। ପାଇକ ସଙ୍ଗଠନଗୁଡ଼ିକର ଆଶା ମଉଳିଗଲା।

ପାଇକ ଫାଉଣ୍ଡେଶନ କର୍ତ୍ତୃପକ୍ଷ କହିଛନ୍ତି, ଗୋଟିଏ ଜାତି ତାର ବୀରତ୍ୱ, କଳା, ସଂସ୍କୃତି, ଭାସ୍କର୍ଯ୍ୟକୁ ନେଇ ପରିଚୟ ବହନ କରେ। ସଂସ୍କୃତି ପରମ୍ପରା ବିଲୁପ୍ତ ହେଲେ ସେହି ଜାତିର ସମୃଦ୍ଧି ନଷ୍ଟ ହେବା ସହ ଅଧୋପତନ ମଧ୍ୟ ଘଟିଥାଏ। ଯେଉଁ ପାଇକ ପୁଅ ଦିନେ ଇଂରେଜଙ୍କୁ ଧୂଳି ଚଟାଇଥିଲେ, ଯାହାଙ୍କ ନାଁ ଶୁଣିଲେ ବ୍ରିଟିଶ ସାମ୍ରାଜ୍ୟ ଥରି ଉଠୁଥିଲା, ସେହି ବୀରତ୍ୱ ମାଟିର ସୁଯୋଗ୍ୟ ସନ୍ତାନଙ୍କ କାହାଣୀ କେବଳ ଇତିହାସ ପୃଷ୍ଠାରେ ରହିଯାଇଛି। ଐତିହ୍ୟ ଗବେଷକ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ କୁହନ୍ତି, ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଖୋର୍ଦ୍ଧା ପାଇକ ବୀରଙ୍କ ଅବଦାନ ଅତୁଳନୀୟ। ସ୍ୱାଧୀନୋତ୍ତର ଭାରତର ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ଆନ୍ଦୋଳନର ମାନ୍ୟତା ମିଳିଛି। ସେହି ପାଇକଙ୍କ ବୀରତ୍ୱର ଗାଥା ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ ତଥା ଭବିଷ୍ୟତ ପିଢିଙ୍କ ସକାଶେ ଏଠାରେ ପାଇକ ସଂଗ୍ରହାଳୟ ପାଇଁ ଯୋଜନା ହୋଇଥିଲା। ତାହା କେବଳ ସଭା,ସମିତି, ଚର୍ଚ୍ଚା, ଆଲୋଚନା, ପର୍ଯ୍ୟାଲୋଚନା ମଧ୍ୟରେ ସୀମିତ ହୋଇ ରହିଗଲା।

ସାମାଜିକ କର୍ମୀ ଶୋଭନ ଘୋଷ କହିଛନ୍ତି, ଲାଲମାଟିର ଗଡ଼ ଖୋର୍ଦ୍ଧା ଆଜି ଅବହେଳିତ ଅବସ୍ଥାରେ ରହିଛି। ପାଇକ ସଂଗ୍ରହାଳୟ ସ୍ଥାପନ ହେଲେ, ପାଇକମାନଙ୍କ ଯୁଦ୍ଧ ରଣକୌଶଳ ସମ୍ପର୍କରେ ଆଗାମୀ ଯୁବପିଢି ଜାଣିବାର ସୁଯୋଗ ପାଇଥାନ୍ତେ। ଏ ମାଟିର ଗୌରବ ବଢିଥାନ୍ତା। ରାଜନୈତିକ ଇଚ୍ଛାଶକ୍ତି ଓ ଜିଲା ପ୍ରଶାସନର ଆନ୍ତରିକତା ଅଭାବରୁ ଏହି କୋଠା କାର୍ଯ୍ୟକ୍ଷମ ନେଇ ଆଶଙ୍କା ରହିଛି। କଳିଙ୍ଗ ପାଇକ ସଙ୍ଗଠନର ସମ୍ପାଦକ କୃଷ୍ଣଚନ୍ଦ୍ର ଶ୍ରୀଚନ୍ଦନ କହିଛନ୍ତି, ୨୦୧୯ ଡିସେମ୍ବର ୮ରେ ବରୁଣେଇ ପାହାଡ଼ ପାଦ ଦେଶରେ ତତ୍କାଳୀନ ରାଷ୍ଟ୍ରପତି ପାଇକ ସ୍ମାରକୀ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରସ୍ତାବିତ ସ୍ଥାନରେ ଖଣ୍ଡେ ଇଟା ପଡିନି। ପ୍ରସ୍ତାବିତ ସ୍ମାରକୀ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ବେଳେ ସଂଗ୍ରହାଳୟ ପ୍ରତିଷ୍ଠା ଆଶା କ୍ଷୀଣ ନେଇ ସେ କ୍ଷୋଭ ପ୍ରକାଶ କରିଛନ୍ତି। ଏନେଇ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କହିଛନ୍ତି, ଜିଲାର କଳା, ସଂସ୍କୃତି, ଐତିହ୍ୟ, ପର୍ଯ୍ୟଟନର ବିକାଶ ଲାଗି ଗୁରୁତ୍ୱ ଦିଆଯାଉଛି। ପାଇକ ସ୍ମାରକୀ ନିର୍ମାଣ ପାଇଁ ରହିଥିବା ଜମି ବିବାଦ ତୁଟିଛି। ଖୁବଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ।

### ୩ ଶିକ୍ଷକ ସମ୍ବର୍ଦ୍ଧିତ

ବୋଲଗଡ଼,୧୦।୯(ଦେବବ୍ରତ ହୋତା)

ଶିବାଂଶୀ ଫାଉଣ୍ଡେଶନ ଆନୁକୂଲ୍ୟରେ ଭୁବନେଶ୍ୱର ଗୀତଗୋବିନ୍ଦ ଭବନ ସମ୍ମିଳନୀ କକ୍ଷରେ ରବିବାର ରାଜ୍ୟସ୍ତରୀୟ ଗୁରୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେଶନର ସଂଯୋଜିକା ଈପ୍ସିତା ସାହୁଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ ଉତ୍ସବରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ, ଲେଖିକା ଡ. ଗାୟତ୍ରୀବାଳା ପଣ୍ଡା, ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଅତିଥିଭାବେ ଯୋଗଦେଇଥିଲେ। ଓଡ଼ିଶାର ସମସ୍ତ ଜିଲାର ୬୦ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ଉତ୍ସବରେ ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ତାଲତୁମ୍ବସ୍ଥିତ ପଶ୍ଚିମେଶ୍ୱର ଦେବ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ହରିବନ୍ଧୁ ତ୍ରିପାଠୀ, ସଂପୁରସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ଏବଂ ସାନପଦରସ୍ଥିତ ଭକ୍ତଚରଣ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସାନନ୍ଦ କୁମାର ସାହୁ ସମ୍ବର୍ଦ୍ଧିତ ହୋଇଥିଲେ। ଫାଉଣ୍ଡେଶନର ସଭ୍ୟା ଊର୍ମିଳା ପାଣିଗ୍ରାହୀ, ସୁପ୍ରୀତି ପ୍ରିୟଦର୍ଶିନୀଙ୍କ ସମେତ ସମସ୍ତ ସଭ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଟାଙ୍ଗୀ: ଗଡ଼ମାଣତ୍ରୀ ସ୍ଥିତ ମା'ରାମଚଣ୍ଡୀ ମନ୍ଦିର ପରିସରରେ ଅନୁଷ୍ଠିତ ଅଷ୍ଟମ ରାଜ୍ୟ ତୈଳିକ ବୈଶ୍ୟ ସାଧବ ସମାଜର ୪୪ତମ ମହାସଭାରେ ଉପସ୍ଥିତ ଅତିଥି।

# ଅଷ୍ଟମ ରାଜ୍ୟ ତୈଳିକ ବୈଶ୍ୟ ସାଧବ ସମାଜର ମହାସଭା

ଟାଙ୍ଗୀ,୧୦।୯(ରଘୁନାଥ ସାହୁ)

ଅଷ୍ଟମ ରାଜ୍ୟ ତୈଳିକ ବୈଶ୍ୟ ସାଧବ ସମାଜର ୪୪ତମ ମହାସଭା ଗଡ଼ମାଣତ୍ରୀ ସ୍ଥିତ ମା'ରାମଚଣ୍ଡୀ ମନ୍ଦିର ପରିସରରେ ସଭାପତି ରଘୁନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ କରୁଣାକର ଦଳସିଂହରାୟ ଯୋଗଦେଇଥିଲେ। ଏହି ବୈଠକରେ ବାଣପୁର, ନଇରୀ, କୁହୁଡି, ଟାଙ୍ଗୀ, ଚାନ୍ଦପୁର, ମଙ୍ଗଳାଯୋଡି, ସରପାରୀ, ମୁଗମଣ୍ଡା, ରଣପୁର, ସିକୋ, ଗୋଳବାଇ, ଗୋଡିପଦର ଅଞ୍ଚଳର ୫ଶହରୁ ଊର୍ଦ୍ଧ୍ୱ ତୈଳିକ ଭାଇ ଯୋଗଦେଇଥିଲେ। ପଞ୍ଚାୟତଠାରୁ ପାର୍ଲାମେଣ୍ଟ ପର୍ଯ୍ୟନ୍ତ ପଛୁଆବର୍ଗ ପାଇଁ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା, ସରକାରୀ ଚାକିରି ଓ ପଦୋନ୍ନତି କ୍ଷେତ୍ରରେ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣ, ଅଷ୍ଟମ ରାଜ୍ୟର ସ୍ଥାୟୀ ଗୃହ ନିର୍ମାଣ ଲାଗି ଟାଙ୍ଗୀ, ଚାନ୍ଦପୁର ଅଞ୍ଚଳରେ ଏକ ସରକାରୀ ଜାଗା ଓ ଅର୍ଥ ଯୋଗାଇଦେବାକୁ ଉପସଭାପତି ସୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବାକୁ ନିଷ୍ପତ୍ତି କରାଯାଇଥିଲା। ମାଣିକପୁର ପାଟଣାର କୃତୀ ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ, ଓଳସିଂହର ଜ୍ୟୋତି ରଞ୍ଜନ ସାହୁ, ଟାଙ୍ଗୀର ନିବେନ୍ଦୁ କୁମାର ସାହୁଙ୍କୁ ମାନପତ୍ର ସହ ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା। ସାଧାରଣ ସମ୍ପାଦକ ଭାଗୀରଥି ସାମନ୍ତରାୟ ଅତିଥି ପରିଚୟ ସହ ବିବରଣୀ ପାଠ କରିଥିଲେ। ଅଷ୍ଟମ ରାଜ୍ୟ ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ସାହୁ, ମଙ୍ଗଳାଯୋଡ଼ି ସଭାପତି ବିରଞ୍ଚି ନାରାୟଣ ସାହୁ, ସମ୍ପାଦକ ପ୍ରଦୀପ କୁମାର ସାହୁ, ନଇରୀ ସଭାପତି ଶିବ ପ୍ରସାଦ ପାଣି, ସମ୍ପାଦକ ଦିଲୀପ ସାହୁ, ମୁଗମଣ୍ଡା ସଭାପତି ପ୍ରଭାତ କୁମାର ସାହୁ, ସମ୍ପାଦକ ମାଧବ ସାହୁ, ବାଣପୁର ସଭାପତି ସୁଦର୍ଶନ ସାହୁ, ସିକୋ ସଭାପତି କୈଳାସ ଚନ୍ଦ୍ର ସାହୁ, ସମ୍ପାଦକ ବିଚିତ୍ରାନନ୍ଦ ସାହୁ, ଗୋଡିପଦର ସଭାପତି ସୁକାନ୍ତ ସାହୁ, ସମ୍ପାଦକ ବିଜୟ କୁମାର ସାହୁ, ସରପାରୀ ସଭାପତି ପ୍ରଭାକର ସାହୁ, ସମ୍ପାଦକ ବିଜୟ ସାହୁ, ରଣପୁର ସଭାପତି ତ୍ରିନାଥ ସାହୁ, ସମ୍ପାଦକ ବିଜୟ କୁମାର ସାହୁ, ଅଷ୍ଟମ ରାଜ୍ୟ କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସହସମ୍ପାଦକ ଭିକାରୀ ଚରଣ ସାହୁ ଧନ୍ୟବାଦ ଦେଇଥିଲେ। ଆସନ୍ତାବର୍ଷ ବାଣପୁରରେ ବାର୍ଷିକ ଅଧିବେଶନ କରାଯିବା ପାଇଁ ସ୍ଥିର ହୋଇଛି।

# ଏକତା, ସମନ୍ୱୟ ରଖି ସଙ୍ଗଠନ ପାଇଁ କାର୍ଯ୍ୟ କର

## ଟାଙ୍ଗୀସାହିରେ ଭାଜପାର କର୍ମୀ ସମ୍ମିଳନୀ

ବୋଲଗଡ଼,୧୦।୯(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଫାସିଓଦା ପଞ୍ଚାୟତ ଟାଙ୍ଗୀସାହିରେ ଆୟୋଜିତ ଭାଜପାର ଏକ ପଦଯାତ୍ରାରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେବା ସହିତ ମା' ଶିଖରବାସିନୀ ମଙ୍ଗଳାଙ୍କ ପଡିଆଠାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ଯୋଗଦେଇଥିଲେ। ଏହି ଅବସରରେ ଏମ୍‌ପି ଷଡ଼ଙ୍ଗୀ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିବା ସହ ସମାଧାନ ପାଇଁ ଚେଷ୍ଟା କରିବେ କହିଥିଲେ। ଏହା ପରେ ବୁଥସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କ ସହିତ ବୈଠକରେ ଆବଶ୍ୟକ ଉନ୍ନୟନମୂଳକ କାର୍ଯ୍ୟ ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା କରିଥିଲେ। ବୋଲଗଡ଼ ମଣ୍ଡଳ ଭାଜପା ସାଧାରଣ ସମ୍ପାଦକ ଆର୍ତ୍ତବନ୍ଧୁ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏମ୍‌ପିଙ୍କ ପ୍ରତିନିଧି ପ୍ରକାଶ ରଣବିଜୁଳି, ମଣ୍ଡଳ ସଭାପତି ରଘୁନାଥ ଷଡ଼ଙ୍ଗୀ, ଦୀନବନ୍ଧୁ ପରମଗୁରୁ, ବିନୋଦ ମହାରଣାଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ମୋ ଦେଶ ମୋ ମାଟି କାର୍ଯ୍ୟକ୍ରମରେ ବୋଲଗଡ ଅଞ୍ଚଳର ସ୍ୱାଧୀନତା ସଂଗ୍ରାମର ସ୍ମୃତିବହନ କରୁଥିବା ସ୍ଥାନରୁ ମାଟି ସଂଗ୍ରହ ପରେ ନୂଆଦିଲ୍ଲୀକୁ ପଠାଯାଇଥିଲା। ଭାଜପା କର୍ମୀମାନେ ଲୋକମାନଙ୍କୁ ସାହାଯ୍ୟ କରିବା ସହ ଦଳରେ ସମସ୍ତଙ୍କ ମଧ୍ୟରେ ଏକତା ଓ ସମନ୍ୱୟ ରଖି ସଙ୍ଗଠନ ପାଇଁ କାର୍ଯ୍ୟ କରିବାକୁ ଏମ୍‌ପି ଷଡ଼ଙ୍ଗୀ ପରାମର୍ଶ ଦେଇଥିଲେ। ଫାସିଓଦା ପଞ୍ଚାୟତର ସଭାପତି ରାଘବ ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।



ଭାଜପାର କର୍ମୀ ସମ୍ମିଳନୀରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ଅନ୍ୟମାନେ।

# ସ୍ଥିତିବାନ ଜମି ଦଖଲକୁ ନେଇ ଅସନ୍ତୋଷ

ଜଟଣୀ,୧୦।୯(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ବାଛରାଠାରେ ପ୍ରସ୍ତାବିତ ହିଲଟପ ପାର୍କ ନିର୍ମାଣ ପାଇଁ ସ୍ଥିତିବାନ ଜମି ଅଧିଗ୍ରହଣକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ୮କୋଟି ଟଙ୍କା ବ୍ୟୟରେ ୩୩ଏକର ଜମିରେ ହିଲଟପ ପାର୍କ ନିର୍ମାଣ ହେବ। ପାହାଡ଼ ଚାରିପଟେ ଥିବା ସରକାରୀ ଜମି ଓ ମୁଣ୍ଡିଆକୁ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରିଛନ୍ତି। ତେବେ ପ୍ରଶାସନ ଜବରଦଖଲ ଉଚ୍ଛେଦ ନ କରି ବିମ୍ବାଧର ନାୟକ, ଦିପ୍ତିମୟୀ ନାୟକ, ଲିଙ୍ଗରାଜ ନାୟକ, କପିଳେନ୍ଦ୍ର ନାୟକ, ସ୍ୱର୍ଗତ କୀର୍ତ୍ତନ ବେହେରା, ଅପର୍ତ୍ତି ବେହେରା, ପବିତ୍ର ବେହେରା, ଲକ୍ଷ୍ମୀଧର ସାହୁ ଏବଂ ପେଣ୍ଠ ନାମରେ ରହିଥିବା ପ୍ଲଟ ନଂ.୩୬୬ର ୧ ଏକର ୭୩୦ ଡିସିମିଲ ସ୍ଥିତିବାନ ଜମିକୁ ପ୍ରଶାସନ ଦଖଲ କରି କାର୍ଯ୍ୟ କରୁଛି ବୋଲି ଉକ୍ତ ଜମିର ଦାବିଦାର ଅସନ୍ତୋଷ ପ୍ରକାଶ କରିଛନ୍ତି। ଉକ୍ତ ଜମିର ସୀମା ନିର୍ଦ୍ଧାରଣ ପାଇଁ ୩୦/୦୭/୨୦୨୩ ରେ ଜଟଣୀ ତହସିଲ କାର୍ଯ୍ୟାଳୟରେ ୩୪୫/୨୩ ରେ ମାମଲା ରୁଜୁ ହୋଇଛି। ମାପ ପାଇଁ ତହସିଲ ପ୍ରଶାସନ ପକ୍ଷରୁ ଅର୍ଡର ହୋଇଥିବା ବେଳେ ଉକ୍ତ ଜମିକୁ ଜଙ୍ଗଲ ବିଭାଗ ଦଖଲକୁ ନେବାକୁ ଯୋଜନାକୁ ନେଇ ସନ୍ଦେହ ପ୍ରକାଶ କରିବା ସହିତ ଜମି ମାଲିକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ସୋମବାର ଉକ୍ତ ହିଲଟପ ପାର୍କ ନିର୍ମାଣ ପାଇଁ ବ୍ୟାପକ ଚାରାରୋପଣ କରାଯିବ।



ଜମି ମାଲିକମାନେ ପ୍ରତିବାଦ କରୁଛନ୍ତି।

# ଆକର୍ଷଣ ସାଜିବ ଚତୁର୍ଦ୍ଧାମୂର୍ତ୍ତିଙ୍କ ୨୦ ବେଶ



ନିର୍ମାଣ ହେବାକୁ ଥିବା ତୋରଣ ଏବଂ ଲାଇଟ ଗେଟ୍‌ର ନକଲ।

## ଗୋପବନ୍ଧୁ ବଜାର ବ୍ୟବସାୟୀ ସଂଘ ପୂଜା କମିଟି

- ପୂଜା ପାଇବେ ୮ଫୁଟ୍ ଉଚ୍ଚର ଗଣେଶ
- ୬୦କେଜିର ଲଡୁ ଲାଗିହେବ

ଜଟଣୀ,୧୦।୯(ରବୀନ୍ଦ୍ର ନାଥ ମହାକୁଡ଼)

ଗଣେଶପୂଜା ପାଇଁ ଚଳଚଞ୍ଚଳ ହୋଇଉଠିଛି ଜଟଣୀ ସହର। ଏଥିପାଇଁ ବିଭିନ୍ନ ବ୍ୟବସାୟୀ ସଂଘ, ସାହିବସ୍ତି ଓ କ୍ଲବ ପକ୍ଷରୁ ଧୁମଧାମରେ ଗଣେଶପୂଜା ପାଳନ ପାଇଁ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି। ସମସ୍ତେ ନିଜ ତୋରଣକୁ ଅନ୍ୟଠୁ ଭିନ୍ନ ଓ ଆକର୍ଷଣୀୟ ଢଙ୍ଗରେ ପ୍ରସ୍ତୁତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଗୋପବନ୍ଧୁ ବ୍ୟବସାୟୀ ସଂଘ ପୂଜା କମିଟି ମଧ୍ୟ ଜୋରଦାର ପ୍ରସ୍ତୁତି ଚଳାଇଛି। ଏଥର ୬୦ ଫୁଟ ଉଚ୍ଚର ସୁନ୍ଦର କପଡା ତୋରଣ ସହିତ ୫୦ ଫୁଟର ଡିଜିଟାଲ ଲାଇଟ ଗେଟ୍ ଦର୍ଶକଙ୍କୁ ଆକୃଷ୍ଟ କରିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ପୂଜାରେ ୧୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବାକୁ ଥିବା ବେଳେ ଦର୍ଶକ ତଥା ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିବା ପାଇଁ ପୂଜା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶ୍ରଦ୍ଧାଳୁ ମଣ୍ଡପରେ ୮ ଫୁଟ୍‌ର ଗଣେଶଙ୍କ ସହିତ ମା'ଲକ୍ଷ୍ମୀ ଏବଂ ସରସ୍ୱତୀଙ୍କୁ ଦର୍ଶନ କରିବେ। ଏଥିସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୨୦ଟି ବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଗହଳି ଜମିବ ବୋଲି କମିଟି ଆଶା ରଖିଛି। ଗଣେଶ ପୂଜା ଆରମ୍ଭ ଏବଂ ଭସାଣି ଦିନ କମିଟି ପକ୍ଷରୁ ପ୍ରଭୁଙ୍କ ନିକଟରେ ବିଭିନ୍ନ ଫଳ ଓ ମିଷ୍ଟାନ୍ନ ଭୋଗ ଲାଗି ହୋଇଥାଏ। ପ୍ରତିଦିନ ପାଳି ମୁତାବକ ସ୍ଥାନୀୟ ବ୍ୟବସାୟୀ ବିଭିନ୍ନ ଭୋଗ ଲାଗି କରିଥାନ୍ତି। ଭସାଣି ଦିନ ପ୍ରଭୁଙ୍କ ନିକଟରେ ଖେଚୁଡ଼ି ଭୋଗ କରାଯାଇଥାଏ। ଯାହାକୁ ଭସାଣି ଯାତ୍ରାରେ ସାମିଲ ହୋଇଥିବା ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯାଇଥାଏ। ପ୍ରତିବର୍ଷ ଭଳି ଏଥର ମଧ୍ୟ ଠାକୁରଙ୍କ ନିକଟରେ ୬୦କେଜିର ଲଡୁ ଲାଗି ହେବା ସହିତ ପୂଜା ସମୟରେ ଏକ କାର୍ଯ୍ୟକ୍ରମରେ ଉକ୍ତ ଲଡୁକୁ ନିଲାମ କରାଯିବ। ପୂଜା ସମୟରେ ଏଠାରେ ଲୋକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ଓ ଟ୍ରାଫିକ ସମସ୍ୟା ଦୂର ପାଇଁ କମିଶନରେଟ ପୋଲିସ ସହିତ କେତେଜଣ ଭଲ୍ୟୁଣ୍ଟିଅର ନିୟୋଜିତ ହେବେ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି।

## ଏମାନେ ଯାହା କୁହନ୍ତି...



"ଏହି ମଣ୍ଡପରେ କେବଳ ଗଣେଶ ପୂଜା ପାଉଥିଲେ। ତେବେ ଗତ ୨୦ବର୍ଷ ହେବ ମଣ୍ଡପରେ ତ୍ରିମୂର୍ତ୍ତି ପୂଜା ପାଇଆସୁଛନ୍ତି। ୯୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ପ୍ରତିଷ୍ଠାନର ମାଲିକଙ୍କ ସହଯୋଗରେ ପୂଜା ହେଉଛି। ଗଣେଶ ପୂଜାରେ ବର୍ତ୍ତମାନ ପ୍ରତିଯୋଗିତା ହେଉଥିବାରୁ ଖର୍ଚ୍ଚ ବଢ଼ିଛି। ଏଥର ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ୨୦ବେଶ ସହିତ ୯ ଦିନ ବ୍ୟାପୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

**- ସୁରେନ୍ଦ୍ର କୁମାର ସାହୁ, ଗୋପବନ୍ଧୁ ଛକ ବ୍ୟବସାୟୀ ସଂଘ, ସଭାପତି**



"ଏହି ମଣ୍ଡପରେ ଗଣେଶ ପୂଜା ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍କଣ୍ଠା ରହିଥାଏ। ଏଠାରେ ପ୍ରଥମେ ସବୁଠାରୁ ବଡ଼ ଲଡୁ ଠାକୁରଙ୍କ ନିକଟରେ ଲାଗି ହେବା ଓ ପରବର୍ତ୍ତୀ ସମୟରେ ଏହାର ନିଲାମ ପ୍ରକ୍ରିୟା ଆରମ୍ଭ ହୋଇଥାଏ। ଭିଡ଼କୁ ଦୃଷ୍ଟିରେ ରଖି ଟ୍ରାଫିକ ବ୍ୟବସ୍ଥା ଓ ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ, ଯାହା ଦର୍ଶକଙ୍କୁ ଆନନ୍ଦ ପ୍ରଦାନ କରିବା ସହ ଭାଇଚାର ସୃଷ୍ଟି ସଂଘର ମୁଖ୍ୟ ଉଦ୍ଦେଶ୍ୟ।

**- ବିଷ୍ଣୁପ୍ରସାଦ ରାଉତ, ଗୋପବନ୍ଧୁ ଛକ ବ୍ୟବସାୟୀ ସଂଘ, ସମ୍ପାଦକ**

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୦।୯।୨୦୨୩

| | |
|---|---|
| ୬,୩୬,୮୪୫ ଟଙ୍କା | |
| ସୁନା | ୨୦୦ ମିଲିଗ୍ରାମ୍ |
| ରୁପା | ୧୨.୨୦୦ ଗ୍ରାମ୍ |

# କାଳୀୟଦଳନ ବେଶରେ ଦର୍ଶନ ଦେଲେ ସାକ୍ଷୀଗୋପାଳ

### ଆକର୍ଷଣୀୟ ରାଧାକୁଣ୍ଡରେ ଦେବନୀତି ସମ୍ପନ୍ନ

ସାକ୍ଷୀଗୋପାଳ,୧୦।୯ (କିଶୋର ମହାପାତ୍ର/ ପ୍ରଶାନ୍ତ ବାରିକ/ଭରତ ରାଉତ)

ଭାଦ୍ରବ କୃଷ୍ଣପକ୍ଷ ଏକାଦଶୀ ତିଥି ରବିବାର ସାକ୍ଷୀଗୋପାଳ ମନ୍ଦିରରେ ପରମ୍ପରାକ୍ରମେ ଠାକୁରଙ୍କ କାଳୀୟଦଳନ ପର୍ବ ଦେବନୀତି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାକ୍ଷୀଗୋପାଳ ଠାକୁର କାଳୀୟଦଳନ ବେଶରେ ସଜ୍ଜିତ ହୋଇଥିଲେ। ରତ୍ନ ସିଂହାସନ ଉପରେ ଠାକୁରଙ୍କ ଛଦାଚରଣ ଓ ଶ୍ରୀଭୁଜକୁ ଲୁଚାଇ ଦିଆଯାଇ ସୋଲରେ ତିଆରି ଖଞ୍ଜା ଶ୍ରୀପୟର, ଚତୁର୍ଭୁଜ ଖଞ୍ଜି ଦିଆଯାଇଥିଲା। ଦର୍ଜି ଓ ମଣ୍ଡଣୀ ସୁଆଁସିଆ ସେବକ ପ୍ରସ୍ତୁତ କରିଥିବା କାଳୀୟ ନାଗ ଠାକୁରଙ୍କ ଚତୁଃପାର୍ଶ୍ୱରେ ଲଗାଯାଇଥିବାବେଳେ ସପ୍ତଫେଣି ନାଗ ଉପରେ ଠାକୁର ଦଣ୍ଡାୟମାନ ହୋଇ ଗୋଟିଏ ହାତରେ ସର୍ପର ଲାଞ୍ଜ ଧରି ବିଷଧରକୁ ନିୟନ୍ତ୍ରଣ କରୁଥିବା ଦୃଶ୍ୟ ଦେଖି ଭକ୍ତ ବିମୋହିତ ହୋଇଥିଲେ। ଦୈନନ୍ଦିନ ଦେବନୀତି ସହିତ ଗୋଧନ ବାହୁଡ଼ା ଭୋଗ ପରେ ସାକ୍ଷୀଗୋପାଳଙ୍କ ବିଜେ ପ୍ରତିମା ମଦନମୋହନ ଓ ଲବଣି ଚୋରା ଠାକୁର ବିମାନରେ ରଙ୍ଗଣି ସାହିସ୍ଥିତ ଲବଣିଖିଆ ମଣ୍ଡପକୁ ବିଜେ କରିଥିଲେ। ମହାଭୋଇ କୁଳର କୂଳବଧୂମାନେ ଠାକୁରଙ୍କ ବନ୍ଦାପନା କରିଥିଲେ। ଏହି ବିଧି ସମ୍ପନ୍ନ ପରେ ଠାକୁର ବିମାନ ଯୋଗେ ରାଧାକୁଣ୍ଡକୁ ବିଜେ କରି ସେଠାରେ ପନ୍ତିଭୋଗ, ଆଳତି, ଉପଚାର ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କ ଏହି ଲୀଳାରେ ଜଣେ ସେବାୟତ ଶ୍ରୀକୃଷ୍ଣ ବେଶରେ, ମଣ୍ଡଣି ସୁଆଁସିଆ ସେବକ କାଳୀୟ ନାଗ ବେଶରେ ଓ ଅନ୍ୟ ଜଣେ ବିଶୋଇ ସେବକ ଗରୁଡ଼ ବେଶ ଧାରଣ କରିଥିଲେ। ପ୍ରଚଳିତ କଥା ଅନୁଯାୟୀ, କଂସ ମହାରାଜଙ୍କ ଆଦେଶରେ କାଳନ୍ଦୀ ହ୍ରଦକୁ ଲକ୍ଷେ ପଦ୍ମ ତୋଳିବାକୁ ଯାଇଥିବା ଶ୍ରୀକୃଷ୍ଣ କାଳୀୟ ନାଗ ଦଂଶନରେ ମୂର୍ଚ୍ଛିତ ହୋଇଥିଲେ। କୃଷ୍ଣଙ୍କ ବିଷହରଣ କରିବାକୁ ଗରୁଡ଼ ସେବା କରିଥିଲେ। ନୂତନ ଭାବେ ଆକର୍ଷଣୀୟ କରାଯାଇଥିବା ରାଧାକୁଣ୍ଡ ପୁଷ୍କରିଣୀରେ ଠାକୁରଙ୍କ କୃତ୍ରିମ କାଳୀୟ ହ୍ରଦରେ ଏହି ଲୀଳା ଦେବନୀତି ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲଗିଥିଲା। ଘଣ୍ଟ ବଜାଇ ମଶାଲ ଜଳାଇ ଅଣ୍ଟାରେ ଘଣ୍ଟିଘାଗୁଡି ମାଳ, ମୁଣ୍ଡରେ ମୁକୁଟ, ଲମ୍ବା ନାକ, ଭୁଜରେ ଡେ଼ଣା ବାନ୍ଧି ସେଠାରେ ଗରୁଡ଼ ପହଞ୍ଚି ଶ୍ରୀକୃଷ୍ଣଙ୍କୁ ଡେଣାରେ ଝାଡ଼ିବା ସହିତ ଅମୃତ ଲଡୁ ଖୁଆଇ ବିଷ ହରଣ କରିଥିଲେ। ସ୍ଥାନୀୟ ଗୋପାଳପୁରପାଟଣା ଗ୍ରାମର ଠାକୁରଙ୍କ ବିଶୋଇ ସେବକ ନାରାୟଣ ମହାପାତ୍ର ବଂଶାନୁକ୍ରମିକ ଭାବେ ଏହି ଗରୁଡ଼ ସେବା ସମ୍ପନ୍ନ କରୁଥିବାବେଳେ କୃଷ୍ଣ ସେବାରେ ଚିତ୍ତରଞ୍ଜନ ଶତପଥୀ ସାମିଲ ହୋଇଥିଲେ। ବିଳମ୍ବିତ ରାତିରେ ଠାକୁର ମନ୍ଦିରକୁ ଫେରିବା ପରେ ସାକ୍ଷୀଗୋପାଳ ଠାକୁରଙ୍କ କାଳୀୟ ଦଳନ ବେଶ ଦର୍ଶନ ଦେଇଥିଲେ।



ଠାକୁରଙ୍କୁ ଶୋଭାଯାତ୍ରାରେ ନିଆଯାଉଛି ।



କାଳୀୟଦଳନ ନୀତି ପାଇଁ ଗରୁଡ ସେବକ ରାଧାକୃଷ୍ଣ ପୁଷ୍କରିଣୀକୁ ଯାଉଛନ୍ତି ।

## ସଂକ୍ଷେପରେ

### ମିର୍ଜାପୁର ଗାଁରେ ଖୋଲିବ ଡାକଘର

ପୁରୀ,୧୦।୯(ଅଜିତ ମହାନ୍ତି):

କୃଷ୍ଣପ୍ରସାଦ ବ୍ଲକ ମାଣିକ ପଞ୍ଚାୟତର ମିର୍ଜାପୁର ଗାଁରେ ଡାକଘର ନ ଥିବାରୁ ଗ୍ରାମବାସୀ ସରକାରଙ୍କ ଅନେକ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏପରିକି ଅନେକ ସମସ୍ୟା ଦେଇ ଗତି କରୁଛନ୍ତି। ଏହି ବିଷୟରେ ମାଣିକ ପଞ୍ଚାୟତର ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତାଙ୍କ ମାଧ୍ୟମରେ ଅବଗତ ହେଲା ପରେ ଦଳର ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ମିର୍ଜାପୁର ଗାଁକୁ ଯାଇ ସେମାନଙ୍କ ସମସ୍ୟା ବୁଝିଥିଲେ। ମିର୍ଜାପୁର ଗାଁରେ ଯଥାଶୀଘ୍ର ଡାକଘର ପ୍ରତିଷ୍ଠା ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ। ରବିବାର ସମ୍ବିତ ଓଡ଼ିଶାର ପୋଷ୍ଟମାଷ୍ଟର ଜେନେରାଲ ଶୁଭେନ୍ଦୁ କୁମାର ସ୍ୱାଇଁଙ୍କୁ ଭେଟି ମିର୍ଜାପୁର ଗାଁରେ ଡାକଘର ପ୍ରତିଷ୍ଠା ପାଇଁ ଆଲୋଚନା କରି ଦାବିପତ୍ର ଦେଇଥିଲେ। ଏହାପରେ ମିର୍ଜାପୁର ଗାଁରେ ଅତିଶୀଘ୍ର ଡାକଘର ପ୍ରତିଷ୍ଠା କରାଯିବ ବୋଲି ସମ୍ବିତ ପ୍ରତିଶ୍ରୁତି ଦେଇଛନ୍ତି। ଏହା ସ୍ଥାନୀୟ ଅଞ୍ଚଳର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ କହିଛନ୍ତି।

### ଅପହୃତ ବିଜେଡି କର୍ମୀଙ୍କୁ ଧରିଲା ପୋଲିସ

#### ରାଗି ଯାଇ କୁଆଡ଼େ ପଳାଇଥିଲେ

ଗୋପ,୧୦।୯(ଭାରତୀ ଭୂଷଣ ଉପାଧ୍ୟାୟ)

୩ ଦିନ ପୂର୍ବରୁ ଅପହୃତ ହୋଇଥିବା ଅସନ୍ତୁଷ୍ଟ ବିଜେଡି କର୍ମୀ ରାଧାଶ୍ୟାମ ଭୋଳଙ୍କୁ ପୋଲିସ ରବିବାର ବ୍ରହ୍ମପୁର ଅଞ୍ଚଳର ଗୋପାଳପୁରରୁ ଧରିଛି। ପୋଲିସ ତାଙ୍କୁ ନେଇ ଜେରା କରୁଥିବା ଜଣାପଡିଛି। ତେବେ ରାଧାଶ୍ୟାମଙ୍କୁ କେହି ଅପହରଣ କରି ନ ଥିବାବେଳେ ତାଙ୍କୁ ଅଶ୍ଳୀଳ ଭାଷାରେ କିଛି ଲୋକ ଗାଳିମନ୍ଦ କରିଥିବାରୁ ସେ ଅତ୍ୟଧିକ ରାଗି ଯାଇ ପଳାଇ ଯାଇଥିବା କହିଛନ୍ତି। ସୂଚନା ମୁତାବକ, ଗତ ୮ ତାରିଖ ଅପରାହ୍ନରେ ରାଧାଶ୍ୟାମ କିଛି ଅସନ୍ତୁଷ୍ଟ ବିଜେଡି କର୍ମୀଙ୍କ ସହ ମିଶି ଭୋଜି କରୁଥିଲେ। ସେହି ସମୟରେ ୪ ଜଣ ଯୁବ ବିଜେଡି କର୍ମୀ ସେଠାରେ ପହଞ୍ଚି ତାଙ୍କୁ ଅପହରଣ କରିନେଇଥିବା ତାଙ୍କ ସ୍ତ୍ରୀ ପୁଷ୍ପଲତା ଭୋଳ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୩୬୩/୨୩ରେ ଏକ ମାମଲା ରୁଜୁ କରି ରାଧାଶ୍ୟାମଙ୍କୁ ଖୋଜିଥିଲେ ମଧ୍ୟ ପାଇ ନ ଥିଲା। ପରଦିନ ସକାଳୁ ଅଭିଯୋଗ ହୋଇଥିବା ୪ ଜଣ ଯୁବ ବିଜେଡି କର୍ମୀଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଥିଲା। କିନ୍ତୁ ପରେ ଅଟକ ୪ ଜଣଙ୍କୁ ଜାମିନ୍‌ରେ ଛାଡ଼ିଥିଲା। ପରେ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ଅପହୃତ ରାଧାଶ୍ୟାମଙ୍କୁ ନିଜ ହେପାଜତକୁ ନେଇଥିବା ଥାନା ଅଧିକାରୀ ମହେଶ୍ୱର ସେଠୀ କହିଛନ୍ତି।

# ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ, ୨ ଗିରଫ

ବଳଙ୍ଗା,୧୦।୯(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅଧୀନ କେତକୀପାଟଣା ବିଶ୍ୱନାଥ ଦେଉଳି ଗ୍ରାମରେ ଜମିବାଡ଼ି ବିବାଦକୁ ନେଇ ଗୋଷ୍ଠୀ ସଂଘର୍ଷ, ବାଇକ ଭଙ୍ଗାରୁଜା ଘଟଣାରେ ପୋଲିସ ରବିବାର ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, ସନ୍ତୋଷ ନାୟକ ଓ ବିପିନ ନାୟକ। ଏନେଇ ପୋଲିସ ୧୭୨/୨୩ ଓ ୧୭୩/୨୩ରେ ପୃଥକ୍ ପୃଥକ୍ ୨ଟି ମାମଲା ରୁଜୁ କରିଛି।

ପ୍ରକାଶ ଯେ, ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଗ୍ରାମର ଖୋଲଣା ନାୟକ ଓ ବିଜୟ ନାୟକଙ୍କ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ସନ୍ତୋଷ ନାୟକ, ରାକେଶ ନାୟକ, ଦୁଃଖୀ ନାୟକ, କୁଞ୍ଜ ନାୟକ ଓ ସୁରେଶ ନାୟକ ପ୍ରମୁଖ ଶୁକ୍ରବାର ରାତିରେ ଏକତ୍ରିତ ହୋଇ ବିଜୟଙ୍କ ଘରକୁ ଯାଇ ତାଙ୍କ ସ୍ତ୍ରୀ ସ୍ୱର୍ଣ୍ଣଲତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି କବାଟକୁ ଢେଲାପଥର ମାଡ଼ କରିଥିଲେ। ବିଜୟ ଏହାର ପ୍ରତିବାଦ କରିବାରୁ ସେମାନେ କାଠ ଫାଳିଆରେ ବିଜୟଙ୍କୁ ମାଡ଼ ମାରି ରକ୍ତାକ୍ତ କରିଦେଇଥିବା ସ୍ୱର୍ଣ୍ଣଲତା ଥାନାରେ ଅଭିଯୋଗ କରିଛନ୍ତି। ସେହିଭଳି ଗ୍ରାମର ସ୍ୱର୍ଗତ ରବୀନ୍ଦ୍ର ନାୟକଙ୍କ ସ୍ତ୍ରୀ ଖୋଲଣା ତାଙ୍କ ପୁଅ ରାକେଶଙ୍କ ସହ ବଳଙ୍ଗା ଥାନାରୁ ଅଭିଯୋଗ କରି ଘରକୁ ଫେରୁଥିବାବେଳେ ମସୁଧା ଗାଁ ଛକରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ବିପିନ ନାୟକ, ବିଦ୍ୟାଧର ନାୟକ, ବିଜୟ ନାୟକ ଓ ଦିନୁ ନାୟକ ବିଭିନ୍ନ ମାରଣାସ୍ତ୍ର ଧରି ରାକେଶଙ୍କୁ ଆକ୍ରମଣ କରିଥିଲେ। ଏଥିସହ ତାଙ୍କ ବାଇକ ଭାଙ୍ଗି ଦେଇଥିବା ରାକେଶଙ୍କ ମା' ଖୋଲଣା ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ସ୍ୱର୍ଣ୍ଣଲତାଙ୍କ ଅଭିଯୋଗ ଆଧାରରେ ବଳଙ୍ଗା ପୋଲିସ ପକ୍ଷରୁ ଥାନାରେ ୧୭୨/୨୩ ଓ ଖୋଲଣାଙ୍କ ଅଭିଯୋଗ ଆଧାରରେ ୧୭୩/୨୩ରେ ମାମଲା ରୁଜୁ କରାଯାଇଛି।

# ଆପରାଧିକ କାର୍ଯ୍ୟକଳାପ ରୋକିବ 'କ୍ଲିନ୍ ପୁରୀ'

ପୁରୀ,୧୦।୯( ଅଜିତ୍ ମହାନ୍ତି)

ପୁରୀ ସହରରେ ଦିନକୁ ଦିନ ଆପରାଧିକ କାର୍ଯ୍ୟକଳାପ ବଢୁଥିବାବେଳେ ଏହାକୁ ରୋକିବାକୁ ପୋଲିସ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ପୁରୀରେ କିଛିଦିନ ତଳେ ପୋଲିସ ବିଭାଗରେ ବଦଳି ହେବା ପରେ ସହର ଆପରାଧିକ କାର୍ଯ୍ୟକଳାପ ବଢୁଥିବା ଦେଖିବାକୁ ମିଳିଛି। କିଛି ଦିନ ହେବ ଡାକାୟତି ଯୋଜନା ସହ ଅନେକ ସମୟରେ ହତ୍ୟାକାଣ୍ଡ ପରି ଘଟଣା ସାମ୍ନାକୁ ଆସୁଛି। ଯାହାକୁ ନିୟନ୍ତ୍ରଣ କରିବାକୁ ପୋଲିସ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ଡ୍ରାଇଭ ଚାଲିଥିବାବେଳେ ଗତ ୩ ଦିନ ହେବ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସିଟି ଡିଏସ୍‌ପିଙ୍କ ନେତୃତ୍ୱରେ କ୍ଲିନ ପୁରୀ ନାମକ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ ହୋଇଛି। ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ମଦ୍ୟପଙ୍କଠାରୁ ବିଭିନ୍ନ ନିଶା କାରବାର, ରୋଡ଼ ରୋମିଓ, ଲୁଟେରା, ଅସାମାଜିକ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରୁଛି। ରବିବାର ମଧ୍ୟ ସହରର ବିଭିନ୍ନ ସ୍ଥାନରେ ପୋଲିସ ପକ୍ଷରୁ ଚଢ଼ାଉ ହୋଇଛି। କାରାଗାର ମଧ୍ୟରେ ନିଶା ଦ୍ରବ୍ୟ କାରବାର ହେବା ସହ ଆପରାଧିକ କାର୍ଯ୍ୟକଳାପ ହେଉଥିବା ନେଇ ଅନେକ ସମୟରେ ଅଭିଯୋଗ ହୋଇ ଆସୁଥିଲା। ସିଟି ଡିଏସ୍‌ପି ପ୍ରଶାନ୍ତ ସାହୁଙ୍କ ନେତୃତ୍ୱରେ ସହରର ବିଭିନ୍ନ ଥାନାର ଅଧିକାରୀ ପୁରୀ କାରାଗାରକୁ ଯାଇ ଜେଲ୍ ପ୍ୟାରେଡ କରିବା ସହ ଜେଲ୍ ଅନୁଧ୍ୟାନ କରିଛନ୍ତି। ଜେଲରେ ଥିବା ଅଭିଯୁକ୍ତଙ୍କ ତଥ୍ୟ ଯାଞ୍ଚ କରାଯାଇଥିଲା। ଅପରପକ୍ଷେ ଜେଲ୍‌ରୁ ମୁକୁଳି ଥିବା ଅପରାଧୀଙ୍କ ବିଷୟରେ ମଧ୍ୟ ପୋଲିସ ପକ୍ଷରୁ ଯାଞ୍ଚ ହୋଇଛି। ଅନ୍ୟାନ୍ୟ ତଥ୍ୟ ପୋଲିସ ଜେଲ୍ ପରିସରରୁ ସଂଗ୍ରହ କରିଛି। ଅପରାଧୀଙ୍କ ସମ୍ପର୍କରେ ପୋଲିସ ସୂଚନା ଦେବାକୁ ଜେଲ୍ କର୍ତ୍ତୃପକ୍ଷଙ୍କୁ ସୂଚନା ଦିଆଯାଇଛି। ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ପ୍ରୟାସ ଆରମ୍ଭ ହୋଇଛି।




ପୁରୀ ସଂସ୍କୃତି ଭବନ ପରିସରରେ ହାପିନେସ୍ ଫାଉଣ୍ଡେଶନ ତରଫରୁ ରଥଯାତ୍ରା ସେବା ସମ୍ମାନରେ ସମ୍ମାନିତ ସ୍ୱେଚ୍ଛାସେବୀମାନେ ।

# ରଥଯାତ୍ରା ସେବା ସମ୍ମାନ ମହୋତ୍ସବ

ପୁରୀ, ୧୦।୯(ଅଜିତ ମହାନ୍ତି):

ସଂସ୍କୃତି ଭବନ ପରିସରରେ ସାମାଜିକ ଅନୁଷ୍ଠାନ ହାପିନେସ୍ ଫାଉଣ୍ଡେଶନ ତରଫରୁ ରଥଯାତ୍ରା ସେବା ସମ୍ମାନ-୨୦୨୩ ମହୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହାପିନେସ୍ ଫାଉଣ୍ଡେଶନ ଓ ଏହାର ଷ୍ଟୁଡେଣ୍ଟ ୟୁନିଟ୍ 'ସେବା ପରମ ଧର୍ମ'ର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀଙ୍କୁ ପ୍ରଶଂସାପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଦେବସ୍ନାନ ପୂର୍ଣ୍ଣିମା, ରଥଯାତ୍ରା, ବାହୁଡ଼ାଯାତ୍ରା ଓ ସୁନାବେଶ ସମୟରେ ଶ୍ରଦ୍ଧାଳୁଙ୍କୁ ସର୍ବତ ଓ ପାଣି ବଣ୍ଟନ, ସଫେଇ କାର୍ଯ୍ୟକ୍ରମ, ଆମ୍ବୁଲାନ୍ସ କରିଡ଼ର, ଟ୍ରାଫିକ ନିୟନ୍ତ୍ରଣରେ ସମର୍ପିତ ସେବାକାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଜରୁରିକାଳୀନ ବିଭାଗର ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା ଓ ମୁଖ୍ୟବକ୍ତା ଭାବେ ପୁରୀ ପୌରପାଳିକାର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ କୁମାର ବେହେରା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୁରୀ ଟ୍ରାଫିକ ଡିଏସ୍‌ପି କିରନ୍ ହେମ୍ବ୍ରମ୍, ବିଶିଷ୍ଟ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଏବଂ ନେହେରୁ ଯୁବକେନ୍ଦ୍ରର ଜିଲା ଯୁବ ଅଧିକାରୀ ଜୟଶଙ୍କର ଯୋଶୀ ପ୍ରମୁଖ ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ପ୍ରେରଣାଦାୟକ ଭାଷଣ ଦେବା ସହ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସଭାପତି ଇଂ. ପ୍ରଦୀପ୍ତ କୁମାର ପ୍ରଧାନ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧନା କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଶ୍ୟାମପ୍ରକାଶ ସେନାପତି ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ ସମ୍ପାଦକ ସୌମ୍ୟ ରଞ୍ଜନ ସାହୁ ଓ ଗଭର୍ନିଂ ବଡି ମେମ୍ବର ସିଦ୍ଧେଶ୍ୱର ମିଶ୍ର, ସୌମ୍ୟ ରଞ୍ଜନ ବଡ଼ୁଆ, ଜଗବନ୍ଧୁ ବାରିକ୍, ସଂଯୋଜକ ଶମ୍ଭୁ ମହାନ୍ତି, ବିଜୟ କୁମାର ଉପାଧ୍ୟାୟ, ଯଜ୍ଞ ପ୍ରସାଦ ସାହୁ, ଅରବିନ୍ଦ ସାହୁ ଓ ସଂଯୋଜିକା ଜ୍ୟୋତିର୍ମୟୀ ଦାଶ, ମାମିନା ପ୍ରଧାନ, ମୋନାଲିସା ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ସମୁଦ୍ରରେ ଭାସିଯିବାବେଳେ ପର୍ଯ୍ୟଟକ ଉଦ୍ଧାର

ପୁରୀ, ୧୦।୯(ଅଜିତ ମହାନ୍ତି):

ସମୁଦ୍ରରେ ଭାସିଯାଉଥିବାବେଳେ ଜଣେ ବଙ୍ଗୀୟ ପର୍ଯ୍ୟଟକଙ୍କୁ ଲାଇଫଗାର୍ଡ ଉଦ୍ଧାର କରିଛନ୍ତି। ରବିବାର ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ପଶ୍ଚିମବଙ୍ଗରୁ ପୁରୀ ବୁଲିବାକୁ ଆସିଥିବା ନାରାୟଣ ପାଲ(୨୦) ପରିବାର ସହ ପୁରୀ ବେଳାଭୂମିର ସେକ୍ଟର ୧୨ ସମୁଦ୍ରରେ ଗାଧୋଉଥିଲେ। ଏହି ସମୟରେ ହଠାତ୍ ବଡ଼ ଲହଡ଼ି ମାଡ଼ରେ ସେ ଗଭୀର ସମୁଦ୍ର ମଧ୍ୟକୁ ଭାସିଯାଇଥିଲେ। ତେବେ ତାଙ୍କ ପରିବାର ଲୋକଙ୍କ ପାଟି ଶୁଣି ସେଠାରେ ନିୟୋଜିତ ଥିବା ଲାଇଫଗାର୍ଡମାନେ ସମୁଦ୍ରରେ ପଶି ନାରାୟଣଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ନାରାୟଣ ସୁସ୍ଥ ଥିବା ଜଣାପଡ଼ିଛି।

### ରାଜ୍ୟ ଭାଜପା ଗଣମାଧ୍ୟମ ସଂଯୋଜକ ହେଲେ ଦୁଷ୍ମନ୍ତ

କୃଷ୍ଣପ୍ରସାଦ,୧୦।୯(କୈଳାସ ଚନ୍ଦ୍ର ପଟ୍ଟନାୟକ):

୨୦୨୪ ସାଧାରଣ ନିର୍ବାଚନ ଆଗୁଆ ହେବାର ସୂଚନା ମିଳିବା ପରେ ଭାଜପା ତା'ର ଓବିସି ମୋର୍ଚ୍ଚା ରାଜ୍ୟ ପଦାଧିକାରୀ, କାର୍ଯ୍ୟକାରିଣୀ ସଦସ୍ୟ ଏବଂ ରାଜ୍ୟ ସଂଯୋଜକ ନାମ ତାଲିକା ଘୋଷଣା କରିଛି। ରାଜ୍ୟ ଗଣମାଧ୍ୟମ ସଂଯୋଜକଭାବେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଦୁଷ୍ମନ୍ତ କୁମାର ନାୟକଙ୍କୁ ମନୋନୀତ କରାଯାଇଛି। ଭାଜପାର ରାଜ୍ୟ ଗଣମାଧ୍ୟମ ସଂଯୋଜକ ହେବା ପରେ ତାଙ୍କୁ ଦଳୀୟ କର୍ମୀମାନେ ଶୁଭେଚ୍ଛା ଜଣାଇଛନ୍ତି। ଏନେଇ ଦୁଷ୍ମନ୍ତ କହିଛନ୍ତି, ଆଗାମୀ ନିର୍ବାଚନରେ ଭାଜପା ସଂଖ୍ୟାଗରିଷ୍ଠତା ହାସଲ କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଲୋକଙ୍କ ପାଖରେ ପହଞ୍ଚାଯିବ। ତାଙ୍କ ମିଳିଥିବା ଦାୟିତ୍ୱ ସୁଚାରୁରୂପେ ପରିଚାଳନା କରିବେ ବୋଲି ସେ ପ୍ରକାଶ କରିଛନ୍ତି।

# ରାଜ୍ୟ ସରକାରଙ୍କ ଦୁର୍ନୀତିର ଜବାବ ଦେବେ ଭୋଟର



ଭାଜପା ପକ୍ଷରୁ ଗଣେଶ୍ୱରପୁର ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରାଯାଇଛି ।

ଗୋପ,୧୦।୯(ଭାରତୀ ଭୂଷଣ ଉପାଧ୍ୟାୟ)

ରାଜ୍ୟ ସରକାର ଏବେ ଦୁର୍ନୀତିରେ ଥିବାବେଳେ ଦଳର ମୁଖିଆ ସାଧାରଣ ଲୋକଙ୍କ ସମ୍ମୁଖକୁ ଆସିପାରୁନାହାନ୍ତି। ଜଣେ ରାଜ୍ୟ ବାହାରର ମଣିଷକୁ ଦଳର ସ୍ୱାର୍ଥ ଓ ଅର୍ଥ ଆଦାୟରେ ଲଗାଇ ଦେଇଛନ୍ତି। ଆସନ୍ତା ୨୪ ସାଧାରଣ ନିର୍ବାଚନରେ ସାଧାରଣ ଭୋଟର ଏହାର ଜବାବ ନିଶ୍ଚିତ ଦେବେ। ରବିବାର ଗୋପ ବ୍ଲକ ଅନ୍ତର୍ଗତ ଗଣେଶ୍ୱରପୁର ପଞ୍ଚାୟତ କାର୍ଯ୍ୟାଳୟ ଘେରାଉବେଳେ ଭାଜପାର ଯୁବ ନେତା ଦିଲୀପ ନାୟକ ଏହା କହିଛନ୍ତି। ଏହି ଘେରାଉରେ ଶତାଧିକ ଭାଜପା ନେତା ଓ କର୍ମୀ ଯୋଗଦେଇ ଏକ ଶୋଭାଯାତ୍ରାରେ ଶାସକ ଦଳର ଦୁର୍ନୀତି ବିରୋଧୀ ସ୍ଲୋଗାନ ଦେଇ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ନିମାପଡ଼ା ନିର୍ବାଚନମଣ୍ଡଳୀରେ ଭାଜପା ଦଳର ଯୁବ ନେତୃତ୍ୱ ନେଇଥିବା ଦିଲୀପଙ୍କୁ ଚଳିତ ସାଧାରଣ ନିର୍ବାଚନରେ ପ୍ରାର୍ଥୀ କରିବାକୁ ଭାଜପା କର୍ମୀଙ୍କ ପକ୍ଷରୁ ଦାବି ହେଉଛି। ତେବେ ଦଳର ନୀତି ଆର୍ଦଶ ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶକୁ ପାଥେୟ କରି ଦଳରେ କାର୍ଯ୍ୟ କରୁଥିବା ସେ କହିଛନ୍ତି। ଦଳ ନିଷ୍ପତ୍ତି ଅନୁସାରେ ସବୁ କାର୍ଯ୍ୟ କରିବେ ବୋଲି ଯୁବ ନେତୃତ୍ୱ ନାୟକ ସୂଚନା ଦେଇଥିଲେ।

# ରାଷ୍ଟ୍ରୀୟ ଲୋକ ଅଦାଲତରେ ୫୩୬ ମାମଲା ଫଇସଲା

ନିମାପଡ଼ା,୧୦।୯(ବିଚିତ୍ରାନନ୍ଦ ସାହୁ)

ତାଲୁକ ଆଇନସେବା କମିଟି ପକ୍ଷରୁ ରାଷ୍ଟ୍ରୀୟ ଲୋକ ଅଦାଲତ ନିମାପଡ଼ା ସିଭିଲ କୋର୍ଟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅଦାଲତରେ ତାଲୁକ ଆଇନସେବା କମିଟି ଅଧ୍ୟକ୍ଷ ଅତିରିକ୍ତ ଜିଲା ଦୌରାଜଜ୍ ଲୋକନାଥ ସାହୁ, ସିଭିଲ ଜଜ୍ ସଂଘମିତ୍ରା ବିଶ୍ୱାଳ, ମୁନ୍‌ସିଫ ସୌମ୍ୟା ରଏ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଜେଏମ୍ଏଫ୍ ସି- ୧) ମିଲନ ତାଣ୍ଡି, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଜେଏମ୍ଏଫ୍ ସି- ୨) ବ୍ରଜେଶ ମିଶ୍ର ପ୍ରମୁଖ ଯୋଗଦେଇ ବିଭିନ୍ନ ମାମଲାର ବିଚାର ଓ ଫଇସଲା କରିଥିଲେ। ଏହି ଅଦାଲତରେ ୪୮୨ଟି ରାଜସ୍ୱ ମାମଲାର ଫଇସଲା କରାଯାଇ ୪ ଲକ୍ଷ ୨୮ ହଜାର ୫୧୮ ଟଙ୍କା ଆଦାୟ କରାଯାଇଥିଲା। ସେହିପରି ୭ଟି ଦୁର୍ଘଟଣାଜନିତ ମାମଲାର ଫଇସଲା କରାଯାଇ ୩୪ ଲକ୍ଷ ୪୦ ହଜାର ଟଙ୍କା ଆଦାୟ କରାଯାଇଥିଲା। ୧୦ଟି ଫୌଜଦାରି, ୩୫ଟି ଦେୱାନୀ ମାମଲା ସମେତ ୫୩୬ଟି ମାମଲାର ଫଇସଲା କରାଯାଇ ମୋଟ ୩୮ ଲକ୍ଷ ୬୮ ହଜାର ୫୧୮ ଟଙ୍କା ଆଦାୟ କରାଯାଇଥିବା କୋର୍ଟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଏହି ଅଦାଲତରେ ନିମାପଡ଼ା କୋର୍ଟର ବହୁ ବରିଷ୍ଠ ଆଇନଜୀବୀ ଯୋଗଦେଇ ବିଭିନ୍ନ ମାମଲାର ପରିଚାଳନା କରିଥିଲେ। ଏହି ଲୋକ ଅଦାଲତ ଦ୍ୱାରା ସାଧାରଣ ଲୋକମାନେ ବହୁତ ଭାବେ ଉପକୃତ ହୋଇପାରୁଥିବା ଜଣାପଡିଛି।



ବିଚାରପତିମାନେ ଲୋକ ଅଦାଲତରେ ବିଭିନ୍ନ ମାମଲାର ଫଇସଲା କରୁଛନ୍ତି।

# ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

### ଭାଜପା ପକ୍ଷରୁ ଦୁର୍ନୀତି ବିରୋଧରେ ଧାରଣା

କଣାସ,୧୦।୯(ବିଭୂତି ଭୂଷଣ ତ୍ରିପାଠୀ)

ଭାଜପା ପକ୍ଷରୁ କଣାସ ବ୍ଲକରେ ସିଆର୍‌ପି, ଏମ୍‌ବିକେ ନିଯୁକ୍ତିରେ ଅନିୟମିତତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି, ଫନି ଟଙ୍କା ବଣ୍ଟନରେ ପାତରଅନ୍ତର ଅଭିଯୋଗରେ କଣାସ ପଞ୍ଚାୟତ ସମିତି ସମ୍ମୁଖରେ ଗତ ୮ ତାରିଖରୁ ଚାଲିଥିବା ଧାରଣା ରବିବାର ପ୍ରତ୍ୟାହୃତ ହୋଇଛି।

ସୂଚନା ମୁତାବକ, କଣାସ ବ୍ଲକରେ ନିଯୁକ୍ତି ପାଇଥିବା ଓଏଲ୍ଏମ୍ ଦୁଇମାସ ହେଲା ଅନ୍ୟତ୍ର ବଦଳି ହୋଇ ମଧ୍ୟ ସେ ପ୍ରଚ୍ଛଦପଟରେ ରହି କାର୍ଯ୍ୟକରୁଛନ୍ତି। ତାଙ୍କୁ ତୁରନ୍ତ କଣାସ ବ୍ଲକରୁ ହଟାଇବାକୁ ଦାବି ରହିଛି। ଓଏଲ୍ଏମ୍ ଅଧୀନରେ ଆଞ୍ଚଳିକ ମଞ୍ଚ ଗଠନ କରା ନ ଯାଇ ଚଞ୍ଚକତା କରି ଶାନ୍ତିଲତା ସାହୁ ନିଜକୁ ବ୍ଲକସ୍ତରୀୟ ମହାମଞ୍ଚର ସଭାନେତ୍ରୀ ଭାବେ ପ୍ରତିପାଦନ କରୁଛନ୍ତି। ଏଥିସହ ସେ ପଞ୍ଚାୟତସ୍ତରରେ ଅନିୟମିତତା ଭାବେ ସିଆର୍‌ପି, ଏମ୍‌ବିକେ ନିଯୁକ୍ତି ପ୍ରଦାନ କରିଆସୁଛନ୍ତି। ତୁରନ୍ତ ସିଆର୍‌ପି ଓ ଏମ୍‌ବିକେ ନିଯୁକ୍ତିରେ ଚଞ୍ଚକତା କରାଯାଇ ଅଯୋଗ୍ୟ ପ୍ରାର୍ଥୀଙ୍କୁ ନିଯୁକ୍ତ କରାଯାଉଛି। କଣାସ ବ୍ଲକ ସିଡିପିଓଙ୍କ କାର୍ଯ୍ୟାଳୟରେ ମିଶନଶକ୍ତି ପକ୍ଷରୁ କାର୍ଯ୍ୟରତ ବିପିସି ବିଜୟଲକ୍ଷ୍ମୀ ମହାରଣା ଦୀର୍ଘ ଦିନ ହେଲା ରହିଥିଲେ ମଧ୍ୟ ତାଙ୍କୁ ଅନ୍ୟତ୍ର ବଦଳି କରାଯାଉନାହିଁ। ବ୍ଲକରେ ବହୁ ଯୋଗ୍ୟ ବ୍ୟକ୍ତି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ହୋଇଥିବାବେଳେ ବହୁ ଅଯୋଗ୍ୟ ବ୍ୟକ୍ତିଙ୍କୁ ପ୍ରଧାନମନ୍ତ୍ରୀ ଆବାସ ପ୍ରଦାନ କରାଯାଇଛି। ଫନି ବାତ୍ୟାରେ କ୍ଷତିଗ୍ରସ୍ତ ଅନେକ ପରିବାର ବର୍ତ୍ତମାନ ସୁଦ୍ଧା ସହାୟତା ପାଇନାହାନ୍ତି। ଏ ସମସ୍ତ ଦୁର୍ନୀତି ବିରୋଧରେ ବିଚାର କରିବାକୁ ବିଡିଓ ପବିତ୍ର ବେହେରା, ତହସିଲଦାର ସନ୍ତୋଷ ପାଣିଗ୍ରାହୀ, ପିପିଲି ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି, କଣାସ ଥାନା ଆଇଆଇସି ରାକେଶ ତ୍ରିପାଠୀ ଧାରଣାସ୍ଥଳରେ ପହଞ୍ଚି ପ୍ରତିଶ୍ରୁତି ଦେବା ପରେ ଏହି ଧାରଣା ହଟିଥିଲା। ଧାରଣାରେ ସତ୍ୟବାଦୀ ଭାଜପା ଯୁବନେତା ଓମ୍ ପ୍ରକାଶ ମିଶ୍ର, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ରାଉତ, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, ପଞ୍ଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ ସୁଶୀଲ ରାଉତ ଓ କେତେକ ଲୋକ ପ୍ରତିନିଧିଙ୍କ ସହିତ ଶତାଧିକ ମହିଳା ସାମିଲ ହୋଇଥିଲେ।



ଧାରଣାକାରୀଙ୍କ ସହ ପ୍ରଶାସନିକ ଅଧିକାରୀ ଆଲୋଚନା କରୁଛନ୍ତି।

# ରାତି ହେଲେ କୁକୁର ଡର

## ଏବିସି ଉପରେ ହାଇକୋର୍ଟଙ୍କ ରୋକ ସଙ୍ଗିନ ସ୍ଥିତି ସୃଷ୍ଟି କରିବ

ଭୁବନେଶ୍ୱର, ୧୦।୯ (ବନ୍ଦନା ସେଠୀ)



ରାଜଧାନୀ ରାସ୍ତାରେ ବୁଲା କୁକୁର ରାଜ୍ କରୁଛନ୍ତି। ଗଳିକନ୍ଦିରୁ ରାଜରାସ୍ତା, ସବୁଠି କୁକୁରଙ୍କ ପ୍ରାଦୁର୍ଭାବ ଭୁବନେଶ୍ୱରବାସୀଙ୍କୁ ଅତିଷ୍ଠ କରୁଛି। ଗାଡ଼ି ଚାଳକ ହୁଅନ୍ତୁ ଅବା ପଥଚାରୀ, ଯାହାକୁ ପାଉଛନ୍ତି ଗୋଡ଼ାଇ କାମୁଡୁଛନ୍ତି। ହଠାତ୍ ଚଳନ୍ତା ଗାଡ଼ି ଆଗକୁ ଆସି ଯାଉଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ରାତିରେ ରାସ୍ତାକୁ ବାହାରିଲେ ବୁଲା କୁକୁରଙ୍କ ଭୟ ଘାରୁଛି। ଆଗକୁ କୁକୁରଙ୍କ ଉତ୍ପାତ ଆହୁରି ବଢ଼ିଯିବ ବୋଲି କୁହାଯାଉଛି। କାରଣ ହାଇକୋର୍ଟ ରାଜ୍ୟରେ ଆନିମଲ ବାର୍ଥ କଣ୍ଟ୍ରୋଲ (ଏବିସି) କାର୍ଯ୍ୟକ୍ରମ ଉପରେ ରୋକ୍ ଲଗାଇଛନ୍ତି। ରାଜ୍ୟରେ କୌଣସି ପ୍ରକାରର ଏବିସି କାର୍ଯ୍ୟକ୍ରମ ହୋଇପାରିବ ନାହିଁ ବୋଲି ଏକ ମାମଲାର ଶୁଣାଣି କରି ହାଇକୋର୍ଟ ଏଭଳି ଆଦେଶ ଦେଇଥିଲେ। ପ୍ରଥମେ ଅଗଷ୍ଟ ୩୧ ଯାଏ ରୋକ୍ ଲଗାଯାଇଥିଲା। ହେଲେ ପରବର୍ତ୍ତୀ ଶୁଣାଣିକୁ ଘୁଞ୍ଚାଇ ଦିଆଯାଇଥିବାରୁ ଏହି ବାହାନାରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମଧ୍ୟ ସହରର ବୁଲା କୁକୁରଙ୍କୁ ନିୟନ୍ତ୍ରଣ ପାଇଁ କିଛି ବି ପଦକ୍ଷେପ ନେଉନି। ବିଏମ୍‌ସି ପୂର୍ବରୁ ଦିନକୁ ୨୦ରୁ ୨୫ଟି ହିସାବରେ ମାସକୁ ୫ରୁ ୬ଶହ କୁକୁରଙ୍କ ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରୁଥିବାବେଳେ ଏବେ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଅପରପକ୍ଷେ ବର୍ତ୍ତମାନ କୁକୁରଙ୍କ ପ୍ରଜନନ ଋତୁ ଚାଲିଥିବାରୁ ଥରେ କୁକୁର ଗର୍ଭବତୀ ହୋଇଗଲେ ସେମାନଙ୍କ ବଂଶବୃଦ୍ଧିକୁ ରୋକିବା କଷ୍ଟକର ହୋଇପଡିବ। ବିଏମ୍‌ସି ସୂଚନା ମୁତାବକ, ବର୍ଷକୁ ୨ହଜାରରୁ ଊର୍ଦ୍ଧ୍ୱ କୁକୁର ଛୁଆ ଜନ୍ମ ହେଉଛନ୍ତି। ଏକ ଆକଳନ ଅନୁଯାୟୀ ଏବେ ସହରରେ ୫୦ହଜାରରୁ ଊର୍ଦ୍ଧ୍ୱ କୁକୁର ଥିବାବେଳେ ଏହି ସଂଖ୍ୟା ଆଗକୁ ଆହୁରି ବଢିବ। ତେଣୁ ଥରେ କୁକୁର ବଂଶ ବୃଦ୍ଧି ଘଟିଲେ ଏବିସି କାର୍ଯ୍ୟକ୍ରମକୁ ସଫଳ କରିବାକୁ ବିଏମ୍‌ସିକୁ ନାକେଦମ୍ ହେବାକୁ ପଡିବ। ପୁଣି ପ୍ରଜନନ ଋତୁ ଚାଲି ଥିବାରୁ ପୂର୍ବାପେକ୍ଷା କୁକୁରମାନେ ବେଶୀ ହିଂସ୍ର ହେବା ସହ ମାଳମାଳ ହୋଇ ରାସ୍ତାରେ ବୁଲି ଆକ୍ରମଣ କରୁଛନ୍ତି। ଏନେଇ ଅଭିଯୋଗ ସଂଖ୍ୟା ବଢୁଥିଲେ ମଧ୍ୟ ବିଏମ୍‌ସି ଏହାକୁ ଅଣଦେଖା କରି ଚାଲିଛି। ଏବିସି କାର୍ଯ୍ୟକ୍ରମ ବନ୍ଦ ଥିବାରୁ କିଛି କରାଯାଇ ପାରିବ ନାହିଁ ବୋଲି ସଫେଇ ଦେଉଛି।



### ଫେରିଗଲେ ଅସ୍ତ୍ରୋପଚାର କରୁଥିବା ସଂସ୍ଥାର କର୍ମଚାରୀ

ପୂର୍ବରୁ ଶହୀଦନଗରସ୍ଥିତ ଭେଟେରିନାରି ହସ୍ପିଟାଲରେ ଅସ୍ତ୍ରୋପଚାର କରାଯାଉଥିଲା। ତେବେ ଏହାକୁ ବ୍ୟାପକ କରିବା ଲକ୍ଷ୍ୟରେ ବିଏମ୍‌ସି ପ୍ରଥମଥର ଗ୍ଲୋବାଲ ଟେଣ୍ଡର ପ୍ରକ୍ରିୟା ଜରିଆରେ ମହାରାଷ୍ଟ୍ରର ଏକ ସଂସ୍ଥା 'ଭେଟ୍ ଫର୍ ଆନିମାଲ୍' ସହିତ ବିଏମ୍‌ସି ଚୁକ୍ତି କରିଥିଲା। ଏଥିପାଇଁ କୁକୁର ପିଛା ସଂସ୍ଥାକୁ ୧୬୫୦ ଟଙ୍କା ପ୍ରଦାନ କରାଯାଉଥିଲା। ଏଥିରେ କୁକୁରଙ୍କୁ ହସ୍ପିଟାଲକୁ ଆଣିବାଠାରୁ ଅସ୍ତ୍ରୋପଚାର, ଔଷଧ, ଆଣ୍ଟି ରାବିଜ୍ ଡୋଜ୍ ଦେଇ ଉକ୍ତ ସ୍ଥାନରେ ଛାଡିବା ପର୍ଯ୍ୟନ୍ତ ସବୁକିଛି ଅନ୍ତର୍ଭୁକ୍ତ ରହିଥିଲା। ସମ୍ପୃକ୍ତ ସଂସ୍ଥା ଗତ ନଭେମ୍ବର ୧୬ରୁ ଜୁଲାଇ ୧୦ ମଧ୍ୟରେ ୪ହଜାର ୭୦ଟି କୁକୁରଙ୍କ ଅସ୍ତ୍ରୋପଚାର କରିଥିଲା। ତେବେ ହାଇକୋର୍ଟଙ୍କ ରୋକ୍ ଯୋଗୁ ୨ମାସ ଧରି କାର୍ଯ୍ୟକ୍ରମ ବନ୍ଦ ଥିବାରୁ ଏଥିରେ ନିୟୋଜିତ ଡାକ୍ତର, କର୍ମଚାରୀ, ଆମ୍ବୁଲାନ୍ସ ଖର୍ଚ୍ଚ ବହନ କରିବା ସଂସ୍ଥା ପକ୍ଷରେ ଅସମ୍ଭବ ହୋଇପଡ଼ିଛି। ତେଣୁ ସଂସ୍ଥାର ମୁଖ୍ୟ ଓ କର୍ମଚାରୀମାନେ ମହାରାଷ୍ଟ୍ର ଫେରି ଯାଇଛନ୍ତି।

### କେବେ ହେବ ଗଣନା

ରାଜଧାନୀରେ କେତେ କୁକୁର ଅଛନ୍ତି ବିଏମ୍‌ସି ପକ୍ଷରୁ ଗଣନା ହୋଇଥାନ୍ତା। ପ୍ରତି ୱାର୍ଡ ବୁଲି କୁକୁର ତାଲିକା ପ୍ରସ୍ତୁତ ହୋଇଥାନ୍ତା। ଏହାଦ୍ୱାରା ସହରରେ ବାସ୍ତବରେ କେତେ ବୁଲା କୁକୁର ଅଛନ୍ତି ତାହାର ତଥ୍ୟ ବିଏମ୍‌ସି ପାଖରେ ରହିବା ସହ ଏବିସି କାର୍ଯ୍ୟକ୍ରମରେ ସହାୟକ ହୋଇଥାନ୍ତା। ଏଥିପାଇଁ ଟେଣ୍ଡର କରାଯାଇ ଏକ ସଂସ୍ଥାକୁ ନିଯୁକ୍ତ କରାଯିବା ପାଇଁ ମଧ୍ୟ ଯୋଜନା କରାଯାଇଥିଲା। ମାତ୍ର ଇତି ମଧ୍ୟରେ ୬ମାସରୁ ଅଧିକ ସମୟ ବିତିଥିବାବେଳେ ବିଏମ୍‌ସି ପାଦେ ମଧ୍ୟ ଆଗେଇ ପାରିନାହିଁ।

### କୁକୁର ପାଇଁ ବିଏମ୍‌ସିର ହସ୍ପିଟାଲ ଡେଲିକି

ଅଧିକ ସଂଖ୍ୟକ କୁକୁରର ଅସ୍ତ୍ରୋପଚାର ଓ ଚିକିତ୍ସା ପାଇଁ ବିଏମ୍‌ସି ଅସ୍ଥାୟୀ ଭାବେ ଏକ ହସ୍ପିଟାଲ କରିବାକୁ ଯୋଜନା କରିଥିଲା। ପରିତ୍ୟକ୍ତ ଅବସ୍ଥାରେ ଥିବା ମଞ୍ଚେଶ୍ୱରସ୍ଥିତ ବିଏମ୍‌ସିର ୩ ମହଲା ବିଶିଷ୍ଟ ୱାର୍କିଂ ଓମେନ୍ ହଷ୍ଟେଲ ବିଲ୍ଡିଂରେ ଏହି ହସ୍ପିଟାଲ ଖୋଲିବାକୁ ନିଷ୍ପତ୍ତି ହୋଇଥିଲା। ଅସ୍ତ୍ରୋପଚାର ଗୃହ ସହିତ ଅନ୍ୟାନ୍ୟ ଆବଶ୍ୟକ ସରଞ୍ଜାମ ଓ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇ ଏଠାରେ ଦିନକୁ ୧୫୦ କୁକୁରଙ୍କ ଅସ୍ତ୍ରୋପଚାର କରାଯିବାକୁ ଲକ୍ଷ୍ୟ ରଖାଯାଇଥିଲା। ମେ' ସୁଦ୍ଧା ଏହି ହସ୍ପିଟାଲ କାର୍ଯ୍ୟକ୍ଷମ ହେବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଥିଲା। ଇତିମଧ୍ୟରେ ସେପ୍ଟେମ୍ବର ଅଧା ହେବାକୁ ବସିଥିଲେ ମଧ୍ୟ ହସ୍ପିଟାଲ ପ୍ରସ୍ତୁତ ହୋଇପାରିଲା ନାହିଁ। ବିଲ୍ଡିଂର ମରାମତି ସରିଥିବାବେଳେ ଏଠାରେ ଅପରେଶନ୍ ପାଇଁ ଆନୁସଙ୍ଗିକ ବ୍ୟବସ୍ଥା ଲଗାଯାଇ ପାରିନାହିଁ। ତେବେ ଖୁବ୍‌ଶୀଘ୍ର ଟେଣ୍ଡର କରାଯାଇ ହସ୍ପିଟାଲ ଖୋଲାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

# ଥାନାରୁ ଅଭିଯୁକ୍ତ ଚମ୍ପଟ ଘଟଣା, ୨ କର୍ମଚାରୀ ନିଲମ୍ବିତ

**ଆଠଗଡ,୧୦।୯(ସତ୍ୟ ପ୍ରସାଦ ରଥ):** ଆଠଗଡ ଥାନାରୁ ଶନିବାର ଅଭିଯୁକ୍ତ ବିରଞ୍ଚି ମନ୍ତ୍ରୀ ଚମ୍ପଟ ମାରିବା ଘଟଣାରେ ରବିବାର କଟକ ଗ୍ରାମାଞ୍ଚଳ ଏସ୍‌ପି ମିହିର କୁମାର ପଣ୍ଡା କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଏନେଇ ସେ ଆଠଗଡ଼ ଥାନାର ସହକାରୀ ଉପନିରୀକ୍ଷକ ରଞ୍ଜନ କୁମାର ପଣ୍ଡା ଓ କନଷ୍ଟେବଲ କ୍ଷୀରୋଦ ବେହେରାଙ୍କୁ ନିଲମ୍ବିତ କରିଛନ୍ତି। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବଦତ୍ତ ବରାଳଙ୍କ ତଦନ୍ତ ରିପୋର୍ଟକୁ ଆଧାର କରି ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ଆରକ୍ଷୀ ଉପଅଧୀକ୍ଷକ ରବୀନ୍ଦ୍ର ନାଥ ମଲ୍ଲିକ କହିଛନ୍ତି। ଅଗଷ୍ଟ ୯ରେ ଆଠଗଡ଼ ଥାନା ଅନ୍ତର୍ଗତ ସମସରପୁର ପଞ୍ଚାୟତ ଅମୃତ ମଣୋହି ପାଟଣା ଗ୍ରାମରେ ରାଜନୈତିକ ଶତ୍ରୁତାକୁ କେନ୍ଦ୍ର କରି ଗୋଷ୍ଠୀ ସଂଘର୍ଷ ଏବଂ ବୋମାମାଡ଼ ହୋଇଥିଲା। ଏହି ଘଟଣାରେ ପୋଲିସ ପୂର୍ବରୁ ୩ ଜଣଙ୍କୁ ଗିରଫ କରିଥିବାବେଳେ ଶୁକ୍ରବାର ଏହି ମାମଲାରେ ଉକ୍ତ ଗ୍ରାମର ଅନ୍ୟତମ ଅଭିଯୁକ୍ତ ବିରଞ୍ଚିଙ୍କୁ ଥାନାକୁ ଆଣି ପଚରାଉଚୁରା କରିଥିଲା। ଶନିବାର ତାଙ୍କୁ କୋର୍ଟ ଚାଲାଣ କରିବାକୁ ସ୍ଥିର କରାଯାଇଥିବାବେଳେ ଭୋର୍ ସମୟରେ ବିରଞ୍ଚି ଶୌଚ ହେବାପାଇଁ କହି କୌଶଳକ୍ରମେ ଫେରାର ହୋଇଯାଇଥିଲେ।

# ମହାପ୍ରଭୁଙ୍କ କାଳୀୟଦଳନ ବେଶ, ଧେନୁକାସୁର ବଧ

## ଆଜି ଶ୍ରୀମନ୍ଦିରରେ ପ୍ରଳମ୍ବାସୁର ବଧ ବେଶ

ପୁରୀ, ୧୦।୯(ଅଜିତ ମହାନ୍ତି)



ଭାଦ୍ରବ ମାସ କୃଷ୍ଣପକ୍ଷ ଏକାଦଶୀ ତିଥି ରବିବାର ଶ୍ରୀମନ୍ଦିରରେ ରତ୍ନସିଂହାସନ ଉପରେ ଶ୍ରୀବିଗ୍ରହଙ୍କ କାଳୀୟଦଳନ ବେଶ ଅନୁଷ୍ଠିତ ହେବା ସହ ମାର୍କଣ୍ଡେୟ ପୁଷ୍କରିଣୀ କୂଳରେ କାଳୀୟଦଳନ ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁ ଯମୁନା ନଦୀରେ କୃଷ୍ଣ ରୂପରେ କାଳୀୟ ସର୍ପର ଗର୍ବ ଖଣ୍ଡନ କରି ଗୋପପୁରକୁ ରକ୍ଷା କରିଥିବାରୁ ତା'ର ସ୍ମାରକ ରୂପେ ଏହି ବେଶ ଓ ନୀତି ଅନୁଷ୍ଠିତ ହୋଇଥାଏ।

ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ପରେ ଚଳନ୍ତି ପ୍ରତିମା ଶ୍ରୀମଦନମୋହନ ଓ ରାମକୃଷ୍ଣ ଭିତରକୁ ବିଜେ କରିଥିଲେ। ସେଠାରୁ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇବା ପରେ ମହାଜନ ସେବକମାନେ ମଦନମୋହନ ଓ ରାମକୃଷ୍ଣଙ୍କୁ ମୁକ୍ତିମଣ୍ଡପ ନିକଟ ପାଲିଙ୍କିଙ୍କୁ ବିଜେ କରାଇଥିଲେ। ପରେ ଠାକୁର ଦ୍ୱୟ ଦକ୍ଷିଣ ଦ୍ୱାର ଦେଇ ନଗର ପରିକ୍ରମା କରି ଲୋକନାଥ ରୋଡ ନିକଟ ଭିତର ସେବାୟତ ନିଯୋଗ ନିକଟରେ ପହଞ୍ଚିଥିଲେ। ସେଠାରେ ବନ୍ଦାପନା ନୀତି ପରେ ଠାକୁରଙ୍କୁ ଲବଣିଖିଆ ମଣ୍ଡପରେ ବିଜେ କରାଯାଇଥିଲା। ଭିତରଚ୍ଛ ସେବକ ପ୍ରସାଦ ଲାଗିକରିବା ପରେ ପୂଜାପଣ୍ଡା ସାମନ୍ତ ପଞ୍ଚୋପଚାରରେ ଶୀତଳ ଭୋଗ ମଣୋହି କରିଥିଲେ। ବନ୍ଦାପନା ସରିବା ପରେ କାଳୀୟଦଳନ ନୀତି ନିମନ୍ତେ ମଦନମୋହନ ଓ ରାମକୃଷ୍ଣ ମାର୍କଣ୍ଡେୟ ପୋଖରୀ ପାଖକୁ ବିଜେ କରିଥିଲେ। ସେଠାରେ କାଳୀୟଦଳନ ନୀତି ସମ୍ପନ୍ନ ହୋଇଥିଲା। ସରୋବରସ୍ଥିତ ଦୀପଦାଣ୍ଡି ମଣ୍ଡପରେ ରୂପକାରଙ୍କ ଦ୍ୱାରା କାଷ୍ଠନିର୍ମିତ ଏକ କାଳୀୟନାଗକୁ ସଜ୍ଜିତ କରି ରଖାଯାଇଥିଲା। ସେଇ କାଳୀୟକୁ ଦଳନ କରିବା ପାଇଁ ଜଣେ ସେବାୟତ କୃଷ୍ଣ ବେଶରେ ଏବଂ ଅନ୍ୟଜଣେ ଗରୁଡ଼ ବେଶରେ ପ୍ରସ୍ତୁତ ହୋଇ ନୀତି ଆରମ୍ଭ କରିଥିଲେ।

ଭାଗବତ ବର୍ଣ୍ଣିତ ଅନୁଯାୟୀ, କାଳୀୟଦଳନର ମଧ୍ୟକାଳେ କାଳୀୟ ଦ୍ୱାରା କବଳିତ ହୋଇ ଶ୍ରୀକୃଷ୍ଣ ଗରୁଡ଼ଙ୍କୁ ସ୍ମରଣ କରିଥାନ୍ତି। ଗରୁଡ଼ ବେଶରେ ଥିବା ବ୍ୟକ୍ତି ଆବିର୍ଭାବ ହୋଇ ଶ୍ରୀକୃଷ୍ଣଙ୍କୁ କାଳୀୟ ବନ୍ଧନରୁ ମୁକ୍ତ କରିବା ସହ ବିଷମୁକ୍ତ ହେବା ନିମନ୍ତେ ତାଙ୍କ ପାଟିରେ ଅମୃତ ଲଡୁ ଦେଇଥାନ୍ତି। ଏହି ନୀତି ପରେ ଠାକୁର ପଞ୍ଚଉପଚାରରେ ଶୀତଳ ଭୋଗ ମଣୋହି ହୋଇ ବନ୍ଦାପନା ସମ୍ପନ୍ନ ହୋଇଥିଲା। ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ଶ୍ରୀମନ୍ଦିରରେ ମହାପ୍ରଭୁ କାଳୀୟଦଳନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ସନ୍ଧ୍ୟା ଆଳତି ସମ୍ପନ୍ନ ପରେ ସର୍ବାଙ୍ଗ ନୀତି ଅନୁଷ୍ଠିତ ହୋଇ ବେଶ ଆରମ୍ଭ ହୋଇଥିଲା। ରତ୍ନସିଂହାସନରେ ଶ୍ରୀଜଗନ୍ନାଥଙ୍କୁ ସାତଟି ଫଣା ଥିବା ଗୋଟିଏ କଳାନାଗ ଉପରେ ନୃତ୍ୟ କରୁଥିବା ପରି ପ୍ରଦର୍ଶିତ କରାଯାଇଥିଲା। କାଳୀୟନାଗକୁ ରୂପକାରମାନେ ବେତ, କଳାକନା ଓ ସୂତାରେ ଦରଜିମାନଙ୍କ ସହାୟତାରେ ନିର୍ମାଣ କରିଥିଲେ। ଏହି ବେଶ ପାଇଁ ଶ୍ରୀଜଗନ୍ନାଥ ଓ ବଳଭଦ୍ରଙ୍କ ବିଗ୍ରହରେ କାଷ୍ଠ ନିର୍ମିତ ହସ୍ତ ପଦଯୁକ୍ତ କରାଯାଉଥିବାବେଳେ ସୁଭଦ୍ରାଙ୍କ ବିଗ୍ରହରେ ବିଶେଷ କିଛି ପରିବର୍ତ୍ତନ କରାଯାଇ ନ ଥିଲା। ବଳଭଦ୍ର ହସ୍ତଦ୍ୱୟରେ ହଳ ଓ ମୂଷଳ ଧାରଣ କରିଥିବାବେଳେ ତାଙ୍କ ସମ୍ମୁଖରେ କାଷ୍ଠ ନିର୍ମିତ ଗାଈ ଓ ବାଛୁରୀ ରହିଥିଲେ। ସେହିପରି ଶ୍ରୀଜଗନ୍ନାଥଙ୍କ ପାଦ କାଳୀୟର ମସ୍ତକ ଉପରେ ଥିବାବେଳେ ବାମ ହାତରେ କାଳୀୟର ଲାଞ୍ଜ ଓ ସୋଲ ନିର୍ମିତ ଶିଙ୍ଗ ଧରିଥିଲେ। ଅନ୍ୟ ହାତରେ ସେ ସୋଲ ନିର୍ମିତ ପ୍ରସ୍ଫୁଟିତ ପଦ୍ମଫୁଲ ଧରିଥିଲେ। କାଳୀୟ ମର୍ଦ୍ଦନ କରୁଥିବା ଶ୍ରୀଜଗନ୍ନାଥଙ୍କ ଦୁଇପାର୍ଶ୍ୱରେ କାଷ୍ଠନିର୍ମିତ ଦୁଇଟି ନାଗୁଣୀ ମୂର୍ତ୍ତି ପ୍ରାର୍ଥନା କରୁଥିବା ଭଙ୍ଗୀରେ ରହିଥିଲେ। ସେହିପରି ସୁଆରସାହି ପକ୍ଷରୁ ଧେନୁକା ଅସୁର ବଧ ନୀତି ଆଗତ ହୋଇଥିଲା। ଜଣେ ବ୍ୟକ୍ତି ଧେନୁକାସୁର ବେଶରେ ସଜ୍ଜିତ ହୋଇ ନଗର ପରିକ୍ରମା କରି ଶ୍ରୀମନ୍ଦିର ଯାଇଥିଲେ। ପରେ ଧେନୁକାସୁର ବଧ ନୀତି ସମ୍ପନ୍ନ ହୋଇଥିଲା।



ପୁରୀ ଲବଣିଖିଆ ମଣ୍ଡପରେ ମହାଭୋଇମାନେ ରାମକୃଷ୍ଣଙ୍କୁ ବନ୍ଦାପନା କରୁଛନ୍ତି।



କାଳୀୟଦଳନ ନୀତି ଅବସରରେ ପକ୍ଷୀରାଜ ଗରୁଡ଼।



ମାର୍କଣ୍ଡେୟ ପୁଷ୍କରିଣୀ ପରିସରରେ କାଳୀୟଦଳନ ନୀତି ଚାଲିଛି।



କୁଣ୍ଡେଇବେଣ୍ଟ ସାହି ପଥର ଆଖଡ଼ା ପକ୍ଷରୁ ଧେନୁକାସୁର ବଧ ନୀତି ପାଇଁ ବାହାରିଥିବା ଧେନୁକାସୁର ଓ କୃଷ୍ଣ ବଳରାମ (ଫଟୋ- ଯଜ୍ଞେଶ୍ୱର)

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୋନୁ



@ ଅଭିନାଶ



@ ବିଶ୍ୱମିତା



@ ଉମା



@ ସତ୍ୟଜିତ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ପୋଲିସ ଅଧିକାରୀଙ୍କୁ ଅଶାଳୀନ ମନ୍ତବ୍ୟ ଦେବା ପ୍ରତିବାଦରେ ଓଡ଼ିଶା ଷ୍ଟୁଡେଣ୍ଟ ଭଏସ୍ ପକ୍ଷରୁ ରବିବାର ବିରୋଧୀ ଦଳନେତାଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଦେଶର ନାଁ ବଦଳାଇଲେ ମୂଲ୍ୟ ଦେବାକୁ ହେବ

## ଭାଜପାକୁ ରାହୁଲଙ୍କ ଟାର୍ଗେଟ

ନୂଆଦିଲ୍ଲୀ,୧୦।୯

ଦେଶର ନାଁ ଇଣ୍ଡିଆ ଏବଂ ଭାରତ ପରିବର୍ତ୍ତେ କେବଳ ଭାରତ ରଖିବାକୁ କେନ୍ଦ୍ର ସରକାର ଉଦ୍ୟମ ଚଳାଇଥିବା ନେଇ ଚର୍ଚ୍ଚା ଜୋର୍ ଧରିଥିବାବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏଥିପାଇଁ ଭାଜପାକୁ ଟାର୍ଗେଟ କରିଛନ୍ତି। ଯେଉଁମାନେ ଭାରତର ଆତ୍ମା ଉପରେ ଆକ୍ରମଣ କରୁଛନ୍ତି, ସେମାନଙ୍କୁ ଯଥେଷ୍ଟ ମୂଲ୍ୟ ଦେବାକୁ ହେବ ବୋଲି ରାହୁଲ କହିଛନ୍ତି। ଯେଉଁମାନେ ଦେଶର ନାଁ ବଦଳାଇବାକୁ ଉଦ୍ୟମ କରୁଛନ୍ତି, ସେମାନେ ମୂଳତଃ ଇତିହାସକୁ ଅସ୍ୱୀକାର କରିବାକୁ ଚାହୁଁଛନ୍ତି। ଆମକୁ ସେହି ଲୋକମାନଙ୍କ ଦୃଷ୍ଟାନ୍ତ ଦେବାକୁ ହେବ, ଯେଉଁମାନେ ସେମାନଙ୍କ ଏଭଳି କାର୍ଯ୍ୟ ପାଇଁ ଯଥେଷ୍ଟ ମୂଲ୍ୟ ଦେଇଛନ୍ତି। ତାହେଲେ ଯେଉଁମାନେ ଭାରତର ଆତ୍ମା ଉପରେ ଆକ୍ରମଣ କରିବାକୁ ଉଦ୍ୟମ କରୁଛନ୍ତି, ସେମାନେ ଏହାର ପରିଣାମ ବୁଝିପାରିବେ ବୋଲି ରାହୁଲ ଫ୍ରାନ୍ସର ପ୍ୟାରିସ୍‌ଠାରେ ସାଇନ୍ସେସ୍ ପିଓ ୟୁନିଭର୍ସିଟିରେ ଉଦ୍‌ବୋଧନ ଦେଲାବେଳେ କହିଛନ୍ତି।

କଂଗ୍ରେସ ନେତା କହିଛନ୍ତି, ଦେଶକୁ ଭାରତ କିମ୍ବା ଇଣ୍ଡିଆ ନାମରେ କହିବାରେ କିଛି ଅସୁବିଧା ନାହିଁ। ତେବେ ନାଁ ପରିବର୍ତ୍ତନ କରି କେବଳ ଭାରତ କରିବା ପଛରେ ସେମାନଙ୍କର ମନ୍ଦ ଉଦ୍ଦେଶ୍ୟ ରହିଛି। ବିରୋଧୀ ମେଣ୍ଟର ନାଁ ଇଣ୍ଡିଆ ବ୍ଲକ୍ ରଖାଯାଇଥିବାରୁ କେନ୍ଦ୍ର ସରକାର ଦେଶର ନାଁକୁ କେବଳ ଭାରତ ରଖିବାକୁ ବ୍ୟଗ୍ର ହୋଇପଡ଼ିଛନ୍ତି ବୋଲି ରାହୁଲ ଅଭିଯୋଗ କରିଥିଲେ। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଭାରତରେ ସଂଖ୍ୟାଲଘୁମାନଙ୍କ ସ୍ୱର ଚାପିଦେଇଥିବା ରାହୁଲ ଅଭିଯୋଗ କରିଛନ୍ତି। ତେବେ ଦେଶରେ ଏହା ହେବାକୁ ସେ ଦେବେ ନାହିଁ ବୋଲି କଂଗ୍ରେସ ନେତା କହିଛନ୍ତି।



କଂଗ୍ରେସ ନେତା ରାହୁଲ ଗାନ୍ଧୀ

# ଧନ୍ୟବାଦ ଦେଲେନାହିଁ: ଜୟନାରାୟଣ

ଭୁବନେଶ୍ୱର, ୧୦।୯(ସୁନିତ୍ ମିଶ୍ର)

ଜି-୨୦ ସମ୍ମିଳନୀର ରାତ୍ରି ଭୋଜନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ନ ଦେବା ନେଇ ବର୍ଷିଛି ଭାଜପା। ଏହାସହ ଏହି ସମ୍ମିଳନୀରେ ଓଡ଼ିଆ ସଂସ୍କୃତି, ପରମ୍ପରାକୁ ପ୍ରାଧାନ୍ୟ ମିଳିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କାହିଁକି ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଲେ ନାହିଁ ସେନେଇ ମଧ୍ୟ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ପ୍ରଶ୍ନ ଉଠାଇଛନ୍ତି। ତେବେ ଜୟନାରାୟଣଙ୍କ ଅଭିଯୋଗର ଜବାବ ରଖି ବିଜେଡି ପାଲଟା ପ୍ରତିକ୍ରିୟା ରଖିଛି।

ଜୟନାରାୟଣ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ରବିବାର କହିଛନ୍ତି ଯେ, ଭାରତ ଅଧ୍ୟକ୍ଷତାରେ ବିଶ୍ୱର ପ୍ରଭାବଶାଳୀ ରାଷ୍ଟ୍ରଗୁଡ଼ିକୁ ନେଇ ଜି-୨୦ ଶିଖର ସମ୍ମିଳନୀ ଅନୁଷ୍ଠିତ ହୋଇଛି। ପ୍ରଥମ ଥର ଲାଗି ବିଶ୍ୱ ନେତାମାନେ ଭାରତକୁ ଆସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଗ୍ରହଣ କରିଛି। ଏହି ଐତିହାସିକ ସମ୍ମିଳନୀରେ ଓଡ଼ିଶାର ଅସ୍ମିତାକୁ ଅଗ୍ରାଧିକାର ମିଳିଲା। ପ୍ରଥମ ଦିନରେ ସମ୍ବଲପୁରୀ 'ଡାଲଖାଇ ଗୀତ'ରେ ବିଶ୍ୱ ଅତିଥିଙ୍କୁ ଭବ୍ୟ ସ୍ୱାଗତ ଦିଆଗଲା। ଓଡ଼ିଶାର କାଳଜୟୀ ଶିଳ୍ପକଳା କୋଣାର୍କ ସୂର୍ଯ୍ୟ ଚକ୍ରର 'ଥିମ୍' ସାମ୍ନାରେ ବିଶ୍ୱ ନେତୃବୃନ୍ଦଙ୍କୁ ସ୍ୱାଗତ କରାଗଲା। ଓଡ଼ିଆ ଖାଦ୍ୟପେୟ, ହସ୍ତଶିଳ୍ପ, ତାରକସୀ କାରୁକାର୍ଯ୍ୟ, ପିପିଲି ଚାନ୍ଦୁଆ, ସମ୍ବଲପୁରୀ ଶାଢ଼ି ଆଦି ଜି-୨୦ ସମ୍ମିଳନୀରେ ସାମିଲ କରାଯାଇ ଓଡ଼ିଶାର ଗୌରବକୁ ବିଶ୍ୱ ଦରବାରରେ ସମ୍ମାନିତ କରାଗଲା। ହେଲେ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବାକୁ ବି ମୁଖ୍ୟମନ୍ତ୍ରୀ ଉଚିତ ମଣିଲେ ନାହିଁ। ସେ କେବଳ ଧନ୍ୟବାଦ ନେଇ ଜାଣିଛନ୍ତି ଦେଇ ଜାଣିନାହାନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ନିମନ୍ତ୍ରଣ ପାଇ ମଧ୍ୟ ମୁଖ୍ୟମନ୍ତ୍ରୀ ଜି-୨୦ ସମ୍ମିଳନୀର ରାତ୍ରି ଭୋଜନକୁ ଗଲେ ନାହିଁ। ଏହା ଅତ୍ୟନ୍ତ ଦୁଃଖର ବିଷୟ। ଯାହାର ଦକ୍ଷତା ଓ ଯୋଗ୍ୟତା ନ ଥାଏ, ତାର 'ଇନ୍‌ଫେରିଅର୍ କମ୍ପ୍ଲେକ୍ସ' ଥାଏ ଏବଂ ତାଙ୍କ ମନରେ ଏହା ସୃଷ୍ଟି ହୋଇଥିବାରୁ ସେ ବୋଧହୁଏ ଗଲେ ନାହିଁ ବୋଲି ଜୟନାରାୟଣ କହିଛନ୍ତି।

## ରାଜ୍ୟର ଭଲ କାମ ହେଲାବେଳେ ଦୁଃଖିତ ନ ହୋଇ ଖୁସି ହୁଅନ୍ତୁ : ଲେନିନ୍

ତେବେ ଜୟନାରାୟଣଙ୍କ ଅଭିଯୋଗ ଉପରେ ପ୍ରତିକ୍ରିୟା ରଖିଛି ବିଜେଡି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି ଯେ, ଯେତେବେଳେ ଓଡ଼ିଶା ହକି ବିଶ୍ୱକପ ଆୟୋଜନ କଲା, ସେତେବେଳେ ରାଜ୍ୟର ସାଢ଼େ ୪ କୋଟି ଲୋକଙ୍କ ସମେତ ୧୪୦ କୋଟି ଭାରତୀୟ ଖୁସି ଓ ଗର୍ବ ଅନୁଭବ କରିଥିଲେ। କିନ୍ତୁ ଓଡ଼ିଶା ଭାଜପା ନେତାଙ୍କ ପ୍ରତିକ୍ରିୟା ଏପରି ଥିଲା ଯେମିତିକି ଏକ ବଡ଼ଧରଣର ଦୁଃଖଦ ଓ ଖରାପ ଘଟଣା ଘଟିଥିଲା। ରାଜ୍ୟ ଓ ଦେଶ ପାଇଁ କୌଣସି ଭଲ ଘଟଣା ଘଟିଲେ କେତେ ଖୁସି ଲାଗେ ତାହା ବିଜେଡିକୁ ଓଡ଼ିଶା ଭାଜପା ନେତାମାନେ ନ ଶିଖାନ୍ତୁ। ରାଷ୍ଟ୍ର ନିର୍ମାଣ ଓ ରାଜ୍ୟ ନିର୍ମାଣ ପାଇଁ ହେଉଥିବା କଲ୍ୟାଣମୂଳକ କାର୍ଯ୍ୟରେ ବିଜେଡି କର୍ମୀମାନେ ସବୁବେଳେ ଅଧିକ ଖୁସି ବ୍ୟକ୍ତ କରିଥାନ୍ତି। ରାଜ୍ୟରେ ଯେତେବେଳେ କିଛି ଭଲ କାମ ହେଉଛି ରାଜ୍ୟ ଭାଜପା କର୍ମୀ ଓ ନେତା ଦୁଃଖିତ ନ ହୋଇ ସେତେବେଳେ ଖୁସି ହୁଅନ୍ତୁ ବୋଲି ଲେନିନ୍ କହିଛନ୍ତି।

# ଜେଲ ଗଲେ ଚନ୍ଦ୍ରାବାବୁ



ଏନ୍. ଚନ୍ଦ୍ରାବାବୁ ନାଇଡୁ

ହାଇଦ୍ରାବାଦ,୧୦।୯

୩୭୧ କୋଟି ଟଙ୍କା ଦୁର୍ନୀତି ମାମଲାରେ ସମ୍ପୃକ୍ତି ଅଭିଯୋଗରେ ଗିରଫ ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କୁ ରବିବାର ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଚନ୍ଦ୍ରାବାବୁଙ୍କ ତେଲୁଗୁ ଦେଶମ ପାର୍ଟି କ୍ଷମତାରେ ଥିବାବେଳେ ଆନ୍ଧ୍ରପ୍ରଦେଶ ଦକ୍ଷତା ବିକାଶ ନିଗମରେ ଏହି ଦୁର୍ନୀତି ହୋଇଥିଲା। ରବିବାର ସକାଳେ ଟିଡିପି ନେତା ଚନ୍ଦ୍ରାବାବୁଙ୍କୁ ବିଜୟୱାଡ଼ାର ଦୁର୍ନୀତି ନିରୋଧି କୋର୍ଟରେ କଡ଼ା ସୁରକ୍ଷା ମଧ୍ୟରେ ହାଜର କରାଯାଇଥିଲା। ରାଜନୈତିକ ଫାଇଦା ପାଇଁ ତାଙ୍କୁ ମିଛ ଅଭିଯୋଗରେ ଫସାଇଦିଆଯାଇଥିବା ଚନ୍ଦ୍ରାବାବୁ କୋର୍ଟଙ୍କୁ କହିଥିଲେ। ହେଲେ କୋର୍ଟ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦେବା ପରେ ସେ ରାଜମୁନ୍ଦ୍ରୀ କେନ୍ଦ୍ରୀୟ ଜେଲରେ ରହିଛନ୍ତି। ତାଙ୍କ ପାଇଁ ଘରରନ୍ଧା ଖାଦ୍ୟ, ଅଲଗା ପ୍ରକୋଷ୍ଠ ଏବଂ ସୁରକ୍ଷା ବ୍ୟବସ୍ଥା ରହିବ।

# ଭାଜପା-ଜେଡିଏସ୍ ଆସନ ବୁଝାମଣା ନିଷ୍ପତ୍ତି କୁମାରସ୍ୱାମୀ ନେବେ

ବେଙ୍ଗାଲୁରୁ,୧୦।୯

ଆସନ୍ତା ବର୍ଷ କର୍ଣ୍ଣାଟକରେ ଲୋକ ସଭା ନିର୍ବାଚନ ଏକାଠି ଲଢ଼ିବା ପାଇଁ ଭାଜପା ଏବଂ ଜେଡିଏସ୍ ମଧ୍ୟରେ ବୁଝାମଣା ହୋଇଥିବା ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଏଚ୍.ଡି. ଦେବେଗୌଡ଼ା ରବିବାର ଘୋଷଣା କରିଛନ୍ତି। ତାଙ୍କ ପୁଅ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ବୈଠକ ବସି ଆସନ ବୁଝାମଣା ଚୂଡ଼ାନ୍ତ ହେବ ବୋଲି ସେ କହିଛନ୍ତି। ଆଞ୍ଚଳିକ ଦଳ ଜେଡିଏସ୍‌କୁ ସଫା କରିଦେବା ଲାଗି କଂଗ୍ରେସ ଚକ୍ରାନ୍ତ ଚଳାଇଥିବାବେଳେ ଏହାକୁ ବଞ୍ଚାଇ ରଖିବା ଲାଗି ଭାଜପା ସହ ମେଣ୍ଟ କରିବାକୁ ନିଷ୍ପତ୍ତି ହୋଇଥିବା ଦେବେଗୌଡ଼ା କହିଛନ୍ତି। ୨୦୨୪ ନିର୍ବାଚନ ପାଇଁ ଭାଜପା-ଜେଡିଏସ୍ ମେଣ୍ଟ ହେବ ବୋଲି କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା ପୂର୍ବରୁ ସୂଚନା ଦେଇଥିଲେ।



ଏଚ୍.ଡି. କୁମାରସ୍ୱାମୀ

# ୧୩ରେ 'ଇଣ୍ଡିଆ' ସମନ୍ୱୟ ସମିତିର ପ୍ରଥମ ବୈଠକ

ନୂଆଦିଲ୍ଲୀ,୧୦।୯

ଇଣ୍ଡିଆନ୍ ନ୍ୟାଶନାଲ ଡେମୋକ୍ରାଟିକ୍ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ବ୍ଲକ୍ ସମନ୍ୱୟ ସମିତିର ପ୍ରଥମ ବୈଠକ ଆସନ୍ତା ୧୩ ତାରିଖରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। ୧୪ ସଦସ୍ୟବିଶିଷ୍ଟ କୋଅର୍ଡିନେଶନ୍ କମିଟି ବୈଠକ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାରଙ୍କ ବାସଭବନରେ ବସିବ। ଏଥିରେ ମେଣ୍ଟର ରଣନୀତି ଓ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରାଯିବ ବୋଲି 'ଇଣ୍ଡିଆ' ପକ୍ଷରୁ ରବିବାର ସୂଚନା ଦିଆଯାଇଛି।

୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ହରାଇବା ପାଇଁ ୨୬ ବିରୋଧୀ ଦଳକୁ ନେଇ ଗଠିତ 'ଇଣ୍ଡିଆ'ର ନେତାମାନେ ମୁମ୍ବାଇ ବୈଠକରେ ୧୪ ଜଣିଆ ସମନ୍ୱୟ ସମିତି ଗଠନ କରିଥିଲେ। ଏହି କମିଟି ବିରୋଧୀ ମେଣ୍ଟର ସର୍ବୋଚ୍ଚ ନିଷ୍ପତ୍ତି ଗ୍ରହଣକାରୀ ସଂସ୍ଥା ରୂପେ କାର୍ଯ୍ୟ କରିବ। ରବିବାର ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସାଧାରଣ ସମ୍ପାଦକ ତଥା ସମନ୍ୱୟ ସମିତି ସଦସ୍ୟ ଅଭିଷେକ ବାନାର୍ଜୀ କହିଛନ୍ତି, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତାଙ୍କୁ ସେପ୍ଟେମ୍ବର ୧୩ରେ ହାଜର ହେବା ପାଇଁ ସମନ କରିଛି। ତେଣୁ ଏହାର ସମୟକୁ ନେଇ ସେ ପ୍ରଶ୍ନ ଉଠାଇବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରିଛନ୍ତି। ବୈଠକରେ ଯୋଗଦେବାକୁ ଥିବା ଅନ୍ୟ ନେତାମାନେ ହେଲେ କେ.ସି. ବେଣୁଗୋପାଳ(କଂଗ୍ରେସ), ଟି.ଆର. ବାଲୁ (ଡିଏମ୍‌କେ), ହେମନ୍ତ ସୋରେନ୍ (ଜେଏମ୍‌ଏମ୍), ସଞ୍ଜୟ ରାଉତ୍ (ଶିବସେନା-ୟୁବିଟି), ତେଜସ୍ୱୀ ଯାଦବ (ଆର୍‌ଜେଡି), ରାଘବ ଚଡ୍ଢା (ଏଏପି), ଜାଭେଦ ଅଲୀ ଖାନ୍ (ଏସ୍‌ପି), ଲଲନ ସିଂ (ଜେଡିୟୁ), ଡି.ରାଜା (ସିପିଆଇ), ଓମାର ଅବ୍‌ଦୁଲ୍ଲା (ନ୍ୟାଶନାଲ କନ୍‌ଫରେନ୍ସ), ମେହବୁବା ମୁଫ୍ତି (ପିଡିପି) ଏବଂ ସିପିଆଇଏମ୍‌ର ଜଣେ ନେତା।

## ରାଜ୍ୟ ଖବର

# ୩ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୧୦।୯
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସୀମାନ୍ତ ଛତିଶଗଡ଼ ସୁକୁମା ଜିଲାରେ ୮ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ମହିଳା ମାଓବାଦୀଙ୍କ ସହ ୩ ଜଣ ରବିବାର ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ବାଟାଲିୟନ ସଦସ୍ୟା କମଳୀ ଓରଫ କମଳା, ପୂର୍ବ ବାଟାଲିୟନ କମ୍ପାନୀ ସଦସ୍ୟ ଦେବା ଓ ଡିଏକେଏମ୍‌ଏସ୍ ସଦସ୍ୟ ସନୁ। ଏହି ୩ ଜଣଙ୍କ ଘର ଜଗରଗୁଣ୍ଡାରେ। ଏମାନେ ସୁକୁମା ଏସ୍‌ପି କିରଣ ଚୌହାନ ଓ ଡିଆଇଜି ଦ୍ୱିତୀୟ କମାଣ୍ଡାଣ୍ଟ ସୁରେଶ ସିଂ ପାୟଲଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କୁ ପ୍ରୋତ୍ସାହନ ବାବଦକୁ ସହାୟତା ରାଶି ପ୍ରଦାନ କରାଯାଇଛି। ଆତ୍ମସମର୍ପଣ କରିଥିବା କମଳା ମାଓବାଦୀ ସଂଗଠନରେ ୨୦୧୭ରେ ବାଲ୍ ସଂଘମ୍‌ର ସଦସ୍ୟା ଭାବେ ଯୋଗ ଦେଇଥିଲେ।

# ଖଣିଜ କାରବାର ସ୍ଥିତି ନେଇ ଖଣି ମନ୍ତ୍ରଣାଳୟ ସଚିବଙ୍କ ଆଲୋଚନା

ଭୁବନେଶ୍ୱର, ୧୦।୯(ସୁନିତ୍ ମିଶ୍ର)

କେନ୍ଦ୍ର ସରକାରଙ୍କ ଖଣି ମନ୍ତ୍ରଣାଳୟ ସଚିବ ଭି. ଏଲ୍. କାନ୍ତାରାଓ ଖଣିଜ କାରବାର କ୍ଷେତ୍ରରେ ନିୟୋଜିତ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରୀୟ ସଂସ୍ଥାର ପଦାଧିକାରୀ ଏବଂ ଅନ୍ୟ ଅଂଶୀଦାରମାନଙ୍କୁ ନେଇ ରବିବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ବୈଠକରେ ଓଡ଼ିଶା ସରକାରଙ୍କ ଇସ୍ପାତ ଓ ଖଣି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ଭାରତୀୟ ବୈଜ୍ଞାନିକ ସର୍ବେକ୍ଷଣ(ଜିଏସ୍‌ଆଇ)ର ମହାନିର୍ଦ୍ଦେଶକ ଜନାର୍ଦ୍ଦନ ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ। ଜିଏସ୍‌ଆଇ, ନାଲ୍‌କୋ, ଆଇବିଏମ୍ ଭଳି କେନ୍ଦ୍ର ସରକାରୀ ସଂସ୍ଥା ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସମେତ ଓଡ଼ିଶା ସରକାରଙ୍କ ଇସ୍ପାତ ଓ ଖଣି ବିଭାଗ, ଖଣି ଓ ଭୂବୈଜ୍ଞାନିକ ନିର୍ଦ୍ଦେଶାଳୟ, ଓଡ଼ିଶା ଖଣି ନିଗମ (ଓଏମ୍‌ସି), ଯୋଜନା ଓ ସଂଯୋଜନ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକରେ ଅଂଶଗ୍ରହଣ କରିଥିଲେ। ଜେଏସ୍‌ଡବ୍ଲ୍ୟୁ, ଜେଏସ୍‌ପିଏଲ୍, ବେଦାନ୍ତ, ଏଏମ୍‌ଏନ୍‌ଏସ୍, ଆସୋଚାମ୍, ଇଣ୍ଡିଆନ ଚାମ୍ବରର୍ସ ଅଫ୍ କମର୍ସ (ଆଇସିସି), ଟାଟା ଷ୍ଟିଲ, ଫିକି, ଫିମି, ୟୁସିସିଆଇଏଲ, ସିଆଇଆଇ ଭଳି ଶିଳ୍ପାନୁଷ୍ଠାନ ଓ ଶିଳ୍ପ ସଂଘର ପ୍ରତିନିଧିମାନେ ଏଥିରେ ଯୋଗଦେଇ ସେମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଉପରେ ନିଜର ମତ ରଖିଛନ୍ତି। ଓଡ଼ିଶାରେ ଖଣି ଖନନ ଓ ଖଣିଜ କ୍ଷେତ୍ର ସହ ଜଡ଼ିତ ବିଭିନ୍ନ ପ୍ରସଙ୍ଗକୁ ନେଇ ବୈଠକରେ ବିଚାର ବିମର୍ଶ କରାଯାଇଛି। କେନ୍ଦ୍ର ଖଣି ସଚିବ ବିଭିନ୍ନ ସଂସ୍ଥାର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ସଂସ୍ଥା ଦ୍ୱାରା ଖଣିଜ ଉତ୍ତୋଳନ କାର୍ଯ୍ୟକୁ ବଢ଼ାଇବା ଏବଂ ଏନ୍‌ଏମ୍‌ଇଟି ପାଣ୍ଠିର ଉପଯୋଗ କରିବା, ଖଣିଗୁଡ଼ିକର ନିଲାମି ପାଇଁ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା, ନିଲାମ ହୋଇଥିବା ଖଣିଗୁଡ଼ିକୁ ଠିକ୍ ସମୟରେ କାର୍ଯ୍ୟକ୍ଷମ କରିବା ଏବଂ ଦୀର୍ଘସ୍ଥାୟୀ ଖଣି ଖନନ ସହିତ ଉତ୍ପାଦନ ବଢ଼ାଇବା ପାଇଁ ମିଳିତ ପ୍ରୟାସ ଲାଗି ଆହ୍ୱାନ ଦିଆଯାଇଥିଲା। ଦେଓରଞ୍ଜନ କୁମାର ସିଂ ନିଜ ବକ୍ତବ୍ୟରେ ଖଣି ନିଲାମ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ବିଭିନ୍ନ ଏଜେନ୍ସିର ଭୂମିକା ବିଷୟରେ ଉଲ୍ଲେଖ କରିଥିଲେ। ଏ ଦିଗରେ ସମସ୍ତଙ୍କ ସହଯୋଗ ମଧ୍ୟ ଲୋଡ଼ିଥିଲେ। ଓଡ଼ିଶାରେ ଖଣି କ୍ଷେତ୍ରର ବିକାଶ ପାଇଁ ଖଣି ମନ୍ତ୍ରଣାଳୟ ଏବଂ ରାଜ୍ୟର ବିଭିନ୍ନ ସଂସ୍ଥା ମଧ୍ୟରେ ଉନ୍ନତ ସମନ୍ୱୟ ପାଇଁ ସଚିବ ଆଶ୍ୱାସନା ଦେଇଛନ୍ତି।

# ଚିକିତ୍ସା ଅଭାବରୁ ବାଳକଙ୍କ ମୃତ୍ୟୁ ଅଭିଯୋଗ

ବୌଦ୍ଧ,୧୦।୯(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକରେ ଚିକିତ୍ସା ଅଭାବରୁ ଜଣେ ୧୩ ବର୍ଷୀୟ ବାଳକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ହରଭଙ୍ଗା ବଜାର ସାହିର ମନୋଜ ମହାକୁଡଙ୍କ ପୁଅ ମୁକେଶ ଶନିବାର ବିଦ୍ୟାଳୟରୁ ଆସି ଘରେ ଖାଇ ସାରି ମୋବାଇଲ ଦେଖୁଥିଲା। ଅପରାହ୍ନ ୩ଟାରେ ବାତ ମାରିବାରୁ ସେ ଚେତାଶୂନ୍ୟ ହୋଇପଡିଥିଲେ। ତାଙ୍କୁ ପରିବାର ଲୋକେ ଚିକିତ୍ସା ପାଇଁ ହରଭଙ୍ଗା ମେଡିକାଲକୁ ନେଇଥିଲେ। କିନ୍ତୁ ଡାକ୍ତର ଛୁଟିରେ ଥିବାରୁ ଫାର୍ମାସିଷ୍ଟ ଅବସ୍ଥା ଦେଖି ପୁରୁଣାକଟକ ମେଡିକାଲ ନେବାକୁ କହିଥିଲେ। ପରିବାର ଲୋକେ ଉକ୍ତ ମେଡିକାଲକୁ ନେଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ହରଭଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ଅନୁପସ୍ଥିତି ଯୋଗୁ ଠିକ ସମୟରେ ଚିକିତ୍ସା ନ ପାଇ ମୁକେଶଙ୍କ ମୃତ୍ୟୁ ଘଟିଲା ବୋଲି ତାଙ୍କ ଦାଦା ଧିରେନ ମହାକୁଡ ଅଭିଯୋଗ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଜୟକୃଷ୍ଣ ମିଶ୍ରଙ୍କୁ ଏନେଇ ପଚାରିବାରେ ବ୍ଲକ ମେଡିକାଲ ଅଫିସର ଡା. ଶ୍ରୀମନ୍ତ ସ୍ୱାଇଁଙ୍କୁ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ କହିଥିବା କହିଥିଲେ।

# ମଦ ବେପାରୀଙ୍କୁ ଆକ୍ରମଣ: ୨ ଗୁରୁତର

ସୋର,୧୦।୯(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ଥାନା ଅଞ୍ଚଳରେ ମଦ ମାଫିଆଙ୍କ ଆକ୍ରମଣରେ ୨ ମଦ ବିକ୍ରେତା ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସୋର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ଆଇସ୍ ଫ୍ୟାକ୍ଟ୍ରି ଛକରେ ଥିବା ଦେଶୀ ମଦ କାଉଣ୍ଟର ଆଗରେ ଖଣ୍ଡାସାହି ଗ୍ରାମର ଗଣେଶ ସିଂ ଓ ସଞ୍ଜୟ ସିଂ ଛିଡ଼ା ହୋଇଥିବା ବେଳେ ବାଲେଶ୍ୱର ପୁରୁଣା ବଜାର ଅଞ୍ଚଳର ୨ ମଦ ମାଫିଆ ସେଠାରେ ପହଞ୍ଚି ଅତର୍କିତ ଭାବେ ଉଭୟଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଗଣେଶଙ୍କ ମୁଣ୍ଡରେ ଆଘାତ ଲାଗିଥିବା ବେଳେ କାନ ସମ୍ପୂର୍ଣ୍ଣ କଟିଯାଇଛି ଏବଂ ସଞ୍ଜୟଙ୍କ ହାତରେ ଗଭୀର କ୍ଷତ ହୋଇଛି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ଆକ୍ରମଣର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ବେଆଇନ ଦେଶୀ ମଦ ବେପାର ଲାଗି ଏରିଆ ଭାଗବଣ୍ଟା ହୋଇ ନ ପାରିବା କାରଣରୁ ଏପରି ଘଟଣା ଘଟିଥିବା ଚର୍ଚ୍ଚା ହେଉଛି।

# କକା ସହ ଦାକ୍ଷିଣାତ୍ୟରୁ ଫେରିଲେ ଧର୍ମପଦ





- ଅସୁସ୍ଥ ସିବେଇ ସାମନ୍ତରା ଗାଁକୁ ଫେରିଥିଲେ
- ଧର୍ମପଦଙ୍କ ପ୍ରଶ୍ନ ଥିଲା କସାଖପୁରି ନା ବସାଖପୁରି

ଡ. ସୁରେନ୍ଦ୍ର କୁମାର ମିଶ୍ର

ଗତ ସଂଖ୍ୟାରେ ଏକ ସ୍ମରଣୀୟ ପ୍ରସଙ୍ଗ ଆମେ ଉଲ୍ଲେଖ କରିଥିଲୁ। 'ମଦୁରାଇ ଶିଳ୍ପୀଙ୍କୁ ସିବେଇ ସାମନ୍ତରା ମନ୍ଦିର ନିର୍ମାଣ କାର୍ଯ୍ୟରେ ନିୟୋଜିତ କରିବାକୁ ମନା କରିଦେଇଥିଲେ।' ସହଜ କଥା ନୁହେଁ ସେ କାଳଖଣ୍ଡରେ। ପ୍ରବଳ ପ୍ରତାପୀ ଲାଙ୍ଗୁଳା ନରସିଂହଙ୍କ ସାମ୍ରାଜ୍ୟ। ବଙ୍ଗ ନବାବ ଭୟରେ ଥରହର। ଅଥଚ ଗୋଟିଏ ମନ୍ଦିରର ସ୍ଥପତି ତାଙ୍କ ଶ୍ୱଶୁରାଳୟରୁ ଆସିଥିବା ଶିଳ୍ପୀଙ୍କୁ ମନା କରିଦେଇଛନ୍ତି କାମ କରିବାକୁ! ତୁଷ୍ଟୀକରଣର ପ୍ରଶ୍ନ ନାହିଁ। ଓଡ଼ିଶାର ଶିଳ୍ପକଳାର ପ୍ରଶ୍ନ। ଗଜପତିଙ୍କ ପାଖକୁ କଥା ଯାଉଛି। ସେ 'ଆଦେଶ' ଦେଉଛନ୍ତି, ନିର୍ଦ୍ଦେଶ ନୁହେଁ। ଆଦେଶର ମୋଟାମୋଟି ଅର୍ଥ-ଫେରାଅନି... ଛୋଟ ଛୋଟ କାମରେ ନିଯୁକ୍ତ କର....। ଏଇ ହେଉଛି ରାଜତନ୍ତ୍ରରେ ଗଣତନ୍ତ୍ରର ମୂଲ୍ୟବୋଧ।

କୋଣାର୍କଠାରେ ମନ୍ଦିର ନିର୍ମାଣ ସମୟରେ ଗଜପତି ଉଦାର ଥିଲେ। ସମସ୍ତ ଦିଗ ପ୍ରତି ଲକ୍ଷ୍ୟ ରଖୁଥିଲେ। ତାଙ୍କ ପ୍ରତିନିଧି ଭାବରେ ବଳଶ୍ରୀ ମଧ୍ୟ ସେହିପରି କାର୍ଯ୍ୟ କରୁଥିଲେ। ବଳଶ୍ରୀ ଥାଆନ୍ତି କୋଣାର୍କରେ। ମନ୍ଦିର ନିର୍ମାଣ ନଅବର୍ଷ ସମ୍ପୂର୍ଣ୍ଣ ହୋଇ ଦଶବର୍ଷ ଚାଲିଥାଏ। ମନ୍ଦିରର ମୁଖ୍ୟ ସୂତ୍ରଧର ସଦାଶିବ ସାମନ୍ତରାୟଙ୍କ ଶରୀର ଅସୁସ୍ଥ ହେବାରୁ ସେ ଶିବିର ଛାଡ଼ି ନିଜ ଗାଁକୁ ଚାଲିଯାଇଥିଲେ। ପୋଥିରେ ମିଳୁଛି ତାଙ୍କ ଗାଁ ନାମ ଡିହପାଟଣା ପଥୁରିଆପଡ଼ା। ଗାଁକୁ ଚିହ୍ନଟ କରିବା ପାଇଁ ଅନେକ ଚେଷ୍ଟା କରିଛୁ। ତିନୋଟି 'ଡିହପାଟଣା' ଗ୍ରାମ ମଧ୍ୟରୁ ତାଙ୍କ ଘରର ସନ୍ଧାନ ପାଇଲୁ ନାହିଁ। ଶୁଣିଲୁ ନଈବଢ଼ିରେ ମୂଳ ଡିହପାଟଣା ଧୋଇ ହୋଇଯାଇଛି। ଖୋଜିଲୁ ରାଜସ୍ୱ କାଗଜାତରୁ କିଛି ସନ୍ଧାନ ମିଳିପାରେ। ନିରାଶ ହେଲୁ। ଆଶା ବାନ୍ଧିଥିଲୁ ଶ୍ରୀ ପଦ୍ମକେଶର ମନ୍ଦିରର ମୁଖ୍ୟ ସ୍ଥପତିଙ୍କ ଗାଁ ଚିହ୍ନଟ ହେଲେ ତାହା ହେବ ଓଡ଼ିଆ ଜାତିର ଐତିହ୍ୟର ତୀର୍ଥସ୍ଥଳ। ପୂର୍ବରୁ ଗଜପତି ଲାଙ୍ଗୁଳା ନରସିଂହଦେବ ଗଡ଼ରୂପାସଠାରେ ଅସ୍ଥାୟୀ ଭାବେ ରହିବା ପାଇଁ ଯେଉଁ ଘର ଯୋଗାଇ ଦେଇଥିଲେ ତା'ର ସୂଚନା ଦେଇଥିଲୁ। ଭଗ୍ନ ଭିଟାମାଟିରେ ନୁଆଁଣିଆ ଚାଞ୍ଚଘେରା ବଖୁରିଆ ଡିହଟିଏ ବାହୁନୁଥିବା ପରି ଲାଗିଥିଲା।

ବଳଶ୍ରୀ କୋଣାର୍କରେ ପଦାର୍ପଣ ପରେ ଖବର ପାଇଲେ ଶିବେଇ ସାମନ୍ତରା ଅସୁସ୍ଥ। ପାଲିଙ୍କିରେ ତାଙ୍କ ଗାଁକୁ ବାହାରିଲେ। ସାଙ୍ଗରେ ଯାଇଥିଲେ ନାରାୟଣ ମହାପାତ୍ର, ଗଙ୍ଗା ମହାପାତ୍ର ଓ ଗଦାଧର ମହାପାତ୍ର। ଏହି ତିନିଜଣ ହାତୀରେ ଯାଇଥିଲେ। ଡିହପାଟଣା ଘରେ ପହଞ୍ଚିବା ପରେ ଦେହ ପା' କଥା ବୁଝୁଥିବାବେଳେ ତାଙ୍କ ପୁଅ ଧର୍ମପଦ ମହାପାତ୍ର (ପୋଥିରେ କେବଳ ଧର୍ମ ମହାପାତ୍ର ଉଲ୍ଲେଖ ରହିଛି) ଏବଂ ଶିବେଇ ସାମନ୍ତରାଙ୍କ ସାନଭାଇ ନିଧି ମହାପାତ୍ର ଆସି ପହଞ୍ଚିଥିଲେ। ସେମାନେ ଗଜପତିଙ୍କ ନିର୍ଦ୍ଦେଶକ୍ରମେ ଦାକ୍ଷିଣାତ୍ୟ ଯାଇଥିଲେ। ସେଠାରୁ ଫେରି ଶିବେଇ ସାମନ୍ତରାଙ୍କ ଉଦାସ ଭାବ ଦେଖି ବ୍ୟସ୍ତ ହୋଇପଡ଼ିଲେ।

ଶୁଣିଲେ ବାପା ଅସୁସ୍ଥ। ସେଣେ କୋଣାର୍କ ମନ୍ଦିରର ଶୀର୍ଷ କାର୍ଯ୍ୟ ବନ୍ଦ। ସମସ୍ତେ ବିଚାରବିମର୍ଶ କଲେ। ଗଙ୍ଗା ମହାପାତ୍ରେ କହିଲେ- ଅବିଶ୍ରାନ୍ତ ଭାବରେ ଦେଉଳ ମୁଣ୍ଡିମରା କାମରେ ବ୍ୟସ୍ତ ଥିଲେ। ତାହା ହୋଇପାରି ନାହିଁ....।

ସେଇ ଅସୁସ୍ଥ ଅବସ୍ଥାରେ ଧର୍ମପଦ ପଚାରିଲେ କସାଖପୁରି ନା ବସାଖପୁରି...। ସମସ୍ତେ ଧର୍ମପଦ ମୁହଁକୁ ଚାହିଁଲେ! ସତରେ କ'ଣ ଇଏ ମୁଣ୍ଡି ମାରିଦେବ! ଏପରି କଥା କ'ଣ ପଚାରୁଛି। ସେହି ସମୟରେ ଧର୍ମପଦ କହିଲେ- କେହି ବ୍ୟସ୍ତ ହେବା ଦରକାର ନାହିଁ। ମୁଁ ଖଞ୍ଜିଦେବି। କସା କି ବସା ଖପୁରି ଶିବେଇ ସାମନ୍ତରା କହିବା ପୋଥିରେ ଲେଖାନାହିଁ। ଏହି ଦୁଇଟି ଶବ୍ଦ ଶିଳ୍ପଶାସ୍ତ୍ର ଶବ୍ଦ। ଗଙ୍ଗା ମହାପାତ୍ର ଯାଇଥିବା ହାତୀରେ ଗଙ୍ଗାଙ୍କ ସହିତ ଧର୍ମପଦ ଗାଁରୁ କୋଣାର୍କ ଆସିଥିଲେ। କୋଣାର୍କରେ ସୂତ୍ରଧର ଶିବେଇ ସାମନ୍ତରାଙ୍କ ଶିବିରରେ ରହିଲେ। ଦୁଇଜଣ ସହଯୋଗୀଙ୍କୁ ବାଛି ନିଜ ପାଖରେ ରଖିଲେ। ପୋଥିରେ ସ୍ପଷ୍ଟ ଲେଖାଯାଇଛି ସୂତ୍ରଧର (ସଦାଶିବ ସାମନ୍ତରାୟ ଓରଫ ଶିବେଇ ସାନ୍ତରା)ଙ୍କ ପୁତ୍ର ଧର୍ମ ମହାପାତ୍ର 'ଗୁଣାଗାର'କୁ ତନ୍ନ ତନ୍ନ କରି ଦେଖିଲେ। ଗୁଣାଗାର ଶବ୍ଦ ଶିଳ୍ପଶାସ୍ତ୍ରର ପାରିଭାଷିକ ଶବ୍ଦ। ତାହାର ଅର୍ଥ 'ଯୋଜନା'। ମୁଣ୍ଡି ମାରିବାର ଯୋଜନା କେମିତି କେଉଁ ପ୍ରକାର ପ୍ରସ୍ତୁତି ହୋଇଛି। ତାହାକୁ ବିଶେଷ ଅଧ୍ୟୟନ କଲେ। ଆମେ ଏହି ପ୍ରସଙ୍ଗରେ ବିଚାର କରିବା କଥା ଯେ, ବିଶୁ ମହାରଣାଙ୍କ ପୁତ୍ର ଧର୍ମପଦ ନୁହନ୍ତି। ତାଙ୍କ ସାଙ୍ଗିଆ ମଧ୍ୟ 'ମହାରଣା' ନୁହେଁ। କିନ୍ତୁ ଓଡ଼ିଶାରେ କିପରି ଓ କିଏ ବିଶୁ ମହାରଣାଙ୍କ ପୁଅ ଧର୍ମ ମହାରଣା ବୋଲି ପ୍ରଚାର କଲା ତାହା ଅଜଣା। ସେଇ ଭୁଲ ପ୍ରସଙ୍ଗ ଲୋକଗୀତ, ଲୋକକଥା ଓ କିମ୍ବଦନ୍ତୀରେ ପ୍ରଚଳିତ ହୋଇଯାଇଛି। ସେହି ଭ୍ରମପୂର୍ଣ୍ଣ ପ୍ରସଙ୍ଗ ସାହିତ୍ୟରେ ବି ସ୍ଥାନ ପାଇଯାଇଛି।

ଧର୍ମପଦ ଦୁଇଜଣ ସହଯୋଗୀଙ୍କ ସହାୟତାରେ ବଡ଼ସିଂହ ଲାଗିଥିବା ସ୍ଥାନରୁ ସମ୍ପୂର୍ଣ୍ଣ ମନ୍ଦିରକୁ ମାପ କଲେ। ଏହି ମାପଚାରି ଦିଗରୁ ହୋଇଥିଲା। ମନ ମାନିଲାନି। ପୁଣି ଚାରିଜଣ ପଥୁରିଆଙ୍କୁ ଧରି ମାପ କଲେ। ତାଙ୍କୁ ଆଣିଥିବା ହାତୀ ଡିହପାଟଣାକୁ ଫେରିଯାଇଥିଲା। ବଳଶ୍ରୀ ଓ ଅନ୍ୟମାନେ ଶିବେଇ ସାମନ୍ତରାଙ୍କ ଘରେ ପାଞ୍ଚଦିନ ରହିଲେ। ହାତୀ, ହାତୀଆଳ, ପାଲିଙ୍କି, କାନ୍ଧେଇବାବାଲା ପାଞ୍ଚଦିନ ରହିବା ସ୍ୱାଭାବିକ। ପାଞ୍ଚଦିନ ପରେ ସୂତ୍ରଧରଙ୍କୁ ସାଙ୍ଗରେ ଧରି କୋଣାର୍କ ଫେରି ଦେଖିଲେ- ସୂତ୍ରଧରଙ୍କ ଶିବିରରେ ଧର୍ମପଦ ରହିଛନ୍ତି।



କୋଣାର୍କରେ ତତ୍କାଳୀନ ବ୍ୟବହୃତ ପାଲିଙ୍କିର ପଥର ଆକୃତି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ସୁମିତ୍ରା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜିଲାପାଳଙ୍କୁ ଜବାବ ମାଗିଲା ସିଆ

## ଧର୍ମଶାଳା ତହସିଲରେ ଲଘୁ ଖଣିଜ୍ ଲୁଟ ମାମଲା

ଯାଜପୁର,୧୦।୯(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ଅନୁମତିଠାରୁ ଢେର ଗୁଣ ଅଧିକ କଳାପଥର ଉତ୍ତୋଳନ ଅଭିଯୋଗ ସାଟେଲାଇଟ୍ ମାପଚୁପରେ ପ୍ରମାଣିତ ହୋଇସାରିଛି। ଏପରିକି ବିଭିନ୍ନ ପର୍ଯ୍ୟାୟରେ ଅଧିକ ଲୁଟ କରିଥିବା ୨୨ ଜଣ ଲିଜ୍‌ଧାରୀଙ୍କୁ ୩୨୦ କୋଟି ଟଙ୍କା ଜରିମାନା ନିର୍ଦ୍ଦେଶ ହୋଇଛି। ଏହାପରେ ସମ୍ପୃକ୍ତ ଲିଜଧାରୀମାନେ କୋର୍ଟକଚେରୀର ଦ୍ୱାରସ୍ଥ ହୋଇଛନ୍ତି। ତେବେ ଚୂଡ଼ାନ୍ତ ଶୁଣାଣି ସମୟସାପେକ୍ଷ ହେଉଥିବାବେଳେ ରାତି ସମୟରେ ଚୋରା ବେପାର ସହଜ ହୋଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟପକ୍ଷରେ ଲଘୁ ଖଣିଜ ଦ୍ରବ୍ୟ ସଂଶୋଧନ ଆଇନର ଉଲ୍ଲଂଘନ ଅନୁଯାୟୀ ପରିବେଶଗତ ଅନୁମତି(ଇସି) ପ୍ରତ୍ୟାହାର ନ କରି କେବଳ କାରଣ ଦର୍ଶାଅ ନୋଟିସ ଓ ଜରିମାନାରେ ପଦକ୍ଷେପ ସୀମିତ ରହିଛି। ତେଣୁ ଧର୍ମଶାଳା ତହସିଲ ଅଞ୍ଚଳର ଗ୍ରାମବାସୀ ଷ୍ଟେଟ୍ ଏନଭାଇରନ୍‌ମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ ଅଥରିଟି (ଏସ୍‌ଇଆଇଏଏ) ବା 'ସିଆ'ର ଦ୍ୱାରସ୍ଥ ହୋଇଛନ୍ତି। ଏହିକ୍ରମରେ ଗତ ୩୧ ତାରିଖରେ ସିଆ ସଦସ୍ୟ ସଚିବ ଉପରୋକ୍ତ ଅଭିଯୋଗ ଉପରେ ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଜପୁର ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ଏହି ମାମଲାକୁ ଅତି ଗୁରୁତର ମନେ କରି ତୁରନ୍ତ ପଦକ୍ଷେପ ନେବା ସହ ଏହାର ରିପୋର୍ଟ ଦେବାକୁ ସଦସ୍ୟ ସଚିବ ତାଙ୍କ ପତ୍ରରେ ଦର୍ଶାଇଛନ୍ତି।

ଅନୁମୋଦନ ପରିମାଣଠାରୁ ବହୁ ଗୁଣରେ ଅଧିକ ଲଘୁ ଖଣିଜ ଦ୍ରବ୍ୟ ଲୁଟ ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ସାଧାରଣ କଥା ହୋଇଛି। ଏହାକୁ ଦୀର୍ଘ ବର୍ଷ ହେବ ରାଜ୍ୟସ୍ତରରେ ରାଜସ୍ୱ ବିଭାଗ ଏବଂ ଜିଲାସ୍ତରରେ ତହସିଲ ପ୍ରଶାସନ ମଧ୍ୟ ସହଯୋଗ କରି ଆସୁଛି। ଏନେଇ ଅତୀତରେ ୧୦ ଜଣ ଲେଖାଏ ଉପଜିଲାପାଳ ଏବଂ ତହସିଲଦାରମାନଙ୍କ ନାମରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ମଧ୍ୟ ଫାଇଲ ଭିତରେ ଚପି ରହିଛି। ତେବେ ବିଧାନସଭାରେ ଏନେଇ ପ୍ରଶ୍ନ ଉଠିବାରୁ ୨୦୨୨ ଏପ୍ରିଲରୁ ସାଟେଲାଇଟ୍ ମାପଚୁପ ପ୍ରକ୍ରିୟା ଆରମ୍ଭ କରାଯାଇ ଜରିମାନା ଦେବାକୁ ନୋଟିସ ହୋଇଛି। ଏନେଇ ଧର୍ମଶାଳା ତହସିଲ କାର୍ଯ୍ୟାଳୟରୁ ସମ୍ପୃକ୍ତ ଲିଜଧାରୀମାନଙ୍କୁ ୧୧ରୁ ଊର୍ଦ୍ଧ୍ୱ ଥର କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ତଥାପି ଲିଜ୍‌ଧାରୀମାନେ ରାଜନୈତିକ ପ୍ରଭାବ ବଳରେ ପ୍ରଶାସନର ନିର୍ଦ୍ଦେଶଗୁଡ଼ିକୁ ଆଦୌ ଭ୍ରୁକ୍ଷେପ କରିନାହାନ୍ତି। ଏପରିକି ଜରିମାନା ନୋଟିସ ହୋଇଥିବା ଲିଜଧାରୀଙ୍କ ଇସି ପ୍ରତ୍ୟାହାର କରିବାକୁ ଜିଲା ପ୍ରଶାସନ ପକ୍ଷରୁ ସିଆକୁ ପତ୍ର ଲେଖିବାକୁ ମଧ୍ୟ ସାହାସ କରାଯାଇନାହିଁ। ଏହାର ସୁଯୋଗରେ ଲିଜ୍‌ଧାରୀମାନେ ରାତିରେ ଗଭୀର ଗାତ ଖୋଲି ବ୍ଲାଷ୍ଟିଂ ଜରିଆରେ ବିପୁଳ କଳାପଥର ଉତ୍ତୋଳନ କରୁଛନ୍ତି। ପ୍ରଶାସନିକ କଳରେ ଅବହେଳା ଏବଂ ଲିଜ୍‌ଧାରୀଙ୍କୁ ପରୋକ୍ଷରେ ସୁଯୋଗ ଏଭଳି ହେରଫେରକୁ ସୁଯୋଗ ମିଳୁଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏପରି କି ଏନେଇ ଅଭିଯୋଗକାରୀମାନଙ୍କୁ ଲିଜ୍‌ଧାରୀମାନଙ୍କ ସମ୍ପର୍କୀୟମାନେ ଧମକ ଦେଉଥିବା ପୂର୍ବରୁ ଅଭିଯୋଗ ହୋଇଛି। ଜରିମାନା ଆଦାୟ ହେଉନାହିଁ କି ଇସି ପ୍ରତ୍ୟାହାର ନ କରାଯିବା ଦ୍ୱାରା ବେଆଇନ ଉତ୍ତୋଳନକୁ ପରୋକ୍ଷ ସହଯୋଗ କରି ଜିଲା ପ୍ରଶାସନ ସରକାରଙ୍କ ବିପୁଳ କୋଟି ଟଙ୍କା ରାଜସ୍ୱ କ୍ଷତି କରୁଛନ୍ତି ବୋଲି ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସଙ୍କ ମତାମତ ନେବାକୁ ତାଙ୍କ ମୋବାଇଲକୁ ରବିବାର ସନ୍ଧ୍ୟାରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ।

# ସୁବଳୟା ଅଞ୍ଚଳରେ ୫ଶହ ଟଙ୍କିଆ ନକଲି ନୋଟ୍

## ତିନୋଟି ନୋଟ ଦେଇ ଦୋକାନୀଙ୍କୁ ଠକିଲେ ଅଜଣା ବ୍ୟକ୍ତି

ଅମରପାଲି,୧୦।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ଥାନା ଅଞ୍ଚଳରେ ନକଲି ୫ ଶହ ଟଙ୍କିଆ ନୋଟ ଦେଖିବାକୁ ମିଳିଛି। ଉକ୍ତ ଥାନା ଅନ୍ତର୍ଗତ ପିତାମହୁଲ ପଞ୍ଚାୟତ ଟେଭାପଦର ଗ୍ରାମରେ ଜଣେ ଦୋକାନୀଙ୍କୁ ଜଣେ ବ୍ୟକ୍ତି ତିନୋଟି ୫ ଶହ ଟଙ୍କିଆ ନୋଟ ଦେଇ ତେଜରାତି ସାମଗ୍ରୀ ନେଇଥିବା ଅଭିଯୋଗ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଟେଭାପଦର ଗ୍ରାମର କ୍ଷମାନିଧି ସାହୁ ଅସୁସ୍ଥ ଥିବାରୁ ସେ କରିଥିବା ତେଜରାତି ଦୋକାନରେ ତାଙ୍କ ସ୍ତ୍ରୀ ବସି ବିକ୍ରି କରୁଥିଲେ। ରବିବାର ମଧ୍ୟାହ୍ନ ସମୟରେ ଜଣେ ଅଜଣା ବ୍ୟକ୍ତି ୩୦୦ ଟଙ୍କାର ତେଜରାତି ସାମଗ୍ରୀ କିଣି ୫୦୦ ଟଙ୍କା ଦେଇଥିଲେ। ପୁଣି କିଛି ସମୟ ପରେ ସମ୍ପୃକ୍ତ ବ୍ୟକ୍ତି ସେହି ଦୋକାନକୁ ଆସି ୭ ଶହ ଟଙ୍କାର ଜିନିଷ କିଣି ଦୁଇଟି ୫ଶହ ଟଙ୍କିଆ ନୋଟ ଦେଇଥିଲେ। ଦୋକାନୀଙ୍କ ସ୍ତ୍ରୀ ବଳକା ଟଙ୍କା ଫେରାଇ ୫ ଶହ ଟଙ୍କିଆ ନୋଟ ରଖିଥିଲେ। ପରବର୍ତ୍ତୀ ସମୟରେ ଯାଞ୍ଚ କରିବାରୁ ଉକ୍ତ ଟଙ୍କା ନକଲି ବୋଲି ଜଣାପଡିଥିଲା। ଦୋକାନୀ ଜଣକ ରୋଗଗ୍ରସ୍ତ ଥିବାରୁ ସୋମବାର ଏ ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିବେ ବୋଲି ଜଣାଇଛନ୍ତି। ସୁବଳୟା ଅଞ୍ଚଳରେ ନକଲି ୫ ଶହ ଟଙ୍କିଆ ନୋଟ କାରବାର ହେଉଥିବା ଜାଣି ଲୋକଙ୍କ ମଧ୍ୟରେ ଛନକା ପଶିଛି। କିଛିଦିନ ପୂର୍ବରୁ ଉଲୁଣ୍ଡା ଅଞ୍ଚଳରୁ ପ୍ରାୟ ୪୧ ଲକ୍ଷ ଟଙ୍କାର ନକଲି ୫ଶହ ଟଙ୍କିଆ ନୋଟ ଏସ୍‌ଟିଏଫ ଜବତ କରିବା ସହ ଏହି ଘଟଣାରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିଲା।


ନକଲି ୫ ଶହ ଟଙ୍କିଆ ନୋଟ।

# ୫୦ କୁଇଣ୍ଟାଲ କେନ୍ଦୁପତ୍ର ଜବତ, ୨ ଗିରଫ

ବାଲେଶ୍ୱର,୧୦।୯(ମାନସ ବିଶ୍ୱାଳ)

ବାଲେଶ୍ୱର ବନବିଭାଗ ଅଧୀନ ଚାନ୍ଦିପୁର ରେଞ୍ଜ ପକ୍ଷରୁ ଚୋରାଚାଲାଣ ହେଉଥିବା ଏକ କେନ୍ଦୁପତ୍ର ବୋଝେଇ ଟ୍ରକ ଜବତ ସହ ୨ ଜଣଙ୍କୁ ଗିରଫ କରାଯାଇଛି। ଜବତ ହୋଇଥିବା ୫୦ କୁଇଣ୍ଟାଲ କେନ୍ଦୁପତ୍ରର ଆନୁମାନିକ ମୂଲ୍ୟ ୬ଲକ୍ଷରୁ ଅଧିକ ଓ ଟ୍ରକ୍‌ଟିର ମୂଲ୍ୟ ୨୦ଲକ୍ଷ ଟଙ୍କା ହେବ। ଗିରଫ ଅଭିଯୁକ୍ତଦ୍ୱୟ ସମ୍ବଲପୁର ଜିଲା ରେଢ଼ାଖୋଲ ଅଞ୍ଚଳର ସୁରେଶ ମହାକୁର(୪୩) ଓ ମଣ୍ଟୁ ମହାକୁର(୨୦) ବୋଲି ଚାନ୍ଦିପୁର ରେଞ୍ଜର ଗଣେଶ ପ୍ରସାଦ ଲେଙ୍କା ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ୫ଦିନ ପୂର୍ବେ ସମ୍ବଲପୁର ଜିଲା ରେଢ଼ାଖୋଲ ଅଞ୍ଚଳରୁ ଏକ କେନ୍ଦୁପତ୍ର ବୋଝେଇ ଟ୍ରକ ପଶ୍ଚିମବଙ୍ଗ ଅଭିମୁଖେ ବାହାରିଥିବା ନେଇ ବନ ବିଭାଗକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଏହି ଗାଡ଼ିକୁ ଧରିବା ପାଇଁ ସ୍ୱତନ୍ତ୍ର ଅପରେଶନ ଆରମ୍ଭ କରାଯାଇଥିଲା। ରବିବାର ସକାଳେ କେନ୍ଦୁପତ୍ର ବୋଝେଇ ଟ୍ରକ୍‌କୁ ଶେରଗଡ଼ ଟୋଲଗେଟ୍‌ଠାରେ ଅଟକାଇବା ପାଇଁ ଚେଷ୍ଟା କରାଯାଇଥିଲା। ମାତ୍ର ଟ୍ରକ୍‌ଟି ଦ୍ରୁତଗତିରେ ପଳାଇ ଯିବାକୁ ଉଦ୍ୟମ କରୁଥିବା ବେଳେ ବନ ବିଭାଗ ରେମୁଣା ଗୋଲେଇ ଓଭରବ୍ରିଜ୍ ପରେ ପରେ ନୂଆଗାଁ ନିକଟରେ ଧରିବାକୁ ସକ୍ଷମ ହୋଇଥିଲା। ଟ୍ରକ୍‌ରେ କେନ୍ଦୁପତ୍ର ନେଇ ଯାଉଥିବା ଦୁଇ ଯୁବକଙ୍କୁ ପଚରାଉଚରା କରିବାରୁ ସେମାନେ ଏହି କେନ୍ଦୁପତ୍ର ପଶ୍ଚିମ ଓଡ଼ିଶାର ଚାରମାଳା ଜଙ୍ଗଲରୁ ନେଇ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିଲେ ବୋଲି ମାନିଥିଲେ। ଟ୍ରକ୍‌ଟି ସମ୍ବଲପୁର ଅଞ୍ଚଳର ସୁଶାନ୍ତ ଶର୍ମାନାଥଙ୍କର ବୋଲି ଜଣାପଡ଼ିଛି। ଚାନ୍ଦିପୁର ରେଞ୍ଜ ପକ୍ଷରୁ ଏକ ମାମଲା (ନଂ.୩୫/୨୩-୨୪) ରୁଜୁ କରାଯିବା ସହ ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।


ଜବତ ଟ୍ରକ୍ ସହ ଗିରଫ ୨ ଅଭିଯୁକ୍ତ।

# LEGAL NOTICE

ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଅତିରିକ୍ତ କମିଶନର ରିଭିଜନାଲ୍ ଅଦାଲତ (କୋର୍ଟ ନମ୍ବର-୪) ଭୁବନେଶ୍ୱର, ୪ର୍ଥ ମହଲା, ମୁଖ୍ୟଦପ୍ତର କାର୍ଯ୍ୟାଳୟ, ୟୁନିଟ୍-୫, ଭୁବନେଶ୍ୱର
ଓ.ଏସ୍.ଏସ୍. କେସ୍ ନଂ.-୮୨୪/୨୦୨୨

କମଳାକାନ୍ତ ଦାଶ ......ବାଦୀ/ ଦରଖାସ୍ତକାରି
-ବନାମ-
ଭୋବନୀ ପଟ୍ଟନାୟକ ଓଗେର .........ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁ,
(୧) ଭୋବନୀ ପଟ୍ଟନାୟକ, (୨) ପୁରସ୍ତମ ପଟ୍ଟନାୟକ- ପିତା: ବୀର ପଟ୍ଟନାୟକ, (୪) ପ୍ରଭାକର ପଟ୍ଟନାୟକ, ପିତା: ରଘୁ ପଟ୍ଟନାୟକ, (୫) ହାଡ଼ିବନ୍ଧୁ ପଟ୍ଟନାୟକ, (୬) ଗୋପାଳ ପଟ୍ଟନାୟକ, (୭) ଗୋବିନ୍ଦ ପଟ୍ଟନାୟକ, ପିତା: ଈଶ୍ୱର ପଟ୍ଟନାୟକ, (୮) ସତ୍ୟବାଦୀ ପଟ୍ଟନାୟକ, ପିତା: କ୍ଷେତ୍ର ପଟ୍ଟନାୟକ, (୯) ନରୋତ୍ତମ ପଟ୍ଟନାୟକ, ପିତା: ଜଗବନ୍ଧୁ ପଟ୍ଟନାୟକ, ସା: ଦାରୁଠେଙ୍ଗ, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, (୧୧) ଭାଗୁ ପଟ୍ଟନାୟକ, ପିତା: ବାନାମ୍ବର ପଟ୍ଟନାୟକ, ସା: ଦାରୁଠେଙ୍ଗ, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, (୧୨) ନାରାୟଣ ପାତ୍ର, ପିତା: କୃପାସିନ୍ଧୁ ପାତ୍ର, ସା: ନହରକଣ୍ଟା, ଥାନା: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା- ୭୫୨୧୦୧, (୧୪) ନିରନ ସୁରୁନି ପିତା: ମାନସୀ ସୁରୁନି, ସା: ଝିରିପାଣି, -୭୬୯୦୪୨, (୧୫) ନିହାର ରଞ୍ଜନ ମିଶ୍ର, ପିତା: ଜୟରାମ ମିଶ୍ର, ସା: ପୁରୁଷୋତ୍ତମପୁର, ପୋ.ଅ: ଯାଜପୁର, ଥାନା ଓ ଜିଲ୍ଲା: ଯାଜପୁର, (୧୬) ନେତ୍ରାନନ୍ଦ ଦାଶ, ପିତା: ଶଶିଭୂଷଣ ଦାଶ, ସା: ଶ୍ୟାମସୁନ୍ଦରପୁର, ପୋ.ଅ: ଖଲ୍ଲିକୋଟ, ଜିଲ୍ଲା: ଗଂଜାମ- ୭୬୧୦୩୦, (୨୦) କମଳା ମାଝି, ସ୍ୱା: ଲକ୍ଷ୍ମଣ ମାଝୀ, ଗ୍ରାମ: ଦିଅର ହିଟି, ଥାନା: ଫିରିଙ୍ଗି, ଜିଲ୍ଲା: ମୟୂରଭଞ୍ଜ, (୨୬) ଡ.ଏଲ. ଅରୁଣା, ସ୍ୱାମୀ: ଭି. ଏସ୍. ପ୍ରଭାକର, ସା/ପୋ.ଅ: ଏଚ. ଆଇ.ଜି. ୬୧୭ ବି.ଡି.ଏ. ହାଉସିଂ କମ୍ପ୍ଲେକ୍ସ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, (୨୭) ଗାନ୍ଧୀ ଶେଖର ରେଡ଼ି, ପିତା:ବି. ଗୋପାଳ ରେଡ଼ି, ସା/ପୋ.ଅ: ଇଚ୍ଛାପୁରମ୍, ଜିଲ୍ଲା: ଶ୍ରୀକାକୁଲମ୍, ଆନ୍ଧ୍ରପ୍ରଦେଶ-୫୨୩୩୧୨, (୨୮) ଗୀତା ଜେନା, ସ୍ୱାମୀ: ଦେବ ପ୍ରସାଦ ଜେନା, ଗ୍ରାମ: କୋରକାର, ଥାନା: ଜୟପୁର, ଜିଲ୍ଲା: ଭଦ୍ରକ, (୨୯) ଉମାକାନ୍ତ ମହାପାତ୍ର, ପିତା: ଦାମୋଦର ମହାପାତ୍ର, ସା/ପୋ.ଅ: ନୂଆପଡ଼ା, ଥାନା: ଖଣ୍ଡପଡ଼ା, ଜିଲ୍ଲା: ବାଲେଶ୍ୱର, (୩୨) ପାର୍ବତୀ କୁମାର ନାୟକ, ପିତା: ପ୍ରାଣବନ୍ଧୁ ନାୟକ, ସା: ଗନ୍ଧର୍ବ ପୋଖରୀ, ପୋ.ଅ: ସିଙ୍ଘ ଡଲ, ଥାନା: ତିହିଡ଼ି, ଜିଲ୍ଲା: ଭଦ୍ରକ- ୭୫୬୧୩୦, (୩୩) ହରେକୃଷ୍ଣ ଦଳାଇ, ପିତା: ମଣି ଚରଣ ଦଳାଇ, ସା/ପୋ: ଅନ୍ଦରପୁର, ଜିଲ୍ଲା: କେଉଁଝର-୮୪୭୧୦୧, (୩୪) ପରିକ୍ଷିତ ଚରଣ ରାଉତ, ପିତା: କୃଷ୍ଣ ଚରଣ ରାଉତ, ସା/ପୋ.ଅ. ହଜାରୀ ବଗିଚା, ଥାନା ଓ ଜିଲ୍ଲା: କେନ୍ଦ୍ରାପଡ଼ା, (୩୫) ହେମନ୍ତ କୁମାର ଦାଶ, ପିତା: ଅଚ୍ୟୁତାନନ୍ଦ ଦାଶ, ସା/ପୋ.ଅ: ରୋନାପଦା, ଥାନା: ଚାନ୍ଦୋଳ, ଜିଲ୍ଲା: କେନ୍ଦ୍ରାପଡ଼ା, (୩୬) ପ୍ରଦୋଷ ଚନ୍ଦ୍ର ମହାନ୍ତି, ପିତା: ପ୍ରକାଶ ଚନ୍ଦ୍ର ମହାନ୍ତି, ସା/ପୋ. ଅ: ମାତୃନିଳୟ ବିକାଶ ନଗର, ବାଦାମବାଡ଼ି, ଜିଲ୍ଲା: କଟକ, (୩୯)ବସନ୍ତ କୁମାର ଦାଶ, ପିତା: ଅଚ୍ୟୁତାନନ୍ଦ ଦାସ, ସା/ପୋ.ଅ: ନାରଣପଡ଼ା, ଥାନା: ଚାନ୍ଦୋଳ, ଜିଲ୍ଲା: କେନ୍ଦ୍ରାପଡ଼ା, (୪୧) ଭାସ୍କର ଚରଣ ଲେଙ୍କା, ପିତା: କୁଳମଣି ଲେଙ୍କା, ସା/ପୋ.ଅ: ଶଙ୍କରଭୋଳ, ଥାନା: ପାଟକୁରା, ଜିଲ୍ଲା: କେନ୍ଦ୍ରାପଡ଼ା - ୭୫୪୧୩୪
(୪୨) ମଞ୍ଜୁଲତା ଦଳାଇ, ସ୍ୱାମୀ: ଅମରନାଥ ମହାଲିକ, ସା/ପୋ.ଅ: ଅନ୍ଦରପୁର, ଜିଲ୍ଲା: କେଉଁଝର, (୪୩) ରବିନାରାୟଣ ମଲ୍ଲିକ, ପିତା: ଘନେଶ୍ୱର, ସା/ପୋ.ଅ. ତରଡ଼ା, ଜିଲ୍ଲା: ଢେଙ୍କାନାଳ, ହାଲ ସା: କାର୍ଟର ନଂ. ୧୧୯, ଟାଇପ୍- ୨, ଓଲଡ ଏ.ଜି. କଲୋନୀ, ୟୁନିଟ୍-୪, (୪୪) ମନ୍ଦିରା ସେନାପତି, ପିତା: ପୂର୍ଣ୍ଣଚନ୍ଦ୍ର ସେନାପତି, ସା/ପୋ.ଅ: ପ୍ଲଟ୍ ନଂ. ୧୦୭, ଡି. ଆଚାର୍ଯ୍ୟ ବିହାର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, (୪୮) ସବିତା ମହାପାତ୍ର, ସ୍ୱାମୀ: ପ୍ରସନ୍ନ କୁମାର ମହାପାତ୍ର, ସା/ପୋ.ଅ: ରାୟନରସିଂହପୁର, ଥାନା: କାମାକ୍ଷାନଗର, ଜିଲ୍ଲା: ଢେଙ୍କାନାଳ, (୫୧) ସଞ୍ଜୁକ୍ତା ରାଉତ, ସ୍ୱାମୀ: ପରିକ୍ଷିତ ରାଉତ, ସା/ପୋ.ଅ: ହଜାରୀ ବଗିଚା, ଥାନା ଓ ଜିଲ୍ଲା: କେନ୍ଦ୍ରାପଡ଼ା, (୫୨) ଶରତ ଚନ୍ଦ୍ର ଡାଲେ, ପିତା: ରାମକୃଷ୍ଣ ଡାଲେ, ସା/ପୋ.ଅ: କଣ୍ଟାବାଞ୍ଜି, ଜିଲ୍ଲା: ବଲାଙ୍ଗୀର, (୫୩) ସୁପ୍ରଭା ଦାସ, ସ୍ୱାମୀ: କମଳ ରଂଜନ ଦାସ, ସା/ପୋ.ଅ: ଡାଲିବାଲି, ଥାନା: ବାଲିକୁଦା, ଜିଲ୍ଲା: ଜଗତ୍‌ସିଂହପୁର, (୫୪) ସ୍ୱାତୀ ପାଣିଗ୍ରାହୀ, ସ୍ୱାମୀ: ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସା/ପୋ.ଅ. ପଟ୍ଟନାଇକପଡ଼ା, ଥାନା: ସମ୍ବଲପୁର- ୭୬୪୦୦୪, (୫୭) ଶ୍ୱେତା ପାଣିଗ୍ରାହୀ, ସ୍ୱାମୀ: ଶୁଭ୍ରାଂଶୁ ଶେଖର ନନ୍ଦ, ସା/ପୋ.ଅ: ଅମଲାପଡ଼ା, ଜିଲ୍ଲା: ଅନୁଗୁଳ, (୬୦) ଦେବ ପ୍ରସାଦ ଜେନା, ପିତା: ସନ୍ନ୍ୟାସୀ ଚରଣ ଜେନା, ସା/ପୋ.ଅ: କେରକରା, ଥାନା: ଯାଜପୁର, ଜିଲ୍ଲା: ଭଦ୍ରକ,
(୬୧) ରୁକ୍ମଣୀ ପ୍ରଧାନ, ସ୍ୱାମୀ: ପ୍ରଶାନ୍ତ କୁମାର ପ୍ରଧାନ, ସା/ପୋ.ଅ: ଶ୍ରୀବିହାର କଲୋନୀ, ଥାନା: ବିଡ଼ାନାସୀ, ଜିଲ୍ଲା: କଟକ, (୬୪) କୁମାରୀ ଶ୍ରୀସା, ପିତା: କୁମାରୀ ରାଓ, (୬୫) କୁମାରୀ ହର୍ଷ, ପିତା: କୁମାରୀ ହର୍ଷ, ସା: ନଂ-୬୯୨, ଗୋପୀନାଥ କଲୋନୀ, ପୋ.ଅ: ରସୁଲଗଡ଼, ଜିଲ୍ଲା: ଖୋର୍ଦ୍ଧା, (୬୬) ମାଧବ ନାୟକ, ପିତା: ଧନୁ ନାୟକ, ସା: ସାମନ୍ତରାପୁର, ପୋ.ଅ: ପୋଲିସ କଲୋନୀ, ଜିଲ୍ଲା: କେଉଁଝର, (୭୧) ମନସ୍ୱିନୀ ପଟ୍ଟନାୟକ, (୭୨) ପ୍ରାଣଘାସିନୀ ପଟ୍ଟନାୟକ, ପିତା: ଶଙ୍କର ପଟ୍ଟନାୟକ, ସା: ଦାରୁଠେଙ୍ଗ, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା।

ନୋଟିସ୍ ଅଣ୍ଡର ଅର୍ଡର ୫ ରୁଲ୍ ୨୦ ଦେୱାନି କାର୍ଯ୍ୟବିଧି ଆଇନ ମୁତାବକ

ସି.ପି.ସି. ଅର୍ଡର-୫, ରୁଲ୍- ୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ଭୂବନ୍ଦୋବସ୍ତ ଆଇନ ୧୯୮୫ ଧାରା (ଖ) ମୁତାବକ ମାନ୍ୟବର ଆଡିସିନାଲ ରିଭିଜନାଲ୍ କୋର୍ଟ ନଂ ୪, ଭୁବନେଶ୍ୱର ଅଦାଲତରେ ଶ୍ରୀଯୁକ୍ତ କମଳାକାନ୍ତ ଦାଶଙ୍କ ଦଖଲ ଦୃଷ୍ଟେ ଜମି ରେକର୍ଡ଼ ପାଇଁ ଉପରୋକ୍ତ ରିଭିଜନ୍ ମକଦ୍ଦମା ଦାୟର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ. ୧ ରୁ ୭୩ ଙ୍କ ଠିକଣାରେ ନୋଟିସ୍ ଡାକ ଦ୍ୱାରା ଦିଆଯାଇଥିଲା। ଉକ୍ତ ପ୍ରତିବାଦୀ ମୃତ ଥିବାରୁ ଏବଂ ତାଙ୍କର କୌଣସି ଉତ୍ତରାଧିକାରୀ ଉକ୍ତ ନୋଟିସ୍‌କୁ ଗ୍ରହଣ ନ କରିବାରୁ ତାହା ଜାରି ହୋଇ ନ ପାରି ଫେରସ୍ତ ଆସିଛି। ତାଙ୍କର ୱାରଷଙ୍କର ନାମ ଓ ଧାମ ଆମ୍ଭେ ବହୁତ ଚେଷ୍ଟା କରି ପାଇପାରିଲୁ ନାହିଁ।

ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଯଦି କେହି ୱାରଷ ଥାଆନ୍ତି କି ତାଙ୍କର ଅବଗତି ନିମନ୍ତେ ଉକ୍ତ ଖବରକାଗଜ ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଛି ଯେ ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସିନାଲ୍ ରିଭିଜନାଲ୍ କୋର୍ଟ ନଂ.୪ ଭୁବନେଶ୍ୱରଙ୍କ କାର୍ଯ୍ୟାଳୟ ଆସନ୍ତା ତା. ୧୮।୦୯।୨୦୨୩ରିଖ ଦିବା ୧୧.୩୦ ଘଟିକା ସମୟରେ ବିଚାର କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଅଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲଭୁକ୍ତ ଜମି

ଜିଲ୍ଲା: ଖୋର୍ଦ୍ଧା, ଥାନା: ଚନ୍ଦକା- ୪୦, ତହସିଲ: ଭୁବନେଶ୍ୱର, ମୌଜା- ପଥରଗାଡ଼ିଆ, ଖାତା ନଂ- ୧୩୩୫, ପ୍ଲଟ୍ ନମ୍ବର: ୩୦୯୩, ଏରିଆ ଏ.୦.୦୪୬ ଡିସିମିଲ ସମ୍ବନ୍ଧ ସାବିକ ଖାତା ନଂ.- ୨୬୨, ପ୍ଲଟ୍ ନଂ. ୬୪୪ ,ଏରିଆ ଏ୦.୦୪୬ ଡିସିମିଲ ସମୁଦାୟ ଏରିଆ- ଏ.୬.୪୭୦ଡି.।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ କିମ୍ବା ତାଙ୍କର ଉତ୍ତରାଧିକାରୀ ବା ଏହି ତଫସିଲ ବର୍ଣ୍ଣିତ ସମ୍ପତ୍ତିର ସ୍ୱତ୍ୱ ଦାବି କରୁଥିବା ବ୍ୟକ୍ତି କିମ୍ବା ସେମାନଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧି ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ତହବିଲ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମାକୁ ଫଏସଲା କରାଯିବ।

ଆଡିସିନାଲ ରିଭିଜନାଲ୍ କୋର୍ଟ ନଂ.-୪
ଭୁବନେଶ୍ୱରଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଫିସର
ଧ-୧୨୪୭

---

ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଅତିରିକ୍ତ କମିଶନର ରିଭିଜନାଲ୍ ଅଦାଲତ (କୋର୍ଟ ନମ୍ବର-୪) ଭୁବନେଶ୍ୱର, ୪ର୍ଥ ମହଲା, ମୁଖ୍ୟଦପ୍ତର କାର୍ଯ୍ୟାଳୟ, ୟୁନିଟ୍-୫, ଭୁବନେଶ୍ୱର
ଓ.ଏସ୍.ଏସ୍.କେସ୍ ନମ୍ବର- ୮୨୨/୨୦୨୨

କୁନ୍ତଳା ଜେନା ....ବାଦୀ/ଦରଖାସ୍ତ କାରିଣୀ
ବନାମ
ତହସିଲଦାର, ଭୁବନେଶ୍ୱର ଓଗେର ...ପ୍ରତିବାଦୀ/ ଅପରପକ୍ଷ

ପ୍ରାପ୍ତେଷୁ,
(୩) ଗୋବିନ୍ଦଚନ୍ଦ୍ର ସାହୁ, (୪) ଗୋପାଳ ସାହୁ, ପିତା: ଦିଗମ୍ବର ସାହୁ, (୫) ଭାସ୍କର ସାହୁ, ପିତା: ନାଥ ସାହୁ, (୭) ଅନାଥବନ୍ଧୁ ଛୋଟରାୟ, (୮) ଅନ୍ତର୍ଯ୍ୟାମି ଛୋଟରାୟ, (୯) ପ୍ରଫୁଲ୍ଲ କୁମାର ଛୋଟରାୟ, ପିତା: ମଦନ ଛୋଟରାୟ, (୧୧) ତ୍ରିଲୋଚନ ସାମନ୍ତରାୟ, ପିତା: ଦିବ୍ୟସିଂହ ସାମନ୍ତରାୟ, (୧୨) କାଳନ୍ଦୀ ମାର୍ଥା, ପିତା: ବାଞ୍ଛାନିଧି ମାର୍ଥା, (୧୩) ବଂଶୀଧର ମାର୍ଥା, ପିତା: ସୁଦାମ ମାର୍ଥା, (୧୪) ମର୍ଦ୍ଦାଗଦି ମାର୍ଥା, ପିତା: ପରମାନନ୍ଦ ମାର୍ଥା, (୧୫) ନିଶାମଣି ମାର୍ଥା, ପିତା: ରତ୍ନାକର ମାର୍ଥା, (୧୬) ଭଜନୀ ମାର୍ଥା, ପିତା: ମନୋରଞ୍ଜନ ମାର୍ଥା, (୧୭) ନରୋତ୍ତମା ମାର୍ଥା, (୧୮) ଯଦୁମଣି ମାର୍ଥା, ପିତା: ୰ବାଲୁଙ୍କି ମାର୍ଥା।
ବାସସ୍ଥାନ ସା/ପୋ.ଅ: ଦାରୁଠେଙ୍ଗ, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା।

ନୋଟିସ୍ ଅଣ୍ଡର ଅର୍ଡର ୫ ରୁଲ୍ ୨୦ ଦେୱାନି କାର୍ଯ୍ୟବିଧି ଆଇନ୍ ମୁତାବକ

ସି.ପି.ସି. ଅର୍ଡର-୫, ରୁଲ୍-୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ଭୂବନ୍ଦୋବସ୍ତ ଆଇନ ୧୯୮୫ ଧାରା (ଖ) ମୁତାବକ ମାନ୍ୟବର ଆଡିସନାଲ ରିଭିଜନାଲ୍ କୋର୍ଟ ନଂ.-୪, ଭୁବନେଶ୍ୱର ଅଦାଲତରେ ଶ୍ରୀମତୀ କୁନ୍ତଳା ଜେନାଙ୍କ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ରିଭିଜନ୍ ମକଦ୍ଦମା ଦାଏର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ.-୩ରୁ ୧୮ଙ୍କ ଠିକଣାରେ ନୋଟିସ୍ ଡାକ ଦ୍ୱାରା ଦିଆଯାଇଥିଲା। ଉକ୍ତ ପ୍ରତିବାଦୀ ମୃତ ଥିବାରୁ ଏବଂ ତାଙ୍କର କୌଣସି ଉତ୍ତରାଧିକାରୀ ଉକ୍ତ ନୋଟିସ୍‌କୁ ଗ୍ରହଣ ନ କରିବାରୁ ତାହା ଜାରି ହୋଇ ନ ପାରି ଫେରସ୍ତ ଆସିଛି। ତାଙ୍କର ୱାରଷଙ୍କର ନାମ ଓ ଧାମ ଆମ୍ଭେ ବହୁତ ଚେଷ୍ଟା କରି ପାଇପାରିଲୁ ନାହିଁ।

ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଯଦି କେହି ୱାରଷ ଥାଆନ୍ତି କି ତାଙ୍କର ଅବଗତି ନିମନ୍ତେ ଉକ୍ତ ଖବରକାଗଜ ବିଜ୍ଞାପନ ମାଧ୍ୟମରେ ଜଣାଇଦିଆଯାଉଛି ଯେ ଉପରୋକ୍ତ ଡିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସନାଲ୍ ରିଭିଜନାଲ୍ କୋର୍ଟ ନଂ.-୪ ଭୁବନେଶ୍ୱରଙ୍କ କାର୍ଯ୍ୟାଳୟ ଆସନ୍ତା ତା. ୧୮।୦୯।୨୦୨୩ରିଖ ଦିବା ୧୧.୩୦ ଘଟିକା ସମୟରେ ବିଚାର କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଅଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲଭୁକ୍ତ ଜମି

ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା ନଂ.- ୩୩, ଥାନା: ଚନ୍ଦକା, ମୌଜା: ଭୁଆସୁଣୀ, ଖାତା ନମ୍ବର: ୨୯୩, ପ୍ଲଟ୍ ନମ୍ବର: ୯୩୮ ଏ.୦.୯୦ ମୂଳ ଜମା ଏସି ୦.୨୩୦ଡି., ସମ୍ବନ୍ଧ ସାବିକ ଖାତା ନଂ.-୪୬, ପ୍ଲଟ୍ ନଂ.- ୧୭୯/୬୭୦।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ କିମ୍ବା ତାଙ୍କର ଉତ୍ତରାଧିକାରୀ ବା ଏହି ତଫସିଲ ବର୍ଣ୍ଣିତ ସମ୍ପତ୍ତିର ସ୍ୱତ୍ୱ ଦାବି କରୁଥିବା ବ୍ୟକ୍ତି କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ତହବିଲ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମାକୁ ଫଏସଲା କରାଯିବ।

ଆଡିସନାଲ ରିଭିଜନାଲ୍ କୋର୍ଟ ନଂ.-୪, ଭୁବନେଶ୍ୱରଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଫିସର
ଧ-୧୨୪୬


# Classified Everyday
0674-2580101, 2549949


REAL ESTATE
SALE

ଭୁବନେଶ୍ୱର ତମାଣ୍ଡୋ ବଜାର ନିକଟରେ 30' road, boundary, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ କିଣନ୍ତୁ। 7894216209. D-75215

Barimunda (Balijatrapadia) 20,000sqft. @480 (Wirehouse, Petrol Pump, Farmhouse). 7008711445, 6372801963. D-1273

Patia (KIIT) ଦାରୁଠେଙ୍ଗ ODM Global School ପାଚେରିକୁ ଲାଗି ବାସୋପଯୋଗୀ ପ୍ଲଟ୍ କିଣନ୍ତୁ। 9337830407. D-75212

Gharabari plot with boundary wall having 30feet. main and branch road, electrification, plantation with gated Community, Rs. 1400/- per sqft. Contact: 7008381162. D-1222

Duplex sale at Bhubaneswar @ 57lakhs only. Contact- 9777433701. D-75213

Bhubaneswar ଜଟଣୀ- ପିପିଲି ରୋଡ୍‌ରେ 7,20,000/- ପ୍ଲଟ୍ କିଣି ଘର କରନ୍ତୁ। 9938016295. D-75214

14000sqft. commercial plot for sale at- Dhauli Square, Bhubaneswar, Contact:- 7008381162. D-1223

Ready to move Duplex for sale at- Atla, 2km from Trinathbazar, Rate Rs.87lakhs. Contact:- 7008381162. D-1221

ନଖରା ତ୍ରିନାଥବଜାର ମହୀଧରପଡ଼ା ପାଖରେ SC plot 7400sqft 11,00,000/-(outright) 7978663279. D-75208

ଭୁବନେଶ୍ୱର କଟକ NH-16 ମଧ୍ୟରେ ଧାଙ୍କୁଲେଇ ପି୦ ନିକଟରେ ଘର ଉପଯୋଗୀ ପ୍ଲଟ୍ 30ଫୁଟ୍ ରୋଡ୍, ଇଲେକ୍ଟ୍ରି ଥାଇ ସୁଲଭ ମୂଲ୍ୟରେ ମିଳୁଅଛି। ଯୋଗାଯୋଗ- 7978729819, 7008756026. D-1244




Only male to male full body massage with relax. Contact: 9938237028, BBSR. D-1270

Bodyrelax/Mindfresh massage @800/- by trend therapist. 7008773793. D-75148

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-75035

Relax, Refresh your body, Mind at Saikrupa Spa with best therapies. 8984068077. D-1190

All types of professional body massage by professional therapy. Contact: 7077933109/ 9556924059/ 8658803018. D-1239

Home service full body massage only for female Whatsapp 9777267601, 7853083303. D-1219

Body massage by experience, good looking therapist @ 999/-. (Bhubaneswar) 9078484455. D-1215

Peacock Spa, Rejuvenate your body through professional massage. Chandrasekharpur, BBSR, Contact: 9938880113. D-1233

Newly open SPA positively health benefits with expert therapist. 9938843929. D-75147




AlltypeofGemstones, Astrology, Crystal, Vastu, Rudraksh, Yantra, Kavach at Wholesale-Retail @8093050401. D-1248

## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ସିନ୍ଧିରି ଶ୍ରୀକାନ୍ତ
ସ୍ୱର୍ଗାରୋହଣ: ୦୯।୦୯।୨୦୨୨

ଚାହୁଁ ଚାହୁଁ ଏକବର୍ଷ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
(ବ୍ରାହ୍ମଣ ଭୋଜନ, ନାରାୟଣ ସେବା, ଫଳ ବଣ୍ଟନ, ବସ୍ତ୍ର ବଣ୍ଟନ)
ସ୍ଥାନ- ସମସ୍ତ ମନ୍ଦିରରେ
ମାତା: ସିନ୍ଧିରି ଭାଗ୍ୟବତୀ
ଧ-୧୨୭୪


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




ଟାଟା ମୋଟର୍ସର ଇଭି (ଇଲେକ୍ଟ୍ରି ଭେଇକିଲ) ମଡେଲ ଅଲ୍ ନ୍ୟୁ ନେକ୍ସନର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅଲ୍ ନ୍ୟୁ ନେକ୍ସନର ବୁକିଂ ସମ୍ପର୍କରେ ଘୋଷଣା କରାଯାଇଛି।

# ରିଅଲ୍‌ମିର ନୂତନ ଉତ୍ପାଦ ଉନ୍ମୋଚିତ

ଭୁବନେଶ୍ୱର,୧୦।୯

ରିଅଲ୍‌ମିର ନୂତନ ଉତ୍ପାଦ 'ରିଅଲ୍‌ମି ନାର୍‌ଜୋ ୬୦ଏକ୍ସ ୫ଜି ଓ ରିଅଲ୍‌ମି ବଡ୍‌ସ ଟି୩୦୦'କୁ ନିକଟରେ ସର୍ବଭାରତୀୟ ସ୍ତରରେ ଉନ୍ମୋଚନ କରାଯାଇଛି। ବିଶେଷ କରି ନେକ୍ସଟ୍ ୫ଜି ସ୍ପିଡ୍ ଫ୍ରଣ୍ଟିୟର୍, ରିଅଲ୍‌ମି ନାର୍‌ଜୋ ୬୦ଏକ୍ସ ୫ଜି ଭାରତୀୟ ଯୁବପିଢ଼ିଙ୍କ ଚାହିଦା ଓ ଆକାଂକ୍ଷାକୁ ପୂରଣ କରିବା ପାଇଁ ଉତ୍ସର୍ଗୀକୃତ ରହିଛି, ଯାହା ପରବର୍ତ୍ତୀ ପିଢ଼ିର ଟେକ୍ନୋଲୋଜି କ୍ଷେତ୍ରରେ ଏକ ଅଗ୍ରଗାମୀ ଭାବେ କମ୍ପାନୀର ସ୍ଥିତିକୁ ସୁଦୃଢ଼ କରୁଛି। ରିଅଲ୍‌ମି ବଡ୍‌ସ ଟି୩୦୦କୁ ଏକ ଅତ୍ୟାଧୁନିକ ଡିଜାଇନ୍ ଓ ଚମତ୍କାର ସାଉଣ୍ଡ କ୍ୱାଲିଟି ସହ ନିର୍ମାଣ କରାଯାଇଛି, ଯାହା ଗ୍ରାହକଙ୍କୁ ଏକ ନିମଜ୍ଜିତ ଅଡିଓ ଅଭିଜ୍ଞତା ପ୍ରଦାନ କରୁଛି। ଉଲ୍ଲେଖଯୋଗ୍ୟ, ରିଅଲ୍‌ମି ନାର୍‌ଜୋ ୬୦ ଏକ୍ସ ୫ଜିରେ ୩୩ୱାଟ୍ ସୁପର୍‌ଭିଓଓସି, ବିଶାଳ ୫୦୦୦ଏମ୍‌ଏଏଚ୍ ବ୍ୟାଟେରି, ୫୦ଏମ୍‌ପି ଏଆଇ କ୍ୟାମେରା ଓ ମିଡିଆଟେକ୍ ଡାଇମେନ୍‌ସିଟି ୬୧୦୦+ ୫ଜି ଚିପ ସେଟ୍ ରହିଛି।

# ଉତ୍ତରାଖଣ୍ଡ ସିଏମ୍‌ଆର୍‌ଏଫ୍‌କୁ ୨୫କୋଟିର ସହାୟତା

ଭୁବନେଶ୍ୱର,୧୦।୯



ଅନନ୍ତ ଅମ୍ବାନୀ

ବିଗତ କିଛି ମାସ ହେଲା ଉତ୍ତରାଖଣ୍ଡରେ ବନ୍ୟା ଓ ଭୂସ୍ଖଳନ ଯୋଗୁ ବ୍ୟାପକ ଜୀବନ ଓ ସମ୍ପତ୍ତି ନଷ୍ଟ ହୋଇଛି। ଏପରିକି ଉତ୍ତରାଖଣ୍ଡ ସରକାର ରାଜ୍ୟବାସୀଙ୍କ ସହ ଛିଡ଼ା ହୋଇଥିବାବେଳେ ଦେଶର ବିଭିନ୍ନ ଅନୁଷ୍ଠାନ ମଧ୍ୟ ସରକାରଙ୍କ ସହ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ରିଲାଏନ୍ସ ଇଣ୍ଡଷ୍ଟ୍ରି ଲିମିଟେଡ (ଆର୍‌ଆଇଏଲ୍) ଉତ୍ତରାଖଣ୍ଡ ସରକାରଙ୍କ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ସିଏମ୍‌ଆର୍‌ଏଫ୍‌କୁ ପ୍ରାୟ ୨୫ କୋଟି ଟଙ୍କାର ସହାୟତା ରାଶି ଆରଆଇଏଲ ପକ୍ଷରୁ ଦିଆଯାଇଛି। ବିଶେଷ କରି ଚଳିତ ବର୍ଷ ବନ୍ୟାରେ ପ୍ରଭାବିତ ଜନଜୀବନ ସହିତ ପୁନର୍ନିର୍ମାଣ କାର୍ଯ୍ୟ କରିବାରେ ସହାୟକ ହେବ ବୋଲି ଆରଆଇଏଲ ପକ୍ଷରୁ କୁହାଯାଇଛି। ସେହିଭଳି ଉତ୍ତରାଖଣ୍ଡ ଲୋକଙ୍କ ସହ ଆମେ ଦୀର୍ଘ ଦିନରୁ ସମ୍ପର୍କ ରକ୍ଷା ସହ ବିଭିନ୍ନ ଅସମୟରେ ମଧ୍ୟ ଛିଡ଼ା ହୋଇଛୁ। ଏପରିକି ଉତ୍ତରାଖଣ୍ଡ ସହ ଆମର ସଙ୍ଗଠନର ଅର୍ଥ, ରାଜ୍ୟର କଲ୍ୟାଣ ପାଇଁ ଏକ ଅର୍ଥପୂର୍ଣ୍ଣ ଅବଦାନ କାର୍ଯ୍ୟ କରୁଛୁ। ସେହିପରି ଉତ୍ତରାଖଣ୍ଡର ବିକାଶମୂଳକ ପଦକ୍ଷେପ ପାଇଁ ଆମେ ମଧ୍ୟ ସହଯୋଗ ଜାରି ରଖିଛୁ ବୋଲି ଅନନ୍ତ ଅମ୍ବାନୀ ମତପ୍ରକାଶ କରିଛନ୍ତି।

ଉଲ୍ଲେଖଯୋଗ୍ୟ ୨୦୨୩ ଜୁଲାଇ ଏବଂ ଅଗଷ୍ଟରେ ଉତ୍ତରାଖଣ୍ଡରେ ପ୍ରବଳ ବର୍ଷା, ବନ୍ୟା ଓ ଭୂସ୍ଖଳନ ଯୋଗୁ ବ୍ୟାପକ ଜନ ଜୀବନ ଓ ସମ୍ପତ୍ତି ନଷ୍ଟ ହୋଇଥିଲା।

# ବିଜୟ ଫାଷ୍ଟ୍‌ଟ୍ରାକ୍‌ର ବ୍ରାଣ୍ଡ୍ ଆମ୍ବାସାଡର

ଭୁବନେଶ୍ୱର,୧୦।୯

ଭାରତର ଅଗ୍ରଣୀ ହାତଘଣ୍ଟା ଓ ଆସେସୋରି ବ୍ରାଣ୍ଡ ଫାଷ୍ଟ୍‌ଟ୍ରାକ୍ ପକ୍ଷରୁ ଯୁବବର୍ଗଙ୍କୁ ଆକୃଷ୍ଟ କରିବା ଲାଗି ନୂଆ ବ୍ରାଣ୍ଡ୍ ଅଭିଯାନ 'ବି ବୋଥ୍' ପ୍ରସ୍ତୁତ କରାଯାଇଛି। ଯୁବବର୍ଗଙ୍କ ଚିନ୍ତାଧାରା ଓ ବିଶ୍ୱାସ ଏବଂ ବ୍ୟବହାରକୁ ଏହି ଅଭିଯାନ ପାଳନ କରୁଛି। ବି ବୋଥ୍ ଜରିଆରେ ଫାଷ୍ଟ୍‌ଟ୍ରାକ୍ ପକ୍ଷରୁ ଫ୍ୟାଶନ ଜରିଆରେ ଯୁବବର୍ଗଙ୍କୁ ପ୍ରଦର୍ଶନ କରିବାର ନୂତନ ଯୁଗକୁ ସ୍ୱାଗତ କରାଯାଇଛି। ଏହି ଅଭିଯାନରେ ଦେଶର ଲୋକପ୍ରିୟ ଯୁବ ସୁପରଷ୍ଟାର ବିଜୟ ଦେବରକୋଣ୍ଡାଙ୍କୁ ସାମିଲ କରାଯାଇଥିବା ବେଳେ ତାଙ୍କୁ ଫାଷ୍ଟ୍‌ଟ୍ରାକ୍‌ର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ଗ୍ରହଣ କରାଯାଇଛି। ଏହି ଅଭିଯାନ ଜରିଆରେ ଯୁବବର୍ଗଙ୍କ ଜୀବନଶୈଳୀକୁ ସ୍ୱତନ୍ତ୍ର ଫ୍ୟାଶନ ମାଧ୍ୟମରେ ଉପସ୍ଥାପନ କରାଯାଇଛି। ଏହି ଅଭିଯାନରେ ୧୫ ସ୍ୱତନ୍ତ୍ର ହାତଘଣ୍ଟାର ସମ୍ଭାରକୁ ଉନ୍ମୋଚନ କରାଯାଇଛି। ଏହାର ଡିଜାଇନ ବେଶ୍ ଆକର୍ଷଣୀୟ । ଏହି ହାତଘଣ୍ଟାଗୁଡ଼ିକ ମଧ୍ୟରେ ପୁରୁଷମାନଙ୍କ ଲାଗି ସ୍କେଲେଟାଲ୍ ଅଟୋମେଟିକ୍, କ୍ରୋନୋଗ୍ରାଫ୍ ଏବଂ ମଲ୍‌ଟିଫଙ୍କସନ ଡିଜାଇନ୍ ଓ ଯୁବତୀମାନଙ୍କ ଲାଗି ରୋଜ୍ ଗୋଲ୍ଡ ସହିତ ସ୍ୱତନ୍ତ୍ର ବ୍ରେସ୍‌ଲେଟ୍ ଡିଜାଇନ୍ ରହିଛି। ଫାଷ୍ଟ୍‌ଟ୍ରାକ୍‌ର ବି ବୋଥ୍ ସମ୍ଭାରରେ ଥିବା ହାତଘଣ୍ଟାର ମୂଲ୍ୟ ୨୯୯୫ ଟଙ୍କାରୁ ୯୯୯୫ ଟଙ୍କା ମଧ୍ୟରେ ରହିଛି।

ଏ ସମ୍ପର୍କରେ ଫାଷ୍ଟ୍‌ଟ୍ରାକ୍‌ର ମାର୍କେଟିଂ ଓ ଉତ୍ପାଦ ମୁଖ୍ୟ ଅଜୟ ମୌର୍ଯ୍ୟ କହିଛନ୍ତି, ବି ବୋଥ୍ ଯୁବବର୍ଗଙ୍କ ଜୀବନଶୈଳୀର ବିଷୟକୁ ପ୍ରଶଂସା କରିବା ସହ ବ୍ରାଣ୍ଡକୁ ସେମାନଙ୍କ ଭାବ ପ୍ରକାଶର ଅଂଶରେ ପରିଣତ କରିଛି। ଏହି ଧାରା ସୃଷ୍ଟିକାରୀ ପ୍ରତିଭାବାନ ବିଜୟ ଦେବରକୋଣ୍ଡାଙ୍କ ସହ ସହଯୋଗିତା ସ୍ଥାପନ କରିଥିବାରୁ ଆମେ ବେଶ୍ ଉତ୍ସାହିତ ଅଛୁ। ସେହିଭଳି ବିଜୟ କହିଛନ୍ତି, ଏହି ବ୍ରାଣ୍ଡ୍ ସବୁବେଳେ ଯୁବବର୍ଗଙ୍କ ବିଷୟରେ କିଛି ଚମତ୍କାର ବିଷୟକୁ ଗ୍ରହଣ କରିଥାଏ ଏବଂ ଏହି ଅଭିଯାନ ଜରିଆରେ ସେହି ଧାରାକୁ ବ୍ରାଣ୍ଡ ଜାରି ରଖିଛି।

# ଝାରସୁଗୁଡ଼ା ଖିମ୍‌ଜୀ ଷ୍ଟୋର୍‌ର ଦ୍ୱିତୀୟ ବାର୍ଷିକୀ ଉତ୍ସବ

ଭୁବନେଶ୍ୱର,୧୦।୯ ଅଭୟ ଦାଶ)




ରାଜ୍ୟର ସର୍ବପୁରାତନ ଅଳଙ୍କାର ପ୍ରତିଷ୍ଠାନ ତଥା ଖିମ୍‌ଜୀ ଜୁଏଲର୍ସର ଝାରସୁଗୁଡାସ୍ଥିତ ସରବାହାଲ୍ ରୋଡ୍ ମାରୱାଡ଼ିପଡ଼ା ଏକ୍ସକ୍ଲୁସିଭ ଷ୍ଟୋର୍‌ର ୨ୟ ବର୍ଷିକୀ ଉତ୍ସବ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଆକର୍ଷଣୀୟ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ସୁନା ଗହଣା (ଅଳଙ୍କାର)ର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ୍ ୪୦% ରିହାତି ଦିଆଯାଉଥିବାବେଳେ ହୀରା ଅଳଙ୍କାର ଉପରେ ଫ୍ଲାଟ୍ ୨୦% ରିହାତି ଏବଂ ରୁପା ଓଜନ ସାମଗ୍ରୀର ଗଢ଼ା ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିହାତି ଦିଆଯାଉଛି। ସେହିଭଳି ରୁପା ଜିନିଷର କ୍ରୟ ମୂଲ୍ୟ ଉପରେ ୧୦% ରିହାତି ମଧ୍ୟ ଗ୍ରାହକଙ୍କୁ ପ୍ରଦାନ କରାଯାଉଛି। ଏହି ଅଫର୍‌ର ବୈଧତା ୨୦୨୩ ସେପ୍ଟେମ୍ବର ୧୭ ପର୍ଯ୍ୟନ୍ତ ଉପଲବ୍ଧ ରହିଛି। ଏପରିକି ଏହି ଅଫର ପଶ୍ଚିମ ଓଡ଼ିଶାର ଅଳଙ୍କାର ପ୍ରେମୀଙ୍କୁ ବେଶ୍ ଆକର୍ଷିତ କରିବ। ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ଓଡ଼ିଶାର ପାୱାର୍ ସିଟିରେ ସଫଳତାର ୨ୟ ବର୍ଷ ପାଳନ କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏହି ବର୍ଷ କ୍ରମାଗତ ଭାବେ ଆମକୁ ବିଶ୍ୱାସ କରି ଏବଂ ଏହାକୁ ସମଗ୍ର ପଶ୍ଚିମ ଓଡ଼ିଶାର ସବୁଠାରୁ ବେଶି ଆଦୃତ ଅଳଙ୍କାର ବ୍ରାଣ୍ଡ ଭାବେ ପରିଣତ କରିଥିବାରୁ ଆମର ମୂଲ୍ୟବାନ ଗ୍ରାହକଙ୍କ ନିକଟରେ ଆମେ କୃତଜ୍ଞ ଏବଂ ଆଗାମୀ ଦିନରେ ଖିମ୍‌ଜୀ ଜୁଏଲର୍ସ ଅଧିକରୁ ଅଧିକ ଗ୍ରାହକଙ୍କୁ ସେବା ଯୋଗାଇ ସେମାନଙ୍କ ସହିତ ନିଜର ଅଭିବୃଦ୍ଧି ଯାତ୍ରା ଜାରି ରଖିବ। ବିଶେଷକରି ୬୦୦୦ ବର୍ଗଫୁଟ ଅଞ୍ଚଳରେ ବିସ୍ତାରିତ ଏହି ଷ୍ଟୋର୍ ପଶ୍ଚିମ ଓଡ଼ିଶାର ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ବିଭିନ୍ନ ପ୍ରକାର ଆର୍କଷଣୀୟ ଡିଜାଇନ୍ ପ୍ରଦାନ କରୁଛି। ଏପରିକି ପାରମ୍ପରିକ ଏବଂ ଆଧୁନିକ ଅଳଙ୍କାର ସହିତ ସୁନା, ହୀରା, ପ୍ଲାଟିନମ୍, ରୁପା, ଇମିଟେସନ୍, ରୁପା ବାସନ, ଉପହାର ଏବଂ ବିଭିନ୍ନ ପ୍ରକାରର ଆର୍ଟିଫ୍ୟାକ୍ଟ ଆଦି ଗୋଟିଏ ଛାତ ତଳେ ଉପଲବ୍ଧ ରହିଛି। ଏଠାରେ ଉଭୟ ପାରମ୍ପରିକ ଏବଂ ଆଧୁନିକ ଅଳଙ୍କାର ସଂଗ୍ରହ ସହିତ ଖିମ୍‌ଜୀ ଜୁଏଲର୍ସ ଅତୁଳନୀୟ ଅଳଙ୍କାରର ଗନ୍ତବ୍ୟସ୍ଥଳ।

# ପ୍ରଭୁଜୀ ପିଓର ଫୁଡ୍‌ର ଏକ୍ସକ୍ଲୁସିଭ ଆଉଟଲେଟ

ଭୁବନେଶ୍ୱର,୧୦।୯

ହଳଦୀରାମ ଭୁଜିଆୱାଲା ଲିମିଟେଡର ପ୍ରମୁଖ ବ୍ରାଣ୍ଡ ତଥା ସହଯୋଗୀ କମ୍ପାନୀ ପ୍ରଭୁଜୀ ପିଓର ଫୁଡ୍‌ର ଏକ୍ସକ୍ଲୁସିଭ ଆଉଟଲେଟ ଶନିବାର ଭୁବନେଶ୍ୱରର ପଟିଆ (କିଟ୍ ଛକ)ରେ ଉଦ୍‌ଘାଟିତ ହୋଇଯାଇଛି। ବିଶେଷ କରି ସବୁ ବର୍ଗର ଗ୍ରାହକମାନଙ୍କୁ ବ୍ରାଣ୍ଡର ମିଠା ଓ ନମକିନ୍‌ର ଉନ୍ନତ ପ୍ୟାକିଂ ସହିତ ଗୁଣାତ୍ମକ ଏବଂ ସ୍ୱଚ୍ଛତାର ଅଭିଜ୍ଞତା ପ୍ରଦାନ କରିବା ପାଇଁ ଏହି ରେଷ୍ଟୁରାଣ୍ଟ କମ ରିଟେଲ୍ ଷ୍ଟୋରକୁ ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଛି। ସେହିଭଳି ଗ୍ରାହକମାନେ ଗୋଟିଏ ଜାଗାରୁ ବିଭିନ୍ନ ପ୍ରକାରର ସାମଗ୍ରୀ ଓ ଉତ୍ତମ ସ୍ୱାଦ ସହିତ ମନପସନ୍ଦର ଡିସ୍ (ଚାଇନିଜ୍, ଉତ୍ତର ଭାରତୀୟ, ଦକ୍ଷିଣ ଭାରତୀୟ ଫୁଡ୍) ସହିତ ମିଠା, ସ୍ନାକ୍ସ ଏବଂ ଖାଦ୍ୟ ଓ ପାନୀୟ ସମେତ ଭୁଜିଆ, ଚନାଚୁର, ମୁଗଡାଲ, ଆଳୁ ଭୁଜିଆ ଭଳି ଅନ୍ୟାନ୍ୟ ସାମଗ୍ରୀ ଉକ୍ତ ଷ୍ଟୋରରେ ଉପଲବ୍ଧ। ବିଶେଷ କରି ଗ୍ରାହକଙ୍କ ନିକଟରେ ସିଧାସଳଖ ପହଞ୍ଚିବା ପାଇଁ ପ୍ରଭୁଜୀ ପିଓର୍ ଫୁଡ୍‌ର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ୍ ପ୍ରଭୁ ଶଙ୍କର ଅଗ୍ରୱାଲ ଯେଉଁ କଳ୍ପନା କରିଥିଲେ, ତାହା ଏହି ଷ୍ଟୋର ଜରିଆରେ ହୋଇପାରିବ ବୋଲି ଆଶା କରାଯାଉଛି। ସେହିଭଳି କମ୍ପାନୀର ବିଭିନ୍ନ ଉତ୍ପାଦ ଆଉଟଲେଟ ଜରିଆରେ ଅତି ସହଜରେ ଏବଂ ସିଧାସଳଖ ଗ୍ରାହକଙ୍କ ପାଖରେ ପହଞ୍ଚାଇ ହେବ। ସେହିପରି ଆକର୍ଷଣୀୟ ମୂଲ୍ୟରେ ଅତ୍ୟାଧୁନିକ ଖାଦ୍ୟ ପ୍ରସ୍ତୁତି ପ୍ରଯୁକ୍ତିବିଦ୍ୟା, ଆଧୁନିକୀକରଣ, ସମ୍ପୂର୍ଣ୍ଣ ସ୍ୱଚ୍ଛତା ଉପକରଣର ବ୍ୟବହାର, ଅତ୍ୟାଧୁନିକ ପ୍ୟାକେଜିଂ ଏବଂ କ୍ଲିନିକାଲ୍ ପରୀକ୍ଷିତ ଉପାଦାନଗୁଡ଼ିକ ସହିତ ଆମ ଉତ୍ପାଦଗୁଡିକ ଗ୍ରାହକଙ୍କୁ ଅତ୍ୟନ୍ତ ସ୍ୱାଦିଷ୍ଟ କରିଥାଏ। ଅପରପକ୍ଷରେ ଭୁବନେଶ୍ୱରବାସୀ ପ୍ରଭୁଜୀ ଫୁଡ୍‌ର ଏକ ଅନନ୍ୟ ସ୍ୱାଦ ପାଇପାରିବେ ବୋଲି ପ୍ରଭୁଜୀ ପିଓର୍ ଫୁଡ୍‌ର ସ୍ୱତ୍ୱାଧିକାରୀ (ଫ୍ରାଞ୍ଚାଇଜ୍ ଷ୍ଟୋର) ଶ୍ୟାମ ଅଗ୍ରୱାଲ୍ ଆଶା ପ୍ରକାଶ କରିଛନ୍ତି।

## ଫୁର୍‌ସତ୍

# ୨୫ ବର୍ଷ ହେଲା ହୋଟେଲ ବନ୍ଦ

ପିଓଙ୍ଗୟାଙ୍ଗ



ବର୍ତ୍ତମାନ ସମୟରେ ବିଭିନ୍ନ ସ୍ଥାନରେ ଅନେକ ହୋଟେଲମାନ ଖୋଲିଲାଣି। ବାହାରୁ ବୁଲିବାକୁ ଆସୁଥିବା ଲୋକେ ଏପରି ହୋଟେଲଗୁଡ଼ିକରେ ରହିଥାନ୍ତି। ଏମିତି କିଛି ବଡ଼ ହୋଟେଲ ଅଛି, ଯେଉଁଠାକୁ କେବଳ ଧନୀ ଲୋକ ହିଁ ଯାଇଥାନ୍ତି। ତେବେ ଦୁନିଆରେ ଏପରି ଏକ ହୋଟେଲ ରହିଛି, ଯାହାର ନିର୍ମାଣରେ ୧୬ ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସେଠାକୁ କେହି ଜଣେ ବି ଗେଷ୍ଟ ଆସି ନାହାନ୍ତି। ସବୁ ହୋଟେଲ ନିର୍ମାଣର ଲକ୍ଷ୍ୟ ତାଙ୍କ ବ୍ୟବସାୟକୁ ଅଧିକ ବଢାଇବା ତଥା ଲୋକଙ୍କ ଆଗମନ ପାଇଁ ହୋଇଥାଏ। ହେଲେ ଏହି ହୋଟେଲର କଥା କିଛି ଅଲଗା। ଏହି ହୋଟେଲ ୨୫ ବର୍ଷ ହେବ ବନ୍ଦ ପଡ଼ିଛି। ରିପୋର୍ଟ ମୁତାବକ, ଉତ୍ତର କୋରିଆର ରାଜଧାନୀ ପିଓଙ୍ଗୟାଙ୍ଗଠାରେ ଏହି ହୋଟେଲ ରହିଛି। ଏହି ହୋଟେଲର ନାମ 'ରିଉଙ୍ଗୟଙ୍ଗ'। ଏହି ହୋଟେଲ ଉତ୍ତର କୋରିଆର ସୁପ୍ରିମ ଲିଡର କିମ୍ ଜଙ୍ଗ ୟୁଏନ୍‌ଙ୍କ ଘରଠାରୁ ମାତ୍ର ୧୨ କି.ମି. ଦୂରରେ ରହିଛି। ଏତେ ଅଧିକ ଟଙ୍କା ଖର୍ଚ୍ଚ ହୋଇଥିବା ଏହି ହୋଟେଲର ଉଚ୍ଚତା ୧୦୮୨ ଫୁଟ। ହୋଟେଲରେ ୩ହଜାର ରୁମ୍ ରହିଛି। ରାଜନୈତିକ ଓ

### କେହି ଜଣେ ବି ଅତିଥି ଯାଇନାହାନ୍ତି

ଆର୍ଥିକ ଦୃଷ୍ଟିକୋଣରୁ ଏହାକୁ ମଜଭୁତ ବୋଲି ଗଣାଯାଏ। ହୋଟେଲର ଏପରି ଗୁଣ ଥାଇ ମଧ୍ୟ ଦୀର୍ଘ ୨୫ ବର୍ଷ ହେବ ହୋଟେଲଟି ଖାଲିପଡ଼ିଛି। ଏଥିପାଇଁ ଏହି ହୋଟେଲର ନାମ 'ହୋଟେଲ ଅଫ୍ ଡୁମ୍' ବୋଲି ରଖାଯାଇଛି। ହୋଟେଲଟି ୧୯୮୭ରେ ନିର୍ମାଣ କରାଯାଇଥିଲା। ପରେ ୨ ବର୍ଷ ମଧ୍ୟରେ ଏହାକୁ ଲୋକଙ୍କ ପାଇଁ ଖୋଲାଯିବ ବୋଲି ଜଣାପଡିଥିଲା। ହେଲେ ତାହା ହେଲା ନାହିଁ। ଏହା ଦୁନିଆର ସବୁଠୁ ଉଚ୍ଚ ହୋଟେଲର ମାନ୍ୟତା ରଖୁଛି। ପରେ ୨୦୧୦ରେ ଉତ୍ତର କୋରିଆରେ ଆର୍ଥିକ ସଙ୍କଟ ପାଇଁ ଏହାର ନିର୍ମାଣ ବନ୍ଦ କରିଦିଆଗଲା।

# ତୃତୀୟ ଥର ମା' ହେବେ ଜେନେଲିଆ

ମୁମ୍ବାଇ



ବଲିଉଡ୍‌ର ଲୋକପ୍ରିୟ ଦମ୍ପତି ରିତେଶ ଦେଶମୁଖ ଏବଂ ଜେନେଲିଆ ଡି'ସୁଜା ଦେଶମୁଖଙ୍କୁ ଲୋକେ ବହୁତ ପସନ୍ଦ କରନ୍ତି। ବିବାହ ପରେ ଅଭିନେତ୍ରୀ ଜେନେଲିଆ ସିନେମାରେ ବେଶି ସକ୍ରିୟ ରହୁ ନ ଥିବାବେଳେ ବିଭିନ୍ନ ଇଭେଣ୍ଟରେ ସେ ସ୍ୱାମୀ ରିତେଶଙ୍କ ସହ ଏକାଠି ନଜରକୁ ଆସିଥାନ୍ତି। ଶନିବାର ଏକ ଇଭେଣ୍ଟରେ ଜେନେଲିଆ ରିତେଶଙ୍କ ସହ ଦେଖିବାକୁ ମିଳିଥିଲେ। ଇଭେଣ୍ଟର କିଛି ଫଟୋ ଏବେ ବେଶ୍ ଭାଇରାଲ ହେବାରେ ଲାଗିଛି, ଯେଉଁଥିରୁ ଜେନେଲିଆ ପୁଣି ଥରେ ଗର୍ଭବତୀ ଥିବା ଚର୍ଚ୍ଚା ହେଉଛି। ଦୁହିଁଙ୍କୁ ନୀଳ ରଙ୍ଗର ପୋଷାକରେ ଦେଖିବାକୁ ମିଳିଥିଲା। ରିତେଶ-ଜେନେଲିଆଙ୍କ ପୂର୍ବରୁ ୨ ସନ୍ତାନ ରହିଛନ୍ତି। ସିନେମା ଜଗତର ସବୁଠୁ ଭଲ ଦମ୍ପତି ଭାବେ ଦୁହେଁ ଗଣା ହୁଅନ୍ତି। ଦୁହିଁଙ୍କ ବିବାହ ୨୦୧୨ ଫେବୃୟାରୀ ୨ରେ ହୋଇଥିଲା। ବିବାହର ୨ ବର୍ଷ ପରେ ୨୦୧୪ରେ ତାଙ୍କ ପ୍ରଥମ ସନ୍ତାନ ଜନ୍ମ ହୋଇଥିଲା। ପରେ ୨୦୧୬ରେ ଆଉ ଏକ ସନ୍ତାନ ଜନ୍ମ ନେଇଥିଲା। ଏବେ ସେ ତୃତୀୟ ଥର ପାଇଁ ମା' ହେବାକୁ ଯାଉଛନ୍ତି। ତେବେ ଜେନେଲିଆ ୨୦୦୩ରେ ତାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ପରେ ଅନେକ ଫିଲ୍ମ କରି ଦର୍ଶକଙ୍କ ବେଶ୍ ପସନ୍ଦ ହୋଇପାରିଛନ୍ତି। ନିକଟରେ ତାଙ୍କୁ ସିନେମା 'ଟ୍ରାଏଲ ପିରିୟଡ୍'ରେ ଦେଖିବାକୁ ମିଳିଥିଲା।

# ଅଧିକ ସମୟ ଶୋଇଲେ ମିଳିବ ୮୯ ହଜାର



ଭୋପାଳ

ମଣିଷ ଥକିଗଲେ ଥକ୍କାପଣ ମେଣ୍ଟାଇବାକୁ କିଛି ସମୟ ପାଇଁ ଶୋଇପଡ଼େ। ହେଲେ ମଣିଷ ସବୁ ସମୟରେ ଶୋଇ ରହିବାକୁ ପସନ୍ଦ କରେନି। ହେଲେ ବିଭିନ୍ନ ସ୍ଥାନରେ ଭିନ୍ନ ବ୍ୟବସ୍ଥା ରହିଥାଏ। ଅନେକ ଦେଶରେ ଏପରି କିଛି ପ୍ରତିଯୋଗିତା ରହିଛି, ଯାହା ଶୁଣିଲେ ଆଶ୍ଚର୍ଯ୍ୟ ଲାଗିବ। ୟୁରୋପର ଏକ ଗାଁରେ ଏପରି ଏକ ପ୍ରତିଯୋଗିତା ରହିଛି, ଯେଉଁଥିରେ ନିଜର ସମସ୍ତ ଆଳସ୍ୟପଣକୁ ଦେଖାଇବାକୁ ହେବ। ତାହା ପୁଣି ଯିଏ ଅଧିକ ଦିନ ପର୍ଯ୍ୟନ୍ତ ନିଜ ଆଳସ୍ୟପଣ ଦେଖାଇବ ସେ ଏହି ପ୍ରତିଯୋଗିତାର ବିଜେତା ହେବ। ବିଜେତାଙ୍କୁ ୧ହଜାର ୟୁରୋ ଅର୍ଥାତ୍ ୮୯ ହଜାର ଟଙ୍କା ମିଳିବ। ରିପୋର୍ଟ ମୁତାବକ, ୟୁରୋପର ଉତ୍ତରରେ ମଣ୍ଟେନେଗ୍ରୋର ରିସର୍ଟ ଗାଁ ବ୍ରିଜ୍‌ନାରେ ଏପରି ଜାତୀୟ ପ୍ରତିଯୋଗିତା ଆୟୋଜିତ ହେଉଛି। ପ୍ରତିବର୍ଷ ଏଠାରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ଏଠାରେ ସବୁଠାରୁ ଆଳସ୍ୟପଣ ମଣିଷର ପୁରସ୍କାର ପାଇବାକୁ ଲୋକେ ଅନେକ ମାସ ଧରି ଗୋଟିଏ ସ୍ଥାନରେ ପଡ଼ି ରୁହନ୍ତି। ଏବର୍ଷ ଏହି ପ୍ରତିଯୋଗିତା ୨୦ ଦିନ ହେବ ଚାଲିଛି। ବର୍ତ୍ତମାନ ଏଥିରେ ୭ ପ୍ରତିଯୋଗୀ ଅଛନ୍ତି, ସେଥିମଧ୍ୟରୁ କେହି ହାର ମାନିବାକୁ ରାଜି ନାହାନ୍ତି। ସମସ୍ତେ ତାଙ୍କ ସ୍ଥାନରେ ୨୦ ଦିନ ହେବ ପଡ଼ି ରହିଛନ୍ତି। ଗତବର୍ଷ ଏହି ପ୍ରତିଯୋଗିତା ୧୧୭ ଘଣ୍ଟାରେ ସରିଥିଲା। ଏବର୍ଷ ସେହି ରେକର୍ଡ ଭାଙ୍ଗି ସାରିଲାଣି। ହେଲେ କେହି ସେମାନଙ୍କ ସ୍ଥାନରୁ ଉଠିବାକୁ ରାଜିନାହାନ୍ତି। ପ୍ରତିଯୋଗିତାରେ ବ୍ୟକ୍ତିଙ୍କୁ ଖାଇବା, ପିଇବା, ପଢିବା, ମୋବାଇଲ ବ୍ୟବହାର କରିବା ଆଦିର ସୁବିଧା ରହିଛି। କିନ୍ତୁ ସେ ସମସ୍ତ କାର୍ଯ୍ୟ ଶୋଇରହି କରିବାକୁ ହେବ। ପ୍ରତିଯୋଗିତାରେ ଉଠିଲେ, ବସିଲେ, ଠିଆ ହେଲେ ତାହା ପ୍ରତିଯୋଗିତାର ନିୟମ ବିରୋଧୀ ହେବ ଏବଂ ସେହି ବ୍ୟକ୍ତି ଏହି ଖେଳରୁ ବାହାରିବ। ପ୍ରତି ୮ ଘଣ୍ଟାରେ ୧୦ ମିନିଟ୍‌ର ବ୍ରେକ୍ ଦିଆଯାଏ। ଏହି ପ୍ରତିଯୋଗିତା ଗତ ୧୨ ବର୍ଷ ହେବ ଚାଲି ଆସୁଛି।

# ୩ ଦିନରେ ୩୫୦ କୋଟି ପାର୍



ମୁମ୍ବାଇ

ଫିଲ୍ମ 'ପଠାନ' ପରେ ଅଭିନେତା ଶାହରୁଖ ଖାନ୍‌ଙ୍କ 'ଜୱାନ' ଏବେ ରେକର୍ଡ ଭାଙ୍ଗୁଛି। ଏମିତିକି ଜୱାନ 'ପଠାନ୍' ଓ 'ଗଦର ୨'ର ରେକର୍ଡକୁ ମଧ୍ୟ ଭାଙ୍ଗି ଦେଇଛି। ସିନେମାରେ ଶାହାରୁଖ୍‌ଙ୍କ ଆକ୍ସନ, ଲୁକ୍‌କୁ ନେଇ ଦର୍ଶକଙ୍କ କ୍ରେଜ୍ ବଢିବାରେ ଲାଗିଛି। ଗୁରୁବାର ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିବା 'ଜୱାନ' ବଲିଉଡ୍ ଇତିହାସରେ ସବୁଠୁ ବଡ଼ ଓପନିଂ ଫିଲ୍ମ ପାଲଟିଛି। ବକ୍ସ ଅଫିସ୍‌ରେ 'ଜୱାନ' ରିଲିଜ୍ ପୂର୍ବରୁ ୫୦ କୋଟିରୁ ଉର୍ଦ୍ଧ୍ୱ ରୋଜଗାର କରିଥିଲା। ରିଲିଜ୍‌ର ପ୍ରଥମ ଦିନରେ ଫିଲ୍ମ ଭାରତରେ ୭୫ କୋଟି ଟଙ୍କା, ଦ୍ୱିତୀୟ ଦିନରେ ୫୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଓ ତୃତୀୟ ଦିନରେ ୭୫ କୋଟି ଟଙ୍କା ରୋଜଗାର କରିଥିଲା। ହେଲେ ବିଶ୍ୱ ବକ୍ସ ଅଫିସରେ 'ଜୱାନ' ତୃତୀୟ ଦିନରେ ୩୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ରୋଜଗାର କରିଥିବା ଜଣାପଡିଛି। 'ଜୱାନ' ବିଶ୍ୱବ୍ୟାପୀ ହିନ୍ଦୀ, ତାମିଲ, ତେଲୁଗୁ ଆଦି ଭାଷାରେ ରିଲିଜ୍ ହୋଇଛି। ଏଥିରେ ଶାହାରୁଖ୍‌ଙ୍କ ବ୍ୟତୀତ ସାଉଥ୍ ଅଭିନେତ୍ରୀ ନୟନତାରା, ବିଜୟ ସେତୁପଥୀ, ସାନ୍ୟା ମାଲହୋତ୍ରା ପ୍ରମୁଖଙ୍କୁ ମୁଖ୍ୟ ଚରିତ୍ରରେ ଦେଖିବାକୁ ମିଳିଥିଲା। କେବଳ ହିନ୍ଦୀରେ ଫିଲ୍ମ ୬୮.୭୨ କୋଟି ରୋଜଗାର କରିଥିବାବେଳେ ଅନ୍ୟ ସମସ୍ତ ଭାଷାରେ ୧୪୪. ୨୨ କୋଟି ଟଙ୍କା ରୋଜଗାର କରିଥିବା ରିପୋର୍ଟରୁ ଜଣାପଡ଼ିଛି। ଅଟଲି କୁମାରଙ୍କ ନିର୍ଦ୍ଦେଶିତ ୩୦୦ କୋଟି ବଜେଟ୍‌ରେ ନିର୍ମିତ ଏହି ଫିଲ୍ମ ଖୁବ୍‌ଶୀଘ୍ର ୧ ହଜାର କୋଟି କ୍ଲବରେ ସାମିଲ ହେବ ବୋଲି କୁହାଯାଉଛି।

### ବକ୍ସ ଅଫିସ୍‌ରେ 'ଜୱାନ'

# ରିଜର୍ଭ ଡେ'ରେ ଭାରତ-ପାକିସ୍ତାନ ମ୍ୟାଚ୍



ବର୍ଷା ଆସିବାରୁ ଗ୍ରାଉଣ୍ଡ ଷ୍ଟାଫଙ୍କୁ ପିଚ୍ କଭର କରିବାରେ ସହାୟତା କରୁଛନ୍ତି ପାକିସ୍ତାନର ଫକର ଜମନ।

**କଲମ୍ବୋ,୧୦।୯**

ଏସିଆ କପ୍ ସୁପର-୪ର ବହୁ ପ୍ରତୀକ୍ଷିତ ଭାରତ ଓ ପାକିସ୍ତାନ ମ୍ୟାଚ୍ ବର୍ଷା କାରଣରୁ ବାଧାପ୍ରାପ୍ତ ହୋଇଛି। ଫଳରେ ରିଜର୍ଭ ଡେ ଅର୍ଥାତ ସୋମବାର ମ୍ୟାଚ୍ ଅଧାରୁ ଆରମ୍ଭ ହେବ। ଭାରତ ପ୍ରଥମେ ବ୍ୟାଟିଂ କରି ୨୪.୧ ଓଭରରେ ୧୪୭ ରନ୍ କରିଥିବା ବେଳେ ବର୍ଷା କାରଣରୁ ଖେଳ ବନ୍ଦ ରହିଥିଲା। ପାଗ ଅନୁକୂଳ ନ ହେବାରୁ ଶେଷରେ ରିଜର୍ଭ ଡେକୁ ମ୍ୟାଚକୁ ଘୁଞ୍ଚାଯାଇଥିଲା। ସୋମବାର ଅପରାହ୍ନ ୨.୩୦ରେ ମ୍ୟାଚ୍ ଆରମ୍ଭ ହେବାକୁ ଥିବା ବେଳେ ବିରାଟ କୋହଲି ଓ ଲୋକେଶ ରାହୁଲ ବ୍ୟାଟିଂ ଆରମ୍ଭ କରିବେ। ଅଧିନାୟକ ରୋହିତ ଶର୍ମା ୫୬ ଓ ଶୁବମାନ ଗିଲ୍ ୫୮ ରନ୍ କରି ପ୍ୟାଭିଲିୟନ ଫେରିଛନ୍ତି। ଏହା ପୂର୍ବରୁ ଉଭୟ ଦଳ ମଧ୍ୟରେ ଖେଳା ଯାଇଥିବା ଉଭୟ ଦଳର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ମଧ୍ୟ ବାତିଲ ହୋଇ ଯାଇଥିଲା। ଏହି ମ୍ୟାଚ୍‌ରେ ଲୋକେଶ ରାହୁଲଙ୍କୁ ଦଳରେ ସାମିଲ କରାଯାଇଥିବା ବେଳେ ଶ୍ରେୟସ୍ ଆୟର ଆହତ କାରଣରୁ ବାଦ ପଡିଥିଲେ। ବ୍ୟାକ୍‌ସ୍ପାଜମ୍ କାରଣରୁ ଆୟରଙ୍କ ସ୍ଥାନରେ ରାହୁଲଙ୍କୁ ଦଳରେ ସାମିଲ କରାଯାଇଥିଲା। ରିଜର୍ଭ ଡେ'ରେ ଖେଳିବା ଦ୍ୱାରା ଭାରତକୁ ଲଗାତାର ୩ ଦିନ ଧରି କ୍ରିକେଟ ଖେଳିବାକୁ ପଡିବ। ୧୧ ତାରିଖରେ ରିଜର୍ଭ ଡେର ମ୍ୟାଚ ରହିଥିବା ବେଳେ ଏହାର ପର ଦିନରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ସୁପର-୪ ମ୍ୟାଚ୍ ଖେଳାଯିବ।

ପାକିସ୍ତାନ ଅଧିନାୟକ ବାବର ଆଜମ୍ ଟସ୍ ଜିତି ଭାରତକୁ ବ୍ୟାଟିଂ ଆମନ୍ତ୍ରଣ ଦେଇଥିଲେ। ଦୁଇ ଓପନର ରୋହିତ ଶର୍ମା ଓ ଶୁବମନ ଗିଲ୍ ଅର୍ଦ୍ଧଶତକ ହାସଲ କରିବା ସହିତ କ୍ରମାଗତ ଦ୍ୱିତୀୟ ମ୍ୟାଚରେ ଶତକୀୟ ଭାଗୀଦାରି କରିଥିଲେ। ଉଭୟ ପ୍ରଥମ ଉଇକେଟରେ ପାକିସ୍ତାନ ବୋଲରଙ୍କୁ ନିର୍ଘୂମ ପ୍ରହାର କରିବା ସହିତ ୧୨୧ ରନ୍ ଯୋଡିଥିଲେ। ଗିଲ୍ ୫୨ ବଲ୍ ଖେଳି ୧୦ ଚୌକା ମାରିଥିବା ବେଳେ ରୋହିତ ୪୯ ବଲ୍ ଖେଳି ୬ ଚୌକା ଓ ୪ ଛକା ମାରିଥିଲେ। ଆରମ୍ଭରୁ ଗିଲ୍ ଆକ୍ରମଣାତ୍ମକ ବ୍ୟାଟିଂ କରିଥିବା ବେଳେ ସ୍ପିନ୍ ବୋଲିଂ ଆଗମନ ପରେ ରୋହିତ ବ୍ୟାଟିଂ ଗିୟର ବଦଳାଇଥିଲେ। ଶଦାବ ଖାନଙ୍କୁ ବଡ ଶଟ୍ ଖେଳିବାକୁ ଯାଇ ରୋହିତ ଆଉଟ ହୋଇଥିବା ବେଳେ ଏହାର ୬ ବଲ୍ ବ୍ୟବଧାନରେ ଗିଲ୍ ପ୍ୟାଭିଲିୟନ ଫେରିଥିଲେ। ବର୍ଷା କାରଣରୁ ଖେଳ ବନ୍ଦ ହେବା ବେଳକୁ ବିରାଟ କୋହଲି ୮ ଓ ପ୍ରତ୍ୟାବର୍ତ୍ତନକାରୀ ଲୋକେଶ ରାହୁଲ ୧୭ ରନ୍‌ରେ ବ୍ୟାଟିଂ କରୁଛନ୍ତି। ୨୮ ବଲ୍ ଖେଳି ରାହୁଲ ୨ଟି ଚୌକା ମାରିଛନ୍ତି। ପାକିସ୍ତାନ ପକ୍ଷରୁ ଶାହିନ୍ ଆଫ୍ରିଦି ଓ ଶଦାବ ଖାନ୍ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।



ଶତକୀୟ ଭାଗୀଦାରି ଅବସରରେ ରୋହିତ ଶର୍ମା ଓ ଶୁବମନ ଗିଲ୍।

## ଲେବାନନଠାରୁ ହାରିଲା ଭାରତ

**ଚିଆଙ୍ଗ ମାଇ (ଥାଇଲାଣ୍ଡ), ୧୦।୯ (ପି.ଟି.):** ସେଣ୍ଟରବ୍ୟାକ୍ ଏ. କାସେମ ଏଲ୍ ଜିନଙ୍କ ବିଳମ୍ବିତ ଗୋଲ୍ ସହାୟତାରେ ଲେବାନନ ଏଠାରେ ଚାଲିଥିବା କିଙ୍ଗ୍‌ସକପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ତୃତୀୟ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚରେ ଭାରତକୁ ୧-୦ ଗୋଲ୍‌ରେ ହରାଇ ଦେଇଛି। ମ୍ୟାଚର ପ୍ରଥମାର୍ଦ୍ଧ ଖେଳ ଗୋଲ ଶୂନ୍ୟ ରହିଥିଲା। ଏଲ୍ ଜିନ୍ ୭୭ତମ ମିନିଟ୍‌ରେ ବିଜୟସୂଚକ ଗୋଲ୍‌ଟିକୁ ସ୍କୋର କରିଥିଲେ। ଏହି ବିଜୟ ଦ୍ୱାରା ଲେବାନନ ତୃତୀୟ ସ୍ଥାନ ଅଧିକାର କରିବା ସହ ଟୁର୍ନାମେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଛି। ଭାରତୀୟ ଗୋଲ୍‌କିପର ଗୁରପ୍ରୀତ୍ ସିଂ ସାନ୍ଧୁ ଏକ ହେଡରକୁ ଚମତ୍କାର ସେଭ କରିଥିଲେ, ମାତ୍ର ବଲ୍‌ଟି ରିବାଉଣ୍ଡ ହୋଇ ଅଲ୍ ଜିନ୍‌ଙ୍କ ନିକଟକୁ ଚାଲିଯିବାରୁ ସେ ସୁଯୋଗର ହାତଛଡ଼ା ନ କରି ଏହାକୁ ଗୋଲ୍‌ରେ ପରିଣତ କରିଥିଲେ। କୋଚ୍ ଇଗୋର ଷ୍ଟିମାକ୍ ଦ୍ୱିତୀୟାର୍ଦ୍ଧରେ ୫ ଖେଳାଳିଙ୍କୁ ବଦଳ କରିଥିଲେ। ଭାରତ ଏହି ମ୍ୟାଚରେ ଗୋଲ୍ ଦେବାର ଅନେକ ସୁଯୋଗ ସୃଷ୍ଟି କରିଥିରେ ମଧ୍ୟ ବିଫଳ ହୋଇଥିଲା। ସୂଚନାଯୋଗ୍ୟ, ଇରାକ ବିପକ୍ଷ ସେମିଫାଇନାଲରେ ଏକ ବିବାଦୀୟ ପେନାଲ୍‌ଟି ଯୋଗୁ ଭାରତ ବିଜୟରୁ ବଞ୍ଚିତ ହୋଇଥିଲା ଏବଂ ଶୁଟ୍ ଆଉଟ୍‌ରେ ପରାଜିତ ହୋଇଥିଲା।

## ବନ୍ଧୁତ୍ୱପୂର୍ଣ୍ଣ ପ୍ରଦର୍ଶନୀ ଫୁଟ୍‌ବଲ ମ୍ୟାଚ

**ଭୁବନେଶ୍ୱର, ୧୦।୯ (ବିଜୟ ରଣା):** ସ୍ଥାନୀୟ ଜାଗମରା ଖେଳପଡ଼ିଆରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଭେଟେରାନ ଫୁଟ୍‌ବଲ ଖେଳାଳି ସଂଘ ଏବଂ ଜାଗମରା ଭେଟେରାନ ଖେଳାଳି ସଂଘ ମଧ୍ୟରେ ଏହି ମ୍ୟାଚ ଖେଳାଯାଇଥିଲା। ମ୍ୟାଚଟି ୧-୧ଗୋଲ୍‌ରେ ଅମୀମାଂସିତ ଭାବେ ଶେଷ ହୋଇଥିଲା। ସହରରେ ଫୁଟ୍‌ବଲ ଖେଳର ଏକ ମାହୋଲ ସୃଷ୍ଟି କରିବା ଲାଗି ଭୁବନେଶ୍ୱର ଭେଟେରାନ ଫୁଟ୍‌ବଲ ଖେଳାଳି ସଂଘ ତରଫରୁ ଉଦ୍ୟମ ଆରମ୍ଭ ହୋଇଛି। ସଂଘ ପକ୍ଷରୁ ଇତିମଧ୍ୟରେ ପୂର୍ବତନ ଫୁଟ୍‌ବଲ ଖେଳାଳି ତଥା ଶିଳ୍ପପତି ନବରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ପୂର୍ଣ୍ଣାଙ୍ଗ କମିଟି ଗଠନ କରାଯାଇଛି। ଏଥିରେ ନିଆଯାଇଥିବା କେତୋଟି ନିଷ୍ପତ୍ତି ଅନୁସାରେ ରାଜଧାନୀର ବିଭିନ୍ନ ଖେଳ ପଡ଼ିଆରେ ଏହିଭଳି ମ୍ୟାଚର ଆୟୋଜନ କରାଯିବା ସହ ପୁରାତନ ଖେଳାଳିମାନଙ୍କୁ ସମ୍ମାନିତକ କରାଯିବାର ଯୋଜନା ରହିଛି। ଏହାଛଡ଼ା ତୃଣମୂଳ ସ୍ତରରେ ପ୍ରଶିକ୍ଷଣ ଶିବିର, ଅଭିଭାବକଙ୍କୁ ନେଇ କର୍ମଶାଳା ଏବଂ ଫୁଟ୍‌ବଲ ଟୁର୍ନାମେଣ୍ଟମାନ ଆୟୋଜନ କରାଯିବ। ଏହାଦ୍ୱାରା ପିଲାମାନଙ୍କୁ ଫୁଟ୍‌ବଲ ଖେଳପ୍ରତି ଆକର୍ଷିତ କରିହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ଭାରତ-ପାକିସ୍ତାନ ମ୍ୟାଚରେ କମ୍ ଦର୍ଶକ କ୍ରିକେଟ ପାଇଁ ଖରାପ ସଙ୍କେତ

**କଲମ୍ବୋ,୧୦।୯(ପି.ଟି.)**

ଭାରତ ଓ ପାକିସ୍ତାନ ମଧ୍ୟରେ କ୍ରିକେଟ ମ୍ୟାଚ୍ ସର୍ବଦା ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ରହିଥାଏ। ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସିରିଜ୍ ଖେଳା ଯାଉ ନ ଥିବା ବେଳେ ଆଇସିସି ଟୁର୍ନାମେଣ୍ଟଗୁଡିକରେ ଅସମ୍ଭବ ଭିଡ ଦେଖିବାକୁ ମିଳିଥାଏ। ତେବେ ଚଳିତ ଏସିଆ କପ୍‌ରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଦୁଇଟି ମ୍ୟାଚ୍ ଖେଳା ଯାଇଥିବା ବେଳେ ଉଭୟ ମ୍ୟାଚରେ ଷ୍ଟାଡିୟମ ଫାଙ୍କା ପଡିଛି। କ୍ରିକେଟ ପାଇଁ ଏହା ଶୁଭଙ୍କର ନୁହେଁ ବୋଲି ଅନେକ ଫ୍ୟାନ ମତବ୍ୟକ୍ତ କରିଛନ୍ତି। ୨୦୧୨ ଟି୨୦ ବିଶ୍ୱକପ୍‌ରେ ଶ୍ରୀଲଙ୍କାର ଆର୍. ପ୍ରେମଦାସା ଷ୍ଟାଡିୟମରେ ମ୍ୟାଚ୍ ଖେଳାଯାଇଥିବା ବେଳେ ଷ୍ଟାଡିୟମ ସମ୍ପୂର୍ଣ୍ଣ ଭର୍ତ୍ତି ରହିଥିଲା। ଏହାପରେ ମୀରପୁର, ମେଲବୋର୍ନ, ଆଡିଲେଡ, ଦୁବାଇ, ବର୍ମିଂହାମ୍, ଲଣ୍ଡନ ଓ ମାଞ୍ଚେଷ୍ଟରରେ ଉଭୟ ଦଳ ସାମ୍ନାସାମ୍ନି ହୋଇଛନ୍ତି। ବିଗତ ଦଶନ୍ଧିରେ ଖେଳା ଯାଇଥିବା ପ୍ରତ୍ୟେକ ମ୍ୟାଚ୍‌ରେ ଦର୍ଶକଙ୍କ ସଂଖ୍ୟାରେ ଷ୍ଟାଡିୟମ ଫୁଲ ହେଉଥିବା ବେଳେ ଏସିଆ କପ୍‌ରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି।

ପ୍ରଥମତଃ ବର୍ଷା କାରଣରୁ ଦର୍ଶକଙ୍କ ସଂଖ୍ୟା କମ୍ ରହିଥିବା ନେଇ ଅନୁମାନ କରାଯାଉଛି। ଏପରି କି ଟିକେଟ ମୂଲ୍ୟକୁ ହ୍ରାସ କରାଯାଇଥିଲେ ମଧ୍ୟ ଏହା ଦର୍ଶକଙ୍କୁ ଆକୃଷ୍ଟ କରିବାରେ ବିଫଳ ହୋଇଛି। ସୁପର୍ ୪ ମ୍ୟାଚ୍‌ଗୁଡିକ ପାଇଁ ଟିକେଟ ଦର ପ୍ରାୟ ୫୦ ପ୍ରତିଶତ ହ୍ରାସ କରାଯାଇଛି। ତଥାପି ବି ଏହା ଦର୍ଶକଙ୍କୁ ଆକୃଷ୍ଟ କରିବାରେ ବିଫଳ ହୋଇଛି।

## ଜାତୀୟ ଖୋ ଖୋ ଶିବିରରେ ୫ ଓଡ଼ିଆ ଖେଳାଳି

**ଭୁବନେଶ୍ୱର,୧୦।୯ (ସରୋଜ ଜେନା)**

ସେପ୍ଟେମ୍ବର ୨୨ରୁ ଅକ୍ଟୋବର୯ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀ ସ୍ଥିତ ଜବାହାରଲାଲ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ହେବ ଅନ୍ତର୍ଜାତୀୟ ଖୋ ଖୋ ଶିବିର। ଏହି ଶିବିର ପାଇଁ ୫ ଜଣ ଓଡ଼ିଆ ଖେଳାଳିଙ୍କୁ ମନୋନୀତ କରାଯାଇଛି। ସୁନୀଲ ପାତ୍ର, ବିଶାଲ ଓରାମ, ଅର୍ଚ୍ଚନା ମାଝୀ, ଅନନ୍ୟା ପ୍ରଧାନ ଏବଂ ଶୁଭଶ୍ରୀ ସିଂଙ୍କୁ ଚୟନ କରାଯାଇଥିବା ବେଳେ ଓଡ଼ିଶା କୋଚ୍ ଆକାଶ ରଣା ପ୍ରଥମ ଥର ଜାତୀୟ କ୍ୟାମ୍ପରେ ସ୍ଥାନ ପାଇଛନ୍ତି। ପ୍ରଥମ ଥର ଜାତୀୟ କ୍ୟାମ୍ପରେ ପ୍ରଶିକ୍ଷକ ଭାବରେ ସ୍ଥାନ ପାଇଥିବା ଆକାଶ ଖୁସି ବ୍ୟକ୍ତ କରିବା ସହ ଓଡ଼ିଶା ଖୋ ଖୋ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ରଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ୫ କ୍ରୀଡାବିତଙ୍କ ସହିତ ଆକାଶ ଦିଲ୍ଲୀ ଗସ୍ତ କରିବେ ବୋଲି ଜଣା ପଡିଛି।

## ରାଜ୍ୟସ୍ତରୀୟ ବିଦ୍ୟାଳୟ ହକି, ହ୍ୟାଣ୍ଡବଲ ଉଦ୍‌ଯାପିତ



ଅତିଥିଙ୍କ ସହ ହକିରେ ଚାମ୍ପିୟନ ହୋଇଥିବା ସୁନ୍ଦରଗଡ଼ ଦଳ।

**ସୁନ୍ଦରଗଡ,୧୦।୯ (ଜୟ ନାରାୟଣ ମେଣ୍ଡୁଲି)**

### ସୁନ୍ଦରଗଡ, ଯାଜପୁର, ଭୁବନେଶ୍ୱର ଚାମ୍ପିୟନ

ଓଡିଶା ରାଜ୍ୟ ବିଦ୍ୟାଳୟ କ୍ରୀଡା ଆସୋସିଏଶନ ଓ ଜିଲା ବିଦ୍ୟାଳୟ କ୍ରୀଡା ଆସୋସିଏଶନର ଆନୁକୂଲ୍ୟରେ ସ୍ଥାନୀୟ ଭବାନୀପୁର ସ୍ପୋର୍ଟସ କମ୍ପ୍ଲେକ୍ସ ପଡିଆଠାରେ ଚାଲିଥିବା ୩ଦିନିଆ ରାଜ୍ୟ ସ୍ତରୀୟ ହକି ଓ ହ୍ୟାଣ୍ଡ ବଲ ଚାମ୍ପିୟନଶିପ ୨୦୨୩-୨୪ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରାଜ୍ୟର୨୫ ଜିଲାରୁ ୧୭ ବର୍ଷରୁ କମ୍ ଓ ୧୪ ବର୍ଷରୁ କମ ୧୧୩୦ଜଣ ବାଳିକା ଓ ବାଳକ ପ୍ରତିଯୋଗୀ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ ୧୭ ବର୍ଷରୁ କମ ଏବଂ ୧୪ବର୍ଷ ରୁ କମ୍ ବର୍ଗର ଉଭୟ ବାଳିକା ବାଳକ ବିଭାଗ ହକିରେ ସୁନ୍ଦରଗଡ ଜିଲା ଚାମ୍ପିୟନ ହୋଇଛି। ୧୭ ବର୍ଷରୁ କମ ବାଳିକା ବାଳକ ହକି ସମେତ ୧୪ବର୍ଷରୁ କମ ବର୍ଗର ହକିରେ ସମ୍ବଲପୁର ରନର୍ସ ଅପ ହୋଇଥିଲା ବେଳେ ୧୪ ବର୍ଷରୁ କମ ବାଳିକା ହକିରେ ଝାରସୁଗୁଡା ରନର୍ସ ଅପ ହୋଇଥିଲା। ସେହିପରି ହ୍ୟାଣ୍ଡ ବଲରେ ୧୭ବର୍ଷରୁ କମ ବର୍ଗର ବାଳକ ବିଭାଗରେ ଯାଜପୁର ୧୦-୮ଗୋଲରେ କେନ୍ଦୁଝରକୁ ହରାଇ ଚାମ୍ପିୟନ ହୋଇଥିଲା। ୧୭ବର୍ଷରୁ କମ୍ ବାଳିକା ବିଭାଗ ହ୍ୟାଣ୍ଡବଲରେ ଭୁବନେଶ୍ୱର ଦଳ ଯାଜପୁରକୁ ୧୦-୯ ଗୋଲରେ ହରାଇ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ କୁମାର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଚମ୍ପିୟାନ ଓ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ରାଜ୍ୟ କ୍ରୀଡା ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ପ୍ରଧାନ, ସଦର ଉପଜିଲାପାଳ ଦାଶରଥି ସରାବୁ, ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ, ବରଗଡ ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପ, ସୁନ୍ଦରଗଡ ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ ଭୋଳ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗ ଧର ବରିହା ଯୋଗଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ଏଥିସହିତ ବିଭିନ୍ନ ଜିଲାର କ୍ରୀଡା ଶିକ୍ଷା ଅଧିକାରୀଙ୍କ ସମେତ ସୁନ୍ଦରଗଡ ଜିଲାର ବିଭିନ୍ନ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ଯୋଗଦେଇଥିଲେ। ଭବାନଶଙ୍କର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଆରାଧନା ଭୋଇ ମ୍ୟୁନିସିପାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ଅଶ୍ୱନୀ କୁମାର ପଟେଲ, ଶିକ୍ଷକ ବିଭୀଷଣ ବାରିକ, ସ୍ୱାଗତିକା ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।

## ପଞ୍ଜାବ, ତାମିଲନାଡୁ ବିଜୟୀ

**ଭୁବନେଶ୍ୱର, ୧୦।୯ (ତପନ ସ୍ୱାଇଁ)**

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଚାଲିଥିବା ବି.ସି. ରୟ ଟ୍ରଫି ଜାତୀୟ ଜୁନିୟର ଫୁଟବଲ ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ମ୍ୟାଚରେ ପଞ୍ଜାବ ଓ ତାମିଲନାଡୁ ବିଜୟ ହାସଲ କରିଛି। କ୍ୟାପିଟାଲ ଫୁଟବଲ ଆରେନାରେ ଅପରାହ୍ନ ୩ଟାରେ ଅନୁଷ୍ଠିତ ମ୍ୟାଚରେ ପଞ୍ଜାବ ୧-୦ ଗୋଲରେ ଗୋଆକୁ ହରାଇ ଦେଇଛି। ପଞ୍ଜାବ ପକ୍ଷରୁ ୪୨ତମ ମିନିଟରେ ଗୁରସାଜନ ସିଂ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ୭ମ ବାଟାଲିୟନ ପରିସରରେ ଥିବା ଓଡ଼ିଶା ଫୁଟବଲ ଏକାଡେମୀ ପଡ଼ିଆରେ ଅପରାହ୍ନ ୩ଟାରେ ଅନୁଷ୍ଠିତ ମ୍ୟାଚରେ ତାମିଲନାଡୁ ୪-୧ ଗୋଲରେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)କୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ବିଜୟ ଦର୍ଶନ ୩୪ ଓ ୬୦ ଏବଂ ଅବଦୁଲ ସାହାନ ଏ. ୪୪ ଓ ୮୭ତମ ମିନିଟରେ ୨ଟି ଲେଖାଏ ଗୋଲ ସ୍କୋର କରିଥିଲେ। ସାଇ ପକ୍ଷରୁ ୨୬ତମ ମିନିଟରେ ପଙ୍ଗାଇ କୋନ୍ୟାକ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ ମଧ୍ୟ ଦଳ ତାହାର ଫାଇଦା ଉଠାଇ ପାରି ନ ଥିଲା। କ୍ୟାପିଟାଲ ଫୁଟବଲ ଆରେନାରେ ପୂର୍ବାହ୍ନ ୯ଟାରେ ଅନୁଷ୍ଠିତ ମେଘାଳୟ-କେରଳ ମ୍ୟାଚ ୧-୧ ଗୋଲରେ ଡ୍ର ରହିଥିଲା। ମେଘାଳୟ ପକ୍ଷରୁ ବର୍ଣ୍ଣିପଲାଙ୍ଗ ଖୋଙ୍ଗନୋ ୨୩ ଓ କେରଳର ଉମର ଅଫାଫ ସି.ଏ. ୪୯ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ସେହିପରି ଓଡ଼ିଶା ଫୁଟବଲ ଏକାଡେମୀରେ ପୂର୍ବାହ୍ନରେ ଆୟୋଜିତ ବେଙ୍ଗଲ-ଜମ୍ମୁ କଶ୍ମୀର ମ୍ୟାଚ ଗୋଲଶୂନ୍ୟ ଡ୍ର ରହିଥିଲା। ମ୍ୟାଚଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ କେହି ଗୋଲ ଦେଇପାରି ନ ଥିଲେ।

## ବାଂଲାଦେଶକୁ ହରାଇ ଭାରତ ଚାମ୍ପିୟନ

**ଥିମ୍ପୁ, ୧୦।୯ (ପି.ଟି.)**

ଭାରତ ୧୬ ବର୍ଷରୁ କମ୍ ସାଫ୍ (ସାଉଥ ଏସିଆନ ଫୁଟ୍‌ବଲ ଫେଡେରେଶନ) ଫୁଟ୍‌ବଲ ଚାମ୍ପିୟନଶିପ୍ ଟାଇଟଲ ବିଜୟୀ ହୋଇଛି। ରବିବାର ଖେଳାଯାଇଥିବା ଫାଇନାଲରେ ଦଳ ୨-୦ ଗୋଲ୍‌ରେ ବାଂଲାଦେଶକୁ ହରାଇ ଦେଇଛି। ଚାଙ୍ଗଲିମ୍‌ଥାଙ୍ଗ୍ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚର ପ୍ରଥମାର୍ଦ୍ଧରେ ଭରତ ଲାଇରେମ୍‌ଜାମ୍ (୮ମ ମିନିଟ) ଏବଂ ଦ୍ୱିତୀୟାର୍ଦ୍ଧରେ ଲେଭିସ୍ ଜାଙ୍ଗମିନ୍‌ଲୁନ୍ (୭୪ତମ) ଗୋଟିଏ ଲେଖାଏଁ ଗୋଲ୍ ସ୍କୋର କରିଥିଲେ। ମୁଖ୍ୟ କୋଚ୍ ଇସ୍‌ଫାକ୍ ଅହମଦଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଭାରତ ସମଗ୍ର ଚାମ୍ପିୟନଶିପ୍‌ରେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିଥିଲା। ଦଳ ଆକ୍ରମଣାତ୍ମକ ଖେଳି ବିପକ୍ଷ ଦଳ ପାଇଁ ସମସ୍ୟା ସୃଷ୍ଟି କରିଥିଲା। ବାଂଲାଦେଶ ଓ ନେପାଳ ବିପକ୍ଷରେ ସମାନ ୧-୦ ଗୋଲ୍ ବ୍ୟବଧାନରେ ବିଜୟ ଲାଭ କରି ଦଳ ଗ୍ରୁପ୍ 'ଏ'ର ଶୀର୍ଷରେ ରହିଥିଲା। ଦଳ ମାଳଦ୍ୱୀପ ବିପକ୍ଷ ସେମିଫାଇନାଲ ମ୍ୟାଚ ୮-୦ ଗୋଲ୍‌ରେ ଜିତିଥିଲା। ଟୁର୍ନାମେଣ୍ଟରେ ଦଳ କେବଳ ଗୋଟିଏ ମାତ୍ର ଗୋଲ୍ ବରଣ କରିଥିଲା।

## ସମ୍ବଲପୁରକୁ ଦଳଗତ ଟାଇଟଲ

**ସମ୍ବଲପୁର,୧୦।୯ (ବି.ଶଙ୍କର)**

ଓଡ଼ିଶା ମାଷ୍ଟର୍ସ ସୁଇମର୍ସ କ୍ଲବ ଆନୁକୂଲ୍ୟରେ ୧୧ତମ ଖଟେଶ୍ୱର ପାଣ୍ଡେ ସ୍ମାରକୀ ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତା-୨୦୨୩ ରବିବାର ସମ୍ବଲପୁରରେ ସମ୍ପନ୍ନ ହୋଇଯାଇଛି। ସମ୍ବଲପୁର ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ଜିଲାକ୍ରୀଡା ସଂଘ ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ ଓ କ୍ରୀଡାସଙ୍ଗଠକ ସଂଗ୍ରାମ କେଶରୀ ସାହାଣୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପ୍ରତିଯୋଗିତାକୁ ଶୁଭାରମ୍ଭ କରିଥିଲେ। ସମ୍ବଲପୁରସ୍ଥିତ ଡାକ୍ତର ଝସକେତନ ସାହୁ ସନ୍ତରଣାଗାରଠାରେ ୫ରୁ୮୦ ବର୍ଷ ବୟସ ମଧ୍ୟରେ ୧୮ଟି ବିଭାଗରେ ଇଭେଣ୍ଟ ହୋଇଥିଲା। ୫୦ମିଟର ଫ୍ରିଷ୍ଟାଇଲ, ବଟର ଫ୍ଲାଏ, ବେଷ୍ଟଷ୍ଟ୍ରୋକ ଓ ବ୍ୟାକ୍ ଷ୍ଟ୍ରୋକ ଇଭେଣ୍ଟରେ ପ୍ରତିଯୋଗୀମାନେ ଭାଗନେଇଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ସେହିପରି ୩୫ ପ୍ରତିଯୋଗୀଙ୍କ ମଧ୍ୟରେ ୫୦ ଓ ୨୫ ମିଟର କିଟ ବୋଟ ପ୍ରତିଯୋଗିତା ହୋଇଥିଲା। ଏଥିରେ ଭାଗନେଇଥିବା ସମସ୍ତ ୩୫ଜଣଙ୍କୁ ଉତ୍ସାହିତ କରିବାକୁ ଟ୍ରଫି ଦିଆଯାଇଥିଲା। ସମ୍ବଲପୁର ଜିଲା ଦଳଗତ ଚାମ୍ପିୟନ ଓ ଭୁବନେଶ୍ୱରର କିଟ୍ ରନରଅପ୍ ଟ୍ରଫି ହାସଲ କରିଛି। ସମ୍ବଲପୁର ସମେତ ବଲାଙ୍ଗିର, ବୌଦ୍ଧ, ସୋନପୁର, ବରଗଡ, ଝାରସୁଗୁଡା, ରାଉରକେଲା, ସୁନ୍ଦରଗଡ, ଭୁବନେଶ୍ୱର କିଟ୍, ପୁରୀ, ଗଞ୍ଜାମ, ରାୟଗଡା ଅଞ୍ଚଳରୁ ୩୭୬ ପ୍ରତିଯୋଗୀ ଭାଗନେଇଥିଲେ। ଓଡିଶା ମାଷ୍ଟର୍ସ ସୁଇମର୍ସ କ୍ଲବ ସଭାପତି ପ୍ରେମରଞ୍ଜନ ପ୍ରଧାନଙ୍କ ପରିଚାଳନରେ ଉଦଘାଟନୀ ଉତ୍ସବ ହୋଇଥିଲା। ସନ୍ଧ୍ୟାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଶିକ୍ଷା ନବିଶ ଭାରତୀୟ ପ୍ରଶାସନିକ ସେବା ସ୍ନେହା ଅଗୁଲ୍ଲା ମୁଖ୍ୟ ଅତିଥି ଓ ସମ୍ବଲପୁର ଜିଲା ଶାରୀରୀକ ଶିକ୍ଷା ନିରୀକ୍ଷକ ଜଗବନ୍ଧୁ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସମ୍ପାଦକ ସୁନ୍ଦରମଣୀ ବାରିକ ପ୍ରତିଯୋଗିତାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ସୂଚନା ପ୍ରଦାନ ଓ ଶିକ୍ଷକ ଅସୀମ ପ୍ରଧାନ ପୁରସ୍କାର ବିତରଣୀରେ ସଂଯୋଜନା କରିଥିଲେ। କୋଷାଧ୍ୟକ୍ଷ ଅନୀଲ ବେରିହା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାକ୍ତନ ସନ୍ତରଣ ପ୍ରଶିକ୍ଷକ ସୁରେନ୍ଦ୍ର ନାଏକ, ଗଙ୍ଗା ଓରାମ, ଚିନ୍ତନ ନାଏକ ଇଭେଣ୍ଟ ପରିଚାଳନା କରିଥିଲେ। ସାହେବ ଖମାରୀ, ବଦ୍ରିନାରାୟଣ ପୁରୋହିତ, ରଙ୍କନିଧି ସେଟଙ୍କ ସମେତ ଆୟୋଜକ କ୍ଲବର ସଭ୍ୟାସଭ୍ୟ ସହଯୋଗ କରିଥିଲେ।



ଓଡ଼ିଶା ମାଷ୍ଟର୍ସ ସୁଇମର୍ସ କ୍ଲବ ପକ୍ଷରୁ ରବିବାର ସମ୍ବଲପୁରରେ ଆୟୋଜିତ ରାଜ୍ୟସ୍ତରୀୟ ସନ୍ତରଣ।

## ସ୍କୁଲ୍ସ ଓପନ ଚେସ୍: ଭିନିତ ଚାମ୍ପିୟନ

**ଭୁବନେଶ୍ୱର, ୧୦।୯ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଓ ମଦର୍ସ ପବ୍ଲିକ୍ ସ୍କୁଲ, ଖଣ୍ଡଗିରି ଆନୁକୂଲ୍ୟରେ ସ୍କୁଲ୍ସ ଓପନ ଚେସ୍ ଚାମ୍ପିୟନଶିପ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ବିଜେଇଏମ୍ ସ୍କୁଲ-୧ର ଭିନିତ ନାୟକ ପୂରା ୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ଚରମ୍ପା, ଭଦ୍ରକ ସେଣ୍ଟ ଜାଭିୟର ହାଇସ୍କୁଲର ସାଇ ବିଦ୍ୟାଶ୍ରୀ ଓ ଭୁବନେଶ୍ୱର କେଭି-୧ର ଆଦର୍ଶ କୁମାର ବେରିହା ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଉଭୟ ଖେଳାଳି ୪.୫ ପଏଣ୍ଟ ଲେଖାଏ ପାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସାଇ ରଞ୍ଜନ ମିଶ୍ର, ଆଦିତ୍ୟ ଜେନା, ନୈନିକା ସାହୁ, ଶ୍ରେୟାସ କୁମାର ବେହୁରିଆ, ଦୀପ୍ତ ରଞ୍ଜନ ସାହୁ, ସାଇ ଅଂଶୁମାନ ସିଂ ଓ ଚନ୍ଦ୍ରତ ପୁହାଣ ଟପ୍-୧୦ ଫିନିଶ୍ କରିଛନ୍ତି। ମୁଖ୍ୟ ପୁରସ୍କାର ବ୍ୟତୀତ ୭, ୯, ୧୧ ଓ ୧୩ ବର୍ଷରୁ କମ୍ ଏବଂ ବାଳିକା ବର୍ଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୯ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମଦର୍ସ ଗ୍ରୁପ୍ ଅଫ୍ ସ୍କୁଲ୍ସର ଅଧ୍ୟକ୍ଷ ପଲୀ ପଟ୍ଟନାୟକ, ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ଖଣ୍ଡଗିରି ମଦର୍ସ ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ ସୁପ୍ରୀତ ରାଜପାଲ ଓ ସିନିୟର କ୍ରୀଡ଼ା ଶିକ୍ଷକ ଶିବାଜୀ ରାଉତ ଉପସ୍ଥିତ ରହି କୃତୀ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।




ଅତିଥିଙ୍କ ଗହଣରେ କୃତୀ ଖେଳାଳି।

## ଚର୍ବି ଅଂଶ କମାଇବାର ସହଜ ଉପାୟ



ଆମ ଶରୀରରେ ଚର୍ବି ଅଂଶ ସନ୍ତୁଳିତ ରହିବା ନିହାତି ଦରକାର। ନ ହେଲେ ତାହା ମେଦବହୁଳତା ବା ଓବେସିଟି ପରି ସମସ୍ୟାକୁ ଡାକି ଆଣିଥାଏ। ତେବେ ଏହାକୁ ନିୟନ୍ତ୍ରଣରେ ରଖିବା ଲାଗି ଏକ ସହଜ ତଥା ସରଳ ଉପାୟ ରହିଛି। ତାହା ପୁଣି ହାତପାହାନ୍ତାରେ। ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଶଜନା ଶାଗ ସାମିଲ କରନ୍ତୁ। ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ଶରୀରରେ ଚର୍ବି ଅଂଶକୁ ଅନେକାଂଶରେ କମାଇଥାଏ। ଏହାବ୍ୟତୀତ ଶଜନା ଶାଗର ଆଉ କେତେକ ଉପକାରୀ ଗୁଣ ରହିଛି। ଏଥିରେ କ୍ୟାଲ୍‌ସିୟମ୍, ପୋଟାସିୟମ୍, ଆଇରନ୍ ସମେତ ଭିଟାମିନ୍-ଏ, ସି ଏବଂ ଇ ଭରି ରହିଛି। ଜଣେ ଯକ୍ଷ୍ମା ରୋଗୀ ଏହାକୁ ନିୟମିତ ଖାଇପାରନ୍ତି। ଏଥିରେ ଏଭଳି ଉପକାରୀ ଗୁଣ ଭରି ରହିଛି, ଯାହା ଅସ୍ଥିକୁ ମଜଭୁତ ରଖେ। ସବୁଠାରୁ ଖାସ୍ କଥା ହେଲା ପ୍ରତିଦିନ ଶଜନା ଶାଗ ଖାଇଲେ ତାହା ହଜମ ପ୍ରକ୍ରିୟାକୁ ଆହୁରି ସକ୍ରିୟ ରଖେ।

## ହୃଦ୍‌ଜନିତ ସମସ୍ୟାକୁ ଦୂର କରେ ଅମୃତଭଣ୍ଡା



ଅମୃତଭଣ୍ଡାରେ ଅନେକ ପ୍ରକାର ସ୍ୱାସ୍ଥ୍ୟ ଉପକାରୀ ଗୁଣ ଭରି ରହିଛି। ବିଶେଷଭାବରେ ଭିଟାମିନ୍ 'ଏ' ଏବଂ ଭିଟାମିନ୍ 'ସି'ର ପ୍ରମୁଖ ଉତ୍ସ ହେଉଛି ଅମୃତଭଣ୍ଡା। ଯଦି ଜଣେ ବ୍ୟକ୍ତି ଏହାକୁ ନିଜର ନିୟମିତ ଖାଦ୍ୟ ତାଲିକାରେ ସାମିଲ କରନ୍ତି ତେବେ ତାହା ଉପକାରୀ ସାବ୍ୟସ୍ତ ହୋଇଥାଏ। ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି ଯେ, ପ୍ରତିଦିନ ଅମୃତଭଣ୍ଡା ଖାଇଲେ ତାହା ହୃଦ୍‌ଜନିତ ସମସ୍ୟାଠାରୁ କେତେକାଂଶରେ ଦୂରେଇ ରଖିଥାଏ। କେବଳ ସେତିକି ନୁହେଁ, ପାଚନକ୍ରିୟାକୁ ମଧ୍ୟ ଦୃଢ଼ କରିଥାଏ। ତା' ସହ ଏହାକୁ ନିୟମିତ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ।

# ଜେମ୍‌ସ ୱେବ୍ ଟେଲିସ୍କୋପ୍



ଭୀଷ୍ମ ଦେବ ବାଗ୍

"ହବଲ୍ ଟେଲିସ୍କୋପ୍‌କୁ ଯେଉଁ କାମ ପାଇଁ ନାସା ତିଆରି କରିଥିଲା, ସେହି କାମ କରିପାରିଲା ନାହିଁ। ନକ୍ଷତ୍ରପୁଞ୍ଜମାନଙ୍କର ବାରମ୍ବାର ବିସ୍ତାର ଓ ବିଶ୍ୱବ୍ରହ୍ମାଣ୍ଡର ମୂଳକଥାକୁ ଜାଣିବା ପାଇଁ କାମ କରିପାରି ନ ଥିଲା। ତେଣୁ ଆଉ ଏକ ବଡ଼ ଧରଣର ଟେଲିସ୍କୋପ୍ ତିଆରି କରିବାକୁ ନାସା ଚିନ୍ତା କଲା। ୧୯୯୬ ମସିହାରେ ଆମେରିକା, ୟୁରୋପ ଆଉ କାନାଡ଼ା ଗବେଷଣା ସଂସ୍ଥାର ପ୍ରାୟ ଦଶହଜାର ବୈଜ୍ଞାନିକ ମିଶି ଜେମ୍‌ସ ୱେବ୍ ଟେଲିସ୍କୋପ୍ ତିଆରି କରିବା ପାଇଁ ଲାଗିପଡ଼ିଲେ। ଏହାକୁ ସମ୍ପୂର୍ଣ୍ଣ ଭାବରେ ତିଆରି କରିବାକୁ ୨୫ ବର୍ଷ ଲାଗିଥିଲା।"



ଦୁଇ ବର୍ଷ ତଳର କଥା। ୨୦୨୧ ମସିହା ଡିସେମ୍ବର ୨୫ ତାରିଖ। ସାରା ବିଶ୍ୱରେ ଏପରି ଏକ ଯନ୍ତ୍ରର ଉଦ୍ଭାବନ ହେଲା ଯେ ତାହା ସାରା ବିଶ୍ୱକୁ ଚକିତ କରିଦେଲା। ତାହା ହେଉଛି 'ଜେମ୍‌ସ ୱେବ୍ ଟେଲିସ୍କୋପ୍', ଯେଉଁଟା କି ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା 'ନାସା' ଦ୍ୱାରା ତିଆରି କରାଯାଇଥିଲା। ସମୟ ସନ୍ଧ୍ୟା ୫.୩୦ରେ ନାସା ଦୁନିଆର ସବୁଠୁ ବଡ଼ ଟେଲିସ୍କୋପକୁ ଶୂନ୍ୟକୁ ଛାଡ଼ିଲା। ଏହି ଟେଲିସ୍କୋପକୁ ତିଆରି କରିବାକୁ ଅତି କମ୍‌ରେ ବିଭିନ୍ନ କ୍ଷେତ୍ରରେ ଅଭିଜ୍ଞତା ସମ୍ପନ୍ନ ୧୦,୦୦୦ ବୈଜ୍ଞାନିକ ନିୟୋଜିତ ହୋଇଥିଲେ। ଏହି ଟେଲିସ୍କୋପ ଶୂନ୍ୟରେ ଗ୍ରହନକ୍ଷତ୍ରମାନଙ୍କର ରହସ୍ୟମୟ ଚିତ୍ର ଉତ୍ତୋଳନ କରିବା ସଙ୍ଗେ ସଙ୍ଗେ ବିଶ୍ୱବ୍ରହ୍ମାଣ୍ଡ କେମିତି ତିଆରି ହୋଇଥିଲା, ତାହାର ମଧ୍ୟ ଫଟୋ ଉଠାଇବା କ୍ଷମତା ରଖିଥିଲା।

ଆମେରିକାର ଖ୍ୟାତନାମା ଜ୍ୟୋତିର୍ବିଦ୍ ଏଡ୍‌ଉଇନ ପାୱେଲ୍ ହବଲ୍ କହିଥିଲେ ଯେ, ବିଶ୍ୱ ସ୍ଥିର ହୋଇ ରହିନାହିଁ। ବିଶ୍ୱ ଗତି କରୁଛି। ତତ୍ ସଙ୍ଗେ ସଙ୍ଗେ ବିଶ୍ୱବ୍ରହ୍ମାଣ୍ଡ ପ୍ରସାରିତ ହେଉଅଛି ବୋଲି ଏହି ଖ୍ୟାତିସମ୍ପନ୍ନ ଜ୍ୟୋତିଃ ବୈଜ୍ଞାନିକ ଦର୍ଶାଇଥିଲେ। ଏହି ତତ୍ତ୍ୱକୁ ବ୍ୟବହାର କରି ନାସା ୧୯୯୦ରେ ଏକ ଅପ୍ଟିକାଲ ଟେଲିସ୍କୋପ୍ ଛାଡ଼ିଲା, ଯାହାର ନାମ ରଖିଥିଲେ ହବଲ୍ ସ୍ପେସ୍ ଟେଲିସ୍କୋପ୍। ଏହି ଦୂରବୀକ୍ଷଣ ଯନ୍ତ୍ରକୁ ବ୍ୟବହାର କରି ନାସା ବିଶ୍ୱ ବ୍ରହ୍ମାଣ୍ଡର ମୂଳ ଗଠନ ବିଷୟରେ ଜାଣିବାକୁ ଚାହୁଁଥିଲା। ଏହି ଟେଲିସ୍କୋପ୍ ଶୂନ୍ୟରେ ଥିବା ନୂଆ ନୂଆ ରହସ୍ୟମୟ ଫଟୋଚିତ୍ର ଉତ୍ତୋଳନ କରିଥିଲା। ନାସା ନିଜର ସେହି ଗବେଷଣାକୁ ଆଉ ଟିକେ ବିସ୍ତୃତ କରି ଆହୁରି ଭିତିରି ଜିନିଷ ସବୁ ଜାଣିବାକୁ ଇଚ୍ଛା କଲା। ଏହି ଟେଲିସ୍କୋପ୍ ଜରିଆରେ ନାସା ଆକାଶ ଗଙ୍ଗା ଆଉ ତାରାମାନଙ୍କର ରହସ୍ୟ ଜାଣିବାକୁ ପାଇଲା। ଆମେମାନେ ସମୟ ସମୟରେ ଆକାଶକୁ ଅନାଇଥାଉ। ସେଥିରେ ଆମେ ଅନେକ ଜିନିଷ ଦେଖିବାକୁ ପାଉ। ଆକାଶରେ କିଛି ତାରା ମିଶି ପଶୁମାନଙ୍କର ଚିତ୍ର ଭଳି ଦେଖାଯାଆନ୍ତି। ତାରାମାନଙ୍କୁ ଅନୁମାନ କଲେ ସବୁ ତାରା ଗୋଟିଏ ଜାଗାରେ ଅଛନ୍ତି ଭଳି ଦେଖାଯାଆନ୍ତି। ଉତ୍ତର-ଦକ୍ଷିଣ ହୋଇ ଲମ୍ବିଥିବା ଉଜ୍ଜ୍ୱଳ ରାସ୍ତାକୁ ଆମେ 'ଆକାଶ ଗଙ୍ଗା' କହୁ। ଏହା ଲକ୍ଷ ଲକ୍ଷ ନକ୍ଷତ୍ରମାନଙ୍କୁ ନେଇ ଗଠିତ ହୋଇଛି।

ହବଲ୍ ଟେଲିସ୍କୋପ୍‌କୁ ଯେଉଁ କାମ ପାଇଁ ନାସା ତିଆରି କରିଥିଲା, ସେହି କାମ କରିପାରିଲା ନାହିଁ। ନକ୍ଷତ୍ରପୁଞ୍ଜମାନଙ୍କର ବାରମ୍ବାର ବିସ୍ତାର ଓ ବିଶ୍ୱବ୍ରହ୍ମାଣର ମୂଳକଥାକୁ ଜାଣିବା ପାଇଁ କାମ କରିପାରି ନ ଥିଲା। ତେଣୁ ଆଉ ଏକ ବଡ଼ଧରଣର ଟେଲିସ୍କୋପ୍ ତିଆରି କରିବାକୁ ନାସା ଚିନ୍ତା କଲା। ୧୯୯୬ ମସିହାରେ ଆମେରିକା, ୟୁରୋପ ଆଉ କାନାଡ଼ା ଗବେଷଣା ସଂସ୍ଥାର ପ୍ରାୟ ଦଶହଜାର ବୈଜ୍ଞାନିକ ମିଶି ଜେମ୍‌ସ ୱେବ୍ ଟେଲିସ୍କୋପ୍ ତିଆରି କରିବା ପାଇଁ ଲାଗିପଡ଼ିଲେ। ଏହାକୁ ସମ୍ପୂର୍ଣ୍ଣ ଭାବରେ ତିଆରି କରିବାକୁ ୨୫ ବର୍ଷ ଲାଗିଥିଲା। କାରଣ ଏହାକୁ ତିଆରି କରିବାକୁ ହେଲେ ବହୁତ ଟଙ୍କା ଓ ଅନେକ ଜ୍ଞାନକୌଶଳର ଆବଶ୍ୟକତା ଥିଲା। ପଇସାର ବ୍ୟବସ୍ଥା ହେଲା ପରେ ବି ବୈଜ୍ଞାନିକମାନେ ସନ୍ଦେହରେ ଥିଲେ। ଏତେଗୁଡ଼ାଏ ଟଙ୍କା ଖର୍ଚ୍ଚ ହେଲା ପରେ ସେମାନେ କୃତକାର୍ଯ୍ୟ ହେବେ କି ନାହିଁ ସନ୍ଦେହ ଥିଲା। ତଥାପି ବୈଜ୍ଞାନିକମାନେ ଏହି ଟେଲିସ୍କୋପ୍‌କୁ ତିଆରି କରିବା ପାଇଁ ଲାଗିପଡ଼ିଲେ। ଯେମିତି ଗୋଟିଏ ବି ଛୋଟିଆ ଭୁଲ ନ ହୁଏ, ସେଥିପ୍ରତି ଧ୍ୟାନ ଦେଲେ। ୨୦୨୧ରେ ଏହି ଟେଲିସ୍କୋପ୍ ସମ୍ପୂର୍ଣ୍ଣ ଭାବେ ତିଆରି ହୋଇଗଲା। ଏହା ହବଲ ଟେଲିସ୍କୋପ୍‌ଠାରୁ ଛଅ ଗୁଣ ଅଧିକ ବଡ଼ ଥିଲା। ତିନି ଦେଶ ମିଶି ୭୫,୦୦୦ କୋଟି ଟଙ୍କା ଖର୍ଚ୍ଚ କରିସାରିଥିଲେ ଏହାକୁ ତିଆରି କରିବା ପାଇଁ। ସୂର୍ଯ୍ୟରଶ୍ମିଠାରୁ ଏହାକୁ ସୁରକ୍ଷା ଦେବା ପାଇଁ ସନ୍‌ସିଲ୍‌ଡ ଲଗା ହୋଇଛି। ଆମର ବାହାର କକ୍ଷର ତାପମାତ୍ରା ବିଯୁକ୍ତ ୨୭୦ ଡିଗ୍ରୀ ସେଲସିୟସ୍। ଏହି ତାପମାତ୍ରାରେ କାମ କରିବା ପାଇଁ ବହୁତ କଠିନ ହୋଇଥାଏ।

ଏହି ଟେଲିସ୍କୋପ୍‌କୁ ଏଭଳି ଭାବରେ ଡିଜାଇନ୍ କରାଯାଇଛି, ଯେମିତି ୧୨ଟି ଫୋଲଡ୍ ହୋଇପାରିବ। ଏହି ସଂକୋଚନ ହୋଇପାରୁଥିବା କ୍ଷମତା ଅନୁଯାୟୀ ଏହାକୁ ଉତ୍‌କ୍ଷେପଣ କରିବା ପାଇଁ ସହଜ ହୋଇଥାଏ। ଏହାର ପ୍ରାଥମିକ ଦର୍ପଣ ୪୮ ଗ୍ରାମ୍ ସୁନାରେ ତିଆରି ହୋଇଛି, କାରଣ ସୁନା ହେଉଛି ଏକ ନୋବେଲ ମେଟାଲ। ଏହି ଟେଲିସ୍କୋପ୍ ଶୂନ୍ୟରେ କୌଣସି ଧାତୁ କିମ୍ବା ଗ୍ୟାସ୍ ସଂସ୍ପର୍ଶରେ ଆସିଲେ ମଧ୍ୟ ଏହାର ସୁନା ନଷ୍ଟ ହେବନାହିଁ। ଏହା ଖରାପ ହେବାରୁ ରକ୍ଷାପାଇଯିବ। ଏହା ୯୦ ପ୍ରତିଶତ ଅବଲୋହିତ ଲାଲ୍ ରଙ୍ଗର ଆଲୋକ ପ୍ରତିଫଳିତ କରେ, ଯାହା ଟେଲିସ୍କୋପ୍‌ର ତାପମାତ୍ରାକୁ ବଜାୟ ରଖେ। ଏହାର ପ୍ରାଥମିକ ଦର୍ପଣ ଆକୃତିରେ ୨୧.୪ ଫିଟ୍ ବଡ଼ ଅଛି। ଏତେ ବଡ଼ ଦର୍ପଣ ସହିତ ମିଶାଇ ଟେଲିସ୍କୋପ୍‌କୁ ଉଡ଼ାଇ ପାରିବ ନାହିଁ। ଏହି ଦର୍ପଣକୁ ୧୮ ଖଣ୍ଡ ଛଅ କୋଣିଆ ବୃତ୍ତାଂଶରେ ଭାଗ କରି ଦିଆଯାଇଛି, ଯାହାକି ଗୋଟିଏ ଭାଗରେ ୪.୩ ଫୁଟ୍ ରହିଛି। ଏହି ଟେଲିସ୍କୋପ୍‌ରେ ୧୨୬ ସଂଖ୍ୟକ ଛୋଟ ଛୋଟ ମୋଟର ଲାଗିଛି। ଯେତେବେଳେ ଏହା ମହାଶୂନ୍ୟକୁ ଯାତ୍ରା ଆରମ୍ଭ କରିବ ଏହି ଦର୍ପଣକୁ ଅତି ସହଜରେ ଖୋଲାଯାଇ ପାରିବ। ଏହି ଟେଲିସ୍କୋପ୍‌ର ବ୍ରେନ ହେଉଛି ଇଣ୍ଟିଗ୍ରେଟେଡ୍ ସାଇନ୍ସ ଇନ୍‌ଷ୍ଟ୍ରୁମେଣ୍ଟ ମୋଡ୍ୟୁଲ୍। ଏଥିରେ ଚାରୋଟି ବୈଜ୍ଞାନିକ ଉପକରଣ ଲାଗିରହିଛି। ସେଗୁଡ଼ିକ ହେଲା -ନିର୍‌କେମ୍, ନିର୍‌ସ୍ପେସ୍, ମିଡ୍-ଇନ୍‌ଫ୍ରାରେଡ୍ ଉପକରଣ ଓ ନିରିସଲ (ପାଖ ଇନ୍‌ଫ୍ରାରେଡ୍ ଇମେଜର ଏବଂ ସ୍ଲିଟ୍‌ଲେସ୍ ସ୍ପେକଟ୍ରୋଗ୍ରାଫ୍)। ଏହି ଚାରିଟି ଯନ୍ତ୍ର ମିଶି ଟେଲିସ୍କୋପ୍‌ର ବୈଦ୍ୟୁତିକ କ୍ଷମତା, କମ୍ପ୍ୟୁଟିଙ୍ଗ୍ ରିସୋରସେସ୍, ଥଣ୍ଡା କରିବା କ୍ଷମତା ଓ ଷ୍ଟ୍ରକ୍ଟରାଲ ଏବିଲିଟି ଲାଭ କରନ୍ତି।

ଜେମ୍‌ସ ୱେବ୍ ଟେଲିସ୍କୋପ୍ ଶୂନ୍ୟରେ ଯାଇ ୪ଟି ମୁଖ୍ୟ କାମ ପୂରଣ କରିବ। ତାହାର ପ୍ରଥମ କାମ ହେଉଛି, ବିଗ୍ ବ୍ୟାଙ୍ଗ୍ ବିସ୍ଫୋରଣ ପରେ ବିଶ୍ୱ ବ୍ରହ୍ମାଣ୍ଡରେ ସୃଷ୍ଟି ହୋଇଥିବା ପ୍ରଥମ ନକ୍ଷତ୍ର ଓ ଛାୟାପଥରୁ ଆସୁଥିବା ଆଲୋକକୁ ଖୋଜି ଚିହ୍ନଟ କରିବ। ଦ୍ୱିତୀୟ କାମ ହେଉଛି, ଛାୟାପଥର ଉତ୍ପତ୍ତି ଆଉ ବିବର୍ତ୍ତନ ଉପରେ ଅଧ୍ୟୟନ କରିବ। ତୃତୀୟଟି ହେଲା ତାରା ଆଉ ଗ୍ରହଗୁଡ଼ିକର ଗଠନ ପ୍ରକ୍ରିୟା ଅଧ୍ୟୟନ କରିବ। ଅନ୍ତିମ କାମ ହେଲା, ବିଶ୍ୱ ବ୍ରହ୍ମାଣ୍ଡରେ ସୃଷ୍ଟି ହୋଇଥିବା ଜୀବଜଗତର ମୂଳ କାରଣ ଖୋଜିବ ଓ ବିଭିନ୍ନ ସୌରଜଗତ ସମ୍ପର୍କରେ ସବିଶେଷ ଜାଣିବ। ନାସାର କହିବା ଅନୁସାରେ ଜେମ୍‌ସ ୱେବ୍ ଟେଲିସ୍କୋପ୍ ୧୩.୭ ବିଲିୟନ ଆଲୋକ ବର୍ଷ ଦୂରତାଯାଏ ଦେଖିପାରିବ। ତେଣୁ ଏହି ଟେଲିସ୍କୋପ୍ ବିଗ୍ ବ୍ୟାଙ୍ଗ୍ ତତ୍ତ୍ୱର ସତ୍ୟତାକୁ ଅଧ୍ୟୟନ କରିପାରିବ। କିନ୍ତୁ ସତ କହିଲେ ଏହାକୁ ସମ୍ପାଦନ କରିବା ଏତେ ସହଜ ନୁହେଁ।

-ଅଧ୍ୟାପକ, ପଦାର୍ଥ ବିଜ୍ଞାନ ବିଭାଗ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବାମରା, ସମ୍ବଲପୁର
ମୋ: ୯୪୩୯୫୮୫୫୮୯

## ଲିଭର ସମସ୍ୟା



ମନୁଷ୍ୟ ଶରୀରର ଅନ୍ୟତମ ପ୍ରମୁଖ ଆଭ୍ୟନ୍ତରୀଣ ଅଙ୍ଗ ହେଉଛି ଯକୃତ (ଲିଭର)। ଯଦି ଏଥିରେ କିଛି ସମସ୍ୟା ଦେଖାଦେଲା, ତେବେ ତୁରନ୍ତ ତାହାର ଚିକିତ୍ସା କରାଇ ନିଅନ୍ତୁ। ତେବେ ଲିଭର ସମସ୍ୟାର କେତେକ କାରଣ ରହିଛି। ଏସବୁ ବିଷୟରେ ଆମେ ଜାଣିବା ନିହାତି ଦରକାର। ପ୍ରଥମତଃ ଯଦି ଜଣେ ବ୍ୟକ୍ତିଙ୍କର ଲଗାତର ମୁଣ୍ଡ ବିନ୍ଧିଲା ଏବଂ ଏହି ସମସ୍ୟା ଦୀର୍ଘ ଦିନ ଧରି ଲାଗି ରହିଲା, ତେବେ ତାହାକୁ ଲିଭର ପ୍ରଭାବିତ ହୋଇଛି ବୋଲି ଧରିନିଆଯାଏ। ଏହି ସମୟରେ ବାନ୍ତି ଲାଗେ, ଏପରିକି ବାନ୍ତି ବି ହୁଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଲିଭର ଖରାପ ହେଲେ ପ୍ରାରମ୍ଭିକ ସ୍ତରରେ ଜଣ୍ଡିସ୍‌ର ଲକ୍ଷଣ ପ୍ରକାଶ ପାଇଥାଏ। ଲିଭରରେ କିଛି ସମସ୍ୟା ଦେଖାଦେଲେ ତାହା ରକ୍ତ ସଞ୍ଚାଳନରେ ମଧ୍ୟ ବାଧା ସୃଷ୍ଟି କରିଥାଏ। ତେଣୁ ଲିଭରଜନିତ ପ୍ରାରମ୍ଭିକ ଲକ୍ଷଣ ଦେଖାଦେବା ମାତ୍ରେ ଅଭିଜ୍ଞ ଲିଭର ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ। ଅନ୍ୟପକ୍ଷରେ ଲିଭର ଶରୀର ପାଇଁ ଅନେକ କାମ କରିଥାଏ। ଏହା ଖାଦ୍ୟରୁ କାର୍ବୋହାଇଡ୍ରେଟ୍, ଭିଟାମିନ୍ ସଂଗ୍ରହ କରି ମସ୍ତିଷ୍କକୁ ଯୋଗାଏ। ଏହାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାମ ହେଲା, ଆମ ଶରୀର ଭିତରେ ନିର୍ଗତ ହେଉଥିବା ବିଷାକ୍ତ ତତ୍ତ୍ୱକୁ ଲିଭର ନଷ୍ଟ କରିଦିଏ। ଲିଭର ପ୍ରସ୍ତୁତ କରୁଥିବା ପ୍ରୋଟିନ୍ ରକ୍ତକୁ ପରିଷ୍କାର ରଖିବାରେ ସାହାଯ୍ୟ କରିଥାଏ।

## କ୍ଷୀର ପିଉଥିଲେ...



**ନିୟମିତ କ୍ଷୀର ପିଉଥିଲେ ତାହାଦ୍ୱାରା ଅନେକ ଉପକାର ମିଳିଥାଏ। ଜାଣନ୍ତୁ ସେ ସମ୍ପର୍କରେ...**

- ପ୍ରତିଦିନ କ୍ଷୀର ପିଇଲେ ତାହା ଅସ୍ଥିକୁ ମଜଭୁତ ରଖେ।
- ଏଥିରେ ମ୍ୟାଗ୍ନେସିୟମ, ପୋଟାସିୟମ ଭରି ରହିଛି। ତେଣୁ ଏହା ବ୍ଲଡ୍‌ପ୍ରେସର ରୋଗୀଙ୍କ ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ।
- ଶରୀରରେ ଜଳୀୟ ଅଂଶକୁ ଅନେକାଂଶରେ ସନ୍ତୁଳିତ ରଖିଥାଏ କ୍ଷୀର।
- ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ ପ୍ରତିଦିନ କ୍ଷୀର ପିଇବା ଦ୍ୱାରା କଲୋନ୍ କ୍ୟାନ୍‌ସର ଆଶଙ୍କା କେତେକାଂଶରେ ଦୂର ହୋଇଥାଏ।
- କ୍ଷୀରର ଆଉ ଏକ ଉପକାରୀ ଗୁଣ ରହିଛି। ନିୟମିତ କ୍ଷୀର ପିଇଲେ ତାହା ଓଜନକୁ ନିୟନ୍ତ୍ରଣରେ ରଖିଥାଏ।
- କ୍ଷୀରରେ ମଧ୍ୟ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାର ଗୁଣ ରହିଛି।

## ସ୍ୱାସ୍ଥ୍ୟ ସୂଚନା

- ମେଦବହୁଳତାଜନିତ ସମସ୍ୟାଠାରୁ ନିଜକୁ ଦୂରେଇ ରଖିବା ଲାଗି ପ୍ରଥମେ ନିୟମିତ ସମୟ ଅନ୍ତରାଳରେ ନିଜ ଓଜନ ମାପି ନେବାକୁ ଭୁଲନ୍ତୁ ନାହିଁ।
- ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ସେତେ ଭଲ। ସବୁବେଳେ ଘରେ ପ୍ରସ୍ତୁତ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ହିଁ ଖାଆନ୍ତୁ।
- ମଲ୍‌ଟି ଭିଟାମିନ୍ ସପ୍ଲିମେଣ୍ଟ ଖାଇବା ପୂର୍ବରୁ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- ବର୍ତ୍ତମାନ ଆମେ ନିଜକୁ ସୁସ୍ଥ ରଖିବା ଜରୁରୀ ହୋଇପଡ଼ିଛି। ତେଣୁ ନିଜର ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମ, ଯୋଗ, ପ୍ରାଣାୟାମ ସାମିଲ କରନ୍ତୁ।
- ଗୋଟିଏ ସ୍ଥାନରେ ଅଧିକ ସମୟ ବସି ରୁହନ୍ତୁ ନାହିଁ। ତା' ଭିତରେ ଉଠି କିଛି ସମୟ ଚାଲବୁଲ କରନ୍ତୁ।
- ରାତିରେ ଶୋଇବା ସମୟରେ ଏଣୁତେଣୁ କଥା ଭାବି ଟେନ୍‌ସନ ହୁଅନ୍ତୁ ନାହିଁ। ଏହାଦ୍ୱାରା ନିଦରେ ବ୍ୟାଘାତ ସୃଷ୍ଟି ହୋଇଥାଏ।
- କୌଣସି ରୋଗ କିମ୍ବା ତାହାର ଚିକିତ୍ସା ବିଷୟରେ ନିଜେ ଭଲ ଭାବରେ ଅବଗତ ନ ଥିଲେ ଅନ୍ୟମାନଙ୍କୁ ପରାମର୍ଶ ଦିଅନ୍ତୁ ନାହିଁ।



## ସଫଳତା ପଥେ ଚନ୍ଦ୍ରଯାନ-୩

(ଶେଷ ଭାଗ)

ତେବେ ଚନ୍ଦ୍ରୟାନ-୩ର ଏହି ସଫଳ ଅଭିଯାନ ପରେ ମନରେ ପ୍ରଶ୍ନ ଉଠେ: ଏ ଦିଗରେ ଆମର ପରବର୍ତ୍ତୀ ଲକ୍ଷ୍ୟ କ'ଣ ହେବ। ଚନ୍ଦ୍ରୟାନ-୩ ଅଭିଯାନ ମୂଳତଃ ଅନ୍ତରୀକ୍ଷରେ ଏକ ମାନବ ରହିତ କାର୍ଯ୍ୟକ୍ରମ। ଏହି ଅଭିଯାନ ଜରିଆରେ କେବଳ କିଛି ବୈଜ୍ଞାନିକ ଯନ୍ତ୍ରାବଳୀକୁ ଚନ୍ଦ୍ରପୃଷ୍ଠରେ ସୁରକ୍ଷିତ ରୂପେ ସ୍ଥାନିତ କରାଯାଇପାରିଛି। ଏହି ଯନ୍ତ୍ରାବଳୀ ଚନ୍ଦ୍ରପୃଷ୍ଠରେ ରହି ଆପେ ଆପେ କାର୍ଯ୍ୟ କରିବେ ଏବଂ ସେଗୁଡ଼ିକୁ ପୃଥିବୀକୁ ଫେରାଇ ଆଣିବାର ଆବଶ୍ୟକତା ନାହିଁ। ଏହି ଉପଲବ୍ଧିଠାରୁ ଅଧିକ ଉଚ୍ଚକୋଟୀର ଉପଲବ୍ଧି ହେବ ଚନ୍ଦ୍ରକୁ ମନୁଷ୍ୟ ପ୍ରେରଣ କରି ପୃଥିବୀକୁ ନିରାପଦ ରୂପେ ଫେରାଇ ଆଣିବା କାର୍ଯ୍ୟକ୍ରମ। ଏହା କୌଣସି ମନୁଷ୍ୟ ବିହୀନ ଅଭିଯାନଠାରୁ ଯଥେଷ୍ଟ ଜଟିଳ ଓ କଠିନ ପ୍ରକ୍ରିୟା ଏବଂ ଏ ଦିଗରେ ପାଦେ ପାଦେ ବିପଦ ରହିଛି। ପ୍ରଥମତଃ ଚନ୍ଦ୍ରପୃଷ୍ଠରେ ସୁଚାରୁ ରୂପେ ଧୀର-ଅବତରଣ କରି ନ ପାରିଲେ ଯାନଟି ଚନ୍ଦ୍ରମାଟିରେ ପିଟି ହୋଇ ନଷ୍ଟ ହୋଇଯିବ ଏବଂ ଏଥିରେ ଥିବା ମନୁଷ୍ୟ ମହାକାଶଚାରୀମାନଙ୍କ ମୃତ୍ୟୁ ଘଟିବ। ଦ୍ୱିତୀୟତଃ ମହାକାଶଚାରୀମାନଙ୍କୁ ସୁରକ୍ଷିତ ରୂପେ ପୃଥିବୀ ଫେରାଇ ଆଣିବାକୁ ପଡ଼ିବ। ଏଥିନିମନ୍ତେ ଫେରନ୍ତା ପଥରେ ଯାନକୁ ପଥିବୀର ବାୟୁମଣ୍ଡଳ ମଧ୍ୟରେ ପୁନଃପ୍ରବେଶ କରିବାକୁ ପଡ଼ିବ। ଏହି ସମୟରେ ଯାନଟି ପୃଥିବୀର ମାଧ୍ୟାକର୍ଷଣ ବଳ ଦ୍ୱାରା ଆକର୍ଷିତ ହୋଇ ପ୍ରଚଣ୍ଡ ଗତିରେ ଛୁଟି ଯାଉଥିଲାବେଳେ ବାୟୁମଣ୍ଡଳର ଘର୍ଷଣ ହେତୁ ଯାନର ତାପମାତ୍ରା ବୃଦ୍ଧି ପାଇ ନିମିଷକ ମଧ୍ୟରେ ପ୍ରାୟ ୩୦୦୦ ଡିଗ୍ରୀ ସେଲସିୟସ୍‌ରେ ପହଞ୍ଚିଥାଏ, ଯେଉଁ ତାପମାତ୍ରାରେ ଲୁହା ସମେତ ଅଧିକାଂଶ ଧାତୁ ତରଳିଯିବ। ଏହି ପ୍ରଚଣ୍ଡ ତାପମାତ୍ରାକୁ ସହ୍ୟ କରିବା ନିମନ୍ତେ ଯାନର ବାହାରପଟେ ସ୍ୱତନ୍ତ୍ର ତାପନିରୋଧକ ଟାଇଲମାନ ଖଞ୍ଜା ଯାଇଥାଏ, ଯାହା ଯାନ ସମେତ ଏଥିରେ ଥିବା ମହାକାଶଚାରୀମାନଙ୍କୁ ରକ୍ଷାକରେ। ଏହି ପ୍ରଚଣ୍ଡ ତାପମାତ୍ରାରୁ ଯାନ ତଥା ମହାକାଶଚାରୀମାନଙ୍କୁ ରକ୍ଷା କରିବା ବିଶ୍ୱର ଯେକୌଣସି ଅନ୍ତରୀକ୍ଷ ସଙ୍ଗଠନ ପାଇଁ ଏକ ବିରାଟ ପ୍ରଯୁକ୍ତିଗତ ଆହ୍ୱାନ ଏବଂ ଏଥିନିମନ୍ତେ ଉଚ୍ଚକୋଟୀର ଜ୍ଞାନକୌଶଳ ପ୍ରୟୋଗର ଆବଶ୍ୟକତା ରହିଛି। ବାୟୁମଣ୍ଡଳରେ ପୁନଃପ୍ରବେଶର ଏହି ପ୍ରଯୁକ୍ତିଗତ ଜଟିଳତା ପାଇଁ ଅତୀତର ଅନେକ ଅଭିଯାନରେ ମର୍ମନ୍ତୁଦ ଦୁର୍ଘଟଣା ଘଟି ଯାନସ୍ଥିତ ମହାକାଶଚାରୀଙ୍କ ମୃତ୍ୟୁ ଘଟିଛି। ଏ ପ୍ରସଙ୍ଗରେ ୨୦୦୩ରେ ଆମେରିକୀୟ ଅନ୍ତରୀକ୍ଷ ସଙ୍ଗଠନ ନାସାର ଏକ ସଟଲ୍ ଯାନ 'କଲମ୍ବିଆ'ର ପୃଥିବୀ ପ୍ରତ୍ୟାବର୍ତ୍ତନ ସମୟରେ ଦୁର୍ଘଟଣା କଥା ସ୍ମରଣ କରାଯାଇପାରେ, ଯେଉଁଥିରେ ଭାରତୀୟ ବଂଶୋଦ୍ଭବ ମହିଳା ମହାକାଶଚାରୀ କଳ୍ପନା ଚାୱଲାଙ୍କ ସମେତ ସମସ୍ତ ସାତଜଣ ଆରୋହୀଙ୍କ ଅନ୍ତରୀକ୍ଷରେ ଦାରୁଣ ମୃତ୍ୟୁ ଘଟିଥିଲା।

ସୁତରାଂ ଆମେ ଚନ୍ଦ୍ରୟାନ-୩ ସଫଳତାରେ ଆତ୍ମହରା ନ ହୋଇ ଚନ୍ଦ୍ରକୁ କିପରି ନିକଟ ଭବିଷ୍ୟତରେ ଭାରତୀୟ ମହାକାଶଚାରୀ ଥିବା ଏକ ଯାନ ପଠାଇବା ଚିନ୍ତା କରିବା କଥା। ଏହା ପୂର୍ବରୁ ଚନ୍ଦ୍ରକୁ କେବଳ ଯୁକ୍ତରାଷ୍ଟ୍ର ଆମେରିକା ମନୁଷ୍ୟ ଥିବା ଯାନ ପ୍ରେରଣ କରିପାରିଛି। ରୁଷିଆ ପୂର୍ବରୁ ମହାକାଶକୁ ଅନେକ ମନୁଷ୍ୟ ଥିବା ଯାନ ପ୍ରେରଣ କରିଥିଲେ ସୁଦ୍ଧା ଚନ୍ଦ୍ରକୁ ଏପର୍ଯ୍ୟନ୍ତ ମନୁଷ୍ୟଯୁକ୍ତ ଯାନ ପ୍ରେରଣ କରି ନାହିଁ। ଏବେ ଚାଇନା ଆମ ସହିତ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା କରି ଅନ୍ତରୀକ୍ଷ ଅନ୍ୱେଷଣ କ୍ଷେତ୍ରରେ ଆମଠାରୁ କେଇପାଦ ଆଗରେ ଅଛି। ଚାଇନା ୨୦୦୩ରେ ସେଂଝଉ-୫ ମହାକାଶଯାନ ଜରିଆରେ ବିଶ୍ୱର ତୃତୀୟ ରାଷ୍ଟ୍ର ରୂପେ ଅନ୍ତରୀକ୍ଷକୁ ମନୁଷ୍ୟ ପ୍ରେରଣ କରିସାରିଛି। ଆମର ମନୁଷ୍ୟ ଥିବା ମହତ୍ତ୍ୱାକାଂକ୍ଷୀ 'ଗଗନଯାନ' କାର୍ଯ୍ୟକ୍ରମ ନିର୍ଦ୍ଧାରିତ ସମୟସୀମାଠାରୁ ବିଳମ୍ବରେ ଚାଲିଛି ଏବଂ ଆଗାମୀ ୨୦୨୪ ଶେଷ ବେଳକୁ ଏହି କାର୍ଯ୍ୟକ୍ରମର ଅଂଶସ୍ୱରୂପ ଭାରତୀୟ ମହାକାଶଚାରୀ ମହାକାଶଯାତ୍ରା କରିବେ ବୋଲି ଆଶା କରାଯାଏ।

-ନିକୁଞ୍ଜ ବିହାରୀ ସାହୁ
ମୋ : ୮୯୧୭୬୩୭୯୭୪

DSPL-229
ବୟନିକା
୧୯୫୬ ମସିହା ଠାରୁ
ଦ୍ୱାରା ଆୟୋଜିତ
ଜାତୀୟ ସ୍ତରୀୟ
ହସ୍ତତନ୍ତ ମେଳା ୨୦୨୩
ସ୍ଥାନ : ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଭୁବନେଶ୍ୱର
ଶୁଭ ଉଦ୍‌ଘାଟନ
୧୧ ସେପ୍ଟେମ୍ବର ୨୦୨୩, ସନ୍ଧ୍ୟା ୭ ଘଟିକାରେ
ତା.୧୧.୦୯ ରୁ ତା.୦୮.୧୦.୨୦୨୩ରିଖ ପର୍ଯ୍ୟନ୍ତ
ଦିବା ୧୧.୩୦ ରୁ ରାତ୍ର ୯.୩୦ ଘଟିକା ପର୍ଯ୍ୟନ୍ତ
ପ୍ରଣତି ଛୋଟରାୟ, ଭା.ପ୍ର.ସେ
ପରିଚାଳନା ନିର୍ଦ୍ଦେଶକ, ବୟନିକା
ଏହି ଉତ୍ସବରେ ଯୋଗ ଦେବା ନିମନ୍ତେ ବିନମ୍ର ଅନୁରୋଧ।
ପ୍ରକାଶ ଚନ୍ଦ୍ର ମେହେର
ସଭାପତି, ବୟନିକା
OIPR-31004/13/0034/2324
ଆୟୋଜକ : ବୟନିକା, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୧୧/୨୦୨୩ Bhubaneswar, Monday, September 11/ 2023

# ଗଫ୍‌ଙ୍କୁ ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ



ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ମହିଳା ସିଙ୍ଗଲ୍ସ ଟ୍ରଫି ସହ ଆମେରିକାର କୋକୋ ଗଫ୍।

## ୟୁଏସ୍ ଓପନ ଟେନିସ୍

ନ୍ୟୁୟର୍କ,୧୦।୯(ପି.ଟି.)

ବର୍ଷର ଶେଷ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ୍ ଟେନିସ ଟୁର୍ନାମେଣ୍ଟର ମହିଳା ସିଙ୍ଗଲ୍ସ ଟ୍ରଫି ହାସଲ କରିଛନ୍ତି ଆମେରିକୀୟ କୋକୋ ଗଫ୍। ଦ୍ୱିତୀୟ ଥର ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଥିବା ଗଫ୍ ୨-୬, ୬-୩ ଓ ୬-୨ ସେଟ୍‌ରେ ବେଲାରୁଷର ଆରିନା ସାବାଲେଙ୍କାଙ୍କୁ ପରାସ୍ତ କରିଛନ୍ତି। ସୋମବାର ମହିଳା ସିଙ୍ଗଲ୍ସରେ ଏକ ନମ୍ବର ସ୍ଥାନ ହାସଲ କରିବାକୁ ଯାଉଥିବା ସାବାଲେଙ୍କା ପ୍ରଥମ ସେଟ୍ ବିଜୟୀ ହେବା ସହିତ ଚମତ୍କାର ଆରମ୍ଭ କରିଥିଲେ। ତେବେ ଗଫ୍ ପରବର୍ତ୍ତୀ ଦୁଇ ସେଟ୍ ଜିତିବା ସହିତ ୧୯ ବର୍ଷ ବୟସରେ ୟୁଏସ୍ ଓପନ ବିଜୟୀ ହେବାର ରେକର୍ଡ ନିଜ ନାମରେ କରିଛନ୍ତି। ଏହା ସହିତ ସେରେନା ଓ୍ୱିଲିୟମ୍ସଙ୍କ ପରେ ସର୍ବକନିଷ୍ଠ ଆମେରିକୀୟ ଖେଳାଳିଙ୍କ ମଧ୍ୟରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହା ସହିତ ବିଶ୍ୱର ଦଶମ ସର୍ବକନିଷ୍ଠ ଖେଳାଳି ଭାବରେ ଗଫ୍ ୟୁଏସ୍ ଓପନ ବିଜୟୀ ହେବାର ରେକର୍ଡ କରିଛନ୍ତି। ଆର୍ଥର ଆଶେ ଷ୍ଟାଡିୟମରେ ଖେଳାଯାଇଥିବା ଫାଇନାଲରେ ଦର୍ଶକ ଆରମ୍ଭରୁ ଶେଷ ଯାଏ ଗଫ୍‌ଙ୍କୁ ସମର୍ଥନ କରିଥିଲେ। ଏହା ସହ ନିଜର ଆଦର୍ଶ ସେରେନା ଓ୍ୱିଲିୟମ୍ସ ଓ ଭେନସ୍ ଓ୍ୱିଲିୟମ୍ସଙ୍କ ଲିଗ୍‌ରେ ସାମିଲ ହୋଇଛନ୍ତି କୋକୋ ଗଫ୍। ୧୯୯୯ରେ ଶେଷ ଥର ପାଇଁ ସେରେନା ଓ୍ୱିଲିୟମ୍ସ ୟୁଏସ୍ ଓପନ ଜିତିଥିବା ବେଳେ ଏହା ପରଠାରୁ କୌଣସି ଆମେରିକୀୟ ଖେଳାଳି ଏହି ସଫଳତା ହାସଲ କରି ପାରି ନ ଥିଲେ। ୨୪ ବର୍ଷ ପରେ ଏହି ଟାଇଟଲ ଜିତି ଇତିହାସ ରଚିଛନ୍ତି ଗଫ୍।

ମାତ୍ର ୧୫ ବର୍ଷ ବୟସରେ ଓ୍ୱିମ୍ବଲଡନ ଇତିହାସର ସର୍ବକନିଷ୍ଠ ଖେଳାଳି ଭାବରେ ଯୋଗ୍ୟତା ପର୍ଯ୍ୟାୟରୁ ମୁଖ୍ୟ ରାଉଣ୍ଡରେ ସାମିଲ ହୋଇଥିଲେ। ଗ୍ରାଣ୍ଡସ୍ଲାମ ପଦାର୍ପଣରେ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଥିବା ଗଫ୍ ୨୦୨୨ ଫ୍ରେଞ୍ଚ ଓପନ ଫାଇନାଲରେ ପ୍ରବେଶ କରିଥିବା ବେଳେ ରନରଅପ୍ ରହିଥିଲେ। ବିଶ୍ୱ ମାନ୍ୟତାର ଷଷ୍ଠ ସ୍ଥାନରେ ଥିବା ଗଫ୍ ୟୁଏସ୍ ଓପନ ବିଜୟୀ ହେବା ସହିତ କ୍ରମାଗତ ୧୨ ମ୍ୟାଚ୍‌ରେ ବିଜୟୀ ହେବାର ରେକର୍ଡ ରଖିଛନ୍ତି। ପ୍ରଥମ ଦୁଇ ସେଟ୍ ପରେ ୧-୧ ସ୍ଥିତିରେ ରହିଥିବା ବେଳେ ଗଫ୍ ତୃତୀୟ ସେଟ୍‌ରେ ୪-୦ରେ ଆଗୁଆ ରହିଥିଲେ। ଚଳିତ ବର୍ଷ ଅଷ୍ଟ୍ରେଲିଆ ଓପନ ବିଜେତା ସାବାଲେଙ୍କାଙ୍କ ଗ୍ରାଣ୍ଡସ୍ଲାମ ବିଜୟ ରେକର୍ଡ ୨୩-୨ ରହିଥିଲା। ଟୁର୍ନାମେଣ୍ଟ ପରେ ପ୍ରକାଶିତ ର୍‍ୟାଙ୍କିଙ୍ଗ ତାଲିକାରେ ସାବାଲେଙ୍କା ୧ ନମ୍ବର ସ୍ଥାନକୁ ଉନ୍ନୀତ ହେବାକୁ ଯାଉଥିବା ବେଳେ ଗଫ୍ ୩ ନମ୍ବର ସ୍ଥାନକୁ ଫେରିବେ। ସେହିପରି ସେ ଡବଲ୍ସରେ ୧ ନମ୍ବର ସ୍ଥାନକୁ ଉନ୍ନୀତ ହେବେ।

### ସର୍ବକନିଷ୍ଠ ମହିଳା ବିଜେତା

୧.ଟ୍ରେସି ଅଷ୍ଟିନ୍-୧୯୭୯, ୧୬ ବର୍ଷ ୮ ମାସ ୨୮ ଦିନ।
୨.ମାର୍ଟିନା ହିଙ୍ଗିସ୍- ୧୯୯୭, ୧୬ ବର୍ଷ ୧୧ ମାସ ୮ ଦିନ।
୩. ମୋନିକା ସେଲେସ୍-୧୯୯୧, ୧୭ ବର୍ଷ ୯ ମାସ ୫ ଦିନ।
୪. ସେରେନା ଓ୍ୱିଲିୟମ୍ସ-୧୯୯୯, ୧୭ ବର୍ଷ ୧୧ ମାସ ୧୫ ଦିନ।
୫. ଏମା ରାଡୁକାନୁ-୨୦୨୧, ୧୮ ବର୍ଷ ୯ ମାସ ୨୯ ଦିନ।
୬. ଷ୍ଟେଫି ଗ୍ରାଫ୍-୧୯୮୮, ୧୯ ବର୍ଷ ୨ ମାସ ୨୬ ଦିନ।
୭. ସ୍ୱେତଲାନା କୁଜ୍ନେସୋଭା-୨୦୦୪, ୧୯ ବର୍ଷ ୩ ମାସ ୪ ଦିନ।
୮. ବିଆନ୍କା ଆଣ୍ଡ୍ରିସ୍କ୍ୟୁ-୨୦୧୯, ୧୯ ବର୍ଷ ୨ ମାସ ୨୨ ଦିନ।
୯. ମାରିଆ ସାରାପୋଭା-୨୦୦୬, ୧୯ ବର୍ଷ ୪ ମାସ ୨୪ ଦିନ।
୧୦. କୋକୋ ଗଫ୍- ୨୦୨୩, ୧୯ ବର୍ଷ ୫ ମାସ ୨୭ ଦିନ।







ୟୁଏସ୍ ଓପନ ଟେନିସ ମହିଳା ସିଙ୍ଗଲ୍ସ ଫାଇନାଲ ଅବସରରେ ଦର୍ଶକ ଷ୍ଟାଣ୍ଡରେ ପୂର୍ବତନ ଖେଳାଳି ମାରିଆ ଶାରାପୋଭା। ଜୁନିୟର ବାଳିକା ଚାମ୍ପିୟନ କାଥେରିନ ହୁଇ। ବାଳକ ଚାମ୍ପିୟନ ଜୋଆଓ ଫୋନସେକା।

# ସେମିଫାଇନାଲରେ କିଟ୍

ଭୁବନେଶ୍ୱର, ୧୦।୯ (ତପନ ସ୍ୱାଇଁ)

ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ସ୍ଥିତ ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଲିଗ୍‌ର ରବିବାର ଅନୁଷ୍ଠିତ ମ୍ୟାଚରେ ବିଜୟୀ ହୋଇ କିଟ୍ ସେମିଫାଇନାଲରେ ପ୍ରବେଶ କରିଛି। ତୃତୀୟ କ୍ୱାର୍ଟର ଫାଇନାଲରେ କିଟ୍ ୧-୦ ଗୋଲରେ ମଦର୍ସ ଫୁଟବଲ କ୍ଲବକୁ ପରାସ୍ତ କରିଛି। ମ୍ୟାଚର ୨୨ତମ ମିନିଟରେ କିଟ୍‌ର କୁନାଲ ସିଂ କର୍ନର କିକ୍‌କୁ ହେଡ୍ କରି ଗୋଲରେ ପରିଣତ କରିଥିଲେ। ଏହାପରେ ଉଭୟ ଦଳ ପକ୍ଷରୁ ଆଉ ଗୋଲ ହୋଇପାରି ନ ଥିଲା। କିଟ୍ ଆସନ୍ତା ୧୨ ତାରିଖରେ ଆରଡୋର ଫୁଟବଲ ଏକାଡେମୀ ବିପକ୍ଷରେ ସେମିଫାଇନାଲ ଖେଳିବ। ଆୟୋଜକ ଆସୋସିଏଶନ ସଦସ୍ୟ ମିନତୀ ସାହୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ କିଟ୍‌ର କୁନାଲ ସିଂଙ୍କୁ କୁଲ୍-ଡାଉନ୍ ଉପକରଣ ପ୍ରଦାନ କରିଥିଲେ। ମ୍ୟାଚ ପରିଚାଳନା କରିଥିଲେ ସୁଶାନ୍ତ ମିଶ୍ର। ସକାଓ୍ୱତ ଖାଁ ଓ ଶିବ ସାମନ୍ତରାୟ ତାଙ୍କୁ ସହାୟତା କରିଥିଲେ। ଶିବ ଦେହୁରୀ ଚତୁର୍ଥ ରେଫରି ଥିଲେ। ସୋମବାର ୟୁନାଇଟେଡ ୟୁଥ୍ ସ୍ପୋର୍ଟିଂ ଓ ଲିଙ୍ଗରାଜ ଫୁଟବଲ କ୍ଲବ ମଧ୍ୟରେ ସେମିଫାଇନାଲ ଅନୁଷ୍ଠିତ ହେବ।



କୁନାଲ ସିଂ ପୁରସ୍କାର ଗ୍ରହଣ କରୁଛନ୍ତି।







# ଆଇଜିପି-୫ରେ କିଶୋର, ଶ୍ରାବଣୀଙ୍କ ଚମକ

ଭୁବନେଶ୍ୱର, ୧୦।୯ (ତପନ ସ୍ୱାଇଁ)

ଚଣ୍ଡିଗଡ଼ର ସେକ୍ଟର-୭ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ରବିବାର ଆରମ୍ଭ ହୋଇଥିବା ଇଣ୍ଡିଆନ ଗ୍ରାଁ ପ୍ରି-୫ର ପ୍ରଥମ ଦିବସରେ ଓଡ଼ିଶା ଜାଭେଲିନ ତାରକା କିଶୋର କୁମାର ଜେନା ଓ ମହିଳା ସ୍ପ୍ରିଣ୍ଟର ଶ୍ରାବଣୀ ନନ୍ଦ ଚମକ ସୃଷ୍ଟି କରିଛନ୍ତି। କିଶୋର ପୁରୁଷ ଜାଭେଲିନ ଥ୍ରୋ ଇଭେଣ୍ଟରେ ପ୍ରଥମ ଉଦ୍ୟମରେ ୮୨.୫୩ ମିଟର ଥ୍ରୋ କରିଥିଲେ। ଶେଷରେ ତାହା ପ୍ରଥମ ସ୍ଥାନ ହାସଲ କରିବାକୁ ପର୍ଯ୍ୟାପ୍ତ ହୋଇଥିଲା। ସେ ପରବର୍ତ୍ତୀ ୩ ଉଦ୍ୟମରେ ଯଥାକ୍ରମେ ୮୦.୭୪, ୮୧.୫୬ ଓ ୭୮.୩୯ ମିଟର ଥ୍ରୋ କରିଥିବାବେଳେ ୫ମ ଉଦ୍ୟମ ଫାଉଲ୍ ରହିଥିଲା। ୬ଷ୍ଠ ତଥା ଅନ୍ତିମ ଉଦ୍ୟମରେ ସେ ୭୮.୯୮ ମିଟର ଦୂରକୁ ଜାଭେଲିନ୍ ଥ୍ରୋ କରି ପାରିଥିଲେ। ଉତ୍ତର ପ୍ରଦେଶର ବିକାଶ ଯାଦବ ୭୨.୮୮ ମିଟର ସହିତ ଦ୍ୱିତୀୟ ଏବଂ ରାଜସ୍ଥାନର ହରିଶ କୁମାର ୭୧.୭୮ ମିଟର ଥ୍ରୋ କରି ତୃତୀୟ ସ୍ଥାନ ପାଇଥିଲେ। ପ୍ରକାଶଯୋଗ୍ୟ, ନିକଟରେ ବିଶ୍ୱ ଚାମ୍ପିୟନଶିପ୍‌ରେ ନିଜ ପ୍ରଥମ ପଦାର୍ପଣରେ ୫ମ ସ୍ଥାନ ଅଧିକାର କରି କିଶୋର ପ୍ରଶଂସା ସାଉଁଟିଥିଲେ।

ମହିଳା ୧୦୦ ମିଟର ରେସ୍‌ର 'ଏ' ଓ 'ବି' ରେସ୍ ମଧ୍ୟରେ ଶ୍ରାବଣୀ ସବୁଠାରୁ କମ୍ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଥିଲେ। ରେସ୍ 'ବି'ରେ ଶ୍ରାବଣୀ ୧୧.୭୭ ସେକେଣ୍ଡ ସମୟ ନେଇ ଅନ୍ୟ ସମସ୍ତଙ୍କୁ ପଛରେ ପକାଇ ଦେଇଥିଲେ। ତେଲେଙ୍ଗାନାର ନିତ୍ୟା ଗାନ୍ଧେ ୧୧.୮୫ ସେକେଣ୍ଡ ସହିତ ଦ୍ୱିତୀୟ ଏବଂ କର୍ନାଟକର ଧନେଶ୍ୱରୀ ଏ.ଟି. ୧୧.୯୪ ସେକେଣ୍ଡ ସହ ତୃତୀୟ ସ୍ଥାନ ପାଇଥିଲେ। ରେସ୍ 'ଏ'ରେ ସମସ୍ତ ପ୍ରତିଯୋଗୀ ୧୨ ସେକେଣ୍ଡରୁ ଉର୍ଦ୍ଧ୍ୱ ସମୟ ନେଇଥିଲେ। ଦୁଇ ରେସ୍‌ରେ ମୋଟ ୧୩ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

ପୁରୁଷ ହାଇଜମ୍ପ ଇଭେଣ୍ଟରେ ଓଡ଼ିଶା ପ୍ରତିଯୋଗୀମାନେ ପ୍ରଦର୍ଶନର ଛାପ ଛାଡ଼ିଥିଲେ। ସ୍ୱାଧୀନ କୁମାର ମାଝି ୨.୦୬ ମିଟର ସହିତ ଦ୍ୱିତୀୟ ଓ ନିଖିଲ ଦାସ ୧.୯୫ ମିଟର କ୍ଲିୟର କରି ତୃତୀୟ ସ୍ଥାନ ହାସଲ କରିଥିଲେ। କର୍ନାଟକର ଜେସ୍ ସନ୍ଦେଶ ୨.୧୧ ମିଟର ସହିତ ପ୍ରଥମରେ ରହିଥିଲେ। ପୁରୁଷ ଟ୍ରିପଲ ଜମ୍ପ ଇଭେଣ୍ଟରେ ଓଡ଼ିଶାର ସ୍ୱାଗତ ବେହେରା ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ମାତ୍ର ୨ ଜଣ ପ୍ରତିଯୋଗୀ ଫାଇନାଲରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସେମାନଙ୍କ ମଧ୍ୟରୁ ପଞ୍ଜାବର ସୁଖପ୍ରୀତ ସିଂ ୧୪.୮୫ ମିଟର ସହିତ ପ୍ରଥମରେ ରହିଥିଲେ।






କିଶୋର କୁମାର ଜେନା ଓ ଶ୍ରାବଣୀ ନନ୍ଦ।

# ଶୀର୍ଷ ସ୍ଥାନକୁ ଫେରିଲା ଅଷ୍ଟ୍ରେଲିଆ

ଦୁବାଇ, ୧୦।୯ (ପି.ଟି.): ବ୍ଲୋଏମ୍‌ଫୋଣ୍ଟିନ୍‌ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ କ୍ରମାଗତ ଦ୍ୱିତୀୟ ବିଜୟ ପରେ ଅଷ୍ଟ୍ରେଲିଆ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଦିନିକିଆ କ୍ରିକେଟ ର୍‍ୟାଙ୍କିଙ୍ଗ ତାଲିକାରେ ପାକିସ୍ତାନକୁ ହଟାଇ ପ୍ରଥମ ସ୍ଥାନ ଅଧିକାର କରିନେଇଛି। ଡେଭିଡ୍ ଓ୍ୱାର୍ନର ଓ ମାର୍ନସ ଲବୁସେନ୍‌ଙ୍କ ଚମତ୍କାର ଶତକ ଯୋଗୁ ଅଷ୍ଟ୍ରେଲିଆ ଶନିବାର ଖେଳାଯାଇଥିବା ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆରେ ୧୨୩ ରନରେ ବିଜୟୀ ହୋଇଛି। ଏଥିସହିତ ଦଳ ୫ ମ୍ୟାଚ ବିଶିଷ୍ଟ ସିରିଜରେ ୨-୦ରେ ଅଗ୍ରଣୀ ଲାଭ କରିଛି। ଏହି ମ୍ୟାଚରେ ଅଷ୍ଟ୍ରେଲିଆ ଅନ୍ତର୍ଜାତୀୟ ଦିନିକିଆରେ ତୃତୀୟ ସର୍ବାଧିକ ସ୍କୋର ୩୯୨/୮ କରିଥିଲା। ପରେ ଦକ୍ଷିଣ ଆଫ୍ରିକାକୁ ୮.୧ ଓଭର ବାକି ଥାଇ ୨୬୯ ସ୍କୋରରେ ବୋଲ୍ଡ କରିଦେଇଥିଲା। ଭ୍ରମଣକାରୀ ଦଳ ପୂର୍ବରୁ ଗୁରୁବାର ପ୍ରଥମ ଦିନିକିଆରେ ଦକ୍ଷିଣ ଆଫ୍ରିକାକୁ ୩ ଉଇକେଟରେ ପରାସ୍ତ କରିଥିଲା। ମଙ୍ଗଳବାର ସମାନ ଭେନ୍ୟୁରେ ଖେଳାଯିବାକୁଥିବା ତୃତୀୟ ଦିନିକିଆରେ ଯଦି ବିଜୟ ଲାଭ କରେ ତେବେ ଦଳ ଆଗୁଆ ସିରିଜ ଜିତି ନେବ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ